# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୮/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, April 18/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-







# ଘରେ ଆଣ୍ଠୁଏ ପାଣି

- ଭାରତରେ ସାମ୍ପ୍ରଦାୟିକ ସଦ୍ଭାବ ନଷ୍ଟ ହେଉଛି
- ବିଫଳତା ଲୁଚାଇବା ପାଇଁ ଧ୍ରୁବୀକରଣ ଅସ୍ତ୍ର

ନୂଆଦିଲ୍ଲୀ,୧୭।୪

ପଡ଼ୋଶୀ ଶ୍ରୀଲଙ୍କା, ପାକିସ୍ତାନ ଓ ନେପାଳ ଭଳି ଭାରତରେ ମଧ୍ୟ ଆର୍ଥିକ ସଙ୍କଟ ମୁଣ୍ଡ ଟେକିଲାଣି। ଦେଶରେ ପେଟ୍ରୋଲ, ଡିଜେଲଠାରୁ ନେଇ ଖାଇବା ତେଲ, ଔଷଧ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ଆକାଶଛୁଆଁ ହୋଇଛି। ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଦୁର୍ବଳ ହେବାରେ ଲାଗିଥିବାବେଳେ ମୁଦ୍ରାସ୍ଫୀତି ଓ ବେକାରି ସମସ୍ୟା ଦିନକୁ ଦିନ ରେକର୍ଡ ଭାଙ୍ଗୁଛି। ହେଲେ କେନ୍ଦ୍ର ସରକାର ଦେଶକୁ ଆର୍ଥିକ ସଙ୍କଟରୁ ଉଦ୍ଧାର କରିବା ପରିବର୍ତ୍ତେ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକୁ ଘରୋଇ କମ୍ପାନୀ ହାତରେ ଟେକିବାରେ ଲାଗିଛନ୍ତି। ଏତିକି ବେଳେ ଆର୍ଥିକ ପରିଚାଳନାଗତ ବିଫଳତାରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ଭଳି ଅତି ସମ୍ବେଦନଶୀଳ ଭିନ୍ନ ଏକ ପ୍ରସଙ୍ଗ ଆଗକୁ ଆସିଛି। ପୂଜାପାଠ ଓ ପର୍ବପର୍ବାଣିକୁ ଭିତ୍ତିକରି ବିଦ୍ୱେଷପୂର୍ଣ୍ଣ ଏଜେଣ୍ଡା ତଥା ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ସାମ୍ପ୍ରଦାୟିକ ସଦ୍ଭାବ ନଷ୍ଟ କରି ଉତ୍ତେଜନା ସୃଷ୍ଟି କରୁଛି। କର୍ଣ୍ଣାଟକରୁ ରାଜସ୍ଥାନ, କୋଲକାତାରୁ ଦିଲ୍ଲୀ ସବୁଠି ଅଶାନ୍ତି। ଶାସକ ଦଳ ନେତାଙ୍କ ଘୃଣା ମନ୍ତବ୍ୟ ନିଆଁରେ ଘିଅ ଢାଳିବା ଭଳି କାମ କରୁଛି। ୧୯୪୭ରେ ବିଭାଜନ ପରଠାରୁ ଅନେକ ସମୟରେ ଦୁଇ ସମୁଦାୟ ମୁହାଁମୁହିଁ ସ୍ଥିତିକୁ ଆସିଥିଲେ ହେଁ ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ☞ପୃଷ୍ଠା-୪



ଦେଶରେ ମୁସଲମାନ ବିରୋଧୀ ହିଂସା ବଢ଼ିବାରେ ଲାଗିଥିବାବେଳେ ରବିବାର ଏହାର ପ୍ରତିବାଦରେ ନୂଆଦିଲ୍ଲୀର ଜଣେ ଯୁବତୀ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି।

# ପରପାରିରେ ପ୍ରଫୁଲ୍ଲ

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ଓଡ଼ିଶାର ସଙ୍ଗୀତ ଜଗତର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ, ଗାୟକ, ଗୀତିକାର ପ୍ରଫୁଲ୍ଲ କରଙ୍କର ରବିବାର ରାତି ୧୦ଟା ୨୦ରେ ଭୁବନେଶ୍ୱର ସତ୍ୟନଗର ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ସବୁ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବିଶିଷ୍ଟ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ରାଜନେତା ପ୍ରଫୁଲ୍ଲଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ସୋମବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି।

ପୁରୀରେ ୧୯୩୯ ଫେବୃୟାରୀ ୧୬ରେ ବୈଦ୍ୟନାଥ କର ଓ ସୁଶୀଳା କରଙ୍କ କୋଳମଣ୍ଡନ କରିଥିଲେ ପ୍ରଫୁଲ୍ଲ। ସଙ୍ଗୀତମୟ ପରିବେଶରେ ସେ ବଡ଼ ହୋଇଥିଲେ। ତାଙ୍କ ବାପାଙ୍କ ବଡ଼ଭାଇ କ୍ଷେତ୍ରମୋହନ କର ଜଣେ ତବଲାବାଦକ ଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ବିଶେଷକରି ହୀରାବାଈ ବରୋଡେକର, ପଣ୍ଡିତ ଓଁକାରନାଥ ଠାକୁର, ପନ୍ନାଲାଲ ବୋଷ, ପ୍ରସୂନ ବାନାର୍ଜୀ, ରାଧିକାମୋହନ ମୈତ୍ର, ଏ.କାନନ, ମାଳବିକା କାନନ ପ୍ରମୁଖ ତାଙ୍କ ଘରକୁ ଯିବା ଆସିବା କରୁଥିଲେ। ବାଲ୍ୟକାଳରୁ ପ୍ରଫୁଲ୍ଲ ସେମାନଙ୍କ ସଂସ୍ପର୍ଶରେ ଆସିଥିଲେ। ପିଲାବେଳେ ବାପାଙ୍କୁ ହରାଇବା ପରେ ସେ ମାମୁଘରେ ରହି ବଢ଼ିଥିଲେ। ଅଜା ଭଗବାନ ମିଶ୍ର ଓ ଆଈ ଅପର୍ଣ୍ଣା ଦେବୀଙ୍କ ବୌଦ୍ଧିକ ଏବଂ ଧାର୍ମିକ ଚିନ୍ତାଧାରା ପ୍ରଫୁଲ୍ଲଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା।

ପ୍ରଫୁଲ୍ଲ ନିଜର ପେସାଦାର ସଙ୍ଗୀତ ଜୀବନ ୧୯୬୦ରେ ଆରମ୍ଭ କରିଥିଲେ ଏବଂ ଖୁବ୍‌ଶୀଘ୍ର ନିଜକୁ ଆକାଶବାଣୀ (ଗ୍ରେଡ୍-ଏ) ଓ ଟେଲିଭିଜନର ଜଣେ ପ୍ରତିଷ୍ଠିତ ସଙ୍ଗୀତକାର, ଗାୟକ ଓ ଗୀତିକାର ଭାବରେ ପ୍ରତିଷ୍ଠିତ କରିପାରିଥିଲେ। ପ୍ରଫୁଲ୍ଲ କର ପ୍ରାୟ ୭୦ରୁ ଅଧିକ ଓଡ଼ିଆ ସିନେମା ଓ ୪ଟି ବଙ୍ଗଳା ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ତଥା ପାରମ୍ପରିକ ଓଡ଼ିଶୀ ଲୋକଗୀତର ବହୁଳ ବ୍ୟବହାର ଦେଖିବାକୁ ମିଳେ। ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶନା ପାଇଁ ସେ ୮ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି। ଚଳଚ୍ଚିତ୍ର ଜଗତକୁ ସଙ୍ଗୀତ କ୍ଷେତ୍ରରେ ଅବଦାନ ଲାଗି ୨୦୦୪ରେ ତାଙ୍କୁ ☞ପୃଷ୍ଠା-୪

ସ୍ୱତନ୍ତ୍ର ପୃଷ୍ଠା-୫


ପ୍ରଫୁଲ୍ଲ କର
୧୬.୦୨.୧୯୩୯ରୁ ୧୭.୦୪.୨୦୨୨

## ୨୧ରେ ଭାରତ ଆସିବେ ବୋରିସ



ଲଣ୍ଡନ,୧୭।୪ (ପି.ଟି.)

ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ଆସନ୍ତା ୨୧ ତାରିଖରେ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ସେ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ପ୍ରତିରକ୍ଷା, କୂଟନୀତି ଓ ଆର୍ଥିକ ଭାଗୀଦାରିତା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଦୁଇ ଦେଶର ପ୍ରମୁଖ ଶିଳ୍ପସଂସ୍ଥାଗୁଡ଼ିକରେ ପୁଞ୍ଜିନିବେଶ ସମ୍ପର୍କରେ ଏହି ଅବସରରେ ଘୋଷଣା ହୋଇପାରେ। ସ୍ୱେଚ୍ଛାଚାରୀ ରାଷ୍ଟ୍ରଗୁଡ଼ିକରୁ ବିପଦ ରହିଥିବା ବୋରିସ୍ ଗସ୍ତ ପୂର୍ବରୁ ରବିବାର ଟୁଇଟର ଯୋଗେ ସତର୍କ କରାଇଛନ୍ତି। ବ୍ରିଟେନ ପାଇଁ ଭାରତ ଅତି ମୂଲ୍ୟବାନ ସାମରିକ ☞ପୃଷ୍ଠା-୪

# ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ଆଭାସ

## ୫% ବଦଳରେ ଆସିପାରେ ୩, ୮% ସ୍ଲାବ୍

ନୂଆଦିଲ୍ଲୀ,୧୭।୪

ଆସନ୍ତା ମାସରେ ହେବାକୁ ଯାଉଥିବା ଗୁଡ୍ସ ଆଣ୍ଡ ସର୍ଭିସେସ୍ ଟ୍ୟାକ୍ସ (ଜିଏସ୍‌ଟି) ବୈଠକରେ ୫% ଟ୍ୟାକ୍ସ ସ୍ଲାବ୍‌କୁ ହଟାଇ ଦିଆଯାଇପାରେ ବୋଲି ସୂଚନା ମିଳିଛି। ଉକ୍ତ ସ୍ଲାବ୍‌ରେ ଅଧିକ ବ୍ୟବହାର ହେଉଥିବା କିଛି ସାମଗ୍ରୀକୁ ୩% ଏବଂ ବାକିଗୁଡ଼ିକୁ ୮% ସ୍ଲାବ୍‌ରେ ଯୋଡ଼ାଯିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ବର୍ତ୍ତମାନ ଜିଏସ୍‌ଟିରେ ୫%, ୧୨%, ୧୮% ଏବଂ ୨୮%ର ୪ଟି ଟ୍ୟାକ୍ସ ସ୍ଲାବ୍ ରହିଛି। ସୁନା ଏବଂ ସୁନା ଗହଣା ଉପରେ ୩% କର ଲଗାଯାଇଥାଏ। ଏତଦ୍‌ବ୍ୟତିତ କିଛି ନନ୍‌ବ୍ରାଣ୍ଡେଡ୍ ଏବଂ ଅନ୍‌ପ୍ୟାକ୍‌ଡ ଫୁଡ୍ ଆଇଟମ୍ ଉପରେ ଜିଏସ୍‌ଟି ଲଗାଯାଇନାହିଁ। ରାଜସ୍ୱ ବୃଦ୍ଧି ପାଇଁ କାଉନ୍‌ସିଲ ପକ୍ଷରୁ କିଛି ନନ୍ ଫୁଡ୍ ଆଇଟମ୍‌କୁ ୩% ଜିଏସ୍‌ଟି ସ୍ଲାବ୍ ସହ ଯୋଡ଼ି, ଜିଏସ୍‌ଟି ଲିଷ୍ଟରୁ ବାଦ୍ ପଡ଼ିଥିବା ଅନେକ ଜିନିଷକୁ ସାମିଲ୍ କରାଯିବାର ଯୋଜନା ରଖାଯାଇଛି।

ଗଣମାଧ୍ୟମ ସୂତ୍ର ଅନୁସାରେ, ୫% ସ୍ଲାବ୍‌ରେ ବୃଦ୍ଧି କରାଯାଇ ୭% କିମ୍ବା ୮% କିମ୍ବା ୯% କରାଯିବା ନେଇ ☞ପୃଷ୍ଠା-୪

# ଗୁଳିମାଡ଼ରେ ଗଡ଼ିଲା ମୁଣ୍ଡ

- ପୋଖରୀ ଖୋଳା ବିବାଦରୁ ଜଘନ୍ୟ ହତ୍ୟାକାଣ୍ଡ
- ପୂର୍ବତନ ୱାର୍ଡମେମ୍ବରଙ୍କ ମୃତ୍ୟୁ, କନ୍ଧପାଳ ଅଶାନ୍ତ
- ଅଭିଯୁକ୍ତଙ୍କ ସ୍ତ୍ରୀ, ଶିଶୁପୁତ୍ରଙ୍କୁ ଘରୁ ଘୋଷାଡ଼ି ଆଣି ହାଣିଲେ
- ପୋଡ଼ିଦେଲେ ଅଭିଯୁକ୍ତଙ୍କ ସହଯୋଗୀଙ୍କ ୩ ବଖରା ଘର

ଢେଙ୍କାନାଳ ଅଫିସ୍, ୧୭।୪

ଢେଙ୍କାନାଳରେ ପୁଣି ତେଜିଛି ହିଂସା। ପୋଖରୀ ଖୋଳା ବିବାଦକୁ କେନ୍ଦ୍ରକରି ଗୁଳିମାଡ଼ରେ ଗଡ଼ିଛି ମୁଣ୍ଡ। ହତ୍ୟାର ଶିକାର ହୋଇଛନ୍ତି ସଦର ଥାନା ଗେଙ୍ଗୁଟିଆ ପଞ୍ଚାୟତ କନ୍ଧପାଳ ଗ୍ରାମ ୧୪ନଂ. ୱାର୍ଡର ୱାର୍ଡସଭ୍ୟ ପଙ୍କଜିନୀ ନାୟକଙ୍କ ଶ୍ୱଶୁର ତଥା ପୂର୍ବତନ ୱାର୍ଡମେମ୍ବର ଦଳେଇ ନାୟକ (୫୬)। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଥିଲେ ମଧ୍ୟ ଏହା ପଛରେ ରାଜନୈତିକ ବିବାଦ ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ହତ୍ୟାକାଣ୍ଡ ପରେ ମୃତକଙ୍କ ପରିବାର ରକ୍ତମୁଖା ହୋଇଉଠିଛନ୍ତି। ସେମାନଙ୍କ ଘାତକ ଆକ୍ରମଣରେ ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନୃପତି ନାୟକଙ୍କ ସ୍ତ୍ରୀ ସାରଥି (୩୦) ଏବଂ ତାଙ୍କ ୩ବର୍ଷର ଶିଶୁପୁତ୍ର ନିତିନ ଗୁରୁତର ହୋଇଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ନିରଞ୍ଜନ ନାୟକଙ୍କ ୩ବଖରା ଘର ଜାଳି ଦିଆଯାଇଛି। ଘଟଣା ପରେ କନ୍ଧପାଳ ଗାଁ ଅଶାନ୍ତ ହୋଇଉଠିଥିବାବେଳେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ମୃତ ଦଳେଇଙ୍କ ବଡ଼ପୁଅ ଦୀପକ ସଦର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗ୍ରାମରେ ତାଙ୍କର ଏକ ଜମି ରହିଛି। ଗ୍ରାମର ନୃପତି ନାୟକ ଉକ୍ତ ଜମିରେ ଜବରଦସ୍ତ ପୋଖରୀ ଖୋଳିବାକୁ ମସୁଧା କରୁଛନ୍ତି। ରବିବାର ନୃପତି ତାଙ୍କ ☞ପୃଷ୍ଠା-୪

# ମଣିଷକୁ ପ୍ରାଣୀ ଇଞ୍ଜେକ୍ସନ

- ଥାନାରେ ଲିଖିତ ପ୍ରତିଶ୍ରୁତି ପରେ କ୍ୱାକ୍‌ଙ୍କୁ ଛାଡ଼ିଲେ

ଠାକୁରମୁଣ୍ଡା, ୧୭।୪ (ଡି.ଏନ୍.ଏ.)

ଅଣ୍ଟା ବିନ୍ଧୁଥିବା ଜଣେ ବ୍ୟକ୍ତିଙ୍କୁ ଦିଆଯାଇଛି ପ୍ରାଣୀ ଇଞ୍ଜେକ୍ସନ। ସେ ପୁଣି କୌଣସି ଡାକ୍ତର କିମ୍ବା ଫାର୍ମାସିଷ୍ଟଙ୍କ ଦ୍ୱାରା ନୁହେଁ ବରଂ ଗ୍ରାମାଞ୍ଚଳରେ ବୁଲୁଥିବା ଜଣେ କ୍ୱାକ ଦେଇଛନ୍ତି। ଏହା ଜଣାପଡ଼ିବାପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଇଞ୍ଜେକ୍ସନ ନେଇଥିବା ବ୍ୟକ୍ତି ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଗ୍ରାମରେ। ଇଞ୍ଜେକ୍ସନ ଦେଇଥିବା କ୍ୱାକ୍ ବିଶ୍ୱନାଥ ବେହେରାଙ୍କୁ ମହୁଲଡ଼ିହା ଥାନାରେ ଅଟକ ରଖାଯାଇ ଅଣ୍ଡରଟେକିଂ ପରେ ଛଡ଼ାଯାଇଛି। ସେ ଡାକ୍ତରୀ କିମ୍ବା ଫାର୍ମାସିଷ୍ଟ କରିନାହାନ୍ତି ହେଲେ ତାଙ୍କର ପ୍ରାକ୍ଟିସ ଅଛି ବୋଲି ସେ ଦାବି କରୁଛନ୍ତି।

ଘଟଣାରୁ ପ୍ରକାଶ ଯେ, ମହୁଲଡିହା ଗ୍ରାମର ଶ୍ରୀକାନ୍ତ ମହାନ୍ତଙ୍କର ଅଣ୍ଟା ବଥା ହେଉଥିଲା। ବିଶ୍ୱନାଥ କାହାର ଅଣ୍ଟା ବ୍ୟଥା ଏବଂ ଆଉ କ'ଣ ସମସ୍ୟା ଅଛି ବୋଲି ପଚାରି ଠାକୁରମୁଣ୍ଡା ଡାକ୍ତରଖାନାରୁ ଆସିଥିବା କହିଥିଲେ। ଶ୍ରୀକାନ୍ତଙ୍କ ସ୍ତ୍ରୀ ତାଙ୍କୁ ଘରକୁ ଡାକି ନେଇଥିଲେ। ସେ ଶ୍ରୀକାନ୍ତଙ୍କ ଶରୀର ପରୀକ୍ଷା କରି ୩ଟି ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ସେ ଟଙ୍କା ମାଗିବାରୁ ଶ୍ରୀକାନ୍ତ ତାଙ୍କ ପୁଅଙ୍କୁ ଡାକିଥିଲେ। ତାଙ୍କ ପୁଅ ଆସି ଉକ୍ତ ଇଞ୍ଜେକ୍ସନ ପଶୁଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଜାଣିବାକୁ ପାଇଥିଲେ। ଏଣୁ ସେ ସଙ୍ଗେ ସଙ୍ଗେ ପୂର୍ବତନ ସମିତିସଭ୍ୟଙ୍କୁ ଡାକି ବିଶ୍ୱନାଥଙ୍କୁ ଥାନାକୁ ନେଇ ପୋଲିସ ଜିମା ଦେଇଥିଲେ। ତାଙ୍କ ଘର ଆନନ୍ଦପୁର କଣ୍ଟିପାଳ ଗ୍ରାମରେ। ସେ ଶ୍ରୀକାନ୍ତଙ୍କୁ ମେଲୋକ୍ସିକାମ ଇଞ୍ଜେକ୍ସନ ଦେଇଥିବା ଏବଂ ଏହାର ଖୋଳରେ ଏହା ମଣିଷ ପାଇଁ ନୁହେଁ, ପଶୁଙ୍କ ଲାଗି ଉଦ୍ଦିଷ୍ଟ ବୋଲି ଲେଖା ରହିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏନ୍.ଆର୍. ଦାସଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ରୋଗୀ ଡାକ୍ତରଖାନାରେ ପହଞ୍ଚି ନାହାନ୍ତି କି ଏନେଇ କୌଣସି ଅଭିଯୋଗ ହୋଇନାହିଁ। ଡାକ୍ତରଖାନାରେ ରୋଗୀ ପହଞ୍ଚିଲେ ତାଙ୍କର ତୁରନ୍ତ ଚିକିତ୍ସା କରାଯିବ। ଇଞ୍ଜେକ୍ସନ ଦେଇଥିବା ବ୍ୟକ୍ତି କୌଣସି ସରକାରୀ କର୍ମଚାରୀ ନୁହନ୍ତି। ☞ପୃଷ୍ଠା-୪



ଶ୍ରୀକାନ୍ତଙ୍କୁ ଦିଆଯାଇଥିବା ପ୍ରାଣୀଙ୍କ ପାଇଁ ଉଦ୍ଦିଷ୍ଟ ଇଞ୍ଜେକ୍ସନ।

### ଆଜିର ସମ୍ପାଦକୀୟ

**ଈଶ୍ୱରପ୍ରାପ୍ତ ହେଲେ ଈଶ୍ୱର**

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ପାକିସ୍ତାନୀମାନଙ୍କୁ ବିଦେଶୀଙ୍କ ହାତରେ ଦାସ ସଜାଇବା ପାଇଁ ମୋ ଖେଳ ଶେଷ କରିବାକୁ ମ୍ୟାଚ୍ ଫିକ୍ସିଂ କରିଥିଲେ।

–ଇମ୍ରାନ୍ ଖାନ୍, ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ

### ଓଡ଼ିଶାରେ ଏଏପି ପ୍ରଭାରୀ

ଭୁବନେଶ୍ୱର,(ବ୍ୟୁରୋ): ଆମ୍ ଆଦ୍‌ମି ପାର୍ଟି (ଏଏପି)ର ରାଜ୍ୟ ପ୍ରଭାରୀ ବିରେନ୍ଦ୍ର ସିଂହ କାଦିଆନ୍ ରବିବାରଠାରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସୋମବାର ପୁରୀ ଯାଇ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ଜିଲାସ୍ତରୀୟ କର୍ମୀ ସମ୍ମିଳନୀରେ ଯୋଗଦେବେ। ଏହି ଗସ୍ତ ସମୟରେ ପଞ୍ଚାୟତ ଓ ପୌର ନିର୍ବାଚନରେ ଏଏପିର ସ୍ଥିତିକୁ ପରଖିବା ସହ ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇଥିବା ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଦାବି ଆନ୍ଦୋଳନର ସମୀକ୍ଷା କରିବେ। ଏଥିସହିତ ଆନ୍ଦୋଳନକୁ ଜୋରଦାର କରିବାପାଇଁ ମାର୍ଗଦର୍ଶନ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ବିଜୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୁଅ: ପ୍ରଣବ

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିଲା ବିଜେଡି

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ପ୍ରବାଦପୁରୁଷ, ମହାନ ସ୍ୱାଧୀନତା ସଂଗ୍ରାମୀ, ଝଡ଼ର ଇଗଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧ ଦିବସ ରାଜ୍ୟବ୍ୟାପୀ ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି। ଭୁବନେଶ୍ୱର ଯୁବ ବିଜେଡି କାର୍ଯ୍ୟାଳୟଠାରେ ରବିବାର ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଜିଲା ସଭାପତି ତଥା ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ପାଳିତ ହୋଇଛି। ଦଳୀୟ ନେତା ଓ କର୍ମକର୍ତ୍ତା ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବିଜୁବାବୁଙ୍କ ସ୍ମୃତିକୁ ମନେ ପକାଇଛନ୍ତି। ମୁକୁଟ ବିହୀନ ସମ୍ରାଟ ବିଜୁ ବାବୁଙ୍କ ଦୁଃସାହସିକ କାର୍ଯ୍ୟ ଓ ଆଧୁନିକ ଓଡ଼ିଶା ଗଠନ ପାଇଁ ନେଇଥିବା ପଦକ୍ଷେପକୁ ଆମେ କିପରି ଆହୁରି ତ୍ୱରାନ୍ୱିତ କରିବା ତା'ଉପରେ ଦଳର ବରିଷ୍ଠ ନେତା ବିଧାୟକ ଦେବୀପ୍ରସାଦ ମିଶ୍ର ମତବ୍ୟକ୍ତ କରିଥିଲେ। ସେହିପରି ବିଜୁ ବାବୁଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବ ସମାଜ ଏକ ଆଧୁନିକ ଓଡ଼ିଶା ଗଠନରେ ମୁଖ୍ୟ ବିନ୍ଧାଣି ସାଜିବା ପାଇଁ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କର୍ମୀମାନଙ୍କୁ ଆହ୍ୱାନ କରିଛନ୍ତି। ବିଜୁ ବାବୁଙ୍କ ଚିନ୍ତା ଚେତନା ଯଦି ଭବିଷ୍ୟତର ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିପାରିବ, ତାହା ହିଁ ବିଜୁ ବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଦଳର ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ମତବ୍ୟକ୍ତ କରିଥିଲେ। ଅନ୍ୟପଟେ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରକ୍ତଦାନ ଶିବିରଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ, ରବି ସାମଲ, ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଅମରେଶ ଜେନା, ଚିନ୍ମୟ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ ସମାରୋହରେ ରାଜ୍ୟ ଉପସଭାପତି ପ୍ରଣବପ୍ରକାଶ ଦାସ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ମୁମ୍ବାଇରେ ହେବ ଅଣଭାଜପା ମୁଖ୍ୟମନ୍ତ୍ରୀ ସମ୍ମିଳନୀ

ମୁମ୍ବାଇ,୧୭।୪

ଦେଶର ସାମ୍ପ୍ରତିକ ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ଖୁବ୍‌ଶୀଘ୍ର ମୁମ୍ବାଇରେ ଅଣଭାଜପା ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇପାରେ। ଶିବସେନା ଏମ୍‌ପି ସଞ୍ଜୟ ରାଉତ ରବିବାର ଏହି ସୂଚନା ଦେଇଛନ୍ତି। ଏନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖିଥିଲେ। ମୁମ୍ବାଇରେ ଏହି ସମ୍ମିଳନୀ ଆୟୋଜନ ପାଇଁ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଆଲୋଚନା କରିଥିବା ରାଉତ୍ କହିଛନ୍ତି। ବେରୋଜଗାରି, ମୁଦ୍ରାସ୍ଫୀତି, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର ଏବଂ ସାମ୍ପ୍ରଦାୟିକ ବିବାଦ ସୃଷ୍ଟି ଉଦ୍ୟମ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ।

ଦେଶର ବିଭିନ୍ନ ସ୍ଥାନରେ ଘଟିଯାଇଥିବା ସାମ୍ପ୍ରଦାୟିକ ଦଙ୍ଗାକୁ ନେଇ ଶନିବାର ୧୩ ବିରୋଧୀ ଦଳର ନେତାମାନେ ଗଭୀର ଉଦ୍‌ବେଗ ପ୍ରକାଶ କରି ଏକ ମିଳିତ ବିବୃତି ଜାରି କରିଥିଲେ। ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ଲାଗି ସେମାନେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଖାଦ୍ୟ, ବସ୍ତ୍ର, ବିଶ୍ୱାସ, ଉତ୍ସବ ଓ ଭାଷାକୁ ନେଇ ଯେଭଳି ବିବାଦ ସୃଷ୍ଟି କରାଯାଉଛି ତାହା ଚିନ୍ତାଜନକ ବୋଲି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରମୁଖ ମିଳିତ ବିବୃତିରେ କହିଥିଲେ। ଶାସକ ଦଳ ସମାଜରେ ଧ୍ରୁବୀକରଣ ପାଇଁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଥିଲେ। ସାମ୍ପ୍ରଦାୟିକ ହିଂସାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତା ସେମାନଙ୍କୁ ବ୍ୟଥିତ କରିଥିବା ବିପକ୍ଷ ନେତାମାନେ କହିଥିଲେ। ରାମ ନବମୀ ଓ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ ଆକ୍ରମଣ ନିର୍ବାଚନ ହେବାକୁ ଥିବା ରାଜ୍ୟରେ ଭୋଟରଙ୍କୁ ଭାଗ ଭାଗ କରିବା ଲାଗି ରାଜନୈତିକ ପ୍ରାୟୋଜିତ ବୋଲି ରାଉତ ଅଭିଯୋଗ କରିଛନ୍ତି। ମସ୍‌ଜିଦଗୁଡ଼ିକରୁ ଡାକବାଜି ଯନ୍ତ୍ର ହଟାଇବା ପାଇଁ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଉଥିବା ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ ଠାକ୍‌ରେଙ୍କୁ ଶିବସେନା ନେତା ହିନ୍ଦୁ ଓୱାଇସି କହିଛନ୍ତି।


ଶିବସେନା ଏମ୍‌ପି ସଞ୍ଜୟ ରାଉତ

# ଟିଏମ୍‌ସିରେ ଆସାମ କଂଗ୍ରେସର ପୂର୍ବତନ ସଭାପତି

କୋଲକାତା,୧୭।୪

ଆସାମ କଂଗ୍ରେସର ପୂର୍ବତନ ସଭାପତି ରିପୁନ୍ ବୋରା ଦଳ ଛାଡ଼ି ରବିବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗ ଦେଇଛନ୍ତି। ସେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଥିବା ଇସ୍ତଫା ପତ୍ରକୁ ଟୁଇଟରରେ ଶେୟାର କରିଛନ୍ତି। ଆଜିଠାରୁ ନୂଆ ରାଜନୈତିକ ଯାତ୍ରା ଆରମ୍ଭ ହେଲା ବୋଲି ରିପୁନ୍ କହିଛନ୍ତି।

ନିକଟରେ ଆସାମରୁ ରାଜ୍ୟ ସଭା ପାଇଁ ହୋଇଥିବା ନିର୍ବାଚନରେ ମିଳିତ ବିରୋଧୀ ଦଳ ପ୍ରାର୍ଥୀ ରିପୁନ୍ ହାରିଯାଇଥିଲେ। ନିର୍ବାଚନରେ ହୋଇଥିବା କ୍ରସ୍ ଭୋଟିଂ ପାଇଁ କଂଗ୍ରେସ ଏବଂ ଏଆଇୟୁଡିଏଫ୍ ପରସ୍ପରକୁ ଦୋଷ ଦେଇଥିଲେ। ନିହିତ ସ୍ୱାର୍ଥ ପାଇଁ କଂଗ୍ରେସ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଚାଲିଥିବା ରିପୁନ୍ ଅଭିଯୋଗ କରିଥିଲେ। ଭାଜପାକୁ ରୋକିବା ଲାଗି ଏକାଠି ଲଢ଼ିବା ପରିବର୍ତ୍ତେ ସର୍ବପୁରାତନ ଦଳର ବିଭିନ୍ନ ସ୍ତରର ନେତା ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଲାଗି ପରସ୍ପର ମଧ୍ୟରେ ଲଢୁଛନ୍ତି। ଗୋଟିଏ ଗୋଷ୍ଠୀ କଂଗ୍ରେସ ନେତାଙ୍କର ଭାଜପା ସରକାର ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ ସହ ଗୋପନ ବୁଝାମଣା ରହିଥିବା ସେ ଇସ୍ତଫାପତ୍ରରେ ଲେଖିଛନ୍ତି।


ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀଙ୍କ ସହ କରମର୍ଦ୍ଦନ କରୁଛନ୍ତି ଆସାମ କଂଗ୍ରେସର ପୂର୍ବତନ ସଭାପତି ରିପୁନ୍ ବୋରା।

# ଗରିବ ଟଙ୍କା ହଡ଼ପ କରିବାକୁ ସରକାରଙ୍କ ପ୍ରୟାସ ଲଜ୍ଜାଜନକ: ଭାଜପା

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ସମାଜର ତଳସ୍ତରରେ ବାସ କରୁଥିବା ସବୁଠୁ ଗରିବ ଲୋକ କିଭଳି ବିକାଶର ଲାଭ ପାଇପାରିବେ ସେନେଇ କେନ୍ଦ୍ରରେ ମୋଦି ସରକାର କାର୍ଯ୍ୟରତ। ଅନ୍ତ୍ୟୋଦୟକୁ ପ୍ରାଥମିକତା ଦେଇ ଆର୍ଥିକ ଦୁର୍ବଳ ଅନଗ୍ରସର ଲୋକଙ୍କୁ ଦେଶର ଆର୍ଥିକ ଅର୍ଥନୈତିକ ବ୍ୟବସ୍ଥା ସହ ଯୋଡ଼ିହେବା ପାଇଁ ମୋଦି ସରକାର ବହୁ ସଂସ୍କାର ଆଣିଛନ୍ତି। ଏହାଦ୍ୱାରା ଗରିବ ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିଛି। ହେଲେ ଯୋଜନାବଦ୍ଧ ଭାବେ ଚକ୍ରାନ୍ତ କରି ଗରିବଙ୍କ ଟଙ୍କାକୁ ହଡପ କରିବାର ରାଜ୍ୟ ସରକାରଙ୍କ ବାରମ୍ବାର ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ ଏବଂ ଗରିବମାରଣ ନୀତିକୁ ସ୍ପଷ୍ଟ କରୁଛି ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା କରିବାରେ ଦେଶର ୪୫ କୋଟିରୁ ଅଧିକ ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ପ୍ରାୟ ୧ ଲକ୍ଷ ୭୬ ହଜାର ୮୦୦ କୋଟି ଟଙ୍କା ଡିପୋଜିଟ ହୋଇଛି। ସମୁଦାୟ ଜନଧନ ଖାତାର ୫୫ ପ୍ରତିଶତ ହେଉଛନ୍ତି ମହିଳା। ଓଡ଼ିଶାରେ ୭୪ ଲକ୍ଷ ୨୦ ହଜାର ୬୬୫ ପରିବାରର(୯୯.୮୫ ପ୍ରତିଶତ) ବ୍ୟାଙ୍କ ଆକାଉଣ୍ଟ ରହିଛି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କୁ ବାର୍ଷିକ ମାତ୍ର ୧୨ ଟଙ୍କା ପ୍ରିମିୟମରେ ୨ ଲକ୍ଷ ଟଙ୍କାର ମାଗଣା ଦୁର୍ଘଟଣା ବୀମା ସୁବିଧା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨୮.୧୯ କୋଟି ଲୋକ ଉପକୃତ ହୋଇଛନ୍ତି। ଜନଧନ-ଆଧାର-ମୋବାଇଲକୁ ଯୋଡିବା ଫଳରେ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିଛି। ଡିବିଟି କାରଣରୁ ଆର୍ଥିକ ସହାୟତା ବାଟମାରଣା ହୋଇ ନ ପାରି ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ଆସୁଛି। ଗରିବ ଓ ବଞ୍ଚିତମାନଙ୍କ ଆର୍ଥିକ ସୁରକ୍ଷା ସୁନିଶ୍ଚିତ ହୋଇଛି। କେବଳ କ୍ଷମତାକୁ ଆସିବା ପାଇଁ ନୁହେଁ, ବରଂ ଗରିବଙ୍କ ପ୍ରକୃତ ବିକାଶ ପାଇଁ ଧ୍ୟାନ ଦିଅନ୍ତୁ। ରାଜ୍ୟ ସରକାର ମୋଦି ସରକାରଙ୍କ ଅର୍ଥନୈତିକ ସଂସ୍କାର ଦ୍ୱାରା କିପରି ଓଡ଼ିଶାରେ ଲୋକେ ଉପକୃତ ହେବେ ଏବଂ ଗରିବ, ଖଟିଖିଆ ଓ ମହିଳାଙ୍କ ସମୃଦ୍ଧି ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରିବାକୁ ଲେଖାଶ୍ରୀ କହିଛନ୍ତି।

# ଖୁବ୍‌ଶୀଘ୍ର ପିସିସି ସଭାପତିଙ୍କ ନାମ ଘୋଷଣା

## ୨୨ରେ ଓଡ଼ିଶା ଆସୁଛନ୍ତି ଚେଲ୍ଲା କୁମାର

ଭୁବନେଶ୍ୱର,୧୭।୪ (ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ପରିବର୍ତ୍ତନ ନେଇ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅନୁମତି ଦେବାପରେ ରାଜ୍ୟ ପ୍ରଭାରୀ ଡ. ଏ. ଚେଲ୍ଲାକୁମାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ସେ ଆସନ୍ତା ୨୨ ତାରିଖରେ ଓଡ଼ିଶା ଆସିପାରନ୍ତି ବୋଲି ସୂଚନା ମିଳିଛି। ଏଆଇସିସି ନେତା ରାହୁଲ ଗାନ୍ଧୀ ଚଳିତ ମାସ ଚତୁର୍ଥ ସପ୍ତାହରେ ବିଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବାରୁ ଏହା ପୂର୍ବରୁ ପିସିସି ସଭାପତି ଚୟନ ପ୍ରକ୍ରିୟା ସାରିବାକୁ ଆଦେଶ ରହିଛି। ଏଣୁ ଅତିଶୀଘ୍ର ନୂତନ ପିସିସି ସଭାପତିଙ୍କ ନାମ ଘୋଷଣା କରାଯିବା ନେଇ ଚିତ୍ର ସ୍ପଷ୍ଟ ହୋଇଛି।

ପିସିସି ସଭାପତି ପରିବର୍ତ୍ତନ ନେଇ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାବେଳେ ପ୍ରଭାରୀ ଚେଲ୍ଲାକୁମାର ରାଜ୍ୟର ପ୍ରାୟ ସମସ୍ତ ବରିଷ୍ଠ ନେତାଙ୍କ ସହିତ ଏହି ବିଷୟରେ ପ୍ରାରମ୍ଭିକ ଆଲୋଚନା କରିସାରିଛନ୍ତି। ତେବେ ଆଗାମୀ ଗସ୍ତ ସମୟରେ ସେ ବିଧାୟକ ଓ ବରିଷ୍ଠ ନେତାଙ୍କ ସହ ମୁହାମୁହିଁ ଆଲୋଚନା କରିବେ। ତେବେ ସମସ୍ତଙ୍କ ସହମତିରେ ଯିଏ ଉଭୟ ରାଜ୍ୟବାସୀ ଓ କର୍ମୀଙ୍କ ଗ୍ରହଣୀୟ ହେବ ତାଙ୍କୁ ହିଁ ସଭାପତି ପଦ ପାଇଁ ଚୂଡ଼ାନ୍ତ କରାଯିବ ବୋଲି ଶୁକ୍ରବାର ପ୍ରଭାରୀ ଚେଲ୍ଲାକୁମାର ସୂଚନା ଦେଇଥିଲେ। ଅପରପକ୍ଷରେ ପିସିସି ସଭାପତି ପଦ ପାଇଁ କଂଗ୍ରେସର ୯ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ କରାଯିବାକୁ ନେଇ ବିଧାୟକମାନେ ଦାବି କରି ଆସୁଛନ୍ତି। ନିର୍ବାଚିତ ନେତୃବୃନ୍ଦଙ୍କ ମଧ୍ୟରୁ ଜଣଙ୍କୁ ଦାୟିତ୍ୱ ପ୍ରଦାନ କଲେ ଦଳରେ ନେତୃତ୍ୱ ଓ ଜନସାଧାରଣଙ୍କ ମଧ୍ୟରେ ଗ୍ରହଣୀୟତା ବୃଦ୍ଧି ପାଇବ ବୋଲି ଯୁକ୍ତି ରଖିଛନ୍ତି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ଶରତ ପଟ୍ଟନାୟକ ଏହି ପଦବୀ ଦୌଡ଼ରୁ ନିଜକୁ ଦୂରରେ ରଖିଥିବାବେଳେ ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ କିମ୍ବା ବିଧାୟକଙ୍କ ମଧ୍ୟରୁ ହିଁ ପିସିସି ସଭାପତି ହେବେ ବୋଲି ଦଳୀୟ ମହଲରୁ ଶୁଣିବାକୁ ମିଳୁଛି।

# ମା'ମାନଙ୍କ ସଫଳତା ହିଁ ବିଜୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି



ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜୁ ବାବୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ମନ୍ତ୍ରୀ, ବିଧାୟକ, ମେୟର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଅଛନ୍ତି। ଭର୍ଚୁଆଲ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

## ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ଓଡ଼ିଶା ଓ ଓଡ଼ିଆ ଜାତିର ଉନ୍ନତି , ବିକାଶ, ସଶକ୍ତୀକରଣ ଏବଂ ଓଡ଼ିଆ ସ୍ୱାଭିମାନ ବିଜୁବାବୁଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା। ମହିଳା ସଶକ୍ତୀକରଣ ଉପରେ ସେ ସବୁବେଳେ ପ୍ରାଧାନ୍ୟ ଦେଉଥିଲେ। ଏ ଦିଗରେ ସେ ଅନେକ ମାଇଲଷ୍ଟୋନ୍ ସୃଷ୍ଟି କରିଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରବିବାର ସୂଚନାଭବନରେ ମହାନ୍ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କହିଲେ, ନିକଟରେ ଅନୁଷ୍ଠିତ ପଞ୍ଚାୟତ ଓ ନଗରପାଳିକା ନିର୍ବାଚନରେ ମହିଳାମାନେ ବହୁସଂଖ୍ୟାରେ ଭାଗନେଇ ସଫଳତା ହାସଲ କରିବା ତାଙ୍କ ପାଇଁ ବହୁତ ଖୁସିର କଥା। ମା'ମାନେ ହିଁ ହେଉଛନ୍ତି ଆମ ନୂଆ ଓଡ଼ିଶାର ସାରଥି। ସେମାନଙ୍କ ଦକ୍ଷତା ଓ ସଫଳତା ହିଁ ବିଜୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଜଣେ ରାଜନେତା ନୁହେଁ, ବରଂ ଜଣେ ଜନନାୟକ ଭାବରେ ସେ ସାରା ଭାରତରେ ପ୍ରସିଦ୍ଧ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି, ଓଡ଼ିଶାର ଅନନ୍ୟ ପରିଚୟ ଥିଲେ ବିଜୁବାବୁ। ଜୀବିତାବସ୍ଥାରେ ସେ ଥିଲେ ଯେତିକି ଚର୍ଚ୍ଚିତ, ଅବର୍ତ୍ତମାନରେ ତାଙ୍କ କୃତି ଓ କୃତିତ୍ୱ ପାଇଁ ଏବର ପିଢ଼ି ପାଖରେ ସେ ସେତିକି ଆଦୃତ। ସ୍ୱାଧୀନୋତ୍ତର ଭାରତରେ ତାଙ୍କ ଭୂମିକା ପ୍ରେରଣାଦାୟୀ। ଓଡ଼ିଶାର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସେ ନିରବଚ୍ଛିନ୍ନ ଉଦ୍ୟମ କରିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ ବିଜୁ ପଟ୍ଟନାୟକଙ୍କୁ ଜଣେ କିମ୍ବଦନ୍ତୀ ପୁରୁଷ ବୋଲି ଅଭିହିତ କରି କହିଲେ, ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ତାଙ୍କ ଦେଶପ୍ରୀତି, ଦୁଃସାହସର କାହାଣୀ ଓ ରାଜ୍ୟର ବିକାଶ ପାଇଁ ନେଇଥିବା ପଦକ୍ଷେପ ତାଙ୍କୁ ଚିରସ୍ମରଣୀୟ କରି ରଖିବ। ବିଶେଷକରି ମହିଳା ସଶକ୍ତୀକରଣ ନିମନ୍ତେ ବିଜୁବାବୁଙ୍କ ଉଦ୍ୟମ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସେ ଉଲ୍ଲେଖ କରିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ବିଜୁ ପଟ୍ଟନାୟକଙ୍କ ଅମ୍ଳାନ ସ୍ମୃତି ଓ ମହାନ୍ ଜୀବନାଦର୍ଶ ଓଡ଼ିଆ ଜାତିର ଇତିହାସକୁ ଗୌରବମଣ୍ଡିତ କରିବ ବୋଲି କହିଥିଲେ। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁକ୍ତିସଂଗ୍ରାମର ଦୁର୍ଦ୍ଧର୍ଷ ଯୋଦ୍ଧା ବିଜୁବାବୁଙ୍କୁ ଓଡ଼ିଆ ଜାତିର ସର୍ବାଧିକ ଲୋକପ୍ରିୟ ରାଜନୀତିଜ୍ଞ ବୋଲି ଉଲ୍ଲେଖ କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ବିଜୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହ ଶ୍ରମିକଙ୍କ ସ୍ୱାର୍ଥରକ୍ଷାଠାରୁ ଆରମ୍ଭ କରି ନାରୀ ସଶକ୍ତୀକରଣ, ପଞ୍ଚାୟତିରାଜ ବ୍ୟବସ୍ଥା, ଓଡ଼ିଶାରେ ଶିଳ୍ପାୟନ ଆଦି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ବିଜୁବାବୁଙ୍କୁ ଓଡ଼ିଶାର ଗର୍ବ ଓ ଗୌରବ ବୋଲି ଅଭିହିତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନ ପରାମର୍ଶଦାତା ଉପେନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣରେ କହିଲେ, ପ୍ରବାଦପୁରୁଷ ବିଜୁବାବୁ ଥିଲେ ସ୍ୱଦେଶପ୍ରୀତି, ଅନନ୍ୟ ନାୟକତ୍ୱ ଓ ଅସାଧାରଣ ନେତୃତ୍ୱର ପ୍ରତୀକ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିବାବେଳେ ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୪୫,୨୯,୯୩୫ | ୬୨,୨୨,୫୩୧ | ୪୫,୫୩,୧୮,୪୫୩ |
| ଭାରତ | ୪,୩୦,୪୨,୦୯୭ | ୫,୨୧,୭୮୧ | ୪,୨୫,୦୮,୭୮୮ |
| ଓଡ଼ିଶା | ୧୨,୮୭,୯୨୨ | ୯୧୨୩(+୫୩) | ୧୨,୭୮,୬୪୧ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ତେଜିଲା ହିନ୍ଦୀ ଭାଷା ଲଦିବା ପ୍ରସଙ୍ଗ

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ତୀବ୍ର ସମାଲୋଚନା

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

ପୁଣି ତେଜିଲାଣି ହିନ୍ଦୀ ଭାଷା ଲଦିବା ପ୍ରସଙ୍ଗ। ଅଣହିନ୍ଦୀ ଭାଷାଭାଷୀ ରାଜ୍ୟରେ ଇଂଲିଶର ବିକଳ୍ପ ହିନ୍ଦୀ ହେବା ଉଚିତ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିବା ପରେ ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ଦେଖାଦେଇଛି। ନିକଟରେ ଦିଲ୍ଲୀରେ ଅନୁଷ୍ଠିତ ୩୭ତମ ସଂସଦୀୟ ଭାଷା କମିଟି ବୈଠକରେ ଶାହା ପୌରୋହିତ୍ୟ କରି କହିଥିଲେ, ଭାରତୀୟଙ୍କ ମଧ୍ୟରେ ଯୋଗାଯୋଗ ପାଇଁ ହିନ୍ଦୀ ଭାଷା ଇଂଲିଶର ବିକଳ୍ପ ହେବା ଉଚିତ। ଶାହାଙ୍କ ଏଭଳି ମନ୍ତବ୍ୟକୁ ନେଇ ଦେଶର ଅଣହିନ୍ଦୀ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଓଡ଼ିଶାରେ ମଧ୍ୟ ଅସନ୍ତୋଷ ଦେଖାଯାଇଛି। ଭାଷାବିତ୍‌ମାନେ ଏହାକୁ ତୀବ୍ର ସମାଲୋଚନା କରିବା ସହିତ ଆମେ ଏହାକୁ ଗ୍ରହଣ କରିବୁ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଛନ୍ତି। ଓଡ଼ିଆ ଆମର ଆଞ୍ଚଳିକ ଭାଷା। ଓଡ଼ିଆକୁ ପ୍ରାଧାନ୍ୟ ନ ଦେଇ ହିନ୍ଦୀ ଭାଷାକୁ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଭାଷାବିତ୍‌ମାନେ କହିଛନ୍ତି।

ଉତ୍କଳ ସମ୍ମିଳନୀ ମଞ୍ଜେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି, ଆମେ ଏହାକୁ ବିରୋଧ କରୁଛୁ। ଉତ୍କଳ ସମ୍ମିଳନୀ ପକ୍ଷରୁ ରାଜ୍ୟପାଳଙ୍କୁ ସାକ୍ଷାତ କରି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବୁ। କାରଣ ସ୍ୱାଧୀନତା ପୂର୍ବରୁ ସମ୍ବଲପୁରରେ ହିନ୍ଦୀ ଭାଷାକୁ ଯେତେବେଳେ ଲଦି ଦିଆଯାଉଥିଲା, ସେତେବେଳେ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଅନ୍ୟ ଭାଷାବିତ୍‌ମାନେ ଏହାର ପ୍ରତିବାଦ କରିଥିଲେ। ଆଉ ଏଥିରେ ସଫଳ ମଧ୍ୟ ହେଲେ। ଓଡ଼ିଶା ହେଉଛି ଭାଷାଭିତ୍ତିକ ରାଜ୍ୟ। କେନ୍ଦ୍ର ସରକାର ଚାହୁଁଛନ୍ତି ଯେ, ହିନ୍ଦୀ ଭାଷାକୁ ବହୁଳ ମାତ୍ରାରେ ପ୍ରଚଳନ କରି ଓଡ଼ିଆ ସମେତ ଅନ୍ୟ ଆଞ୍ଚଳିକ ଭାଷାକୁ ଉଚ୍ଛେଦ କରିବେ। ଓଡ଼ିଆ ଭାଷାକୁ ଉଚ୍ଛେଦ କରିବାକୁ ଚେଷ୍ଟା କଲେ, ନିଶ୍ଚିତ ବିରୋଧ ଓ ଆନ୍ଦୋଳନ ହେବ। କେନ୍ଦ୍ର ସରକାରଙ୍କ କଥାରେ କୌଣସି ତାଳମେଳ ରହୁନାହିଁ। ଗୋଟିଏ ପଟେ ଜାତୀୟ ଶିକ୍ଷାନୀତି କରୁଛନ୍ତି। ପ୍ରାଥମିକ ସ୍କୁଲରେ ନିଜ ମାତୃଭାଷାରେ ଶିକ୍ଷାଦାନ ପାଇଁ ନିୟମ ରଖିଛନ୍ତି। ପୁଣି ହିନ୍ଦୀ ଭାଷାକୁ କେମିତି ଲଦିବାକୁ ଚାହୁଁଛନ୍ତି ? ସରକାର ନିଜେ ମଧ୍ୟ ନିଜ ନିଷ୍ପତ୍ତିରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି। ଉତ୍କଳ ସମ୍ମିଳନୀ ହିନ୍ଦୀ ଭାଷା ପ୍ରଚଳନକୁ ନେଇ ନିନ୍ଦା କରୁଛି ଏବଂ ଆଗକୁ ଆନ୍ଦୋଳନ ଓ ପ୍ରତିବାଦକୁ ଓହ୍ଲାଇବା ପାଇଁ ସମ୍ମିଳନୀ ପ୍ରସ୍ତୁତ ଅଛି ବୋଲି ଦାଶଶର୍ମା କହିଛନ୍ତି।

ସେପଟେ ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି, ଅଣହିନ୍ଦୀ ରାଜ୍ୟଗୁଡ଼ିକରେ ଯଦି ହିନ୍ଦୀ ପ୍ରଚଳନ କରାଯାଉଛି, ତେବେ ହିନ୍ଦୀ ରାଜ୍ୟଗୁଡ଼ିକରେ ଇଂଲିଶ ପ୍ରଚଳନ ହେବା ଉଚିତ। ଭାଷାକୁ କେଉଁଠି ଜୋରଜବରଦସ୍ତ ଲଦି ଦେଇହେବ ନାହିଁ। ଲୋକ ଏହାକୁ ଗ୍ରହଣ କରିବେ ନାହିଁ। ସାଧାରଣତଃ ଜିଲାସ୍ତରରେ କୋର୍ଟ, ଅଫିସ୍‌ରେ ସବୁବେଳେ ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦିଆଯାଇଥାଏ। ଭାଷାକୁ ଲଦି ଦିଆଗଲେ, ତାହା କୌଣସି ଭାବେ ଫଳପ୍ରଦ ହେବ ନାହିଁ। ଭାଷାର କୌଣସି ଲାଭ ହେବ ନାହିଁ, ବରଂ ଅସନ୍ତୋଷ ସୃଷ୍ଟି ହେବ। ଏହାଦ୍ୱାରା ବିଦ୍ରୋହ ହେବ ଓ ସରକାର ନିନ୍ଦିତ ହେବେ। ଆମେ ତ୍ରିଭାଷୀ ହେବା ଉଚିତ। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷା ବାଧ୍ୟତାମୂଳକ ରହିବା କଥା। ଚତୁର୍ଥ ଓ ପଞ୍ଚମରେ ହିନ୍ଦୀ ଓ ଷଷ୍ଠରୁ ଇଂଲିଶ ଶିଖିବା ଉଚିତ। ଏହା ପୂର୍ବରୁ ମଧ୍ୟ ଚାଲୁଥିଲା। ଏହାକୁ ସରକାର ପୁଣି ଲାଗୁ କରିବା ଦରକାର ବୋଲି ଡ. ମଲ୍ଲିକ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଜବରଦସ୍ତ ହିନ୍ଦୀ ଭାଷା ଲଦି ଦେବାର ଉଦ୍ୟମକୁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତଥାଗତ ସତପଥୀ ତାଙ୍କ ସମ୍ପାଦକୀୟ ମାଧ୍ୟମରେ ବିରୋଧ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ହିନ୍ଦୀ କଦାପି ଇଂଲିଶର ବିକଳ୍ପ ହୋଇପାରିବ ନାହିଁ। ଇଂଲିଶ ଅନ୍ତର୍ଜାତୀୟ ଭାଷା ହେବା ସହ ଭାରତରେ ଏକ ଲିଙ୍କ ଲାଙ୍ଗୁଏଜ୍ ବା ସମ୍ପର୍କର ଭାଷା ରହିଆସିଛି। ରାଜ୍ୟରେ ଯୋଗାଯୋଗ ପାଇଁ କେଉଁ ଭାଷା ଉଚିତ ହେବ ତାହା ରାଜ୍ୟଗୁଡ଼ିକ ନିଷ୍ପତ୍ତି ନେବା ଦରକାର ବୋଲି ସେ ଦର୍ଶାଇଛନ୍ତି।

# ବିଧାନସଭା ପରିସରରେ ଶ୍ରଦ୍ଧାସୁମନ ଦେଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବିଧାନସଭା ପରିସରରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ସୁଶାନ୍ତ କୁମାର ରାଉତ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସେ ଜଣେ ମହାନ୍ ଜନନାୟକ ଥିଲେ ବୋଲି ପ୍ରକାଶ କରିଛନ୍ତି। ଓଡ଼ିଆ ଜାତି ଅବର୍ତ୍ତମାନରେ ମଧ୍ୟ ଭଲ ପାଉଛନ୍ତି ଓ ସ୍ମରଣ କରୁଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ବିଜୁ ବାବୁଙ୍କ ସ୍ମୃତିରେ ସୁମଧୁର ସଙ୍ଗୀତ ପରିବେଷଣ କରିଛନ୍ତି। ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶିବ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନିରାପା ଅଧିକାରୀ ଗୋପାଳ ବେହେରା ନିରାପା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଖୁଡ଼ୀ, ପୁତୁରା ମୃତ

**ଦୁର୍ଘଟଣା ପରେ ଜଳିଗଲା ବାଇକ୍**

**ଜଳେଶ୍ୱର/ରୂପ୍‌ସା, ୧୭।୪(ଡି.ଏନ.ଏ):** ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳ ୬୦ନଂ. ଜାତୀୟ ରାଜପଥରେ ରବିବାର ଟ୍ରକ୍ ଧକ୍କାରେ ଖୁଡ଼ୀ ଓ ପୁତୁରାଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ଜଳେଶ୍ୱର ବ୍ଲକ ସମ୍ପଡିଆ ଗ୍ରାମର ହରେକୃଷ୍ଣ ନନ୍ଦୀଙ୍କ ସ୍ତ୍ରୀ ଚାରୁବାଳା (୫୦) ଓ ତାଙ୍କ ପୁତୁରା ସମୀର (୨୫)। ଉଭୟ ଏକ ବାଇକ୍‌ରେ ବସ୍ତା ହସ୍ପିଟାଲ ଯାଇ ଅପରାହ୍ନ ୫ଟାରେ ଫେରିବା ବେଳେ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ନିଆଁ ଲାଗି ବାଇକ୍‌ଟି ଜଳିଯାଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଜମି ପାଇଁ ବଡ଼ଭାଇଙ୍କୁ ହତ୍ୟା

- ବଡ଼ଭାଇଙ୍କ ପରିବାର ଲୋକଙ୍କ ଆକ୍ରମଣରେ ସାନ ଗୁରୁତର
- ଛୁରି, ଶାବଳ ଜବତ

**ନିଆଳି, ୧୭।୪(ଡି.ଏନ୍.ଏ.):** କଟକ ଜିଲାରେ ଜମି ଓ ସମ୍ପତ୍ତି ପାଇଁ ଗତ ସପ୍ତାହକ ମଧ୍ୟରେ ଦୁଇଟି ହତ୍ୟାକାଣ୍ଡ ଘଟିଛି। ଗତ ୧୧ ତାରିଖରେ ମାହାଙ୍ଗା ଥାନା ଅଧୀନ କୁସୁପୁର ଗ୍ରାମରେ ସାନଭାଇ ଶିବ ପ୍ରସାଦ ସାହୁ ସମ୍ପତ୍ତି ପାଇଁ ବଡଭାଇଙ୍କ ସମେତ ପରିବାରର ୫ ଜଣଙ୍କୁ କଟୁରିରେ ହାଣି ହତ୍ୟା କରିଥିବାବେଳେ ଶନିବାର ନିଆଳି ଥାନା ଅଞ୍ଚଳରେ ଜମି ବିବାଦରୁ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି। ନିଆଳି ଥାନା ଅଧୀନ ଟୋଲା ଗୋପୀନାଥପୁର ଗ୍ରାମରେ ବଡଭାଇ ଅର୍ଜୁନ ସାହୁଙ୍କୁ ସାନଭାଇ ଛୁରି ଭୁସି ହତ୍ୟା କରିଛନ୍ତି। ଅପରପକ୍ଷେ ବଡଭାଇଙ୍କ ପରିବାର ଲୋକଙ୍କ ପ୍ରତି ଆକ୍ରମଣରେ ସାନଭାଇ ନୃସିଂହ ସାହୁ ଗୁରୁତର ହୋଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାରେ ବ୍ୟବହୃତ ଛୁରି ଓ ଶାବଳ ଜବତ କରିଛି। ଏ ନେଇ ଅର୍ଜୁନଙ୍କ ବୋହୂ ଜ୍ୟୋତ୍ସ୍ନାରାଣୀ ସାହୁ ଅଭିଯୋଗ କରିବା ପରେ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୬୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଅର୍ଜୁନ ଓ ନୃସିଂହଙ୍କ ମଧ୍ୟରେ ଦୀର୍ଘବର୍ଷ ହେବ ଜମିଜମା ବିବାଦ ଲାଗି ରହିଥିଲା। ଏହାକୁ ନେଇ ଶନିବାର ମଧ୍ୟାହ୍ନରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ନୃସିଂହ ଉତ୍‌କ୍ଷିପ୍ତ ହୋଇ ଅର୍ଜୁନଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏହି ସମୟରେ ଅର୍ଜୁନଙ୍କ ପରିବାର ସଦସ୍ୟ ନୃସିଂହଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଉଭୟଙ୍କୁ ଚିକିତ୍ସାଲାଗି ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଅର୍ଜୁନଙ୍କ ମୃତ୍ୟୁ ଘଟିଥିବାବେଳେ ନୃସିଂହଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଜମି ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି।

# ଶିଶୁଆ ଜେଲ ଗଲେ ଅଭିଯୁକ୍ତ ଶିବ



ଅଭିଯୁକ୍ତ ଶିବ ସାହୁଙ୍କୁ ପୋଲିସ ଟିମ୍ ଶିଶୁଆ ଜେଲ୍‌କୁ ନେଉଛନ୍ତି।

**ମାହାଙ୍ଗା ଗଣହତ୍ୟା ଘଟଣା**

- ଅଧିକ ରିମାଣ୍ଡ ଚାହିଁଲାନି ପୋଲିସ
- ୧ ନଂ. ଓ୍ୱାର୍ଡରେ ୧୮ କଏଦୀଙ୍କ ସହ ରହିଛନ୍ତି

**ନିଶ୍ଚିନ୍ତକୋଇଲି/ସାଲେପୁର/ମାହାଙ୍ଗା, ୧୭।୪(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଥାନା କୁସୁପୁର ଗ୍ରାମ ଗଣହତ୍ୟା ଘଟଣାର ଅଭିଯୁକ୍ତ ଶିବ ସାହୁଙ୍କ ୩ ଦିନିଆ ରିମାଣ୍ଡ ସରିବା ପରେ ପୋଲିସ ତାଙ୍କୁ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଇଥିଲା। ପୋଲିସ ପକ୍ଷରୁ ଅଧିକ ରିମାଣ୍ଡ ଆବେଦନ କରାଯାଇ ନ ଥିବାରୁ ଶିବଙ୍କୁ ସାଲେପୁରସ୍ଥିତ ଶିଶୁଆ ଉପକାରାଗାରକୁ ରବିବାର ପଠାଇ ଦିଆଯାଇଛି। ସେଠାରେ ତାଙ୍କୁ ୧ ନଂ. ଓ୍ୱାର୍ଡରେ ୧୮ ଜଣ କଏଦୀଙ୍କ ସହ ରଖାଯାଇଛି। ଜେଲ୍‌ରେ ତାଙ୍କ ବ୍ୟବହାର ସାଧାରଣ ଥିବା ଜେଲ୍‌ର ପଦ୍ମିନୀ ଦଳବେହେରା ପ୍ରକାଶ କରିଛନ୍ତି। ରାତିରେ ଶିବଙ୍କୁ ଭାତ, ଡାଲି ଓ ମାଛ ଖାଇବାକୁ ଦିଆଯାଇଛି ବୋଲି ସେ କହିଛନ୍ତି।

ଶିବଙ୍କୁ ଗତ ଗୁରୁବାର ରିମାଣ୍ଡରେ ଅଣାଯାଇଥିଲା। ପ୍ରଥମ ଦିନ ସେ ପୋଲିସକୁ ସହଯୋଗ କରି ନ ଥିବାବେଳେ ଦ୍ୱିତୀୟ ଦିନ ସିନ୍ ରିକ୍ରେସନ ମାଧ୍ୟମରେ ନିଜ ଘର ଓ ଭଡ଼ାଘରେ ହତ୍ୟାକାଣ୍ଡର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ତୃତୀୟ ଦିନ ବାଲିଚନ୍ଦ୍ରପୁର ହାଟକୁ ଯାଇ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ଯେଉଁ ଦୋକାନରୁ ପଜାଇଥିଲେ ତାକୁ ଚିହ୍ନଟ କରିଥିଲେ। ଫୋରେନ୍‌ସିକ ରିପୋର୍ଟ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଏସ୍‌ଡିପିଓ ବିମଳ କୁମାର ବାରିକ୍ କହିଛନ୍ତି। ସିନ ରିକ୍ରେଏଟ୍ ଓ ଜେରା ସମୟରେ ଶିବ ଏକା ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବୋଲି ବାରମ୍ବାର କହିଥିଲେ। ଏଥିପାଇଁ ସେ ମର୍ମାହତ ବୋଲି ପ୍ରକାଶ କରିଥିଲେ। ତେବେ ପୋଲିସ ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ଓ ଦସ୍ତାବିଜ ପାଇଥିବାରୁ ଅଧିକ ରିମାଣ୍ଡ ପାଇଁ ଆବେଦନ କରି ନ ଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ସମ୍ପତ୍ତି ବିବାଦକୁ ନେଇ ଗତ ସୋମବାର ରାତିରେ କୁସୁପୁର ଗ୍ରାମର ଶିବ ପ୍ରସାଦ ସାହୁ ତାଙ୍କ ବଡ ଭାଇ, ଭାଉଜ, ଝିଆରୀ ଓ ୨ ପୁତୁରା ସମେତ ୫ ଜଣଙ୍କୁ ବୀଭତ୍ସଭାବେ କଟୁରିରେ ହାଣି ହତ୍ୟା କରିଥିଲେ। ପରେ ମଙ୍ଗଳବାର ଘଟଣା ସମ୍ପର୍କରେ ସାମାଜିକ ଗଣ ମାଧ୍ୟମରେ ଏକ ଭିଡିଓ ଜାରି କରିବା ପରେ ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ କରିଥିଲେ। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୮୧/୨୨) ରୁଜୁ କରାଯାଇଛି। ବୁଧବାର ପୋଲିସ ଶିବଙ୍କୁ କୋର୍ଟରେ ହାଜର କରାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ଏହାପରେ ପୋଲିସ ପକ୍ଷରୁ ତାଙ୍କୁ ରିମାଣ୍ଡ ନେବାକୁ କୋର୍ଟରେ ଆବେଦନ କରିଥିଲା।

# ୨୧ ଯାଏ ଝଡ଼ବର୍ଷା

**୪୩.୨ ଡିଗ୍ରୀରେ ସୋନପୁର**

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସୋମବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଯାଜପୁରର କିଛି ସ୍ଥାନରେ ବର୍ଷା ହେବ। ତେବେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମୟୂରଭଞ୍ଜ ଓ କେନ୍ଦୁଝରରେ ଝଡ଼ତୋଫାନ ହେବାର ସମ୍ଭାବନା ଥିବାରୁ ଏସବୁ ଜିଲାକୁ ୟେଲୋ ଓ୍ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ୨୧ରେ ଉତ୍ତର ଉପକୂଳ ଓଡ଼ିଶା ସମେତ ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଓ ଢେଙ୍କାନାଳରେ ଝଡ଼ତୋଫାନ ହେବାର ଆଶଙ୍କା ରହିଛି। ଏଥିପାଇଁ ଏସବୁ ଜିଲାକୁ ମଧ୍ୟ ୟେଲୋ ଓ୍ୱାର୍ନିଂ ଜାରି କରାଯାଇଛି। ସେପଟେ ଦିନର ତାତି ଅସମ୍ଭାଳ ହେବାରେ ଲାଗିଛି। ରବିବାର ରାଜ୍ୟର ୧୨ ସ୍ଥାନରେ ତାପମାତ୍ରା ୪୦ ଓ ତା'ଠାରୁ ଅଧିକ ରହିଥିଲା। ସୋନପୁରରେ ସର୍ବାଧିକ ୪୩.୨ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଅନୁଗୋଳ ୪୩.୧, ଝାରସୁଗୁଡ଼ା ୪୨.୯, ବଲାଙ୍ଗୀର ୪୨.୪, ବୌଦ୍ଧ ୪୨, ପାରଳାଖେମୁଣ୍ଡି ୪୧, ଛତ୍ରପୁର ୪୦, ହୀରାକୁଦ ୪୦୩, ବାରିପଦା ୪୦, ସମ୍ବଲପୁର ୪୦.୮, ଭବାନୀପାଟଣା ୪୦.୬ ଓ ଟିଟିଲାଗଡ଼ର ସର୍ବାଧିକ ତାପମାତ୍ରା ୪୦.୫ ଡିଗ୍ରୀ ରହିଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ସାଧାରଣ ତାପମାତ୍ରାଠାରୁ ୨ରୁ ୩ ଡିଗ୍ରୀ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେହିଭଳି ଅପରାହ୍ନ ୧୨ଟାରୁ ୩ଟା ଭିତରେ ବାହାରକୁ ଯିବାବେଳେ ପ୍ରାକ୍‌ସଚେତନତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ଆଇପିଏଲ୍ ଅନ୍‌ଲାଇନ ବେଟିଂ, ୯ ଗିରଫ

**ଲଟେରି କାର୍ଯ୍ୟାଳୟ ଖୋଲି କୋଟି କୋଟି ଟଙ୍କାର କାରବାର କରୁଥିଲେ**

**କୁଆଁରମୁଣ୍ଡା, ୧୭।୪(ଡି.ଏନ୍.ଏ.)**

ବର୍ତ୍ତମାନ ଆଇପିଏଲ୍ ମ୍ୟାଚ୍ ଚାଲିଥିବା ବେଳେ ଏହାକୁ ନେଇ ଅନ୍‌ଲାଇନ ବେଟିଂ ବୃଦ୍ଧି ପାଇବାରେ ଲାଗିଛି। ଏହି ବେଆଇନ କାର୍ଯ୍ୟରେ ଆନ୍ତଃରାଜ୍ୟ ଯୁବକମାନେ ସଂଶ୍ଳିଷ୍ଟ ରହି ଅର୍ଥ ରୋଜଗାର କରୁଥିବା ଜଣାପଡ଼ିଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାଳି ଝରାବସ୍ତିରେ ଅନ୍‌ଲାଇନ ବେଟିଂ ଚାଲିଥିବା ବେଳେ ପୋଲିସ ଶନିବାର ରାତିରେ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ଦୁର୍ଗ ଜିଲାର ମାଲିତ୍ ସିଂ(୨୫), ବିଶାଳ ରାଏ(୧୮), ହିମାଂଶୁ ଦେବାଙ୍ଗନ(୨୫), ପଙ୍କଜ ଦେବାଙ୍ଗନ(୨୨), ବିକାଶ ଠାକୁର(୨୩), ମିନୁ ସିଂ(୨୧), ଦୀନେଶ କୁମାର ସାହୁ(୨୮), ବିକ୍ରମଜିତ୍ ସିଂ(୧୯) ଏବଂ ଯୋଗେନ୍ଦ୍ର ସିଂ(୨୨)। ସମସ୍ତ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ରବିବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧୮ଟି ମୋବାଇଲ, ଗୋଟିଏ ଟାବଲେଟ୍ ଓ ଗୋଟିଏ ଲାପ୍‌ଟପ ଜବତ ହୋଇଛି। ଏ ନେଇ ବୀରମିତ୍ରପୁର ଥାନାରେ ଦଫା ୨୯୪(ଏ), ୪୨୦, ୧୨୦(ବି), ୩୪ ଆଇପିସି, ପ୍ରାଇଜ୍ ଚିଟ୍ ଓ ମନି ସର୍କୁଲେଶନ ସ୍କିମ୍ ଆକ୍ଟ ୧୯୭୮ ଅନୁସାରେ ଏକ ମାମଲା (ନଂ.୭୪/୨୨) ରୁଜୁ ହୋଇଛି।



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

କୁଆଁରମୁଣ୍ଡା ଫାଣ୍ଡିରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବୀରମିତ୍ରପୁର ଥାନା ଆଇଆଇସି ମନୋଜ ମଞ୍ଜରୀ ନାଏକ ସୂଚନା ଦେଇ କହିଛନ୍ତି, ଯମୁନାନାଳି ଝରାବସ୍ତିର ଏକ ଘରେ କେତେଜଣ ଯୁବକ ଅନ୍‌ଲାଇନ ଲଟେରି କାର୍ଯ୍ୟାଳୟ ଖୋଲିଥିଲେ। ବର୍ତ୍ତମାନ ଆଇପିଏଲ୍ ଚାଲିଥିବାରୁ ସେମାନେ ଲୋକମାନଙ୍କୁ ବିଭିନ୍ନ ଆକର୍ଷଣୀୟ ପୁରସ୍କାରର ଲୋଭ ଦେଖାଇ କୋଟି କୋଟି ଟଙ୍କାର ଜୁଆ କାରବାର କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୀରମିତ୍ରପୁର ଏସ୍‌ଡିପିଓ ମାନସ ରଞ୍ଜନ ପ୍ରଧାନ, ଆଇଆଇସି ନାଏକ, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ଶନିବାର ରାତିରେ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ ଏବଂ ମୋବାଇଲ, ଲାପ୍‌ଟପ୍ ଆଦି ଜବତ କରିଥିଲେ। ଏହି ଆଇପିଏଲ୍ ବେଟିଂ ନେଟ୍‌ଓ୍ୱର୍କ ବମ୍ବେରୁ କୁଆଁରମୁଣ୍ଡା ପର୍ଯ୍ୟନ୍ତ ଲମ୍ବିଥିବା ଆଲୋଚନା ହେଉଛି।

# ୧ କୋଟି ଟଙ୍କାରେ ହନୁମାନ ପଇସା ଡିଲ୍

**ଗ୍ରାହକ ସାଜି ୨ ଜଣଙ୍କୁ ଗିରଫ କଲା ସ୍ପେଶାଲ ସ୍କ୍ୱାଡ୍**

**ଦେବଗଡ଼, ୧୭।୪(ଡି.ଏନ.ଏ.)**

ଦେବଗଡ ଜିଲା ପୋଲିସ ସ୍ପେଶାଲ ସ୍କ୍ୱାଡ୍‌କୁ ପୁଣି ମିଳିଛି ସଫଳତା। ରବିବାର ବେଆଇନ ହନୁମାନ ପଇସା କାରବାରରେ ଲିପ୍ତ ୨ ଅଭିଯୁକ୍ତଙ୍କୁ ଗ୍ରାହକ ବେଶରେ କାବୁ କରିଛି ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ଗୌଡ଼ପଡା ଗ୍ରାମର ସରୋଜ ବାଦୀ ଓ ଟଙ୍କଧର ବାଦୀ। ସେମାନଙ୍କ ନିକଟରୁ ଗୋଟିଏ ହନୁମାନ ପଇସା ଜବତ କରାଯାଇଛି।

ପ୍ରକାଶ ଯେ, ସମ୍ବଲପୁର-ଦେବଗଡ଼ ସୀମାନ୍ତ ଗ୍ରାମର କେତେଜଣ ବ୍ୟକ୍ତି ଦେବଗଡ଼ ଜିଲା ରିଆମାଳ ଥାନାଞ୍ଚଳରେ ହନୁମାନ ପଇସା ବିକ୍ରି ପାଇଁ ଉଦ୍ୟମ କରୁଥିବା ପୋଲିସକୁ ସୂଚନା ମିଳିଥିଲା। ପରେ ଏସଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜିଲା ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଗ୍ରାହକ ବେଶରେ ଉକ୍ତ ବେପାରୀଙ୍କ ସହ ହନୁମାନ ପଇସା କିଣିବାକୁ ୧ କୋଟି ଟଙ୍କାରେ ଡିଲ୍ କରିଥିଲେ। ତଦନୁଯାୟୀ ଭୋର ସମୟରେ ହନୁମାନ ପଇସା ଧରି ଗୌଡ଼ପଡା ଗ୍ରାମର ସରୋଜ ଓ ଟଙ୍କଧର ତାରଙ୍ଗ ଗ୍ରାମ ଛକ ନିକଟରେ ପହଞ୍ଚିବା ପରେ ଜଗି ରହିଥିବା ସ୍ପେଶାଲ ସ୍କ୍ୱାଡ୍ ସେମାନଙ୍କୁ କାବୁ କରିଥିଲା। ଏହା ପୂର୍ବରୁ ହନୁମାନ ପଇସା ଡିଲ୍ ସ୍ପେଶାଲ ସ୍କ୍ୱାଡ୍ ଅଭିଯୁକ୍ତଙ୍କୁ ଧରିଥିଲା।



ଗିରଫ ଦୁଇ ଅଭିଯୁକ୍ତ।

# କୁକୁର ଶରୀରରେ ଟିଙ୍କ ଶୋଷଣ ପ୍ରଦର୍ଶନ

**ମୁମ୍ବାଇ ଜାହାଙ୍ଗୀର ଆର୍ଟ ଗ୍ୟାଲେରି ପ୍ରଦର୍ଶନୀ**

**ଶୋଷଣର ଅର୍ଥ ବୁଝାଇଲେ ଦାରିଙ୍ଗବାଡ଼ିର ଭାସ୍କର୍ଯ୍ୟ ଶିଳ୍ପୀ ବରୁଣ**

**ଦାରିଙ୍ଗବାଡ଼ି, ୧୭।୪ (ଡି.ଏନ.ଏ.)**

ମୁମ୍ବାଇର ବିଶିଷ୍ଟ ଆର୍ଟ ଗାଲେରି ଭାବେ ପରିଚିତ ଜାହାଙ୍ଗୀର ଆର୍ଟ ଗାଲେରିରେ ସାପ୍ତାହିକ କଳା ପ୍ରଦର୍ଶନୀ ଚାଲିଛି। ଏହି ପ୍ରଦର୍ଶନୀ ୧୧ରୁ ଆରମ୍ଭ ହୋଇଥିବା ବେଳେ ୧୮ରେ ଶେଷ ହେବ। ଏଥିରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଗ୍ରାମର ଭାସ୍କର୍ଯ୍ୟ ଶିଳ୍ପୀ ବରୁଣ ବେହେରା ଯୋଗଦେଇ ଭାସ୍କର୍ଯ୍ୟକଳାରେ 'ଶୋଷଣ' ବିଷୟରେ ଏକ କଳା ପ୍ରସ୍ତୁତ କରିଥିଲେ। ଯେଉଁଥିରେ କୁକୁରର ଶରୀରରେ ଟିଙ୍କ ଶୋଷଣ କରୁଥିବା ଦୃଶ୍ୟ ରହିଥିଲା। ଟିଙ୍କର ଧର୍ମ ହେଲା ରକ୍ତ ଶୋଷଣ କରିବା। ଏହି କଳା ପ୍ରଦର୍ଶନ କରି ଜଣେ ବ୍ୟକ୍ତି କିଭଳି ଶୋଷଣ କରୁଛି ତାହାର ଅର୍ଥ ବରୁଣ ଦର୍ଶକଙ୍କୁ ବୁଝାଇଥିଲେ।

ଏହି କଳା ପାଇଁ ସେ ଫାଇବର ଗ୍ଲାସ ଏବଂ କିଛି ମଞ୍ଜିକୁ ବ୍ୟବହାର କରିଥିଲେ। ତେଣୁ ତାଙ୍କୁ ମୁମ୍ବାଇରେ ଗ୍ରାଣ୍ଡ ଫୁଲବାଣୀ ସିଟି ଆଓ୍ୱାର୍ଡ ମିଳିଛି। ଏଥିପାଇଁ ତାଙ୍କୁ ପୁରସ୍କାର ବାବଦରେ ୨୦ହଜାର ଟଙ୍କା ମିଳିଥିବା ବେଳେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି। ଫଳରେ କନ୍ଧମାଳ ଜିଲାର ଏକମାତ୍ର ଶିଳ୍ପୀ ଉକ୍ତ ପ୍ରଦର୍ଶନରେ ଯୋଗଦେବାକୁ ସୁଯୋଗ ପାଇଥିବାରୁ ସମଗ୍ର ଜିଲାରେ ତାଙ୍କୁ ସାଧୁବାଦ ଦିଆଯାଇଛି।



କୁକୁର ଶରୀରରେ ଟିଙ୍କ ଶୋଷଣ କରୁଥିବା ଦୃଶ୍ୟ।

ସୂଚନାଯୋଗ୍ୟ, ବରୁଣ ପୂର୍ବରୁ ୨୦୧୯-୨୦ ବର୍ଷ ପାଇଁ ଭାସ୍କର୍ଯ୍ୟକଳାରେ ରାଜ୍ୟସ୍ତରୀୟ ପୁରସ୍କୃତ ହୋଇଥିବାବେଳେ କେରଳର କୋଚି ମୁଜରିସି ବିନାଲେରେ ଦୁଇ ଥର ଯୋଗଦାନ କରି ପ୍ରଶଂସିତ ହୋଇଛନ୍ତି। ସେହିପରି ସେ ଦୁଇଥର ଅନ୍ତର୍ଜାତୀୟ ସ୍ତରରେ ତଥା ସାଉଦିଆରବରେ ଏକ ପ୍ରୋଜେକ୍ଟ ତଥା ମୂର୍ତ୍ତି ତିଆରି କରି ପ୍ରଶଂସିତ ହୋଇଛନ୍ତି। ବରୁଣ ଗଞ୍ଜାମ ଜିଲା ଖଲ୍ଲିକୋଟ ଆର୍ଟ କଲେଜରେ ସ୍ନାତକ କରିଥିବା ବେଳେ ଭୁବନେଶ୍ୱରର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମାଷ୍ଟର ଇନ୍ ଫାଇନ ଆର୍ଟ (ସ୍ନାତକୋତ୍ତର) କରିଛନ୍ତି। ସେ ଜଣେ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ବେଳେ ମା', ବାପା ଦିନମଜୁରିଆ ଭାବେ କାର୍ଯ୍ୟ କରିବା ସହ ନିଜ ବେଉସା ମାଟିହାଣ୍ଡି ଗଢ଼ି ଏହାକୁ ବିକ୍ରି କରି ବରୁଣଙ୍କୁ ଏ ପର୍ଯ୍ୟନ୍ତ ପହଞ୍ଚାଇଥିବା କହିଛନ୍ତି। ଏହି ସଫଳତା ପାଇଁ ବରୁଣ ବାପା, ମା' ଏବଂ ସମସ୍ତ ଗୁରୁଜନ, ସାଙ୍ଗସାଥିଙ୍କୁ ଶ୍ରେୟ ଦେଉଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଲିଜି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆକଟ କାମକୁ ଥିଇରି ଚାଲି,**
**ତାକୁ ଜାଣିବ ପର;**
**ହାଇ ଘନ ଘନ କେଶ ମୁକୁଳା**
**ତାକୁ ଜାଣିବ ଜର।**

ଯିଏ କାମରେ ଆକଟ କରେ, ଯାହାଠାରେ ତତ୍ପରତା ନ ଥାଏ ଓ ଯିଏ ଧୀରେ ସୁସ୍ଥେ ପରିଚାଳିତ ହୁଏ ସିଏ ପର ହୋଇଥାଏ। ସେହିପରି ଆଳସ୍ୟତା ଲାଗିବା ସହ ଦେହ ହାତ ଅସ୍ୱସ୍ତିକର ଲାଗିବା ଜ୍ୱର ଆସିବାର ଏହା ଏକ ଲକ୍ଷଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଖିରେ ଦେଖି ପ୍ରମାଣ ଚାହେଁ;**
**ତା'ଠାରୁ ଓଲମା ଅଛି କିଏ ?**

ଆଖିରେ ଦେଖିଥିବା କଥା କେବେ ଭୁଲ ହୋଇ ନ ଥାଏ। ଆଖି ଦେଖିଥିବା କଥା ଦୃଢ଼ ପ୍ରମାଣ ହେବା ସହ ଏହାକୁ ସତ ବୋଲି ମାନିନେବାକୁ ସମସ୍ତେ ବାଧ ହୋଇଥାନ୍ତି। ତେବେ ଏଭଳି ଆଖି ଦେଖା କଥାକୁ ଯିଏ ଅବିଶ୍ୱାସ କରି ଆହୁରି ପ୍ରମାଣ ଲୋଡ଼େ ତା' ଠାରୁ ବଳି ମୂର୍ଖ ଆଉ କେହି ଦୁନିଆରେ ନାହାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ପରପାରିରେ ପ୍ରଫୁଲ୍ଲ...

ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ସମ୍ମାନ ଜୟଦେବ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ସେ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଗାୟକ ଓ କଣ୍ଠଶିଳ୍ପୀ ଭାବେ ଅନେକ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଅନୁରାଧା ପୌଡୱାଲ, ଉଷା ମଙ୍ଗେସକର, କବିତା କୃଷ୍ଣମୂର୍ତ୍ତି, ସୁରେଶ ୱାଡେକର, ମହମ୍ମଦ ଅଜିଜ୍, ଅମିତ୍ କୁମାର, ବାଣୀ ଜୟରାମ, ଏସ.ଜାନକୀ, ଆର. ସୁଶୀଳା, ଚିତ୍ରା, ସ୍ୱର୍ଣ୍ଣଲତା, ୟେଶୁ ଦାସ, ଏସ୍.ପି. ବାଲସୁବ୍ରମଣ୍ୟମ୍, ଆରତି ମୁଖାର୍ଜୀ, ନିର୍ମଳା ମିଶ୍ର, ସିପ୍ରା ବୋଷ, ଅଜୟ ଚକ୍ରବର୍ତ୍ତୀ, ହୈମନ୍ତୀ ଶୁକ୍ଲା ପ୍ରମୁଖ ବହୁ ଜାତୀୟସ୍ତରର ଗାୟକ ଓଡ଼ିଆ ସିନେମାରେ କଣ୍ଠଦାନ କରିଥିଲେ। ଭଜନ କ୍ଷେତ୍ରରେ ପ୍ରଫୁଲ୍ଲ ଥିଲେ ଅନ୍ୟତମ ପ୍ରଖ୍ୟାତ ଗାୟକ। 'କମଳ ଦେଶର ରାଜକୁମାର' ଗୀତ ପାଇଁ ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଆଜି ବି ଓଡ଼ିଆ ତାଙ୍କ ଗୀତକୁ ଗୁଣୁଗୁଣେଇ ଥାଆନ୍ତି।

ସଙ୍ଗୀତ ବ୍ୟତୀତ ସାହିତ୍ୟ କ୍ଷେତ୍ରରେ ମଧ ତାଙ୍କର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଜଣେ ଉଚ୍ଚକୋଟିର ସ୍ତମ୍ଭକାର ଭାବେ ଓଡ଼ିଆ ପାଠିକାପାଠକଙ୍କ ମଧ୍ୟରେ ନିଜର ଏକ ସ୍ଥାନ ଛାଡ଼ିଯାଇଛନ୍ତି। 'ଧରିତ୍ରୀ'ରେ ତାଙ୍କ ସ୍ତମ୍ଭ 'ସାଉଁଟା କାହାଣୀ' ବେଶ୍ ପାଠକୀୟତା ଅର୍ଜନ କରିଥିଲା। ଏହି ଲେଖାଗୁଡିକ 'ସାଉଁଟା କାହାଣୀ' ନାମକ ପୁସ୍ତକରେ ମଧ୍ୟ ପ୍ରକାଶ ପାଇଛି। 'ଆଜ୍ଞାମାଳ' ଓ 'କୃପାଜଳ' ନାମରେ ତାଙ୍କ ରଚିତ ଦୁଇଟି ଭଜନ ପୁସ୍ତକ ମଧ୍ୟ ପ୍ରକାଶ ପାଇଛି। ଓଡ଼ିଶୀ ନୃତ୍ୟ ଗୁରୁମାନଙ୍କ ସହ ମିଶି ସେ ବହୁ ଓଡ଼ିଶୀ ନୃତ୍ୟନାଟିକାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଶୋକ ପ୍ରକାଶ କରି କହିଛନ୍ତି ଯେ, 'ମାମୁଙ୍କ ବିୟୋଗରେ ମୁଁ ମର୍ମାହତ'। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ପରଲୋକରେ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ପ୍ରଫୁଲ୍ଲ ଓଡ଼ିଶା ସଙ୍ଗୀତର ମୋଡ଼ ବଦଳାଇ ଦେଇଥିଲେ ତାଙ୍କ ଅପୂର୍ବ ନିର୍ମାଣକ୍ଷମ ପ୍ରତିଭାରେ। ଧରିତ୍ରୀରେ ପ୍ରକାଶିତ ତାଙ୍କ ସାଉଁଟା କାହାଣୀ ଭୁଲିବାର ନୁହେଁ ବୋଲି ମଲ୍ଲିକ କହିଛନ୍ତି।

### ମଣିଷକୁ ପ୍ରାଣୀ...

ଆବଶ୍ୟକ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମହୁଲଡିହା ଏଏସ୍‌ଆଇ ପବିତ୍ରମୋହନ ରାଉତ କହିଛନ୍ତି, ଉଭୟପକ୍ଷ ଥାନାକୁ ଆସିଥିଲେ। ଉକ୍ତ ଇଞ୍ଜେକ୍ସନର ପାର୍ଶ୍ୱ ପ୍ରତିକ୍ରିୟା ହେବ ନାହିଁ ବୋଲି ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଝିବା ପରେ ଶ୍ରୀକାନ୍ତ ଉକ୍ତ କ୍ୱାକ୍‌ଙ୍କ ବିରୋଧରେ ମାମଲା ରୁଜୁ ନ କରିବାକୁ କହିଥିଲେ। ରୋଗୀଙ୍କ ଭବିଷ୍ୟତରେ କିଛି କ୍ଷତି ଘଟିଲେ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ବିଶ୍ୱନାଥ ଥାନାରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି।

### ଗୁଳିମାଡ଼ରେ ଗଡ଼ିଲା...

ସହଯୋଗୀ ନିରଞ୍ଜନ ନାୟକ, ନରହରି ନାୟକ, ଅଭିମନ୍ୟୁ ନାୟକ, ବେଣୁଧର ନାୟକ, ମାନସ ନାୟକ ପ୍ରମୁଖଙ୍କ ସହ ଏକ ଜେସିବି ମେଶିନ ନେଇ ପୋଖରୀ ଖୋଳିବା ଲାଗି ଉଦ୍ୟମ କରିଥିଲେ। ଏହାର ପ୍ରତିବାଦ କରିଥିଲେ ବାପା ଦଳେଇ ଏବଂ ଅନ୍ୟ ପରିବାର ସଦସ୍ୟ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ନୃପତି ଏବଂ ତାଙ୍କ ସହଯୋଗୀ ଗାଳିଗୁଲଜ କରିବା ସହିତ ହତ୍ୟା ଧମକ ଦେଇ ପଳାଇଥିଲେ। ଦଳେଇ ପରିବାର ସଦସ୍ୟଙ୍କ ସହ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ନୃପତି ଏବଂ ତାଙ୍କ ସହଯୋଗୀ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ ଆରମ୍ଭ କରିଦେଇଥିଲେ। ନୃପତି ଏକ ଦେଶୀ ବନ୍ଧୁକରୁ ୭ ରାଉଣ୍ଡ ଗୁଳିମାଡ଼ କରିବା ପରେ ଘଟଣାସ୍ଥଳରେ ଟଳିପଡ଼ିଥିଲେ ଦଳେଇ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ପରେ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଦଳେଇଙ୍କ ପରିବାର ସଦସ୍ୟ ନୃପତିଙ୍କ ଘରେ ପହଞ୍ଚି ତାଙ୍କ ସ୍ତ୍ରୀ ସାରଥିଙ୍କୁ ଘୋଷାଡ଼ି ଆଣି ନିସ୍ତୁକ ପିଟିଥିଲେ। ଘରେ ପଶି ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ସାରଥୀ ଏବଂ ନିତିନଙ୍କୁ କାତିରେ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଉଭୟଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟ ଏବଂ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ନିତିନଙ୍କ ମୁଣ୍ଡରେ ୧୮ଟି ଷ୍ଟିଚ୍ ପଡ଼ିଛି। ସଦର ଥାନାଧିକାରୀ ଅଭିନବ ଡାଲୁଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡ ଘଟଣାରେ ନଂ. ୧୮୬/୨୨, ଦଫା ୩୦୨, ୨୫ ଓ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି। ତେବେ ମା'ପୁଅଙ୍କୁ ଆକ୍ରମଣ ଏବଂ ଗୃହଦାହ ଘଟଣାରେ ଖବର ଲେଖାଯିବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ। ଅପରପକ୍ଷେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ବିକାଶ ବେଉରା କୁହନ୍ତି, ଜଣେ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ଅନ୍ୟମାନଙ୍କୁ ଯଥାସମ୍ଭବ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି। ଗ୍ରାମରେ ଉତ୍ତେଜନା ବାତାବରଣ ଲାଗି ରହିଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଜିଏସ୍‌ଟି ସ୍ଲାବ୍‌ରେ ...

ଚର୍ଚ୍ଚା ଚାଲିଛି। ତେବେ ଏ ସମ୍ପର୍କରେ ଚୂଡ଼ାନ୍ତ ନିର୍ଣ୍ଣୟ ଜିଏସ୍‌ଟି କାଉନ୍‌ସିଲ୍ ପକ୍ଷରୁ ନିଆଯିବ। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଚାଲୁଥିବା ଜିଏସ୍‌ଟି କାଉନ୍‌ସିଲ୍‌ରେ ସମସ୍ତ ରାଜ୍ୟର ଅର୍ଥମନ୍ତ୍ରୀ ସାମିଲ୍ ଅଛନ୍ତି। ହିସାବ ଅନୁସାରେ ୫% ସ୍ଲାବ୍‌ରେ ପ୍ରତ୍ୟେକ ୧% ବୃଦ୍ଧି ବାର୍ଷିକ ୫୦,୦୦୦ କୋଟି ଟଙ୍କାର ବାର୍ଷିକ ରାଜସ୍ୱ ପ୍ରାପ୍ତ ହୋଇପାରିବ। ବର୍ତ୍ତମାନ ଯେଉଁ ସମସ୍ତ ଜିନିଷଗୁଡ଼ିକ ଉପରେ ୫% ଜିଏସ୍‌ଟି ଲଗାଯାଇଛି, କାଉନ୍‌ସିଲ୍‌ରେ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଜିନିଷ ଉପରେ ୮% ଜିଏସ୍‌ଟି ଧାର୍ଯ୍ୟ କରାଯିବା ନେଇ ଆଶା କରାଯାଉଛି। ଜିଏସ୍‌ଟି ଅନୁଯାୟୀ ଆବଶ୍ୟକ ଜିନିଷଗୁଡ଼ିକ ଉପରେ ସର୍ବନିମ୍ନ କର ଲଗାଯାଇଥାଏ, ତେବେ ବିଳାସପୂର୍ଣ୍ଣ ଜିନିଷଗୁଡ଼ିକ ଉପରେ ୨୮% ଟ୍ୟାକ୍ସ ସହିତ ସେସ୍ ଲଗାଯାଏ। ଜିଏସ୍‌ଟି ଦ୍ୱାରା ରାଜ୍ୟଗୁଡ଼ିକର ରାଜସ୍ୱରେ ହେଉଥିବା କ୍ଷତିର ଭରଣା ପାଇଁ ସେସ୍ ବ୍ୟବହାର ହୁଏ। ସୂଚନାଯୋଗ୍ୟ, ୨୦୧୭ ଜୁଲାଇ ୧ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟଗୁଡ଼ିକୁ ଦିଆଯାଇଥିବା ୫ବର୍ଷୀୟା ଜିଏସ୍‌ଟି କ୍ଷତିପୂରଣ ବ୍ୟବସ୍ଥା ଜୁନ୍‌ରେ ଶେଷ ହେବାକୁ ଯାଉଛି। ତେଣୁ ମେ' ମଧ୍ୟଭାଗ ସୁଦ୍ଧା ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ହେବାର ରହିଛି।

### ୨୧ରେ ଭାରତ ...

ସହଯୋଗୀ ବୋଲି ସେ କହିଛନ୍ତି। କେତେକ ସ୍ୱେଚ୍ଛାଚାରୀ ରାଷ୍ଟ୍ର ଆମର ଶାନ୍ତି ଓ ସମୃଦ୍ଧି ପ୍ରତି ବିପଦ ସୃଷ୍ଟି କରିଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ର ଓ ବନ୍ଧୁମାନେ ଏକାଠି ହେବା ଜରୁରୀ ବୋଲି ରୁଷିଆକୁ ଇଙ୍ଗିତ କରି ବୋରିସ କହିଛନ୍ତି। ଫେବୃୟାରୀ ୨୪ରୁ ରୁଷିଆ ଏହାର ପଡୋଶୀ ୟୁକ୍ରେନ୍ ଉପରେ ଆକ୍ରମଣ ଚଳାଇଥିବାବେଳେ ବ୍ରିଟେନ, ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମସ୍କୋ ବିରୋଧରେ ଆର୍ଥିକ କଟକଣା ଲଗାଇଛନ୍ତି। ବୋରିସ ୨୧ ତାରିଖରେ ମୋଦିଙ୍କ ନିଜ ରାଜ୍ୟ ଗୁଜରାଟର ଅହମଦାବାଦରେ ଅବତରଣ କରିବେ। କୌଣସି ବ୍ରିଟିଶ ପ୍ରଧାନମନ୍ତ୍ରୀ ଗୁଜରାଟ ଗସ୍ତ କରିବା ଏହା ପ୍ରଥମ ଘଟଣା। ୨୨ ତାରିଖରେ ସେ ନୂଆଦିଲ୍ଲୀ ଯାଇ ମୋଦିଙ୍କୁ ଭେଟିବେ। ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ)କୁ ଆଗେଇନେବା ଜନ୍‌ସନଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ତାଙ୍କ ଗସ୍ତ ଦ୍ୱାରା ଉଭୟ ଦେଶରେ ନିଯୁକ୍ତି ସୃଷ୍ଟି ସହ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ପ୍ରତିରକ୍ଷା ଓ ଶକ୍ତି ସୁରକ୍ଷା କ୍ଷେତ୍ରରେ ସହଯୋଗ ବଢ଼ିବ ବୋଲି ଗସ୍ତ ପୂର୍ବରୁ ବୋରିସ କହିଛନ୍ତି।

### ଘରେ ଆଣ୍ଠୁଏ ...

ଅମଳରେ ଧର୍ମ ଆଧାରରେ ଧ୍ରୁବୀକରଣ ଶିଖରକୁ ଛୁଇଁଥିବା ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ' କେବଳ ଏକ ସ୍ଲୋଗାନରେ ସୀମିତ ହୋଇଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଉତ୍ତର-ପଶ୍ଚିମ ଦିଲ୍ଲୀର ଜାହାଙ୍ଗୀରପୁରୀ ଶନିବାର ସନ୍ଧ୍ୟାରେ ହଠାତ୍ ଚର୍ଚ୍ଚାକୁ ଆସିଲା, ଯେତେବେଳେ ହନୁମାନ ଜୟନ୍ତୀ ପାଳନ ଉପଲକ୍ଷେ ଏହି ଅଞ୍ଚଳର ଏକ ମସ୍‌ଜିଦ ଦେଇ ଯାଉଥିବା ଶୋଭାଯାତ୍ରା ଉପରେ ଟେକାମାଡ଼ରୁ ହିଂସା ବ୍ୟାପିଲା। କେବଳ ଟେକା ପଥର ନୁହେଁ, ଗୁଳି ମଧ୍ୟ ଫୁଟିଥିଲା, ଯହିଁରେ ୮ ପୋଲିସ କର୍ମଚାରୀଙ୍କ ସମେତ ୯ ଜଣ ଆହତ ହୋଇଛନ୍ତି। ଦିଲ୍ଲୀ ପୋଲିସ ସିସିଟିଭି କ୍ୟାମେରାରୁ ସଂଗୃହୀତ ଫୁଟେଜ୍ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓ ଆଧାରରେ ମୁଖ୍ୟ ଅଭିଯୁକ୍ତ ଅଂସାର ଓ ଅସ୍‌ଲମ୍‌ଙ୍କ ସମେତ ୨୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ଦଙ୍ଗା ଭିଆଇବା, ହତ୍ୟା ଉଦ୍ୟମ ଓ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚ ଓ ସ୍ପେଶାଲ ସେଲର ୧୦ଟି ଟିମ୍ ଗଠନ କରାଯାଇଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶାନ୍ତି ବଜାୟ ପାଇଁ ଲୋକଙ୍କୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ ଦିଲ୍ଲୀ ପୋଲିସ ଦଙ୍ଗା ନିୟନ୍ତ୍ରଣ କରୁ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ କେଜ୍‌ରିୱାଲ କହିଛନ୍ତି। ଅନ୍ୟପକ୍ଷେ ଏହି ହିଂସାତ୍ମକ ଘଟଣାକ୍ରମ ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବ୍ୟକ୍ତିଗତ ଭାବେ ନଜର ରଖିଥିବାବେଳେ ଦିଲ୍ଲୀ ଭାଜପା ମୁଖ୍ୟ ଆଦେଶ ଗୁପ୍ତା ଓ ତାଙ୍କ ଦଳର ଏମ୍‌ପି ମନୋଜ ତିୱାରୀ ଏହା ପଛରେ ବେଆଇନ ପ୍ରବାସୀଙ୍କ ଷଡ଼ଯନ୍ତ୍ର କାମ କରିଥିବା ଅଭିଯୋଗ ଆଣିଛନ୍ତି। ୨୦୨୦ରେ ୫୩ ଜଣଙ୍କ ଜୀବନ ନେଇଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଦଙ୍ଗାବେଳେ ମଧ୍ୟ ଏଏପିର ହାତ ଥିବା ଗୈରିକ ଦଳ କହିଛି। ଭାଜପାର କପିଳ ମିଶ୍ରାଙ୍କ ମତରେ ଜାହାଙ୍ଗୀରପୁରୀରେ ଟେକାମାଡ଼ ଏକ ଆତଙ୍କବାଦୀ ଆକ୍ରମଣ। ତେଣୁ ଦେଶରୁ ବେଆଇନ ପ୍ରବାସୀମାନଙ୍କୁ ବିତାଡ଼ନ କରାଯାଉ। ଦିଲ୍ଲୀର ଶାହିନବାଗ ହିଂସା ମଧ୍ୟ କପିଳ ମିଶ୍ରାଙ୍କ ମନ୍ତବ୍ୟରୁ ଆରମ୍ଭ ହୋଇଥିବା କଥା ଅନେକେ ମନେରଖି ଥାଇପାରନ୍ତି। ତେବେ କେବଳ ଜାତୀୟ ରାଜଧାନୀ ଦିଲ୍ଲୀରେ ସାମ୍ପ୍ରଦାୟିକ ହିଂସା ସୃଷ୍ଟି ହୋଇନାହିଁ। ଦେଖିବାକୁ ଗଲେ ସାରା ଦେଶର ବିଭିନ୍ନ ଭାଗରେ ଏପରି ସ୍ଥିତି ଲାଗିରହିଛି, ଯେତେବେଳେ କି ହିନ୍ଦୁମାନେ ନବବର୍ଷ ଓ ହନୁମାନ ଜୟନ୍ତୀ ଏବଂ ମୁସଲମାନ ସମ୍ପ୍ରଦାୟ ରମଜାନ୍ ମାସ ପାଳନ କରୁଛନ୍ତି। ସପ୍ତାହେ ତଳେ ଦେଶର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ରାମ ନବମୀ ପାଳନ ବେଳେ ବାମପନ୍ଥୀ ଛାତ୍ରୀଛାତ୍ର ବାଧା ଦେଇଥିବା ଅଭିଯୋଗ ହୋଇଥିଲା। ବାମପନ୍ଥୀଙ୍କ ମତରେ ଦକ୍ଷିଣପନ୍ଥୀ ଛାତ୍ରୀଛାତ୍ର କାବେରୀ ହଷ୍ଟେଲରେ ଆମିଷ ଭୋଜନ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଉଠିଥିବା ବିବାଦ ଏଯାଏ ଥମିନାହିଁ। ସେପଟେ ଭାଜପା ଶାସିତ କର୍ଣ୍ଣାଟକରେ ବିଧାନସଭା ନିର୍ବାଚନକୁ ବର୍ଷେ ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ସରକାର ମଧ୍ୟ ପୁଣି ଥରେ କ୍ଷମତାକୁ ଫେରିବା ପାଇଁ ଧ୍ରୁବୀକରଣ ଅସ୍ତ୍ରକୁ ଆପଣାଇନେଇଛନ୍ତି। ହିଜାବ ପରିଧାନ ଉପରେ କଟକଣା, ମୁସଲମାନ ଫଳ ବେପାରୀଙ୍କ ଆମ୍ବ ବର୍ଜନ ଓ ସଂଖ୍ୟାଲଘୁ ଶିଳ୍ପୀଙ୍କ ମୂର୍ତ୍ତି ନିର୍ମାଣ ଉପରେ ଅଙ୍କୁଶ ଭଳି ପଦକ୍ଷେପରୁ ଏହା ସ୍ପଷ୍ଟ ହେଉଛି। ସରକାର ଓ ଭାଜପା ନେତାଙ୍କ ମନ୍ତବ୍ୟ ରାଜ୍ୟରେ ଦକ୍ଷିଣପନ୍ଥୀଙ୍କୁ ହିଂସା ଉସୁକାଇବା ପାଇଁ ସୁଯୋଗ ଦେଉଛି, ଯାହାର ପ୍ରମାଣ ଏବେ ଦେଖିବାକୁ ମିଳିଛି। ହୁବ୍ଲିର ରାମ ନାମକ ଜଣେ ବ୍ୟକ୍ତି ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଟାର୍ଗେଟ କରି ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ କରିଥିଲେ। ଏହାକୁ ନେଇ ଶନିବାର ରାତିରେ ହୁବ୍ଲି ଥାନାକୁ ଟାର୍ଗେଟ କରି ଟେକାମାଡ଼ ଓ ଗାଡ଼ି ପୋଡ଼ାଜଳା ଚାଲିଥିବାବେଳେ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଟେକାମାଡ଼ରେ ୧୨ ପୋଲିସ ଆହତ ହୋଇଛନ୍ତି। ପୋଲିସ ରାମଙ୍କ ସମେତ ୪୦ ଜଣଙ୍କୁ ଗିରଫ କରିଥିଲେ ସୁଦ୍ଧା ହିଂସା ଥମିନାହିଁ। ହୁବ୍ଲି ସହରରେ ୧୪୪ ଧାରା ଜାରି କରାଯାଇଛି। ମୁଖ୍ୟମନ୍ତ୍ରୀ ବୋମାଇ ଏହି ହିଂସାକୁ ଏକ ଯୋଜନାବଦ୍ଧ ତଥା ସଙ୍ଗଠିତ ଅପରାଧ ଭାବେ ଅଭିହିତ କରିଛନ୍ତି। ଏପ୍ରିଲ ୯ରେ ରାଜସ୍ଥାନର କରୋଲିରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ପାଇଁ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)କୁ ଦାୟୀ କରାଯାଉଛି। ମୁସଲମାନ ବହୁଳ ଅଞ୍ଚଳ ଦେଇ ରାମ ନବମୀ ଶୋଭାଯାତ୍ରା ଯାଉଥିବାବେଳେ ଟେକାମାଡ଼ ହୋଇଥିଲା। ଏହି ହିଂସାରେ ପିଏଫ୍‌ଆଇ ନିଜ ଭୂମିକାକୁ ଖଣ୍ଡନ କରିବା ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ଦାୟୀ କରିଛି। ପିଏଫ୍‌ଆଇର ଛାତ୍ର ସାମ୍ମୁଖ୍ୟ କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ସିଏଫ୍‌ଆଇ) କର୍ଣ୍ଣାଟକରେ ହିଜାବ ବିବାଦକୁ ଆଗକୁ ବଢ଼ାଇବାରେ ବଡ଼ ଭୂମିକା ନେଇଥିବା ଭାଜପା ଅଭିଯୋଗ ଆଣିଛି। ସିଏଫ୍‌ଆଇ ଅଧ୍ୟକ୍ଷ ଅଥାଉଲ୍ଲା ପଞ୍ଜାଲକାଟେ କହିଛନ୍ତି, ଭାଜପା ନିଜ ରାଜନୈତିକ ସ୍ୱାର୍ଥ ପାଇଁ ସବୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭକୁ ସାମ୍ପ୍ରଦାୟିକ ରଙ୍ଗ ଦେବାରେ ଲାଗିଛି। ମଧ୍ୟପ୍ରଦେଶର ଖରଗୋନ୍ ସହରରେ ରାମ ନବମୀ ବେଳେ ସାମ୍ପ୍ରଦାୟିକ ହିଂସା ଘଟି ଅନେକେ ଆହତ ହୋଇଥିବାବେଳେ ରାଜ୍ୟର ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କ ହିନ୍ଦୁ ସପକ୍ଷବାଦୀ ଏକତରଫା ମନ୍ତବ୍ୟ ଓ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

ମହାରାଷ୍ଟ୍ରରେ ଶିବସେନା ହିନ୍ଦୁତ୍ୱରୁ ଦୂରେଇଯାଇଥିବା ଅଭିଯୋଗ ଆଣି ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) କର୍ମୀମାନେ ମୁମ୍ବାଇର ଶିବସେନା ଅଫିସ ଆଗରେ ହନୁମାନ ଚାଳିଶା ପଢୁଛନ୍ତି। ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ ଠାକ୍‌ରେ ଶିବସେନା ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ବେଶ ଧାରଣ କରି ଖଣ୍ଡା ବୁଲାଇବା ସହ ଅଜାନରେ ଲାଉଡ୍ ସ୍ପିକର ବନ୍ଦ କରିବାକୁ ଧମକ ଦେଉଛନ୍ତି। ଶିବସେନା ନେତା ତଥା ଏହାର ମୁଖପତ୍ର 'ସାମ୍ନା' ସମ୍ପାଦକ ସଞ୍ଜୟ ରାଉତ୍ ରାଜ ଠାକ୍‌ରେଙ୍କୁ ଭାଜପାର ଆଉ ଜଣେ 'ଅସାଦୁଦ୍ଦିନ ଓୱାଇସି' ବୋଲି ଅଭିହିତ କରିଛନ୍ତି। ମୋଟାମୋଟି ଭାବେ ରାଜନେତାମାନଙ୍କ ବିବାଦୀୟ ମନ୍ତବ୍ୟ ସ୍ଥିତିକୁ ସଙ୍ଗିନ କରିବାରେ ଲାଗିଛି। ଉଭୟ ସମ୍ପ୍ରଦାୟ ମୁହାଁମୁହିଁ ହୋଇ ସାମ୍ପ୍ରଦାୟିକ ସଦ୍ଭାବ ନଷ୍ଟ ହେବା ଦୃଷ୍ଟାନ୍ତ ସବୁଠୁ ବେଶି ଯେଉଁ ରାଜ୍ୟଗୁଡ଼ିକରେ ଦେଖିବାକୁ ମିଳୁଛି ସେଠାରେ ଭାଜପାର ସ୍ଥିତି ସେତେଟା ମଜଭୁତ ନ ଥିବା ଜଣାପଡୁଛି। ଦିଲ୍ଲୀରେ ଏଏପି ସରକାର କ୍ଷମତାସୀନ ଥିବାବେଳେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି), କେରଳରେ ପିନାରାୟୀ ବିଜୟନ୍‌ଙ୍କ ବାମପନ୍ଥୀ, ରାଜସ୍ଥାନରେ ଅଶୋକ ଗେହଲଟ୍‌ଙ୍କ କଂଗ୍ରେସ, ମହାରାଷ୍ଟ୍ରରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି ମେଣ୍ଟ ସରକାର ଚାଲିଛି। ଏଭଳି ରାଜ୍ୟଗୁଡ଼ିକରେ ଦକ୍ଷିଣପନ୍ଥୀ ତତ୍ତ୍ୱ ଅଧିକ ଉଗ୍ର ହୋଇ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରୁଥିବା ଅଭିଯୋଗ ହେଉଛି। ଏହାକୁ ଦେଖି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି, ଭାଜପା କ୍ଷମତାରେ ନ ଥିବା ରାଜ୍ୟଗୁଡ଼ିକରେ ବିଭ୍ରାଟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସାମ୍ପ୍ରଦାୟିକ ଉତ୍ତେଜନାକୁ ବଳ ଦେଉଛି। ବିରୋଧୀ ଦଳଗୁଡ଼ିକର ନେତାମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଅଣଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଖୁବ୍‌ଶୀଘ୍ର ମୁମ୍ବାଇରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ଯାଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ନିକଟ ସମ୍ପର୍କୀୟଙ୍କୁ ଭୁଲ୍ ପରାମର୍ଶ ଦେଇ ସମାଲୋଚିତ ହେବେ। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ କାମ ହାସଲ କରିବେ। ବନ୍ଧୁଙ୍କ ପରାମର୍ଶରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ନିଜ ଲୋକମାନଙ୍କ ପ୍ରତିରୋଧ ବ୍ୟବସାୟକୁ ବିଶୃଙ୍ଖଳିତ କରିବାର ଆଶଙ୍କା ଅଛି।

**ବୃଷ** – ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। ପ୍ରତ୍ୟେକ କଥାକୁ ସରଳ ଭାବରେ ଗ୍ରହଣ କରି ଜଟିଳତା ଭିତରକୁ ଟଣା ହୋଇପାରନ୍ତି। କୃଷି,ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍‌ସିପରୁ ଖୁସି ରହିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନର ମାର୍ଗ ସୁଗମ ହେବ।

**ମିଥୁନ** – ଅଫିସ୍‌ରେ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯାଇପାରନ୍ତି। ପାରିବାରିକ ସ୍ଥିତି ମଧ୍ୟ ଆଜି ବିଶେଷ ଭଲ ରହି ନ ପାରେ। ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**କର୍କଟ** – ଆପଣଙ୍କ ବିଚାରଧାରା ଅଙ୍କାବଙ୍କା ରାସ୍ତା ଦେଇ ଗତି କରିପାରେ। ତଥାପି ସମସ୍ୟା ମଧ୍ୟରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପ୍ରଦାନ କରିପାରେ। ଆତ୍ମୀୟ ସ୍ୱଜନଙ୍କ ସହାୟତାରେ ହାତକୁ ନେଇଥିବା କାର୍ଯ୍ୟ ସମ୍ପନ୍ନ ହେବାର ଆଶା ରଖିପାରନ୍ତି। ଆଲୋଚନା ପରିସରରେ ନିଷ୍ପତ୍ତି ନେବାରେ ପଛେଇ ଯିବେ।

**ସିଂହ** – ଆର୍ଥିକ ଅନଟନ ଓ ପାରିବାରିକ କ୍ଷେତ୍ରରେ ରହିଥିବା ବ୍ୟତିକ୍ରମରୁ ମାନସିକ ଶାନ୍ତି ବ୍ୟାହତ ହେବ। ରାଜନୈତିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବାର ସମ୍ଭାବନା ରହିଛି। ସରକାରୀ ସ୍ତରରେ ରହିଥିବା ସମସ୍ୟାର ସମାଧାନ କରିବା ଦିଗରେ ସଫଳତା ହାସଲ କରିବେ।

**କନ୍ୟା** – ଆତ୍ମୀୟସ୍ୱଜନଙ୍କୁ ମନାଇବା ପାଇଁ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିପାରନ୍ତି। ଆଇନ ଓ ଗଣତନ୍ତ୍ରର ଗ୍ରହ ଶନି ହେତୁ ଅଦାଲତରୁ ସୁଫଳ ପାଇବାରେ ଅସୁବିଧା ହେବନାହିଁ। କିନ୍ତୁ ଜମିଜମା କ୍ଷେତ୍ର ପାଇଁ ପ୍ରତିକୂଳତା ସୃଷ୍ଟିର ସମ୍ଭାବନା ରହିବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ ହୋଇଯିବ।

**ତୁଳା** – ଭାରାକ୍ରାନ୍ତ ମନ ନେଇ କାମ କରିବେ କିନ୍ତୁ ବିଫଳତା ବଦଳରେ ସଫଳତାରୁ ବିସ୍ମୟାନ୍ୱିତ ହେବେ। ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ନୀରବତାକୁ ପ୍ରାଥମିକତା ଦେଇପାରନ୍ତି। ବିଶାଖା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ମାନସିକ ଅସ୍ଥିରତା ଦୂର କରିବାରେ ସହାୟକ ହେବ।

**ବିଛା** – ଆକସ୍ମିକ ଭାବେ କୌଣସି ବିବାଦୀୟ ପରିସ୍ଥିତିରୁ ସହସା ମୁକ୍ତି ମିଳିବାରୁ ଆଶ୍ଚର୍ଯ୍ୟାନ୍ୱିତ ହୋଇପାରନ୍ତି। ଅଭାବକୁ ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବା ପାଇଁ ଆଲୋଚନା କରିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ପରିସ୍ଥିତି ପୂର୍ବପରି ରହିବ। ରାଜନୈତିକ, ସାହିତ୍ୟିକ ଓ କଳାକାରମାନଙ୍କ ସକାଶେ ଦିନଟି ଭଲ।

**ଧନୁ** – ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟସ୍ଥଳକୁ ଯିବାରେ ଅସୁବିଧା ହେବ ନାହିଁ। ପ୍ଲଟିଂ କାରବାର, ଆଲୋଚନା, ପ୍ରେସ୍ ଓ ପବ୍ଲିକେଶନରେ ସମସ୍ୟା ସମାଧାନ ହେବ। ଆଳସ୍ୟ ଓ ଅବହେଳାରୁ କେତେକ କ୍ଷେତ୍ରରେ ଅନୁତାପ କରିବେ। ପାରିବାରିକ କ୍ଷେତ୍ରରେ ଛୋଟ କଥାକୁ ନେଇ କଳହ ଲାଗିପାରେ।

**ମକର** – ସାମୟିକ ଶାରୀରିକ ଅସୁସ୍ଥତା ହେତୁ ପ୍ରତ୍ୟେକ କାମରେ ପଛୁଆ ରହିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବା ସକାଶେ ମନ ବଳାଇପାରନ୍ତି। ପୂର୍ବରୁ ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାର ସାମର୍ଥ୍ୟ ଅର୍ଜନ କରିବେ। ଆର୍ଥିକ ସ୍ଥିତି ଚିନ୍ତାଜନକ ନ ହେଲେ ମଧ୍ୟ ଏଥିପାଇଁ ମୁଣ୍ଡ ଖେଳାଇ କାମ କରିବାକୁ ପଡ଼ିବ।

**କୁମ୍ଭ** – ଆର୍ଥିକ ଅନଟନକୁ ଦୂରେଇବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ବ୍ୟବସାୟ, ପରିବହନ,କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** – ଆଜି ଭ୍ରାତୃ ସମ୍ପର୍କ ନିମ୍ନାଭିମୁଖୀ ହେବାର ଆଶଙ୍କା ରହିଛି। ମନର ଭାବକୁ ଗୋପନ ରଖି ବନ୍ଧୁଙ୍କ ସହ ଭାବ ବିନିମୟ କରିବାକୁ ମନସ୍ଥ କରିପାରନ୍ତି। କିନ୍ତୁ ପ୍ରତ୍ୟେକ ସ୍ତରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ କେତେକ ଆକସ୍ମିକ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।


# classifieds

**Everyday**
0674-2580101, 2549302

real estate

## SALE

ଭୁବନେଶ୍ୱରରେ ଜମି ଆବଶ୍ୟକ। ଡୁପ୍ଲେକ୍ସ ପ୍ରୋଜେକ୍ଟ ପାଇଁ Sharing / Outright. ଯୋଗାଯୋଗ: 6371693373. D-136

**ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856.** D-73215

Rangabazar, Satyabhamapur, Bhubaneswar, 1750sqft. plot near Petrol Pump, BJEM-2 School. Genuine buyers. Contact: 8658386267. D-166

**Gharabari plot for sale near Pahala, Bhingarpur, Kesura (Bankual). Contact: 6371268258 / 8144128238.** D-71976

ବରମୁଣ୍ଡାରୁ ୧୫ କି.ମି. ଦୂରରେ Gharabari Plot- 19,00,000/-, investment plot- 8,00,000/- (Loan available). 9853150290. D-73233

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.-750/-. 9439918431, 8249603324.** D-73222

2500sqft. residential plot back side of Utkal Hights.7848983289. D-154

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

**ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862.** D-73231

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71889

**Gharabari plot sale Sundarpada near Hi-Tech Plaza sqft. 950/-, Kateni 650/-, Gangapada 950/- first possession then registration. 7504615299, 9337766961.** D-71344

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5 K.M. ଦୂରତାରେ ଘରବାରି ପ୍ଲଟ୍ sqft.-650/-ରେ ବିକ୍ରିହେବ। First possesion then registration. 7978533676.** D-73229

ଭୁବନେଶ୍ୱର ଗଙ୍ଗୋତ୍ରୀ ନଗର ଲେନ୍ -3 ଏବଂ ଧଉଳିରେ ପିଚୁ ରୋଡ୍‌କୁ ଲାଗି ପ୍ଲଟ୍ ବିକ୍ରି କରାଯିବ। 7008833643. D-73234

## GENERAL

## SALE

**Automatic stone crusher plant for sale at Chatrama, Khurdha. 9937427861, 9337767967.** D-045

to-let

Four BHK flat full furnishing company guest house purpose. 7848983289. D-153

healthcare

Newly open SPA positively health benefits expert therapist, Kalpana. 7846814019. D-71489

**Relax, Refresh your body, mind at Saikrupa Spa with best therapies. 8984068077.** D-129

Herbal full body relax massage by trend lady therapist. 7008773793. D-71485

## AFFIDAVIT

ଗତ ୪ବର୍ଷ ପୂର୍ବେ କଟକ ଜିଲ୍ଲା ଉଷୁମା ଗ୍ରାମର ରଶ୍ମିରଞ୍ଜନ ସ୍ୱାଇଁ ନାମକ ଜଣେ ଯୁବକ ନିଜ ପରିବାର ସହମତି କ୍ରମେ ଯୁବତୀ ହେବା ପାଇଁ 2019 ମସିହାରେ ଦିଲ୍ଲୀ ସ୍ଥିତ Olmec Plastic Surgery ଡାକ୍ତରଖାନାରେ ନିଜର ସମସ୍ତ ଅସ୍ତ୍ରୋପ୍ରଚାର କାର୍ଯ୍ୟକୁ ସଫଳତାର ସହ ସମାପନ କରି ପୁଲିଙ୍ଗରୁ ସ୍ତ୍ରୀଲିଙ୍ଗ ହୋଇଛନ୍ତି। ଉକ୍ତ କାର୍ଯ୍ୟକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ Executive Magistrate କଟକରେ ମଧ ଆଇନ ସମ୍ମତି ପ୍ରଦାନ କରିଛନ୍ତି କି ଗତ 16.09.2020ରେ ନିଜର ଲିଙ୍ଗ ଆଉ ନାମ ପରିବର୍ତ୍ତନ ପାଇଁ Court affidavit କରିଛନ୍ତି। ସମଗ୍ର ଅଞ୍ଚଳବାସୀ ରଶ୍ମିକା ସ୍ୱାଇଁଙ୍କୁ ଯୁବତୀ ଭାବେ ଗ୍ରହଣ କରିଛନ୍ତି। ଧ-୧୬୫

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କମଳ ଦେଶର ରାଜକୁମାର ରେ ଆମ୍ବନ୍...

କଳାକାର ଜୀବନର ପ୍ରାରମ୍ଭରେ ପ୍ରଫୁଲ୍ଲ କର ଗାଇଥିଲେ 'କମଳ ଦେଶର ରାଜକୁମାର ମୁଁ, ହାତରେ ପୁଷ୍ପ ଧନୁ..'। ଏହି ଗୀତଟି ତାଙ୍କୁ ବେଶ୍ ଲୋକପ୍ରିୟ କରାଇଥିଲା। ଏହାପରେ ସେ କମଳ ଦେଶର ରାଜକୁମାର ଭାବେ ଘରେ ଘରେ ପରିଚିତ ହୋଇଯାଇଥିଲେ। ତାଙ୍କ ସଙ୍ଗୀତ ଓ ସାହିତ୍ୟ ଜୀବନ, ସମ୍ମାନ, ଉପାଧିକୁ ନେଇ ଏହି ଉପସ୍ଥାପନା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ସିକନ୍ଦର ଆଲାମ ସ୍ମୃତି ସମ୍ମାନ ଗ୍ରହଣ କରୁଛନ୍ତି



ଅନୁରାଧା ପଡ଼ୱାଲଙ୍କୁ ପ୍ରଫୁଲ୍ଲ କର ସମ୍ମାନରେ ସମ୍ମାନିତ କରାଯାଉଛି



ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ କବିତା କ୍ରିଷ୍ଣମୂର୍ତ୍ତିଙ୍କ ସହ



ଓଡ଼ିଆ ଭାଷା ଆନ୍ଦୋଳନରେ ଭାଗ ନେବା ଅବସରରେ



୨୦୧୫ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିବା ଅବସରରେ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କର

ଶତ ସୂରିଲା ଗୀତର ସ୍ରଷ୍ଟା ପ୍ରଫୁଲ୍ଲ କର। ଚଳଚ୍ଚିତ୍ର ସଙ୍ଗୀତ, ଲଘୁ ସଙ୍ଗୀତ, ଭକ୍ତି ସଙ୍ଗୀତ ଏବଂ ଓଡ଼ିଶୀ ସଙ୍ଗୀତର ସେ ଥିଲେ ଶ୍ରେଷ୍ଠ କଳାକାର। ସେ ଗାଇଥିବା କମଳ ଦେଶର ରାଜକୁମାର ମୁଁ, ମିଳନ୍ତା କି ମତେ ଉଡ଼ନ୍ତା ଥାଳିଆ, ମୁଁ ତ ନିରୀହ କେରାଣ୍ଡି ମାଛ, ହଇରେ ଫୁଲଗଛ, ନା ନା ମୋତେ ପ୍ରେମ କରନା, କାଳୀ କପାଳି ନରମୁଣ୍ଡ ମାଳି.... ଭଳି ଗୀତ ଶ୍ରୋତାଙ୍କ ହୃଦୟରେ ରାଜ୍ କରିଥିଲା। ୧୯୭୫ ମସିହାର ଓଡ଼ିଆ ଚଳଚ୍ଚିତ୍ର 'ମମତା'ଥିଲା ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାର ପ୍ରଥମ କଥାଚିତ୍ର। ଏହାର ସବୁ ଗୀତ ଶ୍ରୋତାଙ୍କ ଭଲପାଇବା ସାଉଁଟିଥିବାବେଳେ 'ରେ ଆମ୍ବନ ନିଦ୍ରା ପରିହାରି' ସଙ୍ଗୀତ ଜଗତର ଶ୍ରେଷ୍ଠ ଗୀତ ତାଲିକାରେ ସ୍ଥାନିତ ହୋଇଛି। ସେହିପରି ସିନ୍ଦୂର ବିନ୍ଦୁ, ଶେଷ ଶ୍ରାବଣ, ବଳିଦାନ, ସତୀ ଅନସୂୟା, ରାମାୟଣ, ମାନସୀ, ପୂଜା, ଗୌରୀ, ତପସ୍ୟା, ବତୀଘର, ସମୟ ବଡ଼ ବଳବାନ, ହିସାବ ନିକାଶ ଓ ଭୁଲି ହୁଏନା ଆଦି ଲୋକପ୍ରିୟ ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ପାଇଁ ସେ ଖ୍ୟାତି ଅର୍ଜନ କରିଥିଲେ। ଏଥିସହ ବହୁ ଜଗନ୍ନାଥ ଭଜନ ଓ ଜଣାଣ ସୃଷ୍ଟି ତାଙ୍କ ଅନନ୍ୟ ପ୍ରତିଭାର ପରିଚୟ ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ଭଜନ କ୍ୟାସେଟ 'ପ୍ରଭୁକୃପା' ଆଜି ବି ସଙ୍ଗୀତ ଜଗତରେ ବେଶ୍ ଲୋକପ୍ରିୟ ହୋଇ ରହିଛି। ସେଥିରେ 'କାଳିଆ ମୋ ଦେହେ ବୋଲିଦେ ତୋ ଦେହ କଳା' ଓ 'ମଣିମା ପାଦେ ମୋ ଘୁଙ୍ଗୁର ଦିଅ ବାନ୍ଧି' ଆଜି ମଧ୍ୟ ଶ୍ରୋତାଙ୍କୁ ଆନମନା କରିଥାଏ।



ପୁଅ ମହାପ୍ରସାଦ କରଙ୍କ ସହ

## ଶିକ୍ଷା ଓ ପରିବାର

ପୁରୀରଗଦାଧରହାଇସ୍କୁଲଓସାମନ୍ତଚନ୍ଦ୍ରଶେଖରମହାବିଦ୍ୟାଳୟରେ ସେ ଶିକ୍ଷାଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନରେ ସ୍ନାତକ ପରେ ମହାରାଷ୍ଟ୍ରର ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରେ ଗୁରୁ ମାର୍କଣ୍ଡେୟ ମହାପାତ୍ର, ପଣ୍ଡିତ କେ. ଆଦିନାରାୟଣ, ପଣ୍ଡିତ ଜେ.ଭି.ଏସ୍.ରାଓଙ୍କ ତତ୍ତ୍ୱାବଧାନରେ ସେ ସଙ୍ଗୀତ ବିଶାରଦ ଉପାଧି ପାଇଥିଲେ। ସ୍ତ୍ରୀ ମନୋରମା କର, ଦୁଇପୁଅ ମହାଦୀପ ଓ ମହାପ୍ରସାଦ କର ଏବଂ ଝିଅ ସନ୍ଧ୍ୟାଦୀପାଙ୍କୁ ନେଇ ତାଙ୍କ ସଂସାର। ମହାଦୀପ ଜଣେ ଗିଟାର ଓ ହାରମୋନିୟମ ବାଦକ ଏବଂ ସାନପୁଅ ମହାପ୍ରସାଦ ଜଣେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ। ଝିଅ ସନ୍ଧ୍ୟାଦୀପା ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ।

## ଉପାଧି

ସଙ୍ଗୀତ ଜଗତର ଏହି ପ୍ରଚଣ୍ଡ ପ୍ରତିଭାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ କେତେକ ଉପାଧିରେ ଭୂଷିତ କରାଯାଇଛି। ସେଥିମଧ୍ୟରେ ରହିଛି ଚିନ୍ତା ଓ ଚେତନା ପକ୍ଷରୁ ପଦ୍ମକେଶରୀ, ଉତ୍କଳ ଯୁବ ସାଂସ୍କୃତିକ ସଂଘ ଦ୍ୱାରା ସଙ୍ଗୀତ ଭୂଷଣ, କଳିଙ୍ଗ ସଂସ୍କୃତି ତରଫରୁ ଉତ୍କଳ ଜ୍ୟୋତି, ବାଳକୃଷ୍ଣ ଦାସ ଫାଉଣ୍ଡେଶନ ପକ୍ଷରୁ ସଙ୍ଗୀତ ସରସ୍ୱତୀ। ସେହିପରି ହଣ୍ଟସଭିଲେ କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ପଣ୍ଡିତ, ବଳଦେବଜୀ ସେବକ ସଂଘ ଦ୍ୱାରା କଣ୍ଠ ରତ୍ନ, ଏସ୍‌ସିଏଆର୍‌ଟି ପକ୍ଷରୁ ସଙ୍ଗୀତ ସମ୍ରାଟ, କଟକ ଫ୍ରେଣ୍ଡସ୍ କ୍ଲବ ତରଫରୁ ସଙ୍ଗୀତ ସନ୍ଦିପଣୀ, ଶ୍ରୀ ଜଗନ୍ନାଥ ସଂସ୍କୃତି ଜାଗରଣ ପରିଷଦ ଦ୍ୱାରା ସ୍ୱରବ୍ରହ୍ମ ଉପାଧି ପାଇଥିଲେ।

## ସମ୍ମାନ

୨୦୧୫ରେ ସେ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ବିଭୂଷିତ ହୋଇଥିଲେ। ଜୀବନବ୍ୟାପୀ ଅବଦାନ ନିମନ୍ତେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୨୦୦୪ରେ ଜୟଦେବ ପୁରସ୍କାର ପାଇଥିଲେ। ସେହିପରି ୨୦୦୬ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ, ୨୦୦୯ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ସାରଳା ସମ୍ମାନ, ୧୯୭୭ରେ ଚଳଚ୍ଚିତ୍ର ଜଗତ ସମ୍ମାନ, ନିତାଇ ପାଲିତ ସମ୍ମାନ, ବାଣୀଚିତ୍ର ସମ୍ମାନ, ୨୦୧୧ରେ ଫିଟ୍‌ଫାଟ୍ ବାଇସ୍କୋପ୍ ସମ୍ମାନ, ଅନମୋଲ ସଙ୍ଗୀତ ନିର୍ଦ୍ଦେଶକ ସମ୍ମାନ, କଳିଙ୍ଗ ପ୍ରତିଭା ସମ୍ମାନ, ମାୟାଧର ମାନସିଂହ ଶତବାର୍ଷିକୀ ସମ୍ମାନ, ରାଜଧାନୀ ଗୌରବ ସମ୍ମାନ, ସ୍ୱର୍ଣ୍ଣ ସଞ୍ଜୀବନୀ ସମ୍ମାନ, ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ସମ୍ମାନ, ପରମ୍ପରା ସମ୍ମାନ, କାଦମ୍ବିନୀ ଭଳି ବହୁ ସମ୍ମାନର ଅଧିକାରୀ ହୋଇଥିଲେ।



ମୃତ୍ୟୁଖବର ଶୁଣିବା ପରେ ସତ୍ୟନଗର ବାସଭବନରେ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତଙ୍କ ସହ ଅନ୍ୟମାନେ।

# ଡାକ୍ତରଙ୍କୁ ଯମଦଣ୍ଡ



ସାଉଁଟା କାହାଣୀ
ପ୍ରଫୁଲ୍ଲ କର

ଯମରାଜାଙ୍କୁ ଭାଳେଣି ପଡ଼ିଯାଇଛି। ଯମପୁରରେ ଜଣେ ହେଲେ ଯମଦୂତ ନାହାନ୍ତି। କେତେଦିନ ହେଲାଣି ମର୍ତ୍ତ୍ୟକୁ ଯାଇ କେହିଜଣେ ହେଲେ ଫେରୁନାହାନ୍ତି। ଯେଉଁମାନଙ୍କ ଯମପୁରକୁ ଆସିବାର ବେଳ ହୋଇନି, ଅର୍ଥାତ୍ ଚିତ୍ରଗୁପ୍ତ ଯାହାର ପାଞ୍ଜି ପୋଛିନାହାନ୍ତି, ସେ ମଣିଷଗୁଡ଼ାକ ଅସମୟରେ ଆସି ଯମପୁରରେ ପହଞ୍ଚିଯାଉଛନ୍ତି। ହେଲେ ଯେଉଁମାନଙ୍କ ପାଞ୍ଜିପୋଛା ସରିଲାଣି, ସେ ମଣିଷଗୁଡ଼ାକ ବହୁ ବିଳମ୍ବରେ ପହଞ୍ଚୁଛନ୍ତି। ହଠାତ୍ ଯମପୁରରେ ଏ ପ୍ରକାର ସବୁ ନିୟମ ଓଲଟାପାଲଟା ହୋଇଯାଉଥିବା ଦେଖି ଯମରାଜା ଖୋଦ୍ ମର୍ତ୍ତ୍ୟପୁରକୁ ମଣିଷ ଶରୀର ଧାରଣ କରି ଗଲେ ତଦନ୍ତ କରିବା ପାଇଁ।

ଯମରାଜ ମଣିଷ ରୂପରେ ଯମଦୂତମାନଙ୍କୁ ବହୁତ ଖୋଜିଖୋଜି ହଠାତ୍ ଠାବ କଲେ ଯେ, ଯମଦୂତଗୁଡ଼ାକ ସବୁ ମର୍ତ୍ତ୍ୟରେ ଡାକ୍ତର ହୋଇ ଭିନ୍ନ ଭିନ୍ନ ହସ୍ପିଟାଲ, ନର୍ସିଂହୋମ୍, କ୍ଲିନିକ୍‌ଗୁଡ଼ିକରେ ପୂରାଦମ୍‌ରେ କାମରେ ଲାଗିଯାଇଛନ୍ତି। ଏହାଦେଖି ଯମରାଜାଙ୍କର ମୁଣ୍ଡ ଚକ୍କର ଖାଇଗଲା। ମନେମନେ ବହୁ ଚିନ୍ତା କରି ମଧ୍ୟ ଜାଣିପାରିଲେ ନାହିଁ ଯେ, ଏ ଯମଦୂତଗୁଡ଼ାକ କେତେବେଳେ ଡାକ୍ତରୀପାଠ ପଢ଼ି କେମିତି ଡାକ୍ତର ଚାକିରି ପାଇଗଲେ ବୋଲି। ଏ ରହସ୍ୟ ଜାଣିବା ପାଇଁ ଯମରାଜା ଯମଦୂତମାନଙ୍କୁ ଭେଟି ମଣିଷ ରୂପରେ ନିଜର ଅସଲ ପରିଚୟ ଦେଇ ପଚାରିଲେ, ''ତୁମେମାନେ ତ ଯମପୁରର ନୌକର, ହେଲେ ମର୍ତ୍ତ୍ୟରେ କେମିତି ଡାକ୍ତର ହୋଇ ଏଠି ଚାକିରି କରିଗଲ ? ତୁମ ସମସ୍ତଙ୍କୁ ଏଇ ମୁହୂର୍ତ୍ତରେ ଯମଦୂତ କାର୍ଯ୍ୟରୁ ଡିସ୍‌ମିସ୍ କରିବି''। ଯମରାଜାଙ୍କ କ୍ରୋଧ ଦେଖି ଯମଦୂତଗୁଡ଼ାକ ଗୋଟାପଣେ ଥରି ଥରି କହିଲେ, ''ମହାରାଜ, ଆପଣ କ୍ରୋଧ କଲେ ଆମେ କୁଆଡ଼େ ଯିବୁ ? ଚିତ୍ରଗୁପ୍ତଙ୍କଠାରୁ ତାଲିକା ନେଇ ଆମେ ଏ ମର୍ତ୍ତ୍ୟଲୋକଙ୍କ ବେକରେ କାଳଫାଶ ପକାଉଥିଲେ ମଧ୍ୟ ବଡ଼ବଡ଼ ଡାକ୍ତରମାନେ ତାଙ୍କୁ ଖସାଇ ଦେଉଛନ୍ତି। ଡାକ୍ତରମାନେ ବଡ଼ବଡ଼ ଡାକ୍ତରଖାନା କରି କୋରାମିନ୍, ଡେକାଡ୍ରନ୍ ପରି ଇଞ୍ଜେକ୍ସନ ଏବଂ ଆଇସିୟୁ, ଭେଣ୍ଟିଲେଟର ଇତ୍ୟାଦି ନୂଆ ନୂଆ ବୈଜ୍ଞାନିକ କୌଶଳ ପ୍ରୟୋଗ କରି ସେମାନଙ୍କୁ ଆମ ଫାଶରୁ ଖସାଇ ନେଉଛନ୍ତି। ଆମେ ଭକୁଆ ହୋଇ ଖାଲି ଚାହିଁ ରହିଛୁ। ଯମପୁରକୁ ଆସାମୀମାନଙ୍କୁ ନେବାର କୋଟା ପୂରଣ ନ ହେଲେ ଚିତ୍ରଗୁପ୍ତ ଆମ ଚାକିରି ନେଇଯିବେ ବୋଲି ବହୁଥର ଧମକ ଦେଲେଣି। ତେଣୁ ଆମ କ'ଣ କରିବୁ କିଛି ବୁଝିପାରୁନୁ। ଡାକ୍ତର ଏବଂ ଆମ ଭିତରେ ରୋଗୀକୁ ନେଇ ଦଉଡ଼ି ଭିଡ଼ା ଖେଳ ପରି ବଳ କଷାକଷି ଚାଲିଛି।'' ଯମଦୂତଙ୍କ କଥାଶୁଣି ଯମରାଜା କହିଲେ, ''ମର୍ତ୍ତ୍ୟର କୌଣସି ମଣିଷ ମର୍ତ୍ତ୍ୟକୁ ଛାଡ଼ି ଯିବାକୁ ଆଦୌ ଚାହାନ୍ତି ନାହିଁ। ତେଣୁ ସେମାନେ ଡାକ୍ତରମାନଙ୍କୁ ଚଳନ୍ତି ଠାକୁର ବୋଲି ମାନି ବଞ୍ଚି ରହିବା ପାଇଁ ଡାକ୍ତରଙ୍କ ଶରଣ ପଶନ୍ତି ଏବଂ ଡାକ୍ତର ଯଦି ସେମାନଙ୍କୁ ଶରଣ ଦେଇ ବଞ୍ଚେଇ ରଖିବାକୁ ଚେଷ୍ଟା କରୁଛନ୍ତି, ତେବେ ତାହା ତ ଅତି ପୁଣ୍ୟ କାର୍ଯ୍ୟ। ଏଥିରେ ତୁମେମାନେ କାହିଁକି ବ୍ୟସ୍ତ ହେଉଛ ?'' ଯମଦୂତମାନେ କହିଲେ, ''ଡାକ୍ତରମାନେ ଯାହା ପୁଣ୍ୟ କରୁଛନ୍ତି ବୋଲି ଆପଣ କହିଲେ, ସେକଥା ଥରେ ଆପଣ ନିଜ ଆଖିରେ ଦେଖିଲେ ବୁଝିପାରିବେ। କେତେଜଣ ଆଙ୍ଗୁଠିରେ ଗଣିଦେଲା ଭଳିଆ ଡାକ୍ତରଙ୍କୁ ଛାଡ଼ିଦେଲେ, ବାକିସବୁ ଡାକ୍ତର, କଳାବଜାରୀଙ୍କ ପରି କୋଟିପତି ହେବାର ନିଶାରେ ବୁଡ଼ି ରହିଛନ୍ତି। ଥରେ ବଡ଼ ନର୍ସିଂହୋମ୍ କିମ୍ବା ହସ୍ପିଟାଲରେ ବଡ଼ବଡ଼ ଡାକ୍ତରଙ୍କ ଜାଲରେ ପଡ଼ିଲେ, ରୋଗୀଜଣକ ଆରୋଗ୍ୟ ହେଉ ବା ନ ହେଉ ତା'ର ଘରଦ୍ୱାର, ଜମିବାଡ଼ି, ଗହଣାଗାଣ୍ଠି ସର୍ବସ୍ୱ ଡାକ୍ତରଖାନାର ଯଜ୍ଞକୁଣ୍ଡରେ ଆହୁତି ହୋଇଯାଏ। ବାଘ ଖାଇବାଠାରୁ ବାଘ ଘୋଷରା ଦୁଃଖେ ଆହୁରି ବଳିପଡ଼େ। ଡାକ୍ତରମାନଙ୍କ ଏ କର୍ମକୁ ଯଦି ଆପଣ ପୁଣ୍ୟକର୍ମ ବୋଲି ଆଖ୍ୟାଦେବେ, ତେବେ ଆମେ ଏ ଯମଦୂତ ଚାକିରିରୁ ଇସ୍ତଫା ଦେଇ ଫେରିଯିବୁ।'' ଏ କଥା ଶୁଣି ଯମରାଜ ଗମ୍ଭୀର ହୋଇଯାଇ କହିଲେ, ''ମଣିଷମାନଙ୍କ ପାଇଁ ଦେବସଦୃଶ ଡାକ୍ତରମାନେ ଏବେ ରକ୍ଷକ ପରିବର୍ତ୍ତେ ଭକ୍ଷକ ହୋଇଯାଇଥିବା ଶୁଣି ମୁଁ ପ୍ରଚଣ୍ଡ ମର୍ମାହତ। ତେବେ ଏସବୁ କଥା ଜାଣି ତୁମେମାନେ କାହିଁକି ଏବେ ଡାକ୍ତର ହୋଇଯାଇଛ ଏବଂ କୋଉ ପାଠପଢ଼ି କେମିତି ଡାକ୍ତର ହୋଇପାରିଲ ?''

ଯମଦୂତମାନେ କହିଲେ, ''ଏବେ ମର୍ତ୍ତ୍ୟରେ ଶିକ୍ଷାବେପାରୀମାନେ କଲେଜ, ୟୁନିଭର୍ସିଟି ଇତ୍ୟାଦି ସଂସ୍ଥା ଖୋଲି କୋଟି କୋଟି ଟଙ୍କାର ମାଲିକ ହୋଇ ବସିଛନ୍ତି। ଆମେ ଆମର ସୁନାମୁଦି, ଚେନ୍, ବଳା ଇତ୍ୟାଦି ବିକି ଜଣେ ଶିକ୍ଷା ବେପାରୀଙ୍କ ମେଡିକାଲ କଲେଜରେ ନାମ ଲେଖାଇଲୁ। ଥରେ ନାଁ ଲେଖା ହୋଇଗଲେ ବିନା ପାଠପଢ଼ାରେ ସେ କଲେଜରୁ ଡିଗ୍ରୀଟିଏ ମିଳିଯାଏ। ସେଠାରୁ ଯେଉଁମାନେ ଡାକ୍ତରୀ ଡିଗ୍ରୀଧରି ବାହାରନ୍ତି, ସେମାନେ ସାମାନ୍ୟ ଇଞ୍ଜେକ୍ସନ୍‌ଟିଏ ମଧ୍ୟ ଦେଇ ଶିଖି ନ ଥାନ୍ତି। ବ୍ଲଡ଼୍‌ପ୍ରେସର ମେଶିନ କିମ୍ବା ଷ୍ଟେଥୋ ବ୍ୟବହାର ମଧ୍ୟ ଜାଣନ୍ତି ନାହିଁ। କିନ୍ତୁ ସେମାନେ ଡାକ୍ତର ବୋଲି ତାଙ୍କ ନାଁ ପଛରେ ଡିଗ୍ରୀ ଲାଗିଯାଏ। ଯୋଉ ରୋଗୀମାନେ ସେପରି ଡାକ୍ତରମାନଙ୍କ ପାଖକୁ ଚିକିତ୍ସା ପାଇଁ ଯାଆନ୍ତି, ସେମାନଙ୍କର ୧୦ ବର୍ଷର ଆୟୁଷ ଦଶଦିନରେ ସରିଯାଏ। ତେଣୁ ମଣିଷଗୁଡ଼ାଙ୍କର ଏମିତି ଅକାଳରେ ଯମପୁରରେ ପହଞ୍ଚିବା ଦେଖି ଚିତ୍ରଗୁପ୍ତ ଆମ ଉପରେ ପ୍ରଚଣ୍ଡ ଖପ୍ପା। ସେଥିପାଇଁ ମଣିଷମାନଙ୍କୁ ଯେତେବେଳେ ସେ ଅପାଠୁଆ ଡାକ୍ତରଙ୍କ ପାଖକୁ ଯିବାପାଇଁ ଆମେ ସାଧାରଣ ମଣିଷ ରୂପ ଧାରଣ କରି ବାରଣ କଲୁ, ସେତେବେଳେ ସେ ଡାକ୍ତରମାନଙ୍କ ଦଲାଲମାନଙ୍କଠାରୁ ନିର୍ଘୂମ ମାଡ଼ ଖାଇଲୁ। ତେଣୁ ଏବେ ଏ ଜାଲ୍ ଡିଗ୍ରୀ ଧରି ଆମେମାନେ ଜଣେ ଜଣେ ଡାକ୍ତର ସାଜି ରୋଗୀମାନଙ୍କୁ ଗୁପ୍ତରେ ନିବର୍ତ୍ତାଇ ଏ ଅପାଠୁଆ ଡାକ୍ତରଙ୍କ କବଳରୁ ରକ୍ଷା କରି ଲାଗିଛୁ।''

ଯମଦୂତମାନଙ୍କ ମୁହଁରୁ ଡାକ୍ତରମାନଙ୍କ ଏପରି ଅମାନୁଷିକ କାର୍ଯ୍ୟ କଥା ଶୁଣି ଯମରାଜା ସେ ସବୁ ନିଜେ ତଦାରଖ କରିବା ପାଇଁ ବାହାରିପଡ଼ିଲେ। ଉଦୁଉଦିଆ ଖରାରେ ଡାକ୍ତରଖାନା, ନର୍ସିଂହୋମ୍ ଇତ୍ୟାଦି ବୁଲିବୁଲି ତଦାରଖ କରୁକରୁ ହଠାତ୍ ସେ ବେହୋସ୍ ହୋଇ ପଡ଼ିଗଲେ। ଏ କଥା ଦେଖି ଯମଦୂତମାନେ ସାଙ୍ଗେସାଙ୍ଗେ ଆମ୍ବୁଲାନ୍ସ ଡକାଇ ଯମରାଜାଙ୍କୁ ସହରର ସବୁଠାରୁ ବଡ଼ ଡାକ୍ତରଖାନା ଏବଂ ବଡ଼ ଡାକ୍ତରଙ୍କ ପାଖକୁ ନେଇଗଲେ। ଯମରାଜା ପିନ୍ଧିଥିବା ବେଶ ପରିପାଟୀ ଏବଂ ଅମୂଲ୍ୟ ସୁନାଗହଣା ସବୁ ଦେଖି ଡାକ୍ତର ଜାଣିପାରିଲେ ଯେ, ରୋଗୀଟା ବଡ଼ ମାଲ୍‌ଦାର ଲୋକ। ତେଣୁ ସାଙ୍ଗେସାଙ୍ଗେ ଡାକ୍ତରବାବୁ ତାଙ୍କୁ ମାଲଦାରିଆ ଚିକିତ୍ସା ଆରମ୍ଭ କରିଦେଲେ। ଯମରାଜାଙ୍କୁ ପ୍ରଥମେ ଆଇସିୟୁରେ ରଖିଦେଇ ତାଙ୍କର ନଖଠୁ ଚୂଳ ପର୍ଯ୍ୟନ୍ତ ସବୁ ପରୀକ୍ଷା ଆରମ୍ଭ କରିଦେଲେ। ସବୁପ୍ରକାରର ରକ୍ତ ପରୀକ୍ଷା, ସବୁପ୍ରକାରର ମଳମୂତ୍ର ପରୀକ୍ଷା, ଇସିଜି, ଇକୋ-କାର୍ଡିଓଗ୍ରାମ୍, ଚେଷ୍ଟ ଏକ୍ସ-ରେ, ବ୍ରେନ୍ ଏକ୍ସ-ରେ, ସିଟି ସ୍କାନିଂ, ଏମ୍‌ଆର୍‌ଆଇ, ଏଣ୍ଡୋସ୍କୋପି, ଅଲ୍‌ଟ୍ରାସାଉଣ୍ଡ, ନିଉକ୍ଲିୟର ମେଡିସିନ୍ ଟେଷ୍ଟ, ନ୍ୟୁରୋଲୋଜିକାଲ୍ ଟେଷ୍ଟ ଇତ୍ୟାଦି ଯାବତୀୟ ପରୀକ୍ଷା କରିସାରି ଡାକ୍ତର କହିଲେ, ''ସବୁ ପରୀକ୍ଷା ରିପୋର୍ଟ ଠିକ୍ ଅଛି, ଅଂଶୁଘାତ ପାଇଁ ସେ ବେହୋସ ହୋଇଯାଇଥିଲେ। ତଥାପି ତାଙ୍କୁ ୧୫ଦିନ ନର୍ସିଂହୋମ୍‌ରେ ଅବଜରଭେଶନରେ ରଖାଯିବ''। ଯମରାଜା ଦେଖିଲେ ସେତେବେଳକୁ ସେ ପିନ୍ଧିଥିବା ସବୁ ଅଳଙ୍କାର ବିକ୍ରି ହୋଇଗଲାଣି। ତେଣୁ ସେ ଆଉ ୧୫ଦିନ ନର୍ସିଂହୋମ୍‌ରେ ନ ରହି ଦିନେ ରାତିଅଧିଆ ଉଭାନ୍ ହୋଇଯାଇ ଯମପୁରକୁ ଫେରିଆସିଲେ। ଯମପୁରରେ ପହଞ୍ଚି ଯମରାଜା ଚିତ୍ରଗୁପ୍ତଙ୍କୁ ଡାକି ଆଦେଶ ଦେଲେ ଯେ, ନର୍କପୁରୀରେ ଭିନ୍ନ ଭିନ୍ନ ପାପ ପାଇଁ ଯେତେ ଦଣ୍ଡର ବ୍ୟବସ୍ଥା ହୋଇଛି, ସେ ସବୁଠାରୁ ଅଧିକ ଭୟଙ୍କର ଏବଂ ଜଘନ୍ୟ ଦଣ୍ଡ ଦେବା ପାଇଁ ଗୋଟିଏ ନୂଆ କୋଠରି ଖୋଲାଯିବ, ଯେଉଁଠି କେବଳ ବିଶ୍ୱାସଘାତକତା କରି ମଣିଷଙ୍କ ରକ୍ତ ଶୋଷୁଥିବା ଦାନବରୂପୀ ଡାକ୍ତରମାନଙ୍କୁ ଦଣ୍ଡିତ କରାଯିବ।

୬୦, ସତ୍ୟନଗର, ଭୁବନେଶ୍ୱର, ଫୋନ୍:୨୫୭୫୬୭୮

**('ଧରିତ୍ରୀ'ର ସମ୍ପାଦକୀୟ ପୃଷ୍ଠାରେ ୨୦୧୨ ଡିସେମ୍ବର ୧୨ରେ ପ୍ରକାଶିତ ପ୍ରଫୁଲ୍ଲ କରଙ୍କ 'ସାଉଁଟା କାହାଣୀ' ସ୍ତମ୍ଭର ଅନ୍ୟତମ ଶ୍ରେଷ୍ଠ ଲେଖାକୁ ତାଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଉଛି)**

### ପ୍ରଥମ ଚଳଚ୍ଚିତ୍ର 'ମମତା'ର ସମସ୍ତ ଗୀତ ହିଟ୍ ହୋଇଥିଲା



ପ୍ରଫୁଲ୍ଲ କରଙ୍କ ଦେହାନ୍ତ କଥା ବିଶ୍ୱାସ କରି ହେଉନି। ତାଙ୍କ ଗୀତ ଶୁଣିବା ପରେ ମତେ ଲାଗିଲା ଯେ, ଖୁବ ସୁନ୍ଦର ଜଣେ ଓଡ଼ିଆ ଶିଳ୍ପୀ ଆଗକୁ ଆସିଲେ। ୧୯୭୩ରେ ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ମମତା'ର ସମସ୍ତ ଗୀତ ହିଟ୍ ହୋଇଥିଲା। ତାଙ୍କ ଅବର୍ତ୍ତମାନରେ ସମସ୍ତେ ତାଙ୍କୁ ଝୁରିବେ। ତାଙ୍କ ବିୟୋଗ ସମସ୍ତଙ୍କ ପାଇଁ ଅପୂରଣୀୟ କ୍ଷତି।

- ଲକ୍ଷ୍ମୀକାନ୍ତ ପାଲିତ

### ସଙ୍ଗୀତ ଜଗତର ଦ୍ୱିତୀୟ ସ୍ତମ୍ଭ ଭୁଶୁଡ଼ି ପଡ଼ିଲା



ସଙ୍ଗୀତ ଜଗତର ସେ ଦ୍ୱିତୀୟ ସ୍ତମ୍ଭ ଆଜି ଭୁଶୁଡ଼ି ପଡ଼ିଲା। ସେ ଦେଖାଇଥିବା ବାଟରେ ଆମେ ଗତି କରୁଛୁ। ତାଙ୍କଠାରୁ ବହୁତ କିଛି ଶିଖିବା ଏବଂ ଶୁଣିବା ବାକି ରହିଗଲା। ଜଣେ କବି, ସାହିତ୍ୟିକ, ଗାୟକ ଏବଂ ସ୍ତମ୍ଭକାର ଭାବେ ତାଙ୍କର ଅନେକ ସୁଖ୍ୟାତି ରହିଛି। ଓଡ଼ିଆ ଗୀତ ରହିଁବା ଯାଏ ପ୍ରଫୁଲ୍ଲ କର ଅମର ରହିବେ।

- ଅଭିଜିତ ମଜୁମଦାର

### ଦେଶର ଜଣେ ବଡ଼ ସଙ୍ଗୀତଜ୍ଞ ଆମକୁ ଛାଡ଼ି ଚାଲିଗଲେ



ଦେଶର ଜଣେ ବଡ଼ ସଙ୍ଗୀତଜ୍ଞ ଆମକୁ ଛାଡ଼ି ଚାଲିଗଲେ। ସେ ଯାହା ଭଲପାଇବା ବାଣ୍ଟି ଯାଇଛନ୍ତି ତାହା ଆମ ପାଖରେ ସବୁଦିନ ପାଇଁ ଅଭୁଲା ସ୍ମୃତି ହୋଇରହିବ।

- ଅଭିଜିତ ମିଶ୍ର

### ତାଙ୍କ ଭଳି ବ୍ୟକ୍ତିତ୍ୱ ଆଉ ଥରେ ଜନ୍ମ ନେବା କଷ୍ଟକର



ପ୍ରଫୁଲ୍ଲ କରଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ବିରାଟ କ୍ଷତି। ତାଙ୍କ ଭଳି ଏକାଧିକ ଗୁଣର ଅଧିକାରୀ ବ୍ୟକ୍ତିତ୍ୱ ଆଉ ଥରେ ଜନ୍ମ ନେବା କଷ୍ଟକର। ସଙ୍ଗୀତ ଜଗତ ପାଇଁ ତାଙ୍କର ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ।

- ଦିଲ୍ଲୀପ ହାଲି

"ଗଣତନ୍ତ୍ରର ସୁଫଳ ହେଲା- ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ। ଗଣତନ୍ତ୍ରର କୁଫଳ ହେଲା- ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ। -ଶ୍ରୀଅରବିନ୍ଦ

# ଈଶ୍ୱରପ୍ପା ହେଲେ ଈଶ୍ୱର

ଭାରତୀୟ ବ୍ୟବସ୍ଥାରେ ଦୁର୍ନୀତି ଏକ ଅଂଶ ହୋଇଯାଇଛି। ଦୀର୍ଘବର୍ଷ ଶାସନ କରୁଥିବା କଂଗ୍ରେସର ଦୁର୍ନୀତିକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଭାରତୀୟ ଜନତା ପାର୍ଟି (ଭାଜପା) କ୍ଷମତାକୁ ଆସିଥିଲା। ଏବେ ଭାଜପା ସ୍ୱଚ୍ଛ ନୁହେଁ ବୋଲି ସଦ୍ୟ ମିଳିଥିବା ଏକ ପ୍ରମାଣରୁ ଜଣାପଡ଼ିଛି। ନିକଟରେ କର୍ନାଟକ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ କେ. ଏସ୍. ଈଶ୍ୱରପ୍ପାଙ୍କ ଇସ୍ତଫା ସେହି ଦଳକୁ ମଧ୍ୟ କାଦୁଅରେ ଫିଙ୍ଗି ଦେଇଛି। ଗୁଜରାଟ ବ୍ୟବସାୟୀ ନୀତିନ ସନ୍ଦେସରା ୫,୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଭାରତ ଛାଡ଼ି ଫେରାର ହୋଇଯାଇଥିବା ଖବର ନିକଟରେ ପ୍ରକାଶ ପାଇଛି। ହେଲେ ଇସ୍ତଫା ଦେଇଥିବା ଈଶ୍ୱରପ୍ପା ବ୍ୟବସାୟୀ ନୀତିନଙ୍କ ଭଳି ଭାଜପା ସମର୍ଥିତ ଗୁଜରାଟୀ ଠେକର ଈଶ୍ୱର ଭାବେ ଆବିର୍ଭୂତ ହେଲା ଭଳି ମନେହେଉଛି। କର୍ନାଟକର ଠିକାଦାର ସନ୍ତୋଷ ପାଟିଲଙ୍କ ଆତ୍ମହତ୍ୟା ଓ ପରେ ମନ୍ତ୍ରୀ କେ. ଏସ୍. ଈଶ୍ୱରପ୍ପାଙ୍କ ଇସ୍ତଫା ଜଣାଇଦେଇଛି ଭାଜପା ସରକାରର ଆଭ୍ୟନ୍ତରୀଣ ବାସ୍ତବତା। 'ଭାତହାଣ୍ଡିରୁ ଗୋଟିଏ ଟିପିଲା' ଭଳି ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ଦିଆଯାଉଥିବା ଠିକାଦାରି କାର୍ଯ୍ୟରେ କଣ୍ଟ୍ରାକ୍ଟରଙ୍କଠାରୁ ୪୦ ପ୍ରତିଶତ କମିଶନ ନିଆଯିବା ଯେଭଳି ଏକ ବିଧି କରି ଦିଆଯାଇଛି। କର୍ନାଟକ ରାଜ୍ୟ ଠିକାଦାର ସଂଘ (କେଏସ୍‌ସିଏ) ରାଜ୍ୟର ସରକାରୀ କାର୍ଯ୍ୟରେ ପର୍ଯ୍ୟାପ୍ତ ଲାଞ୍ଚ ମଗାଯାଉଥିବା ବିଷୟ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଗତବର୍ଷ ଜୁଲାଇରେ ଏକ ଚିଠି ଲେଖିଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ, ୪୦ ପ୍ରତିଶତ କମିଶନ ଦିଆ ନ ଗଲେ କଣ୍ଟ୍ରାକ୍ଟରଙ୍କ କାର୍ଯ୍ୟ ବିଲ୍‌ରେ ସରକାରୀ ଅଧିକାରୀମାନେ ଦସ୍ତଖତ କରୁନାହାନ୍ତି। ନିର୍ଦ୍ଦିଷ୍ଟ କାର୍ଯ୍ୟ ଲାଗି ବିଧାୟକଙ୍କଠାରୁ ବିଭାଗୀୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲାଞ୍ଚ ନେଉଥିବା ବିଷୟ ଠିକାଦାର ସଂଘ ପ୍ରଧାନମନ୍ତ୍ରୀଙ୍କୁ ଜଣାଇବା ଏକ କ୍ଷୁଦ୍ର ବିଷୟ ନୁହେଁ। ପ୍ରଧାନମନ୍ତ୍ରୀଙ୍କୁ ଜଣାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଓଡ଼ିଆରେ ଢଗ ଅଛି-'ଖଙ୍କୁରି ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ'। ନିଜ ଉପରେ ଆର୍ଥିକ ବୋଝ ପଡ଼ିବାରୁ ଠିକାଦାର ସନ୍ତୋଷ ପାଟିଲ ଯେତେବେଳେ ଆତ୍ମହତ୍ୟା କଲେ ଦୁର୍ନୀତିରେ ଅନେକ ବ୍ୟକ୍ତିଙ୍କ ସମ୍ପୃକ୍ତି ବିଷୟରେ ବହୁତ କଥା ଜଣାପଡୁଛି। କମିଶନ ମାଗିବା ବିଷୟକୁ କର୍ନାଟକ ଗ୍ରାମୀଣ ବିକାଶ ମନ୍ତ୍ରୀ ଈଶ୍ୱରପ୍ପା ଅସ୍ୱୀକାର କରିଥିଲେ ମଧ୍ୟ ପାଟିଲଙ୍କ ଆତ୍ମହତ୍ୟା ସୂଚାଇ ଦେଇଛି ଯେ ସେଠାରେ କେଉଁ ଧରଣର ଦୁର୍ନୀତି ଚାଲିଛି। ଦୀର୍ଘବର୍ଷ ପରେ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କହିଥିଲେ ଯେ, କେନ୍ଦ୍ରରୁ ଦିଆଯାଉଥିବା ପ୍ରତି ଟଙ୍କାକୁ ମାତ୍ର ୧୫ ପଇସା ହିତାଧିକାରୀ ପାଉଥାଆନ୍ତି। ଇତିମଧ୍ୟରେ ଅନେକ ବର୍ଷ ବିତିଗଲାଣି ଓ ମୁଦ୍ରାସ୍ଫୀତି ପ୍ରବଳ ଭାବେ ପ୍ରଭାବିତ ହୋଇଛି, ଯେଉଁଥିପାଇଁ ପିସି ପହଞ୍ଚିଲାଣି ୪୦ ପ୍ରତିଶତରେ। ଦୁର୍ଭାଗ୍ୟର କଥା ଯେ, ଜଣେ ଠିକାଦାରଙ୍କ ଆତ୍ମହତ୍ୟା ପରେ ହିଁ ଏହା ଏକ ଜନବ୍ୟାପୀ ସମସ୍ୟା ସୃଷ୍ଟି କରିପାରେ। ଉଦାହରଣ ସ୍ୱରୂପ, ଓଡ଼ିଶାରେ ୧୫ରୁ ୧୮ ପ୍ରତିଶତ ପିସି ସାଧାରଣରେ ନିଆଯାଇଥାଏ। ତେଲ ଦର ବୃଦ୍ଧି ଭଳି ଏବେ କର୍ନାଟକରେ ପିସି ବିଷୟରେ ଜଣାପଡ଼ିବା ପରେ ଅନ୍ୟସବୁ ରାଜ୍ୟରେ ମଧ୍ୟ ଏହାର ପ୍ରତିଶତ ବୃଦ୍ଧି ପାଇବାର ସବୁ ସମ୍ଭାବନା ରହିଛି। ଲୋଭୀ ଅଧିକାରୀମାନେ ଅଧିକ ପ୍ରତିଶତ ମାଗିବା ଯଥାର୍ଥ ବୋଲି ଭାବିବେ। ଏବେ ୪୦ ପ୍ରତିଶତ କମିଶନ ଯଦି ଉପର ସ୍ତରକୁ ଯିବା ଲାଗି ଅଲିଖିତ ବିଧି କରାଯାଇଥିବ, ତେବେ ଗଡ଼ାଯାଉଥିବା ଭିତ୍ତିଭୂମି କେତେ ସୁଦୃଢ଼ ହେବ ତାହା ଆକଳନ କରିହେବ। ଏମିତି ଦେଖିଲେ ଓଡ଼ିଶାରେ ପିସିର ପରିମାଣ କର୍ନାଟକ ତୁଳନାରେ ଯଥେଷ୍ଟ କମ୍ ଥିବା ସତ୍ତ୍ୱେ ଏଠାରେ ମଧ୍ୟ ବ୍ରିଜ୍ ଗଳିପଡ଼ିବା ଏକ ଜଣାଶୁଣା କଥା ହୋଇପଡ଼ିଲାଣି। ଈଶ୍ୱରପ୍ପାଙ୍କ କାର୍ଯ୍ୟକଳାପ ଭାଜପା ପ୍ରଶାସନର କାର୍ଯ୍ୟକଳାପକୁ ପଦାରେ ପକାଇ ଦେଇଛି। ଏହା ମଧ୍ୟ ଲୋକଲୋଚନକୁ ଆସିପାରି ନ ଥାଆନ୍ତା ଯଦି ଠିକାଦାର ସନ୍ତୋଷ ପାଟିଲ ଆତ୍ମହତ୍ୟା କରି ନ ଥାଆନ୍ତେ। 'ସ୍ୱଚ୍ଛ ଭାରତ' ଓ 'ନୂତନ ଭାରତ' ବିଷୟରେ ଭାଜପା ବାରମ୍ବାର କହିଆସୁଛି। କେନ୍ଦ୍ରୀୟ ନେତୃତ୍ୱଙ୍କ ନିଷ୍ପତ୍ତି ଅନୁଯାୟୀ ଈଶ୍ୱରପ୍ପା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଈଶ୍ୱରପ୍ପା ସିନା ଧରାପଡ଼ିଗଲେ, କିନ୍ତୁ ଦୁର୍ନୀତି ଚେର ବହୁ ଗଭୀରକୁ ଯାଇଥିବ। ଏଠାରେ ମନେରଖିବାକୁ ହେବ ଯେ, ଜଣେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦୁର୍ନୀତି କରିବା ସମ୍ଭବପର ନୁହେଁ। ପ୍ରଶାସନିକ ବ୍ୟବସ୍ଥାକୁ ଉପରୁ ଦୁର୍ନୀତିଗ୍ରସ୍ତ କରାଯାଇପାରିଲେ ତାହାର ପ୍ରତିଫଳନ ଈଶ୍ୱରପ୍ପାଙ୍କ ଭଳି ଲୋକଙ୍କ ପାଖରେ ଦେଖିବାକୁ ମିଳିଛି। ଏଥିସହିତ ଏହା ମଧ୍ୟ ବୁଝିବାକୁ ହେବ ଯେ, ପ୍ରଶାସନିକ ବ୍ୟବସ୍ଥାକୁ ଅମଲାତନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କେହି ସମ୍ପୂର୍ଣ୍ଣ ଭାବେ ବୁଝିପାରିବେ ନାହିଁ। ବିଶେଷକରି କ୍ଷଣସ୍ଥାୟୀ ରାଜନେତାଙ୍କ ସେଭଳି ଗଭୀରତା ସୃଷ୍ଟି ହେବା ସମ୍ଭବପର ନୁହେଁ। ଏହି ଦିଗରୁ ଦେଖିଲେ ଈଶ୍ୱରପ୍ପାଙ୍କ ଆଢୁଆଳରେ ତାଙ୍କ ବିଭାଗୀୟ ସଚିବ ଓ ଯନ୍ତ୍ରୀଙ୍କଠାରୁ ଆରମ୍ଭକରି କର୍ନାଟକ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ରୀତିମତ ସକ୍ରିୟ ସହଯୋଗ ଏବଂ ଭାଗ ନିଶ୍ଚିତ ଭାବେ ଥିବ। ନଚେତ୍ ଦୁର୍ନୀତି କରିବା ସମ୍ଭବପର ନୁହେଁ।

ଏମିତି ଦେଖିଲେ ଓଡ଼ିଶାରେ ପିସିର ପରିମାଣ କର୍ନାଟକ ତୁଳନାରେ ଯଥେଷ୍ଟ କମ୍ ଥିବା ସତ୍ତ୍ୱେ ଏଠାରେ ମଧ୍ୟ ବ୍ରିଜ୍ ଗଳିପଡ଼ିବା ଏକ ଜଣାଶୁଣା କଥା ହୋଇପଡ଼ିଲାଣି।

# ନାଗରିକ ଅଧିକାର ପାଇଁ ଏକ ବିପଜ୍ଜନକ ବିଲ୍



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଅଭିଯୁକ୍ତଙ୍କ ଚିହ୍ନଟ ନାଁରେ କେନ୍ଦ୍ରର ମୋଦି ସରକାର ଇତିମଧ୍ୟରେ ଏକ ବିପଜ୍ଜନକ ବିଲ୍ ଆଣିଛନ୍ତି। ଗତ ମାର୍ଚ୍ଚ ୨୮ରେ 'ଦଣ୍ଡ ପ୍ରକ୍ରିୟା (ଚିହ୍ନଟ) ବିଲ୍ ୨୦୨୨' ବା "Criminal Procedure (Identification) Bill, 2022" ନାମରେ ପରିଚିତ ଏହି ବିଲ୍‌କୁ ସର୍ବପ୍ରଥମେ ଲୋକ ସଭାରେ ଆଗତ କରାଯାଇଥିଲା। ପରେ ଗତ ଏପ୍ରିଲ ୪ରେ ପ୍ରଥମେ ଲୋକ ସଭାରେ ଏବଂ ତା'ର ଦୁଇ ଦିନ ପରେ ରାଜ୍ୟ ସଭାରେ ସରକାର ଏହାକୁ ଗୃହୀତ କରାଇବାରେ ସକ୍ଷମ ହୋଇଛନ୍ତି। ଏହି ବିଲ୍ ଫଳରେ ଦେଶର ସାଧାରଣ ଜନତାଙ୍କ ମାନବିକ ଅଧିକାର ଓ ସାମ୍ବିଧାନିକ ଅଧିକାର ଖୋଲାଖୋଲି ଉଲ୍ଲଂଘନ ହେବାକୁ ଯାଉଥିବାରୁ କେବଳ ୱାଇଏସ୍‌ଆର୍ କଂଗ୍ରେସକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିରୋଧୀ ଦଳ ନିଜର ବିରୋଧ ପ୍ରକଟ କରିବା ଦେଖାଯାଇଛି। ତେବେ ସରକାର ସଂସଦୀୟ ପରମ୍ପରା ଅନୁଯାୟୀ ବିଲ୍‌କୁ ଆଗତ କରିବା ପୂର୍ବରୁ ତା'ଉପରେ ସର୍ବସାଧାରଣଙ୍କ ମତାମତ ପାଇଁ କୌଣସି ଆହ୍ୱାନ କରିନାହାନ୍ତି। ବରଂ ସଂସଦରେ ନିଜର ସଂଖ୍ୟାଗରିଷ୍ଠତା ବଳରେ ବିରୋଧୀ ଦଳଙ୍କ ପ୍ରତିବାଦକୁ ଅଣଦେଖା କରି ବାଚନିକ ଭୋଟରେ ଏହାକୁ ଗୃହୀତ କରାଇବା ସହ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଇ ଦେଇଛନ୍ତି। ତେବେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ଥରେ ଏହା ଆଇନରେ ପରିଣତ ହୋଇଗଲେ ଦେଶର ସାଧାରଣ ଜନତାଙ୍କ ମାନବିକ ଅଧିକାର ଅଧିକ ସଙ୍କୁଚିତ ହେବା ସହ ରାଷ୍ଟ୍ର ଓ ସରକାରକୁ ଅଧିକ ଶକ୍ତି ପ୍ରଦାନ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ପୂର୍ବରୁ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦମନ କରିବାକୁ ତଥା ସେମାନଙ୍କ ଉପରେ ସରକାରୀ ନଜରଦାରିକୁ ବଢ଼ାଇବା ପାଇଁ ବ୍ରିଟିଶ ଉପନିବେଶବାଦୀ ଶାସକମାନେ ବନ୍ଦୀ ଚିହ୍ନଟ ଆଇନ-୧୯୨୦ର ପ୍ରଣୟନ କରିଥିଲେ। ଏଥିରେ କୌଣସି ଅଭିଯୁକ୍ତର ଫଟୋ, ଆଙ୍ଗୁଠି ଓ ପାପୁଲିର ଛାପ ସଂଗ୍ରହ କରିବାକୁ ପୋଲିସକୁ କ୍ଷମତା ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଗୃହୀତ ବର୍ତ୍ତମାନର ବିଲ୍‌ଟି ଆଇନରେ ପରିଣତ ହେଲେ, ୧୯୨୦ର ଆଇନର ସ୍ଥାନ ଅକ୍ତିଆର କରିବ। କିନ୍ତୁ ପରିତାପର ବିଷୟ ହେଲା, ସ୍ୱାଧୀନତାର ୭୫ ବର୍ଷ ପରେ ସରକାର ଖୋଦ୍ ନିଜ ନାଗରିକଙ୍କ ବିରୋଧରେ ହିଁ ବ୍ରିଟିଶମାନେ ଆଣିଥିବା ଆଇନଠାରୁ ଆହୁରି କଠୋର ଆଇନ ପ୍ରୟୋଗ କରିବାକୁ ଚାହୁଁଛନ୍ତି। ପୁରୁଣା ଆଇନ ତୁଳନାରେ ଏଥିରେ ନାଗରିକମାନଙ୍କ ଅଧିକ ବ୍ୟକ୍ତିଗତ ତଥ୍ୟକୁ ସଂଗ୍ରହ କରାଯିବାର ବ୍ୟବସ୍ଥା ରହିବା ସହିତ କମ୍ ପ୍ରତିଷେଧକ ବ୍ୟବସ୍ଥା ରହିଛି। ଏଥିରେ ଯେକୌଣସି ଗିରଫ କିମ୍ବା ଅଟକ ରହିଥିବା ବ୍ୟକ୍ତି ଅଥବା ଦଣ୍ଡ ପାଇଥିବା ବ୍ୟକ୍ତିର ଆଙ୍ଗୁଠିର ଛାପ ଓ ପାଦର ଛାପଠାରୁ ଆରମ୍ଭ କରି ଆଖିର ରେଟିନାର ସ୍କାନ୍, ଜୈବିକ ନମୁନା ସଂଗ୍ରହ, ଶରୀରର ମାପ ଏବଂ ଅନ୍ୟ ବ୍ୟକ୍ତିଗତ ତଥ୍ୟକୁ ସଂଗ୍ରହ କରିବାକୁ ତଥା ୭୫ ବର୍ଷ ପର୍ଯ୍ୟନ୍ତ ସଂରକ୍ଷିତ ରଖିବାକୁ ପୋଲିସ ଓ ଜେଲ ଅଧିକାରୀଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ପୂର୍ବ ଆଇନରେ ଜଣେ ସବ୍‌ଇନ୍‌ସପେକ୍ଟର କିମ୍ବା ଜେଲ ଅଧିକାରୀ ନମୁନା ନେବାର ବ୍ୟବସ୍ଥା ରହିଥିବା ବେଳେ ବର୍ତ୍ତମାନର ବିଲ୍‌ରେ ହେଡ୍ କନଷ୍ଟେବଲ ଅଥବା ଜେଲର ହେଡ୍ ୱାର୍ଡେନଙ୍କୁ ଏଥିପାଇଁ କ୍ଷମତା ପ୍ରଦାନ କରାଯାଇଛି।

ଉଦ୍‌ବେଗର କଥା ହେଲା, ବିଲ୍‌ର ଧାରା ୩ରେ ଚିହ୍ନଟ କରିବାକୁ ଥିବା ବ୍ୟକ୍ତିର ସଂଜ୍ଞାକୁ ଅଧିକ ବ୍ୟାପକ କରି ଅଧିକ ଲୋକଙ୍କୁ ତା'ର ପରିସରଭୁକ୍ତ କରାଯାଇଛି। ବର୍ତ୍ତମାନର ଆଇନରେ ପୋଲିସ କେବଳ ଅଭିଯୁକ୍ତ, ଜାମିନ ପାଇଥିବା ଦୋଷୀ ଏବଂ ଜଘନ୍ୟ ଅପରାଧରେ ଦଣ୍ଡ ପାଇଥିବା ବ୍ୟକ୍ତିଙ୍କର ହିଁ ତଥ୍ୟ ସଂଗ୍ରହ କରୁଥିବା ବେଳେ ସଂଶୋଧିତ ଆଇନରେ ପୂର୍ବରୁ ଦଣ୍ଡ ପାଇଥିବା ଲୋକଙ୍କର ବି ତଥ୍ୟ ସଂଗ୍ରହ କରିପାରିବ ବୋଲି କୁହାଯାଇଛି। ଏହାବ୍ୟତୀତ କୌଣସି ମାମଲାରେ ଗିରଫ ହୋଇଥିବା ବ୍ୟକ୍ତି ଏପରିକି ସିଆର୍‌ପିସିର ଧାରା ୧୧୭ ଅନ୍ତର୍ଗତ ଶାନ୍ତି ବଜାୟ ରଖିବା ପାଇଁ ଭଲ ବ୍ୟବହାରର ପ୍ରତିଶ୍ରୁତିରେ ଜାମିନ ନେଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ବି ଏହି ବ୍ୟବସ୍ଥା ଲାଗୁହେବ ବୋଲି କୁହାଯାଇଛି। କେବଳ ମହିଳା ଓ ଶିଶୁମାନଙ୍କ ବିରୋଧରେ ହୋଇଥିବା ଆପରାଧିକ ମାମଲାକୁ ଛାଡ଼ି ଅନ୍ୟ ଯେଉଁସବୁ ମାମଲାରେ ସାତ ବର୍ଷରୁ କମ୍ ଦଣ୍ଡର ବ୍ୟବସ୍ଥା ରହିଛି, ତା'ର ଅଭିଯୁକ୍ତମାନେ ହିଁ ନିଜର ଜୈବିକ ନମୁନା ଦେବାକୁ ମନା କରିପାରିବେ ବୋଲି କୁହାଯାଇଛି। ରାଜ୍ୟଗୁଡ଼ିକ ଦ୍ୱାରା ସଂଗୃହୀତ ଉପରୋକ୍ତ ତଥ୍ୟକୁ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ନିକଟରେ ରଖାଯିବ ଏବଂ ତାକୁ ସଂରକ୍ଷିତ ରଖିବା ଅଥବା ନଷ୍ଟ କରିବାର କ୍ଷମତା ବ୍ୟୁରୋ ପାଖରେ ରହିବ ବୋଲି କୁହାଯାଇଛି।

ବିଲ୍‌ର ଧାରା -୫ରେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି। କେବଳ ସେ ହିଁ ଜଣେ ବ୍ୟକ୍ତିକୁ ଚିହ୍ନଟ ପାଇଁ ନିଜର ନମୁନା ଦେବାକୁ ନିର୍ଦ୍ଦେଶ ଦେଇପାରିବେ ବୋଲି କୁହାଯାଇଛି। ଅପରାଧ ଯେତେ ଛୋଟ ହୋଇଥିଲେ ବି ଅଥବା କୌଣସି ଅପରାଧରେ ସମ୍ପୃକ୍ତି ନେଇ ପ୍ରଥମ ଦୃଷ୍ଟିରେ ପ୍ରମାଣ (Prime Facie Evidence) ନଥିଲେ ବି ମାଜିଷ୍ଟ୍ରେଟ ନିଜର ଇଚ୍ଛାମତେ ଜଣେ ବ୍ୟକ୍ତିକୁ ଚିହ୍ନଟ କରିବା ପାଇଁ ତା'ର ଦେହର ନମୁନା ଦେବାକୁ ବାଧ୍ୟ କରିପାରନ୍ତି। ଜାତୀୟ ଆଇନ କମିଶନଙ୍କ ୮୭ତମ ରିପୋର୍ଟରେ ମଧ୍ୟ ବିଲ୍‌ର ଏହି ଧାରା - ୫କୁ ନେଇ ଆଶଙ୍କା ପ୍ରକଟ କରାଯାଇଛି।

ବିଲ୍‌ର ଧାରା-୬ରେ ପୋଲିସ ଜଣେ ବ୍ୟକ୍ତିର ଦେହର ଜୈବିକ ନମୁନାକୁ ବଳପୂର୍ବକ ସଂଗ୍ରହ କରିବାକୁ ଆଇନସମ୍ମତ କରିଦିଆଯାଇଛି। ଏହା ସମ୍ବିଧାନର ଧାରା ୨୦(୩)ରେ ପ୍ରଦତ୍ତ ଆତ୍ମ ଦୋଷାରୋପ ବିରୋଧୀ ଅଧିକାରକୁ ଉଲ୍ଲଂଘନ କରୁଛି। ୧୯୨୦ର ଆଇନକୁ ଉଚ୍ଛେଦ କରି ଏହି ବିଲ୍ ଆଣିବା ପଛରେ ସରକାରଙ୍କ ଯୁକ୍ତି ହେଲା ଯେ ଗତ ୧୦୨ ବର୍ଷ ମଧ୍ୟରେ ଅପରାଧର ପ୍ରକୃତିରେ ଅନେକ ପରିବର୍ତ୍ତନ ଆସିଛି, ଅତଏବ ଆଇନରେ ସଂଶୋଧନ ଜରୁରୀ। ତେଣୁ ପୋଲିସ ପାଖରେ ଅପରାଧୀ ଅଥବା ଅଭିଯୁକ୍ତମାନଙ୍କ ସବୁ ପ୍ରକାରର ଡାଟା ଉପଲବ୍ଧ ହେବା ଦରକାର। ଏହାଦ୍ୱାରା ଅପରାଧର ତଦନ୍ତ କରିବା ଏବଂ ପ୍ରମାଣ ଯୋଗାଡ଼ କରିବା କୁଆଡ଼େ ସହଜ ହୋଇଯିବ। କିନ୍ତୁ ଅପରାଧୀମାନଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଆଳରେ ସରକାରଙ୍କ ଏହିଭଳି ପଦକ୍ଷେପ ପ୍ରକୃତରେ ନାଗରିକ ସ୍ୱାଧୀନତା ଉପରେ ଆକ୍ରମଣ ବୋଲି କୁହାଯାଇପାରେ। ଏହାପୂର୍ବରୁ ବି ଆତଙ୍କବାଦର ମୁକାବିଲା, ଦେଶର ସୁରକ୍ଷା ନାଁରେ ତଥା ବଳାତ୍କାର ପରି ଜଘନ୍ୟ ଅପରାଧକୁ ରୋକିବା ନାଁରେ ଅନେକ କଠୋର ଆଇନ ତିଆରି ହୋଇଛି। କିନ୍ତୁ ତାହାଦ୍ୱାରା ଦେଶରେ ନା ଅପରାଧର ହାର କମିଛି ନା ଅପରାଧୀଙ୍କ ମନରେ ଭୟ ସୃଷ୍ଟି ହୋଇଛି।

ଚିହ୍ନଟ ନାଁରେ ଅପରାଧୀ ଓ ଅନ୍ୟ ଅଭିଯୁକ୍ତମାନଙ୍କ ଶରୀରର ଜୈବିକ ନମୁନା ସଂଗ୍ରହ କରିବା ଏବଂ ତାକୁ ସାଇତି କରିବାର ଏହି ପ୍ରକ୍ରିୟାଟି ଦେଶର ସମ୍ବିଧାନର ଧାରା ୧୪,୧୯ ଓ ୨୧ରେ ଦିଆଯାଇଥିବା ମାନବିକ ଅଧିକାର ଓ ନାଗରିକ ସ୍ୱାଧୀନତା ଅଧିକାରର ବିରୁଦ୍ଧାଚରଣ କରୁଛି। ଏହା ସହିତ ଆମ ଦେଶରେ କୌଣସି ଡାଟା ସୁରକ୍ଷା ଆଇନ ନ ଥିବାରୁ ସରକାରଙ୍କ ଦ୍ୱାରା ନାଗରିକଙ୍କ ଡାଟା ସୁରକ୍ଷାକୁ ନେଇ ଘୋର ସନ୍ଦେହ ରହିଛି। କାରଣ ଭୁଲ ହାତରେ ପଡ଼ିଲେ ତା'ର ଭୟଙ୍କର ଦୁରୁପଯୋଗ ହେବାର ସମ୍ଭାବନା ରହିଛି। କୌଣସି ବ୍ୟକ୍ତି ବିରୋଧରେ ସାଇବର ଅପରାଧ ପାଇଁ ବି ଏହାର ବ୍ୟବହାର ହେବାର ସମ୍ଭାବନା ରହିଛି। ଡାଟା ସୁରକ୍ଷାର ଯେଉଁ ଚିନ୍ତା ଅତୀତରେ ଆଧାର କାର୍ଡ ଓ ଆରୋଗ୍ୟ ସେତୁ ଆପ୍ ନେଇ ବିଶେଷଜ୍ଞମାନେ ବ୍ୟକ୍ତ କରୁଥିଲେ, ସେହି ଏକା ଚିନ୍ତା ଏହି ବିଲ୍‌କୁ ନେଇ ରହିଛି।

କେବଳ ଅପରାଧୀ ନୁହନ୍ତି, ପ୍ରତିଷେଧମୂଳକ ଅଟକ ହେଉଥିବା ବ୍ୟକ୍ତି ଏପରିକି କେବଳ ସନ୍ଦେହର ଆଧାରରେ ଜଣେ ନାଗରିକର ଶାରୀରିକ ଓ ଅନ୍ୟ ବ୍ୟକ୍ତିଗତ ତଥ୍ୟକୁ ସଂଗ୍ରହ କରାଯିବାର ଯେଉଁ ବ୍ୟବସ୍ଥା ବିଲ୍‌ରେ ରହିଛି, ତାହା ଅତ୍ୟନ୍ତ ବିପଜ୍ଜନକ। ବିଲ୍‌ର ଅପବ୍ୟବହାରରୁ ଜଣେ ବ୍ୟକ୍ତି ନିଜକୁ ସୁରକ୍ଷିତ ରଖିବାକୁ ବିଲ୍‌ରେ କୌଣସି ପ୍ରତିଷେଧକ ବା ଚେକ୍ ଆଣ୍ଡ ବାଲାନ୍ସର ବ୍ୟବସ୍ଥା ନାହିଁ। ଏହି କାରଣରୁ ଦଣ୍ଡ ପ୍ରକ୍ରିୟା ସଂହିତାରେ ଯେଉଁ ସଂଶୋଧନ ହେଉଛି, ତାରି ଫଳରେ ତା'ର ଦୁରୁପଯୋଗ ବଢ଼ିବ ବୋଲି ବିରୋଧୀ ଦଳମାନେ ଏବଂ ସଂସଦ ବାହାରେ ଦେଶର ଅନେକ ପ୍ରତିଷ୍ଠିତ ଓକିଲ, ଆଇନ ବିଶାରଦ ଏବଂ ମାନବିକ ଅଧିକାର ସଙ୍ଗଠନ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ସରକାର ଏନେଇ ଯାହା ବି ସ୍ପଷ୍ଟୀକରଣ ଦିଅନ୍ତୁ, ଖୋଦ୍ ସରକାରଙ୍କ ଦ୍ୱାରା ନିଜର ରାଜନୈତିକ ବିରୋଧୀଙ୍କୁ ଦମନ କରିବା ପାଇଁ ଏହାର ଯେ ବ୍ୟବହାର ନ ହେବ ତା'ର କୌଣସି ଗ୍ୟାରେଣ୍ଟି ନାହିଁ।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଭବିଷ୍ୟତରେ ଏହି ଆଇନର ଯେପରି ଅପବ୍ୟବହାର ନ ହେବ, ସେଥିପାଇଁ ଉଦ୍ୟମ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। କିନ୍ତୁ ତାଙ୍କ ସରକାରଙ୍କ ଟ୍ରାକ୍ ରେକର୍ଡ ହିଁ ଏହାର ବିପରୀତ କଥା କହୁଛି। ତାଙ୍କ ସରକାର ସମୟରେ ହିଁ ରାଜନୈତିକ ବିରୋଧୀମାନଙ୍କୁ ଦମନ ପାଇଁ କେନ୍ଦ୍ରୀୟ ଏଜେନ୍ସିମାନଙ୍କ ଅପପ୍ରୟୋଗ ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ଦେଶରେ ୟୁଏପିଏ, ରାଜଦ୍ରୋହ ଆଦି କଳା ଆଇନର ସର୍ବାଧିକ ଦୁରୁପଯୋଗ କରାଯାଇଛି। ୨୦୧୬-୧୯ ମଧ୍ୟରେ କେବଳ ୟୁଏପିଏ ଆଇନ ବଳରେ ୫ ହଜାରରୁ ଊର୍ଦ୍ଧ୍ୱ ମକଦ୍ଦମା ପଞ୍ଜୀକୃତ ହୋଇଥିବା ବେଳେ ୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଛି। ଅଥଚ ଉପରୋକ୍ତ ମାମଲାଗୁଡ଼ିକରେ କେବଳ ୨.୨% ଅଭିଯୁକ୍ତ ଦଣ୍ଡିତ ହୋଇଛନ୍ତି। ସେହିପରି ୨୦୧୪-୨୧ ମଧ୍ୟରେ ଦେଶରେ ରାଜଦ୍ରୋହ ମାମଲା ସଂଖ୍ୟା ପ୍ରତିବର୍ଷ ୨୮% ହାରରେ ବୃଦ୍ଧି ପାଇବା ଦେଖିବାକୁ ମିଳିଛି। ଏହା ସହିତ ଦେଶରେ ସରକାରଙ୍କ ନୀତି ସହ ଭିନ୍ନମତ ପୋଷଣ କରୁଥିବା ରାଜନେତା, ସାମ୍ବାଦିକ, ଲେଖକ, ସାମାଜିକ କର୍ମୀ ଓ ମାନବିକ ଅଧିକାର କର୍ମୀଙ୍କ ପ୍ରତିଷେଧମୂଳକ ଅଟକ ସଂଖ୍ୟା ମଧ୍ୟ ଲଗାତର ବୃଦ୍ଧି ପାଇବାରେ ଲାଗିଛି। କଶ୍ମୀରରୁ ୩୭୦ ଉଚ୍ଛେଦର ପରେ ଏବଂ ସିଏଏ ବିରୋଧୀ ଆନ୍ଦୋଳନ ସମୟରେ ଦେଶରେ ସର୍ବାଧିକ ଲୋକଙ୍କୁ ମାସ ମାସ ଧରି ପ୍ରତିଷେଧମୂଳକ ଅଟକ ଦେଖିବାକୁ ମିଳିଛି। 'ଫ୍ରି ସ୍ପିଚ୍ କଲେକ୍ଟିଭ' ସଂସ୍ଥାର ରିପୋର୍ଟ ଅନୁଯାୟୀ ଗତ ଦଶ ବର୍ଷ ମଧ୍ୟରେ ଦେଶରେ ଭିନ୍ନମତ ପାଇଁ ୧୫୪ ସାମ୍ବାଦିକଙ୍କୁ ଅଟକ କିମ୍ବା ଗିରଫ କରାଯାଇଛି। କେବଳ ୨୦୨୦ରେ ୬୭ ଜଣଙ୍କୁ ଅଟକ ରଖାଯାଇଛି। ଅତଏବ ଏଭଳି ପରିସ୍ଥିତିରେ ପ୍ରସ୍ତାବିତ ଆଇନର ଦୁରୁପଯୋଗ ଯେ ହେବ ନାହିଁ, ସେନେଇ ଗୃହମନ୍ତ୍ରୀଙ୍କ ଆଶ୍ୱାସନାକୁ କିପରି ବା ବିଶ୍ୱାସ କରାଯାଇପାରିବ!

ମୋ -୯୪୩୭୧୬୬୩୯୧

# ଆମ ପରିବେଶ, ଆମ ଆଧାର



ବିମଳ ପ୍ରସନ୍ନ ଦାସ

ଆଜିର ଶିଳ୍ପପ୍ରଧାନ ସଭ୍ୟତାର ପ୍ରକୃତିର ଅତୁଳନୀୟ ଅବଦାନକୁ ମଣିଷ ଏପରି ଅକ୍ଷମଣୀୟ ଭାବେ ପ୍ରଦୂଷିତ କରିଚାଲିଛି ଯେ ପରିବେଶ ପ୍ରଦୂଷଣ ଏବେ ଆତଙ୍କବାଦ ଓ ମାଓବାଦ ଅପେକ୍ଷା ଭୟଙ୍କର ବିପଦ ଭାବରେ ଉଭା ହୋଇଛି। ଫଳରେ ଲୋକମାନେ ଅସ୍ୱାଭାବିକ ଭାବରେ ବିଭିନ୍ନ ବେମାରିରେ ଶଢୁଛନ୍ତି। ବିଶେଷତଃ ଶ୍ୱାସଜନିତ ରୋଗରୁ ସତେଯେପରି ଆଉ ନିସ୍ତାର ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଆମ ଦେଶର ରାଜଧାନୀ ଦିଲ୍ଲୀ ନଗରୀ। ସକଳ ପ୍ରତିକାରକୁ ପଛରେ ପକାଇ ପ୍ରଦୂଷଣ ପରିବେଶକୁ ସମ୍ପୂର୍ଣ୍ଣ କାବୁ କରିନେଇଛି। ନିକଟରେ ଇଣ୍ଟରନ୍ୟାଶନାଲ ଫୁଡ୍ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ଆଇଏଫପିଆରଆଇ) ଏକ ଅନୁଧ୍ୟାନରୁ ଜଣାପଡିଛି ଯେ ଉତ୍ତରଭାରତର ତିନି ରାଜ୍ୟ ଦିଲ୍ଲୀ, ପଞ୍ଜାବ ଓ ହରିୟାଣା ପ୍ରଭାବିତ ହୋଇଛି। ଅନେକ କାରଣ ମଧ୍ୟରୁ ଯାହା ଅନ୍ତତଃ ଅକ୍ଳେଶରେ ପ୍ରତିଷେଧ କରାଯାଇପାରନ୍ତା। ସେଥିପାଇଁ ସାମାନ୍ୟ ମାନସିକ ପ୍ରସ୍ତୁତିର ଅଭାବ ପ୍ରକୃତିରେ ବିସ୍ମୟକର। ସେ କାରଣ ଯେତିକି ମାମୁଲି ତା'ର ନିରାକରଣ ମଧ୍ୟ ସେତିକି ନଗଣ୍ୟ। ଚାଷୀ ଧାନ ଫସଲ ବା ଗହମ ଜମିରୁ କାଟି ନେଲା ପରେ ତା'ର ମୂଳି ବା ନଡ଼ାରେ ନିଆଁ ନ ଲଗାଇ ଛାଡି ଦେଲେ ବର୍ଷାରେ ସେ ପଚିଶଢି ଜମିରେ ସାର ହୋଇପାରନ୍ତା, ମାତ୍ର ଚାଷୀର ବିଶ୍ୱାସ ଯେ ସେ ସବୁ ପୋଡି ପାଉଁଶ ହେଲେ ସାର ହୋଇ ଜମି ଉର୍ବର ହେବ, ଫଳରେ ଧୂଆଁ ହିଁ ପରିବେଶର ମୁଖ୍ୟ କାରଣ। ଯାହାଦ୍ୱାରା ଶ୍ୱାସ ସମେତ ବିଭିନ୍ନ ବ୍ୟାଧି ସୃଷ୍ଟି କରୁଛି। ମାତ୍ର ଆମ ରାଜ୍ୟରେ ଧାନଜମିରେ ଘଞ୍ଚ କଂକ୍ରିଟ ଜଙ୍ଗଲ। ରାସ୍ତା ପାଇଁ ଶହଶହ ଗଛ କଟାଯାଉଛି। ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମଣିଷକୁ ସ୍ମାର୍ଟ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ହେଲେ ତା'ର ଦୁରୁପଯୋଗ ହେଉଥିବାରୁ ମଣିଷ ପାଇଁ ବିପଦ ସୃଷ୍ଟି କଲାଣି। ଅତ୍ୟଧିକ ଖାଦ୍ୟଶସ୍ୟ ଉତ୍ପାଦନ ଦିଗରେ ବହୁ ପରିମାଣରେ ରାସାୟନିକ ସାର ବ୍ୟବହାର ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରୁଛି। ସେଥିପାଇଁ ବୈଜ୍ଞାନିକ ଓ ଗବେଷକମାନେ ଜୈବିକ ଖତ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏହା ବ୍ୟୟ ସାପେକ୍ଷ ହେତୁ ଚାଷୀ ଗ୍ରହଣ କରୁନାହିଁ। ସୁତରାଂ ଦିନକୁ ଦିନ ଆମେ ଅସାଧ ରୋଗରେ ଆକ୍ରାନ୍ତ ହେଉଛେ। ଅବଶ୍ୟ ଏ ଦିଗରେ ଓଡ଼ିଶାର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଏଠାର କୃଷକ ନଡ଼ାରେ ଘର ଛପର କରେ। ଗାଈ ଗୋରୁଙ୍କୁ ଖାଇବାକୁ ଦିଏ ଏବଂ ଗୋବର ଦେଇ ଜମିକୁ ଉର୍ବର କରି ଶସ୍ୟ ଉତ୍ପାଦନ କରେ। କିନ୍ତୁ ଦିଲ୍ଲୀ, ହରିୟାଣା ଓ ପଞ୍ଜାବ ରାଜ୍ୟଗୁଡ଼ିକରେ ବାୟୁ ପ୍ରଦୂଷଣ ହେତୁ ବିଭିନ୍ନ ରୋଗ ବିଶେଷତଃ ଶ୍ୱାସ ରୋଗ ସମ୍ପର୍କରେ ସୁପ୍ରିମକୋର୍ଟ ମଧ୍ୟ ଉଦ୍‌ବେଗ ପ୍ରକାଶ କରି ଉପରୋକ୍ତ ରାଜ୍ୟରେ ନଡ଼ା ଜମିରେ ନ ପୋଡ଼ିବା ଉପରେ ବାରମ୍ବାର ତାଗିଦ କରିଥିଲେ ମଧ୍ୟ କୌଣସି ଗୁରୁତ୍ୱ ଦିଆ ନ ଯିବା ଦୁଃଖର କଥା। କିନ୍ତୁ ବାୟୁ ପ୍ରଦୂଷଣଜନିତ ରୋଗ ବ୍ୟାପିବା ହେତୁ ସେହି କୃଷକ ପରିବାର ସମେତ ଅନ୍ୟ ଲୋକ ଶାରୀରିକ ଓ ଆର୍ଥିକ ଦୃଷ୍ଟିରୁ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ସମସ୍ୟା ପ୍ରତି ସମ୍ପୃକ୍ତ ସରକାର ଓ ଜନସାଧାରଣ ସମ୍ବେଦନଶୀଳ ହୋଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି ନିର୍ଦ୍ଦିଷ୍ଟ ଯୋଜନାବଦ୍ଧ ଉଦ୍ୟମ ଯଥାଶୀଘ୍ର ଗ୍ରହଣ କରିବା ଅପରିହାର୍ଯ୍ୟ। ଏ ଦିଗରେ ବଳନ୍ଧ ହିଁ ନିଜ ବେକରେ ନିଜର ଛୁରିକା ଆଘାତ।

ଏବେ ଆସନ୍ତୁ ଦେଖିବା ଆମ ରାଜ୍ୟର ବେଳାଭୂମି ଓ ପରିବେଶ ସମସ୍ୟାର ଚିତ୍ର, ଓଡ଼ିଶାର ଦୁର୍ଲଭ ପ୍ରାକୃତିକ ସମ୍ପଦ ମଧ୍ୟରେ ରହିଛି ସୁଦୀର୍ଘ ବେଳାଭୂମି। ପ୍ରାଚୀନ ଓ ମଧ୍ୟଯୁଗରେ ଏହି ବେଳାଭୂମିରେ ଗଢ଼ି ଉଠିଥିଲା ଅନେକ ବନ୍ଦର। ଏହି ବନ୍ଦରଗୁଡ଼ିକ ନଦୀ ମୁହାଣରେ ଅବସ୍ଥିତ ଥିଲା। ନଦୀପଥରେ ଓଡ଼ିଶାର ଅଭ୍ୟନ୍ତର ଅଞ୍ଚଳରୁ ପଣ୍ୟଦ୍ରବ୍ୟ ଅନାୟାସରେ ବନ୍ଦରଗୁଡ଼ିକରେ ପହଞ୍ଚି ପାରୁଥିଲା। ଓଡ଼ିଶାର ସାଧବମାନେ ବୋଇତରେ ତାକୁ ଦରିଆପରି ଦେଶକୁ ନେଇ ଅସରନ୍ତି ଧନଦଉଲତ ଆଣି ଓଡ଼ିଶାକୁ ସମୃଦ୍ଧ କରୁଥିଲେ। ମାତ୍ର ସ୍ୱାଧୀନତା ପରେ ବେଳାଭୂମିର କାଳବେଳା ସମାଗତ ହେଲା। ହଜାର ହଜାର ବାଂଲାଦେଶୀ ବେଳାଭୂମି ଜବର ଦଖଲ କରିବାକୁ ଲାଗିଲେ, ଲୁଣାଜଙ୍ଗଲ, ହେନ୍ତାଳବଣ କାଟି ନିଜର ଘରବାରି, ଚାଷଜମି କରି ଜବରଦଖଲ କଲେ। ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନର ବିରୋଧ ରହିଲା ନାହିଁ। କ୍ରମଶଃ ସେମାନେ ସ୍ଥାୟୀ ବାସିନ୍ଦା ବନିଗଲେ ଓ ଭୋଟର ତାଲିକାରେ ମଧ୍ୟ ନାମ ଦରଜ କରାଇନେଲେ ଏବଂ ତାଙ୍କୁ ସମସ୍ତ ସାହାଯ୍ୟ ସହଯୋଗ କଲେ। ଏପରିକି ରାଜନୈତିକ ଚାପରେ ପଡି ଉପରୋକ୍ତ ଅନୁପ୍ରବେଶକାରୀଙ୍କୁ ପଦାଧିକାରୀମାନେ ନାଗରିକ ଭାବରେ ଗ୍ରହଣ କରିନେଲେ। ଫଳରେ ଅଧିକରୁ ଅଧିକ ଅନୁପ୍ରବେଶକାରୀ ମାଡ଼ିଆସିଲେ ଓ ହେନ୍ତାଳବଣ, ଲୁଣା ଜଙ୍ଗଲ କାଟି ଧାନଚାଷ ଓ ପାନ ବରଜ ପ୍ରଭୃତି କରି ମାଲାମାଲ ହେଲେ। ସେମାନେ ଅସଂଖ୍ୟ ଗୋରୁ, ମଇଁଷି ପୋଷି, ମାଛ ଧରି ନିଜ ନିଜର ସାମ୍ରାଜ୍ୟ ଅବାଧରେ ବିସ୍ତାର କରି ଚାଲିଲେ। ସେମାନେ ଓଡ଼ିଶାରେ ସରକାରୀ ଚାକିରି ପାଇଲେ। ସଂଘ ଗଠନ କରି ସରକାରଙ୍କୁ ଅଥୟ କଲେ। ଏକ ଅନୁଧ୍ୟାନ ସୂଚାଇଛି ଯେ ୭୫% ଲୁଣା ଜଙ୍ଗଲ ଯାହା ଆମର ପରିବେଶ ସୁରକ୍ଷାର ମେଘନାଦ ପାଚେରି ସଦୃଶ ଥିଲା ନଷ୍ଟଭ୍ରଷ୍ଟ ହୋଇଗଲା। ଚିଙ୍ଗୁଡ଼ିଚାଷ ପାଇଁ ପର୍ଯ୍ୟାପ୍ତ ଲୁଣା ଜଙ୍ଗଲ ଧ୍ୱଂସ ପାଇଲା। ଚାଷ ଜମିରେ ଅବାରିତ ଅଟ୍ଟାଳିକାର କଂକ୍ରିଟ ଜଙ୍ଗଲ ରାଜଧାନୀକୁ ବ୍ଲାଷ୍ଟଫର୍ନେସରେ ପରିଣତ କରିବାକୁ ବସିଲାଣି। ଚାଷଜମି ହ୍ରାସ ପାଉଛି। ଅନ୍ୟ ସହରରେ ସମଦଶା। ଏହାର ପରିଣାମ ସମଗ୍ର ରାଜ୍ୟ ଭୋଗୁଛି ଓ ଭୋଗ କରୁଥିବ ମଧ୍ୟ। ୧୯୯୯ର ମହାବତ୍ୟା, ଫାଇଲିନ୍, ହୁଡୁହୁଡୁ ପରି କେତେ ମହାବାତ୍ୟା ଏବଂ ମହାମାରୀ ଏ ରାଜ୍ୟର ପରିବେଶ ସନ୍ତୁଳନକୁ ଛାରଖାର କରିଦେଇଛି। ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଶିକ୍ଷା, ଗମନାଗମନ ଉପରେ ଏହାର ନକାରାତ୍ମକ ପ୍ରଭାବ ଅକଳନୀୟ। ଅନ୍ୟ ଦେଶ ଓ ରାଜ୍ୟ ବେଳାଭୂମି, ଜଙ୍ଗଲକୁ ଜାତୀୟ ସମ୍ପତ୍ତି ବିବେଚନା କରି ତା'ର ସୁରକ୍ଷା ପାଇଁ ସଚେତନ ଥିବାବେଳେ ଆମେ ପ୍ରକୃତିର ଦୁର୍ଲଭ ଅବଦାନକୁ ଢୋରିସ ବା ନିଅଂଶୀ ସମ୍ପତ୍ତି ବୋଲି ବିଚାର କରୁଥିବାରୁ ତା'ର ଅନିବାର୍ଯ୍ୟ ପରିଣାମ ଆମେ ହିଁ ଭୋଗୁଛୁ ଓ ଭୋଗିବା ମଧ୍ୟ।

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ସରକାରୀ ଯୋଜନାର ଉପଯୁକ୍ତ ଉପଯୋଗ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ଉତ୍ତରାଖଣ୍ଡ କ୍ୟାଡରର ଆଇଏଏସ୍ ଅଧିକାରୀ ଆର୍. ମୀନାକ୍ଷୀ ସୁନ୍ଦରମ୍। ସେ ବହୁ ବିଭାଗର ଦାୟିତ୍ୱରେ ଥାଇ ୬୦୦ କୋଟି ମୂଲ୍ୟର ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରି ରାଜ୍ୟରେ ୪.୫ ଲକ୍ଷ କୃଷକଙ୍କୁ ଯୋଡ଼ି ପାରିଛନ୍ତି। କୃଷକଙ୍କୁ ବିଭିନ୍ନ କ୍ଷେତ୍ରରେ ଲାଭ ପହଞ୍ଚାଇବା ସହ ରାଜ୍ୟରେ ଜୈବିକ କୃଷିରେ ଉନ୍ନତି ଆଣିପାରିଛନ୍ତି। ସେଓ ଚାଷରେ ବ୍ୟାପକ ଉନ୍ନତି ବ୍ୟତୀତ କୃଷକମାନଙ୍କୁ ଛତୁଚାଷ, ମସଲାଜାତୀୟ ଚାଷ, ଔଷଧୀୟ ବୃକ୍ଷରୋପଣ, ପରିବା ଆଦି ଚାଷ ପ୍ରତି ଆକୃଷ୍ଟ କରିଛନ୍ତି। କେବଳ ଏତିକି ନୁହେଁ, ପାହାଡ଼ିଆ ଅଞ୍ଚଳରେ ରହୁଥିବା ମହିଳାମାନଙ୍କୁ ପଶୁପାଳନରେ ନିୟୋଜିତ କରାଇଛନ୍ତି। ସୁନ୍ଦରମ୍ ପଶୁପାଳନ ବିଜ୍ଞାନରେ ଡିଗ୍ରୀ ହାସଲ କରିବା ପରେ ଆଲିମଲ ଜେନେଟିକ୍ସ ଆଣ୍ଡ୍ ବ୍ରିଡିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଆଇଏଏସ୍‌ରେ ଯୋଗ ଦେଇଥିବାରୁ ତାଙ୍କର କୃଷି ଓ ପଶୁପାଳନ ପ୍ରତି ଦୁର୍ବଳତା ରହିଛି ଓ ଏହାଦ୍ୱାରା ଆର୍ଥିକ ପରିବର୍ତ୍ତନ ଆଣିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ସୁନ୍ଦରମ୍।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଏପ୍ରିଲ ୧୯୯୭

- କାନାଡାର ଅଲିମ୍ପିକ ଚାମ୍ପିୟନ ଧାବକ ଡୋନୋଭାନ ବେଲେଙ୍କ ବିଶ୍ୱ ୧୦୦ ମିଟର ଦୌଡ଼ ରେକର୍ଡକୁ ସ୍ୱୀକୃତି ପ୍ରଦାନ।
- ଓଡ଼ିଶାର ବରପୁତ୍ର, ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ, ପ୍ରଖ୍ୟାତ ଜନପ୍ରିୟ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୮୧ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଧ୍ରୁବତାରାସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି
ବସନ୍ତ-ଫୁଲ କାନନୁ ତାହାର
ବହିଆସେ ସ୍ନେହ ପ୍ରୀତି
ସ୍ନିଗ୍ଧ ସୁନୀଳ ମୁକ୍ତ କବରୀ
ରହେ ଚିର ଦିନ ଗଗନ ଆବୋରି
ଗତିରେ ତାହାର ବାଜି ଉଠେ ଧୀରେ
ମୁଗ୍ଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 7 | |
| 7 | | 2 | | 6 | 1 | 9 | | |
| | 1 | | | | 8 | 3 | | |
| 6 | | 4 | | | | | | 3 |
| 5 | | | | 4 | 6 | | 2 | |
| 1 | | | | | | 7 | | |
| | | | 4 | 8 | | | 5 | 9 |
| 9 | | | | 2 | | | | |
| | | | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 3 | 6 | 2 | 4 | 5 | 8 | 1 |
| 1 | 8 | 4 | 5 | 7 | 9 | 6 | 2 | 3 |
| 5 | 2 | 6 | 1 | 8 | 3 | 7 | 4 | 9 |
| 6 | 4 | 9 | 8 | 3 | 5 | 1 | 7 | 2 |
| 3 | 5 | 2 | 4 | 1 | 7 | 9 | 6 | 8 |
| 8 | 7 | 1 | 2 | 9 | 6 | 3 | 5 | 4 |
| 9 | 3 | 8 | 7 | 5 | 2 | 4 | 1 | 6 |
| 4 | 1 | 7 | 9 | 6 | 8 | 2 | 3 | 5 |
| 2 | 6 | 5 | 3 | 4 | 1 | 8 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ସେବନ ପାଇଁ ପ୍ରସାଦାଳୟ ହେଉ

ମହାଶୟ,

ପତ୍ରପ୍ରେରକ ତିରୁପତି ଓ ଶିରିଡ଼ି ଯାଇଥିବା ବେଳେ ଏହି ଦୁଇ ଦେବ ସ୍ଥାନରେ ସହସ୍ରାଧିକ ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ପ୍ରସାଦାଳୟରେ ପ୍ରସାଦ ସେବନ କରୁଥିବାର ଦେଖିଥିଲା। ପାନୀୟଜଳ, ପରିବେଷଣ ତଥା ପରିବେଶ ଅତ୍ୟନ୍ତ ସନ୍ତୋଷ ପ୍ରଦାନ କରୁଥିଲା। ଶ୍ରୀମନ୍ଦିରର ଆନନ୍ଦ ବଜାର ଅବଢ଼ା ପରିବେଷଣ ତଥା ସେବନ ସେହିପରି ସ୍ୱତନ୍ତ୍ର ପ୍ରସାଦାଳୟରେ ଦେୟ ମୂଲ୍ୟ ସହିତ କରାଗଲେ ଏହା ଭଲ ହେବ ବୋଲି ବିଶ୍ୱାସ। ଶ୍ରୀମନ୍ଦିର ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ବିଚାର କରନ୍ତୁ।

-ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ହିମାଚଳରେ ହେବ ବିଶ୍ୱର ଦୀର୍ଘତମ ସୁଡ଼ଙ୍ଗ**

ହିମାଚଳପ୍ରଦେଶର ୧୬,୫୮୦ ଫୁଟ୍ ଉଚ୍ଚ ଶିଙ୍କୁ-ଲା ପାସ୍ ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ଲାହାଉଲ୍ ଉପତ୍ୟକା ମଧ୍ୟରେ ବିଶ୍ୱର ଦୀର୍ଘତମ ତଥା ଉଚ୍ଚତମ ସୁଡ଼ଙ୍ଗ ନିର୍ମାଣ ହେବାକୁ ଯାଉଛି। ୨୦୨୫ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେଲେ ହିମାଚଳ ଓ ଲଦାଖ ମଧ୍ୟରେ ସବୁଦିନିଆ ସଂଯୋଗ ହୋଇପାରିବ ବୋଲି ସୀମାନ୍ତ ସଡ଼କ ସଂଗଠନ (ବିଆର୍‌ଓ) ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଚୌଧରୀ କହିଛନ୍ତି। ଆଗାମୀ ଜୁଲାଇ କିମ୍ବା ଅଗଷ୍ଟରୁ ୧୬,୦୦୦ ଫୁଟ ଉଚ୍ଚରେ ନିର୍ମାଣ ହେବାକୁ ଥିବା ଶିଙ୍କୁ-ଲା ଟନେଲର ଦୈର୍ଘ୍ୟ ୪.୨୫ କିଲୋମିଟର।



## ସଂକ୍ଷେପରେ

### ଅଯୋଧ୍ୟା ଯିବେ ରାଜ ଠାକ୍‌ରେ



**ମୁମ୍ବାଇ, ୧୭।୪:** ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ ଠାକ୍‌ରେ ଜୁନ୍ ୫ରେ ଅଯୋଧ୍ୟା ଯାଇ ରାମଙ୍କ ଦର୍ଶନ କରିବେ ବୋଲି ରବିବାର ସୂଚନା ଦେଇଛନ୍ତି। କ୍ଷମତା ରାଜନୀତିରେ ରାଜ୍ୟବାସୀଙ୍କ ଦ୍ୱାରା ତିରସ୍କୃତ ହେବା ପରେ ରାଜ୍ ଭାଜପାକୁ ଅନୁସରଣ କରି ହିନ୍ଦୁତ୍ୱ ରାଜନୀତି ଆପଣାଇଛନ୍ତି। ସେ ମସ୍‌ଜିଦ୍‌ଗୁଡ଼ିକରେ ଲାଉଡ୍‌ସ୍ପିକର ବଜାଇବାକୁ ଘୋର ବିରୋଧ କରିଛନ୍ତି। ମେ ୩ ସୁଦ୍ଧା ମସ୍‌ଜିଦ୍‌ଗୁଡ଼ିକରୁ ଲାଉଡସ୍ପିକର ହଟା ନ ଗଲେ ହିନ୍ଦୁମାନେ ପ୍ରସ୍ତୁତ ହୋଇ ରୁହନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

### ଗୋରଖନାଥ ମନ୍ଦିର ଆକ୍ରମଣକାରୀଙ୍କ ଆଇଏସ୍ ଲିଙ୍କ୍

**ଲକ୍ଷ୍ନୌ, ୧୭।୪:** ଉତ୍ତରପ୍ରଦେଶର ଗୋରଖନାଥ ମନ୍ଦିର ପରିସରରେ ପୋଲିସ କର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ମୁର୍ତ୍ତାଜା ଆବାସିଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ (ୟୁଏପିଏ)ରେ ମାମଲା ରୁଜୁ ହେବା ସହ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆତଙ୍କବାଦ ନିରୋଧୀ ଆଇନ ଅନୁଯାୟୀ ଏହି ଆଇଆଇଟି ବମ୍ବେ ସ୍ନାତକଙ୍କ ବିରୋଧରେ ମକଦ୍ଦମା ଚଳାଇବାକୁ ଗୋରଖପୁର ଜିଲା ଅଦାଲତ ଉତ୍ତରପ୍ରଦେଶ ଏଟିଏସ୍ (ଆତଙ୍କବାଦ ନିରୋଧୀ ସ୍କ୍ୱାଡ)କୁ ଅନୁମତି ଦେଇଛନ୍ତି। ଆଇଏସ୍ ସହ ମୁର୍ତ୍ତାଜାଙ୍କର ପ୍ରତ୍ୟକ୍ଷ ଯୋଗାଯୋଗ ରହିଥିବାର ପ୍ରମାଣ ଏଟିଏସ୍‌କୁ ମିଳିଛି। ତାଙ୍କୁ ଲକ୍ଷ୍ନୌ ଜେଲ୍‌କୁ ସ୍ଥାନାନ୍ତର କରାଯାଇ ଏନ୍‌ଆଇଏ କୋର୍ଟରେ ବିଚାର ହେବ।

### ଦିଲ୍ଲୀ-ଏନ୍‌ସିଆର୍‌ରେ ୧୫ ଦିନରେ ୫୦୦% ବଢ଼ିଛି ସଂକ୍ରମଣ

**ନୂଆଦିଲ୍ଲୀ, ୧୭।୪(ପି.ଟି.):** ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଗତ ୧୫ ଦିନରେ କୋଭିଡ୍ ସଂକ୍ରମଣ ୫୦୦ % ବୃଦ୍ଧି ପାଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ଲୋକାଲ ସର୍କଲ୍ସ ପକ୍ଷରୁ କରାଯାଇଥିବା ଏହି ସର୍ଭେରେ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳର ୧୯ % ବାସିନ୍ଦା ଭାଗ ନେଇଥିଲେ। ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ଜଣେ କିମ୍ବା ଏକାଧିକ ବ୍ୟକ୍ତି ଗତ ୧୫ ଦିନ ମଧ୍ୟରେ କୋଭିଡ୍‌ରେ ସଂକ୍ରମିତ ହୋଇଥିବା ଜଣାଇଛନ୍ତି। ମୋଟ ୧୧,୭୪୩ ବାସିନ୍ଦାଙ୍କ ମତାମତ ସଂଗ୍ରହ କରାଯାଇଥିଲା। ବନ୍ଧୁ ପରିଜନ, ସହକର୍ମୀଙ୍କ ମଧ୍ୟରେ କାହାକୁ କୋଭିଡ୍ ହୋଇଛି କି ପ୍ରଶ୍ନ କରାଯିବାରୁ ୧୫ ଦିନରେ କେହି ସଂକ୍ରମିତ ହୋଇ ନ ଥିବା ୭୦% କହିଥିଲେ। ୧୧ % ଜଣେ କିମ୍ବା ୨ ଜଣ ସଂକ୍ରମିତ ହୋଇଥିବା କଥା କହିଥିବାବେଳେ ୮% ସେମାନଙ୍କ ଆଖପାଖରେ ୩ରୁ ୫ % ଆକ୍ରାନ୍ତ ହୋଇଥିବା ଜଣାଇଥିଲେ। ଏପ୍ରିଲ ୨ରେ ଏହି ପ୍ରଶ୍ନରେ ମାତ୍ର ୩ % ସେମାନଙ୍କ ଆଖପାଖରେ ସଂକ୍ରମିତ ରହିଥିବା କଥା କହିଥିଲେ।

# ଭାରତରେ କୋଭିଡ୍ ମୃତ୍ୟୁ ୪୦ ଲକ୍ଷ

## ରିପୋର୍ଟ ସାର୍ବଜନୀନ କରିବାରେ ଡବ୍ଲ୍ୟୁଏଚ୍‌ଓକୁ ଅଟକାଇଛି ଭାରତ

**ନୂଆଦିଲ୍ଲୀ, ୧୭।୪**

ବିଶ୍ୱବ୍ୟାପୀ କୋଭିଡ୍ ମହାମାରୀଜନିତ ମୃତ୍ୟୁସଂଖ୍ୟାକୁ ସାର୍ବଜନିନ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଉଦ୍ୟମ କରୁଥିବାବେଳେ ଏହାକୁ ଭାରତ ଅଟକାଇଥିବା ଖବର ପ୍ରକାଶ ପାଇଛି। ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଡବ୍ଲ୍ୟୁଏଚ୍‌ଓର କୋଭିଡ୍ ମୃତ୍ୟୁ ଆକଳନ ପଦ୍ଧତି ଉପରେ ଭାରତ ସରକାର ପ୍ରଶ୍ନ ଉଠାଇଛନ୍ତି। ଏଭଳି ଆକଳନ ତ୍ରୁଟିପୂର୍ଣ୍ଣ। ଏହି ପ୍ରକ୍ରିୟାରେ ନା କାହାର ସହଯୋଗ ନିଆଯାଇଛି ନା ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ହୋଇଛି ବୋଲି ଭାରତ ସରକାର ଫେବୃୟାରୀରେ ଜାତିସଂଘର ପରିସଂଖ୍ୟାନ ଆୟୋଗଙ୍କୁ ଜଣାଇଥିଲେ। ଏହା ବ୍ୟତୀତ ଉକ୍ତ ପ୍ରକ୍ରିୟା ବିଜ୍ଞାନସମ୍ମତ ନୁହେଁ ବୋଲି ନୂଆଦିଲ୍ଲୀ ଯୁକ୍ତି ଦର୍ଶାଇଛି।

୨୦୨୧ ଶେଷ ସୁଦ୍ଧା କୋଭିଡ୍‌ରେ ମୋଟ ୬୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବିଭିନ୍ନ ଦେଶର ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ତେବେ ପ୍ରକୃତ ମୃତ୍ୟୁସଂଖ୍ୟା ଏହାର ଦୁଇଗୁଣରୁ ଅଧିକ। ପ୍ରାୟ ୧.୫ କୋଟି ଲୋକ ଏହି ସମୟ ମଧ୍ୟରେ ପ୍ରାଣ ହରାଇଥିବା ଡବ୍ଲ୍ୟୁଏଚ୍‌ଓ ରିପୋର୍ଟରେ କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏହି ରିପୋର୍ଟ ସର୍ବସାଧାରଣରେ ପ୍ରକାଶ ପାଇବାକୁ ଥିବାବେଳେ ଭାରତର ଆପତ୍ତି ଯୋଗୁ କିଛି ମାସ ହେଲା ଏହା ଅଟକି ରହିଛି।



ଭାରତ ସରକାର କୋଭିଡ୍ ମୃତ୍ୟୁସଂଖ୍ୟା ପାଖାପାଖି ୫,୨୦,୦୦୦ ଦର୍ଶାଇଆସୁଛନ୍ତି। ତେବେ ଡବ୍ଲ୍ୟୁଏଚ୍‌ଓ ଦର୍ଶାଉଥିବା ଅଧିକ ୯୦ ଲକ୍ଷ ମୃତ୍ୟୁସଂଖ୍ୟାର ଏକ-ତୃତୀୟାଂଶରୁ ଅଧିକ ଭାରତରେ ବୋଲି ଆକଳନ କରାଯାଇଛି। ଡବ୍ଲ୍ୟୁଏଚ୍‌ଓ ହିସାବ ଅନୁଯାୟୀ ଭାରତରେ କରୋନା ମହାମାରୀଜନିତ ମୃତ୍ୟୁସଂଖ୍ୟା ଅନ୍ୟୂନ ୪୦ ଲକ୍ଷ ବୋଲି ଏହି ସଂସ୍ଥା ସହ ଜଡ଼ିତ ଜଣେ ବ୍ୟକ୍ତି ସୂଚନା ଦେଇଛନ୍ତି। ଏହି ରିପୋର୍ଟ ପ୍ରକାଶ ପାଇଲେ ସାରା ବିଶ୍ୱରେ କୋଭିଡ୍ ମୃତ୍ୟୁରେ ଭାରତ ଶୀର୍ଷରେ ରହିବ। କୋଭିଡ୍ ମୃତ୍ୟୁଜନିତ ଜାତୀୟ ତଥ୍ୟ, ସ୍ଥାନୀୟ ଅଞ୍ଚଳର ସୂଚନା, ପରିବାର ସର୍ଭେ ଏବଂ ପରିସଂଖ୍ୟାନ ମଡେଲ ସହାୟତାରେ ଡବ୍ଲ୍ୟୁଏଚ୍‌ଓ ଏହି ରିପୋର୍ଟ ପ୍ରକାଶ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରସ୍ତୁତ ରିପୋର୍ଟରେ ହିସାବ ବାହାରେ ରହିଯାଇଥିବା କୋଭିଡ୍ ରୋଗୀଙ୍କ ମୃତ୍ୟୁକୁ ସାମିଲ କରାଯାଇଛି। ଏହା ବ୍ୟତୀତ ପରୋକ୍ଷ ମୃତ୍ୟୁ ଅର୍ଥାତ୍ ମହାମାରୀ ଯୋଗୁ ଉପଯୁକ୍ତ ଚିକିତ୍ସା ସୁବିଧା ପାଇ ନ ପାରି ପ୍ରାଣ ହରାଇଥିବା ଅନ୍ୟ ରୋଗୀଙ୍କୁ ମଧ୍ୟ ହିସାବକୁ ନିଆଯାଇଛି। ମହାମାରୀ ସାରା ବିଶ୍ୱକୁ କେତେ ପରିମାଣରେ ପ୍ରଭାବିତ କରିଥିଲା ଏବଂ ଭବିଷ୍ୟତରେ ଏଭଳି ସଙ୍କଟରୁ କିପରି ମୁକୁଳିହେବ, ତାହା ଜାଣିବା ପାଇଁ ଉକ୍ତ ରିପୋର୍ଟ ପ୍ରକାଶ ପାଇବା ଆବଶ୍ୟକ। ରିପୋର୍ଟ ଅନୁଯାୟୀ ଭାରତ ଡବ୍ଲ୍ୟୁଏଚ୍‌ଓକୁ ଗତ ୨ ବର୍ଷର ମୋଟ ମୃତ୍ୟୁସଂଖ୍ୟା ତଥ୍ୟ ପ୍ରଦାନ କରିନାହିଁ। ଏହି ସଂଗଠନର ଗବେଷକମାନେ ଅନ୍ୟୂନ ୧୨ ଜିଲାରୁ କୋଭିଡ୍ ଜନିତ ମୃତ୍ୟୁ ତଥ୍ୟ ସଂଗ୍ରହ କରିଛନ୍ତି। ଗତବର୍ଷ ଡିସେମ୍ବର ସୁଦ୍ଧା ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ପ୍ରସ୍ତୁତ କରିସାରିଥିଲେ ହେଁ ଭାରତ ଏଥିରେ ଅସନ୍ତୋଷ ପ୍ରକାଶ କରିବାରୁ ପୁନର୍ବାର ତଥ୍ୟ ଅନୁଧ୍ୟାନ କରାଯାଇଥିଲା ବୋଲି ମୃତ୍ୟୁସଂଖ୍ୟା ହିସାବ ଆକଳନ ମଡେଲ ପ୍ରସ୍ତୁତ କରିଥିବା ୱାଶିଂଟନ ୟୁନିଭର୍ସିଟିର ଷ୍ଟାଟିଷ୍ଟିକ୍ସ ଓ ବାୟୋଷ୍ଟାଟିଷ୍ଟିକ୍ସ ପ୍ରଫେସର କହିଛନ୍ତି।

## ସରକାରୀ ଅବହେଳା ଦାୟୀ

**ନୂଆଦିଲ୍ଲୀ, ୧୭।୪**



ରାହୁଲ ଗାନ୍ଧୀ

ସରକାରଙ୍କ ଅବହେଳାରୁ କୋଭିଡ୍-୧୯ ମହାମାରୀରେ ଦେଶର ୪୦ ଲକ୍ଷ ଲୋକ ପ୍ରାଣ ହରାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି। ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବା ଲାଗି ସେ ପୁନର୍ବାର ଦାବି କରିଛନ୍ତି। ବିଶ୍ୱରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟାକୁ ସର୍ବଜନୀନ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଚାହୁଁଥିବାବେଳେ ଭାରତ ଏହାକୁ ଅଟକାଇଥିବା ନ୍ୟୁୟର୍କ ଟାଇମ୍ସ ରିପୋର୍ଟରେ ପ୍ରକାଶ ପାଇଥିଲା। ରାହୁଲ ଉକ୍ତ ରିପୋର୍ଟର ସ୍କ୍ରିନ୍‌ଶଟ୍‌କୁ ଟୁଇଟରରେ ଶେୟାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନା ସତ କହୁଛନ୍ତି, ନା କାହାକୁ କହିବାକୁ ଦେଉଛନ୍ତି। ଅକ୍ସିଜେନ୍ ଅଭାବ ଯୋଗୁ କେହି ମରି ନ ଥିବା ସେ ଏବେ ବି କହୁଥିବା ରାହୁଲ ଅଭିଯୋଗ କରିଛନ୍ତି। କୋଭିଡ୍ ସମୟରେ ସରକାରଙ୍କ ଅବହେଳା ପାଇଁ ୫ ଲକ୍ଷ ନୁହେଁ, ୪୦ ଲକ୍ଷ ଭାରତୀୟଙ୍କ ଜୀବନ ଯାଇଥିବା ପୂର୍ବରୁ ମଧ୍ୟ ସେ କହିଥିଲେ।

## ଭାରତ ସହ ବନ୍ଧୁତା ଚାହୁଁ: ପାକ୍ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୭।୪**

ଭାରତ ଓ ପାକିସ୍ତାନ ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନାକୁ ସମର୍ଥନ କରି ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ତାଙ୍କ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ଶରିଫ ପାକିସ୍ତାନ ପ୍ରଧାନମନ୍ତ୍ରୀ ହେବା ପରେ ମୋଦି ତାଙ୍କୁ ପତ୍ର ଲେଖି ଅଭିନନ୍ଦନ ଜଣାଇଥିଲେ। ଭାରତ ପାକିସ୍ତାନ ସହ ଗଠନମୂଳକ ସମ୍ପର୍କ ଚାହେଁ ବୋଲି ମୋଦି ଉକ୍ତ ପତ୍ରରେ ଲେଖିଥିଲେ। ଏହାର ଜବାବରେ ଶରିଫ କଶ୍ମୀର ସମେତ ବିଭିନ୍ନ ପ୍ରସଙ୍ଗର ସମାଧାନ ଚାହିଁଛନ୍ତି। ନୂଆଦିଲ୍ଲୀ ସହ ଶାନ୍ତି ଓ ସହଯୋଗପୂର୍ଣ୍ଣ ବନ୍ଧୁତା ଇସ୍‌ଲାମାବାଦ ଚାହେଁ ବୋଲି ଶରିଫ୍ କହିଛନ୍ତି।

## ଉପହାର ସିନେମା ହଲ୍‌ରେ ନିଆଁ

### ୧୯୯୭ ଅଗ୍ନିକାଣ୍ଡ ପରେ ବନ୍ଦ ଥିଲା

**ନୂଆଦିଲ୍ଲୀ, ୧୭।୪**

ଦିଲ୍ଲୀର ଗ୍ରୀନ୍ ପାର୍କ ଅଞ୍ଚଳରେ ଥିବା ଉପହାର ସିନେମା ହଲ୍‌ରେ ରବିବାର ଭୋର ସମୟରେ ନିଆଁ ଲାଗି କେତେକ ସିଟ୍, ଆସବାବପତ୍ର ଜଳିଯାଇଛି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ୧୯୯୭ ଜୁନ୍ ୧୩ରେ ଉକ୍ତ ସିନେମା ହଲ୍‌ରେ ବଡ଼ ଧରଣର ଅଗ୍ନି ଦୁର୍ଘଟଣାରେ ୫୯ ଜଣଙ୍କ ଜୀବନ ଯିବା ସହ ଶତାଧିକ ଆହତ ହୋଇଥିଲେ। ଏହା ପରେ ଉପହାର ସିନେମା ହଲ୍ ବନ୍ଦ ରହିଥିଲା। ରବିବାର ଅଗ୍ନିକାଣ୍ଡରେ ସିନେମା ହଲ୍‌ର ବାଲ୍‌କୋନି ଓ ଗୋଟିଏ ମହଲା କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିଶମ ବିଭାଗ ୯ଟି ଦମକଳ ସହ ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲା।



ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ର ମାରିଉପୋଲ ସହରରେ ରୁଷୀୟ ସୈନ୍ୟ ଅସ୍ତ୍ରଶସ୍ତ୍ର ଭର୍ତ୍ତି ଏକ ଯାନକୁ ନେଇ ଯାଉଛନ୍ତି।

## ୨୦ ହଜାର ରୁଷୀୟ ସୈନ୍ୟ ନିହତ

**କିଭ୍, ୧୭।୪:** ଫେବୃୟାରୀ ୨୪ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏ ଯାଏ ରୁଷିଆର ପ୍ରାୟ ୨୦,୩୦୦ ସୈନ୍ୟ ନିହତ ହୋଇଥିବା ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି। ଏଥିସହ ରୁଷିଆର ୧୬୫ ଯୁଦ୍ଧ ବିମାନ, ୧୪୬ ହେଲିକପ୍ଟର, ୭୭୩ ଟ୍ୟାଙ୍କ, ୪ ମିଶାଇଲ ଲଞ୍ଚର ସିଷ୍ଟମ ସହ ଅନ୍ୟ ଯୁଦ୍ଧାସ୍ତ୍ର ନଷ୍ଟ ହୋଇଛି। ସେହିପରି ୟୁକ୍ରେନ୍‌ର ପ୍ରାୟ ୩,୦୦୦ ସୈନ୍ୟ ଯୁଦ୍ଧରେ ନିହତ ହୋଇଥିବା ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ତେବେ ରୁଷିଆ ତାହାର ୧,୩୫୧ ସୈନ୍ୟଙ୍କୁ ହରାଇଥିବା ଗତ ମାର୍ଚ୍ଚ ୨୫ରେ ସ୍ୱୀକାର କରିଛି। ଯୁଦ୍ଧରେ ୟୁକ୍ରେନ୍‌ର ୨୩,୩୬୭ ସୈନ୍ୟ ମୃତାହତ ହୋଇଥିବା ମସ୍କୋ ଦାବି କରିଛି। ୟୁକ୍ରେନ୍‌ରେ ରୁଷିଆର ଆଉ ଜଣେ ଜେନେରାଲ ମେଜର ଫ୍ରୋଲୋଭ୍ ନିହତ ହୋଇଛନ୍ତି। ୟୁକ୍ରେନ୍ ସହ ଯୁଦ୍ଧରେ ନିହତ ହେବାରେ ସେ ହେଉଛନ୍ତି ୮ମ ରୁଷୀୟ ଜେନେରାଲ।

## ପିଟସ୍‌ବର୍ଗ ପାର୍ଟିରେ ଗୁଳି: ୨ ନିହତ, ୯ ଆହତ





**ୱାଶିଂଟନ୍, ୧୭।୪:** ଆମେରିକାର ପେନସିଲଭାନିଆସ୍ଥିତ ପିଟସ୍‌ବର୍ଗର ଏକ ଭଡ଼ାଘରେ ଶନିବାର ବିଳମ୍ବିତ ରାତିରେ ପାର୍ଟି ଚାଲିଥିବାବେଳେ ଗୁଳିକାଣ୍ଡ ଘଟିଛି। ଏଥିରେ ୨ ନାବାଳକ ନିହତ ଓ ୯ ଜଣ ଆହତ ହୋଇଥିବା ପିଟସ୍‌ବର୍ଗ ବ୍ୟୁରୋ ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ମୁଖ୍ୟ ସ୍କଟ୍ ସ୍କୁବର୍ଟ କହିଛନ୍ତି, ପାର୍ଟିରେ ୨୦୦ ଜଣ ସାମିଲ ଥିବାବେଳେ କେତେଜଣ ସନ୍ଦିଗ୍ଧ ସେମାନଙ୍କୁ ଟାର୍ଗେଟ କରି ୫୦ ରାଉଣ୍ଡ ଗୁଳି ଚଳାଇଥିଲେ। ବନ୍ଧୁକଧାରୀମାନେ ପାର୍ଟି ବାହାରେ ମଧ୍ୟ ଫାୟାରିଂ କରି ଫେରାର ହୋଇଯାଇଥିଲେ।

## ଚିନ୍ତାଧାରାକୁ ପ୍ରଭାବିତ କରେ ଗଞ୍ଜେଇ

**କେମ୍ବ୍ରିଜ୍, ୧୭।୪**

ମନୁଷ୍ୟ ସମାଜରେ ଗଞ୍ଜେଇ ବ୍ୟବହାର ହଜାର ହଜାର ବର୍ଷ ପୁରୁଣା। ଅନେକେ ଏହାର ସେବନ ଦ୍ୱାରା ଆନନ୍ଦ ଏବଂ ଉତ୍ସାହିତ ଅନୁଭବ କରୁଥିବାବେଳେ କେତେକ ଦେଶରେ ଗଞ୍ଜେଇ ବ୍ୟବହାରକୁ ବୈଧ ମଧ୍ୟ କରାଯାଇଛି। ୨୦୧୮ରେ ଜାତିସଂଘ ପକ୍ଷରୁ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ବିଶ୍ୱବ୍ୟାପୀ ୧୫ରୁ ୬୪ ବର୍ଷ ବୟସର ପ୍ରାୟ ୧୯.୨ କୋଟି ଲୋକ ମନୋରଞ୍ଜନ ପାଇଁ ଗଞ୍ଜେଇ ସେବନ କରିଥାନ୍ତି। ସେମାନଙ୍କ ମଧ୍ୟରୁ ୧୮ରୁ ୨୫ ବର୍ଷ ବୟସର ଯୁବଗୋଷ୍ଠୀଙ୍କ ସଂଖ୍ୟା ପ୍ରାୟ ୩୫ ପ୍ରତିଶତ। କିନ୍ତୁ ୨୬ ବର୍ଷ କିମ୍ବା ଊର୍ଦ୍ଧ୍ୱ ବୟସର ମାତ୍ର ୧୦ ପ୍ରତିଶତ ଏହି ନିଶା ସେବନ କରିଥାନ୍ତି। ଅର୍ଥାତ କିଶୋରମାନେ ଅଧିକ ମାତ୍ରାରେ ଗଞ୍ଜେଇ ବ୍ୟବହାର କରିଥାନ୍ତି। ଏହାର ସେବନ ମସ୍ତିଷ୍କକୁ କିପରି ପ୍ରଭାବିତ କରେ ସେ ନେଇ ଜର୍ନାଲ ଅଫ୍ ସାଇକୋଫାର୍ମାକୋଲୋଜି, ନ୍ୟୁରୋସାଇକୋଫାର୍ମାକୋଲୋଜି ଏବଂ ଇଣ୍ଟରନ୍ୟାଶନାଲ ଜର୍ନାଲ ଅଫ୍ ନ୍ୟୁରୋସାଇକୋଫାର୍ମାକୋଲୋଜିରେ ଏକ ଗବେଷଣା ରିପୋର୍ଟ ପ୍ରକାଶ ପାଇଛି।

### ମନୋରଞ୍ଜନ ପାଇଁ ସେବନ କରନ୍ତି ୧୯ କୋଟି



ଗବେଷଣାରୁ ଜଣାପଡ଼ିଛି, ଟେଟ୍ରାହାଇଡ୍ରୋକାନାବିନୋଲ (ଟିଏଚ୍‌ସି) ଗଞ୍ଜେଇରେ ଥିବା ମୁଖ୍ୟ ସାଇକୋଆକ୍ଟିଭ୍ ପଦାର୍ଥ। ଏହା ମସ୍ତିଷ୍କର ଏଣ୍ଡୋକାନାବିନୋଏଡ୍ ସିଷ୍ଟମ (ଗଞ୍ଜେଇରେ ଥିବା ରାସାୟନିକ ପଦାର୍ଥ ସହ ପ୍ରତିକ୍ରିୟା କରୁଥିବା ରିସେପ୍ଟର) ଉପରେ କାର୍ଯ୍ୟ କରିଥାଏ। ମସ୍ତିଷ୍କର ପ୍ରିଫ୍ରୋଣ୍ଟାଲ ଏବଂ ଲିମ୍ବିକ୍ ଭାଗରେ ଗଞ୍ଜେଇର ରିସେପ୍ଟର ରହିଥାଏ। ଡୋପାମାଇନ୍, ଗାମା-ଆମିନୋବ୍ୟୁଟ୍ରିକ୍ ଏସିଡ୍ (ଗାବା) ଆଦି କେମିକାଲ ନିର୍ଗତ ହେବା ପାଇଁ ମସ୍ତିଷ୍କକୁ ଯାଉଥିବା ସଙ୍କେତକୁ ତାହା ନିୟନ୍ତ୍ରିତ କରିଥାଏ। ଆମେ ଜାଣୁ ଯେ, ମଣିଷ ଶିଖିବା, ପ୍ରୋତ୍ସାହିତ ହେବା ଆଦି ପାଇଁ ଡୋପାମାଇନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି ସଜ୍ଞାନାତ୍ମକ ପ୍ରକ୍ରିୟା ଯଥା ଶିଖିଥିବା କଥା ମନେ ରଖିବା, ବୁଝିବା ଆଦି ପ୍ରକ୍ରିୟାରେ ଗାବା ସାମିଲ ହୋଇଥାଏ। ଗଞ୍ଜେଇ ସେବନ ଦ୍ୱାରା ଏହି କେମିକାଲ ଗୁଡ଼ିକ ଅନିୟନ୍ତ୍ରିତ ଭାବେ ମସ୍ତିଷ୍କରେ ନିର୍ଗତ ହେଉଥିବାରୁ ମଣିଷର ଶିଖିବା ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ବୁଝିବା ଶକ୍ତି ବିକଶିତ ହୋଇପାରି ନ ଥାଏ। ବିଶେଷ କରି କିଶୋର ବୟସରେ ପିଲାଙ୍କ ମସ୍ତିଷ୍କରେ ବିକାଶ ପ୍ରକ୍ରିୟା ଜାରିଥିବାବେଳେ ଗଞ୍ଜେଇ ସେବନ ଦ୍ୱାରା ତାହା ବାଧାପ୍ରାପ୍ତ ହୋଇଥାଏ। ଗଞ୍ଜେଇ ବ୍ୟବହାର ଦ୍ୱାରା ତାହା ଅଭ୍ୟାସରେ ପରିଣତ ହେବା ପରେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହୋଇଥାଏ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହା ସ୍ମୃତି ଶକ୍ତିକୁ କମ୍ କରିବା ସହ ଚିନ୍ତାଧାରା ତଥା ଭାବନା ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ।

## 'ରାହୁଲ ଅସ୍ଥିର, ଅଣଗାନ୍ଧୀ ନିଅନ୍ତୁ କଂଗ୍ରେସ ନେତୃତ୍ୱ'



ପି. ଜେ. କୁରିଏନ୍

**ନୂଆଦିଲ୍ଲୀ, ୧୭।୪:** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅସ୍ଥିର। ତେଣୁ ତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇପାରିବ ନାହିଁ। ଗାନ୍ଧୀ ପରିବାର ବାହାରୁ ଜଣକୁ କଂଗ୍ରେସ ଅଧ୍ୟକ୍ଷ କରାଯାଉ ବୋଲି ରାଜ୍ୟ ସଭାର ପୂର୍ବତନ ଉପାଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ପି. ଜେ. କୁରିଏନ୍ କହିଛନ୍ତି। ୮୧ ବର୍ଷୀୟ କୁରିଏନ୍‌ଙ୍କ ମତରେ ଜାହାଜ ଅସୁବିଧାରେ ଥିବାବେଳେ ଜଣେ କ୍ୟାପ୍‌ଟେନ୍ ତାକୁ ଛାଡ଼ିଦେଇପାରିବେ ନାହିଁ। ୨୦୧୯ ନିର୍ବାଚନ ପରେ କଂଗ୍ରେସ ମୁଖ୍ୟ ପଦରୁ ରାହୁଲ ତରବରିଆ ଭାବେ ଇସ୍ତଫା ଦେଇଥିଲେ। ଏହା ସତ୍ତ୍ୱେ ସେ ଦଳର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଛନ୍ତି। ରାହୁଲଙ୍କ ଚାରିପଟେ କୋଟେରି ଘେରି ରହିଥିଲେ, ଯାହାଙ୍କର କୌଣସି ସାଙ୍ଗଠନିକ ଜ୍ଞାନ ନ ଥିଲା ବୋଲି ଏକ ସାକ୍ଷାତକାରରେ କୁରିଏନ୍ କହିଛନ୍ତି।

# ବିକିରଣ ନିରୋଧୀ ଔଷଧ ମହଜୁଦ ରଖ



ରୁଷିଆର ବୋମାମାଡ଼ରେ ଆହତ ଜଣେ ମହିଳାଙ୍କୁ ଖର୍କିଭ୍‌ରେ ଆମ୍ବୁଲାନ୍ସକୁ ନିଆଯାଉଛି।

- ବିଶ୍ୱକୁ ଜେଲେନ୍‌ସ୍କିଙ୍କ ବାର୍ତ୍ତା
- ବିନାଶକାରୀ ଅନ୍ତ ଚାହୁଁଛି ରୁଷିଆ

**କିଭ୍, ୧୭।୪**

ୟୁକ୍ରେନ୍ ଯୁଦ୍ଧର ବିନାଶକାରୀ ଅନ୍ତ ଘଟାଇବାକୁ ରୁଷିଆ ନ୍ୟୁକ୍ଲିୟର ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି। ସାରା ବିଶ୍ୱକୁ ଏଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ବିପୁଳ ମାତ୍ରାରେ ଆଣ୍ଟାଇ-ରେଡିଏଶନ ବା ବିକିରଣ ନିରୋଧୀ ଔଷଧ ରଖିବା ସହ ଏୟାର ରେଡ୍ ଆକ୍ରମଣରୁ ବର୍ତ୍ତିବା ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ପଡ଼ିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ୟୁକ୍ରେନ୍‌ର ଏକ ଜାତୀୟ ଗଣମାଧ୍ୟମରେ ସାକ୍ଷାତକାର ଦେଇ ଜେଲେନ୍‌ସ୍କି ଡିକ୍ଟେଟର ତଥା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆଣବିକ ଆକ୍ରମଣ ବାବଦରେ ସତର୍କ କରାଇବା ସହ ଅପେକ୍ଷା ନ କରି ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ ବୋଲି କହିଛନ୍ତି। ରୁଷିଆର ଅସ୍ତିତ୍ୱ ଉପରେ ବିପଦ ଆସିଲେ ଆଣବିକ ଅସ୍ତ୍ର ବ୍ୟବହାର କରାଯିବ ବୋଲି କିଛି ଦିନ ପୂର୍ବରୁ କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ ଚେତାବନୀ ଦେଇଥିବାବେଳେ ଜେଲେନ୍‌ସ୍କି ଏହି ବାର୍ତ୍ତା ଦେଇଛନ୍ତି।

ୟୁକ୍ରେନ୍‌ର ନେପ୍‌ଚ୍ୟୁନ୍ ମିଶାଇଲ ମାଡ଼ରେ ରୁଷିଆର ମସ୍କୋଭା ଯୁଦ୍ଧଜାହାଜ ବୁଡ଼ିଯିବା ପରେ ପୁଟିନ୍ ଅଧିକ ଆକ୍ରମଣାତ୍ମକ ହୋଇପଡ଼ିଛନ୍ତି। କିଭ୍‌ରୁ ରୁଷୀୟ ସୈନ୍ୟ ପ୍ରତ୍ୟାହାର ସତ୍ତ୍ୱେ ମସ୍କୋ ପୁଣି ଏହି ସହରକୁ ଟାର୍ଗେଟ କରିଛି। ଏଥିସହ ଖର୍କିଭ, ଲଭିଭ୍ ଉପରେ ମଧ୍ୟ ରୁଷିଆ ମିଶାଇଲ ମାଡ଼ କରିଛି। ପୂର୍ବ ୟୁକ୍ରେନ୍‌ର ବନ୍ଦରସହର ମାରିଉପୋଲରେ ମସ୍କୋ ଧ୍ୱଂସଲୀଳା ଚଳାଇବା ସହ ଏହା ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ଆସିଥିବା ରୁଷିଆ ଦାବି କରିଛି। ଏଠାରେ ୟୁକ୍ରେନ୍ ସୈନ୍ୟଙ୍କୁ ଆତ୍ମସମର୍ପଣ ପାଇଁ ରୁଷିଆ ଦେଇଥିବା ସମୟ ସୀମା ଶେଷ ହୋଇଯାଇଛି। ସ୍ଥାନୀୟ ସମୟ ସକାଳ ୬ଟା ସୁଦ୍ଧା ମାରିଉପୋଲରେ ଥିବା ୟୁକ୍ରେନ୍ ସୈନ୍ୟ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କଲେ ସେମାନଙ୍କୁ ଛାଡ଼ି ଦିଆଯିବ ବୋଲି ଶନିବାର ରୁଷିଆ କହିଥିଲା। ହେଲେ ୟୁକ୍ରେନ୍ ସୈନ୍ୟ ଅସ୍ତ୍ର ଛାଡ଼ିବାକୁ ମନାକରିଛନ୍ତି। ମାରିଉପୋଲରେ ୟୁକ୍ରେନ୍ ସୁରକ୍ଷାକର୍ମୀଙ୍କୁ ହତ୍ୟା କରାଗଲେ ରୁଷିଆ ସହ ଶାନ୍ତି ଆଲୋଚନା ବନ୍ଦ ହେବ ବୋଲି ଜେଲେନ୍‌ସ୍କି କହିଛନ୍ତି। ଏହି ପ୍ରମୁଖ ବନ୍ଦର ସହରରେ ରୁଷିଆ ଅମାନବୀୟ ଆଚରଣ ଜାରି ରଖିଛି। ମୁକାବିଲା ପାଇଁ ପାଶ୍ଚାତ୍ୟ ଦେଶ ଗୁଡ଼ିକ ତୁରନ୍ତ ଘାତକ ଯୁଦ୍ଧାସ୍ତ୍ର ଯୋଗାନ୍ତୁ ବୋଲି ଜେଲେନ୍‌ସ୍କି କହିଛନ୍ତି। ତେବେ ୟୁକ୍ରେନ୍‌କୁ ଆମେରିକା ଘାତକ ଅସ୍ତ୍ର ଯୋଗାଇଲେ ପରିଣାମ ଭୟଙ୍କର ହେବ ବୋଲି ରୁଷିଆ ଚେତାବନୀ ଦେଇଛି।

# ରାଜ୍ୟ ସରକାରଙ୍କ ଅଧିକାର ସୁରକ୍ଷା କରନ୍ତୁ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୭।୪ (ଆଇଏଏନ୍‌ଏସ୍)**

ସୁପ୍ରିମକୋର୍ଟ ବିଭିନ୍ନ ରାୟରେ ଭାରତୀୟ ୟୁନିୟନର ବିଶେଷତ୍ୱ ସମ୍ପର୍କରେ ମନ୍ତବ୍ୟ ଦେବା ସହ ସଂଘୀୟ ବ୍ୟବସ୍ଥାର ପ୍ରତିଷ୍ଠା ଓ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନେଇ ଭାରତୀୟ ୟୁନିୟନ ଗଠିତ। ତେବେ ସବୁ କ୍ଷେତ୍ରରେ ସେମାନଙ୍କ କ୍ଷମତା ସମାନ ନୁହେଁ। ଏହାକୁ ନେଇ ସଂଘୀୟ ବ୍ୟବସ୍ଥା ଚଳାଇବାରେ ଜଟିଳତା ଦେଖାଦେଇଥାଏ। ତେଣୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ମିଳିଥିବା ଶାସନ କ୍ଷମତାର ସୂକ୍ଷ୍ମ ସନ୍ତୁଳନକୁ ସୁପ୍ରିମକୋର୍ଟ ସଂରକ୍ଷିତ ରଖିବା ଆବଶ୍ୟକ। ଗୋଟିଏ ସଂସ୍ଥାର କ୍ଷମତା ପରିସର ମଧ୍ୟରେ ଅନ୍ୟ ସଂସ୍ଥା ପ୍ରବେଶକୁ ରୋକିବା ଦିଗରେ ସର୍ବୋଚ୍ଚ ଅଦାଲତ ପଦକ୍ଷେପ ନେବା ଜରୁରୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଉଦାହରଣ ସ୍ୱରୂପ ଜାତୀୟ ରାଜଧାନୀର ପ୍ରଶାସନିକ ସେବା ନିୟନ୍ତ୍ରଣ କରିବାକୁ ନେଇ ଦିଲ୍ଲୀ ସରକାର ଏବଂ କେନ୍ଦ୍ର ମଧ୍ୟରେ ବିବାଦ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ବଦଳି ନିଯୁକ୍ତି କ୍ଷମତା ଛଡ଼ାଇ ନେଇ କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଥିବା ଦିଲ୍ଲୀ ସରକାର ଅଭିଯୋଗ କରିଆସୁଛନ୍ତି। ଏଭଳି ବିବାଦରେ କେନ୍ଦ୍ର ଏବଂ ରାଜ୍ୟ ଯେପରି ପରସ୍ପରର କ୍ଷମତା ପରିସରରେ ପ୍ରବେଶ ନ କରିବେ ସେ ଦିଗରେ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେବା ଉଚିତ ବୋଲି ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଛନ୍ତି।

### ବିଶେଷଜ୍ଞଙ୍କ ମତ

ଅତୀତରେ ସୁପ୍ରିମକୋର୍ଟ ସଂଘବାଦ ନୀତିକୁ ସମର୍ଥନ କରିଆସିଛନ୍ତି। ରାଜ୍ୟ ସରକାରଙ୍କ କ୍ଷମତାର ସୁରକ୍ଷା ଜରୁରୀ ବୋଲି ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ମତ ଦେଇଛନ୍ତି। କାରଣ କେନ୍ଦ୍ର ସରକାର ଅଧିକ କ୍ଷମତା ଉପଭୋଗ କରୁଥିବାବେଳେ ଅନେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କ୍ଷମତାରେ ମଧ୍ୟ ହସ୍ତକ୍ଷେପ କରିଥାନ୍ତି। ଜିଏସ୍‌ଟି କାର୍ଯ୍ୟକାରୀ କରାଯିବା ଦ୍ୱାରା ରାଜ୍ୟ ସରକାରଙ୍କ ଟିକସ କ୍ଷମତା ହ୍ରାସ ପାଇଥିବା ସେ କହିଛନ୍ତି। ସିବିଆଇ ଭଳି କେନ୍ଦ୍ରୀୟ ସଂସ୍ଥାକୁ ତଦନ୍ତ ହସ୍ତାନ୍ତର ଦାବି ହେଉଥିବାବେଳେ ଅଦାଲତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି।

**ଭଗୀପୁର ଆଦିବାସୀ ସାହିରେ ହାତୀ ଉପଦ୍ରବ**

ବାଙ୍କି, (ସ୍ୱ.ପ୍ର.)- କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ଭଗୀପୁର ଗ୍ରାମର ଆଦିବାସୀ ସାହିକୁ ରବିବାର ବିଳମ୍ବିତ ରାତିରେ ଗୋଟିଏ ଦନ୍ତାହାତୀ ପଶି ଆସି ଉପଦ୍ରବ କରିଛି। ହାତୀଟି ଜର୍ମାନୀ ଦେଉରୀ, କବିରାଜ ଦେଉରୀଙ୍କ ଘର ଓ ଝରକା ଭାଙ୍ଗି ଦେଇଛି। ଏଥିସହ ସେମାନଙ୍କ ଧାନ ଚାଉଳ ନଷ୍ଟ କରିଦେଇଛି। ଭଙ୍ଗରୁଜା ଶବ୍ଦ ଶୁଣି ପରିବାର ଲୋକ ଉଠି ପଡ଼ିଥିଲେ। ଜର୍ମାନୀଙ୍କ ପାଟିଶୁଣି ଗାଁ ଲୋକେ ରୁଣ୍ଡ ହୋଇ ହାତୀ ଘଉଡ଼ାଇ ଥିଲେ। ଫଳରେ ହାତୀ ଜଙ୍ଗଲକୁ ଫେରିଯାଇଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି।

## ସଂକ୍ଷେପରେ

### ଐତିହ୍ୟ କ୍ଷେତ୍ରକୁ ସ୍ୱତନ୍ତ୍ର ଦିବସରେ ମାଗଣା ପ୍ରବେଶ

**ଓଡ଼ିଶାର ୩ ମନ୍ଦିର ସାମିଲ**

ଭୁବନେଶ୍ୱର,୧୭।୪(ବ୍ୟୁରୋ) ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଅଧୀନରେ ଥିବା ଦେଶର ପ୍ରାଚୀନ କୀର୍ତ୍ତିରାଜି ଏବଂ କ୍ଷେତ୍ରକୁ ସ୍ୱତନ୍ତ୍ର ଦିବସରେ ଜନସାଧାରଣ ମାଗଣାରେ ଯାଇପାରିବେ। ଏଥିପାଇଁ କୌଣସି ଏଣ୍ଟ୍ରି ଫି' ବା ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବନି। ମୋଟ୍ ୨୧ଟି ସ୍ୱତନ୍ତ୍ର ଦିବସରେ ଏହି ସୁବିଧା ଉପଲବ୍ଧ ହେବ। ଏନେଇ ଏଏସ୍ଆଇ ପକ୍ଷରୁ ସମସ୍ତ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଆଦେଶନାମା ଜାରି କରାଯାଇଛି। ଏହି ଆଦେଶ ଆସନ୍ତା ୨୦୨୩ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଦେଶର ବିଭିନ୍ନ ପ୍ରାଚୀନ କୀର୍ତ୍ତିରାଜ ମଧ୍ୟରେ ଓଡ଼ିଶାର କୋଣାର୍କ ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱରସ୍ଥିତ ରାଜାରାଣୀ ମନ୍ଦିର ଏବଂ ମୁକ୍ତେଶ୍ୱର ମନ୍ଦିର ରହିଛି। ଏହି ମନ୍ଦିରକୁ ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ର ଦିବସରେ ଜନସାଧାରଣ ମାଗଣାରେ ପ୍ରବେଶ କରିପାରିବେ। ଶାମ୍ବ ଦଶମୀ ମେଳାରେ ଗୋଟିଏ ଦିନ ଏବଂ ମାଘ ସପ୍ତମୀ ମେଳାରେ ୨ ଦିନ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଯିବା ପାଇଁ ପ୍ରବେଶ ଫି' ଦେବାକୁ ହେବନି। ସେହିପରି ଜାନୁୟାରୀରେ ହେଉଥିବା ରାଜାରାଣୀ ମହୋତ୍ସବ ପାଇଁ ୩ ଦିନ ରାଜାରାଣୀ ମନ୍ଦିରକୁ ମାଗଣାରେ ଯାଇହେବ। ଏଥିସହ ଜାନୁୟାରୀରେ ମୁକ୍ତେଶ୍ୱର ମହୋତ୍ସବ ସମୟରେ ୨ ଦିନ ମୁକ୍ତେଶ୍ୱର ମନ୍ଦିରକୁ ବିନା ଏଣ୍ଟ୍ରି ଫି'ରେ ଜନସାଧାରଣ ଯାଇପାରିବେ। ଅନ୍ୟପକ୍ଷରେ ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସ, ଏପ୍ରିଲ୍ ୧୮ ତାରିଖ ବିଶ୍ୱ ଐତିହ୍ୟ ଦିବସ, ନଭେମ୍ବର ୧୯ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଅବସରରେ ସମସ୍ତ କୀର୍ତ୍ତିରାଜି ଓ ଐତିହ୍ୟ କ୍ଷେତ୍ରକୁ ମାଗଣାରେ ପ୍ରବେଶ କରିହେବ।

### ଶୈଳବାଳା-କିଟ୍ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ

କଟକ ଅଫିସ,୧୭।୪- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ରବିବାର ଏକ ବୁଝାମଣା ପତ୍ର (ଏମ୍ଓୟୁ)ସ୍ୱାକ୍ଷରିତ ହୋଇଛି। ରବିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଟ୍ ପକ୍ଷରୁ ପ୍ରଫେସର ସସ୍ମିତା ସାମନ୍ତ ଓ ଶୈଳବାଳା କଲେଜ ଅଧକ୍ଷା ସୁରେଖା ସୁନ୍ଦରୀ ସ୍ୱାଇଁ ଉପସ୍ଥିତ ରହି ଏହି ଏମ୍ଓୟୁ ସ୍ୱାକ୍ଷରିତ କରିଥିଲେ। ଏହାଦ୍ୱାରା ଭବିଶ୍ୟତରେ ଅନେକ ଛାତ୍ରୀଙ୍କୁ ଉପକୃତ ହେବେ ବୋଲି ସ୍ୱାଇଁ କହିଛନ୍ତି। ଏହି ବୁଝାମଣା ପତ୍ର ଅନୁଯାୟୀ ଶୈଳବାଳା କଲେଜ ଛାତ୍ରୀମାନେ ଅତ୍ୟାଧୁନିକ ଗବେଷଣା ସମ୍ବନ୍ଧୀୟ ଜ୍ଞାନ ଓ ତାଲିମ ନେଇପାରିବେ। ଏହି ଏମ୍ଓୟୁ ସ୍ୱାକ୍ଷରିତବେଳେ ଡ. ଚାରୁବାଳା ପାଣି, ଗାୟତ୍ରୀ ବିଶ୍ୱାଳ, ଡ. ବିକାଶ ଦାସ, ଡ. ପ୍ରିତିପ୍ରଜ୍ଞା ରାୟ ପ୍ରମୁଖ ଉପସ୍ଥିତଥିଲେ।

# ଅଭିଯୁକ୍ତଙ୍କ କ୍ରାଇମ୍ ସିନ୍ ରିକ୍ରିଏଟ୍ କଲା ପୋଲିସ

## ଏଟିଏମ୍ ତାଡ଼ି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୁଟ୍ ଘଟଣା

- ଶାବଳ, ହାମର୍, ସ୍କ୍ରିଉ-ଡ୍ରାଇଭର, ପେଚକସ୍ ଜବତ
- ୭ ଦିନିଆ ରିମାଣ୍ଡ ଆବେଦନ
- ଜେଲ ଗଲେ ଦୁଇ ବାଂଲାଦେଶୀ ଖୋକନ୍, ମିଜାନୁର

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ଭୁବନେଶ୍ୱରର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଇନ୍ଦିରା କଲୋନୀରୁ ଏଟିଏମ୍ ତାଡ଼ି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ଘଟଣାରେ ଗିରଫ ହୋଇଥିବା ଆନ୍ତଃରାଷ୍ଟ୍ର ବାଂଲାଦେଶୀ ଲୁଟେରା ଗ୍ୟାଙ୍ଗର ୨ ଅଭିଯୁକ୍ତଙ୍କ ରବିବାର କ୍ରାଇମ ସିନ୍ ରିକ୍ରିଏଟ୍ କରିଛି କମିଶନରେଟ ପୋଲିସ। ଅଭିଯୁକ୍ତ ଖୋକନ ମଲ୍ଲା ଓ ମିଜାନୁର୍ ରେହେମାନ୍‌ଙ୍କୁ ପୋଲିସ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଘଟଣାସ୍ଥଳକୁ ନେଇଥିଲା। ଲୁଟ୍ ପୂର୍ବରୁ ଅଭିଯୁକ୍ତମାନେ ଲୁଚିଥିବା ଲିଙ୍ଗିପୁର ପେଟ୍ରୋଲ ପମ୍ପ ପାଖ ଭଙ୍ଗା ଘର, ଇନ୍ଦିରା କଲୋନୀରେ ଥିବା ଏଟିଏମ୍‌ସ୍ଥଳ ଓ ଦୟା ନଦୀ କୂଳକୁ ଯାଇ କିପରି ଅପରାଧ ଘଟାଇଥିଲେ ତାହାର ଡେମୋ ଦେଖାଇଥିଲେ। ୩ କୁଇଣ୍ଟାଲ ଓଜନ୍‌ର ଏଟିଏମ୍‌କୁ କିପରି ଏକ ଶାବଳ ସାହାଯ୍ୟରେ ତାଡ଼ି ପିକ୍‌ଅପ୍ ଭ୍ୟାନ୍‌ରେ ବୋହି ଦୟାନଦୀ କୂଳକୁ ନେଇଥିଲେ ତାହା ଗୋଟି ଗୋଟି କରି କହିଥିଲେ। ଦୟାନଦୀ କୂଳରେ ଏଟିଏମ୍ ତାଡ଼ି ଟଙ୍କା କାଢ଼ି ନେବାପରେ ନିକଟରେ ଥିବା ଏକ ବୁଦାମୂଳରେ ବ୍ୟବହୃତ ଶାବଳ, ହାମର୍, ସ୍କ୍ରିଉ-ଡ୍ରାଇଭର ଓ ପେଚ୍‌କସ୍ ଆଦି ଫୋପାଡ଼ି ଦେଇଥିଲେ। ସେମାନେ ସେଠାରେ ଡେମୋ ଦେଖାଇବାବେଳେ ସାମଗ୍ରୀ ଫୋପାଡ଼ି ଥିବା ସ୍ଥାନ ଚିହ୍ନଟ କରିଥିଲେ। ପୋଲିସ ସେଠାରୁ ସମସ୍ତ ସାମଗ୍ରୀକୁ ଜବତ କରିବା ସହ ଅନେକ ପ୍ରମାଣ ଯୋଗାଡ଼ କରିଛି।

ଅପରପକ୍ଷରେ କ୍ରାଇମ୍ ସିନ୍ ରିକ୍ରିଏଟ୍ ପରେ ଧଉଳି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସେମାନଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରିଛି। ଅନୁମତି ମିଳିଲେ ପୋଲିସ ଅଭିଯୁକ୍ତ ଖୋକନ ଓ ମିଜାନୁର୍‌ଙ୍କୁ ମାରାଥନ୍ ଜେରା କରିବ। କାରଣ ଉକ୍ତ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡଙ୍କ ସମେତ ୫ ଜଣ ଫେରାର ଅଛନ୍ତି। ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ଯୋଗାଡ଼ କରିବ ପୋଲିସ। ଏହାପୂର୍ବରୁ କେତୋଟି ଏଟିଏମ୍‌ରୁ କେତେ ଟଙ୍କା ଲୁଟ୍ କରିଛନ୍ତି, ଏଯାବତ୍ କେତେଟଙ୍କା ବାଂଲାଦେଶକୁ ପଠାଇଛନ୍ତି, ସ୍ଥାନୀୟ ଅଞ୍ଚଳର କେହି ଲୋକ ଲୁଟ୍ ଘଟଣାରେ ସହଯୋଗ କରିଥିଲେ କି ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ସେମାନଙ୍କୁ ପଚରାଉଚରା କରି ଏହି ମାମଲାରେ ଏକାଧିକ ଲିଙ୍କ ଖୋଜିବ। ସୂଚନା ଅନୁଯାୟୀ, ଏପ୍ରିଲ୍ ୪ ବିଳମ୍ବିତ ରାତିରେ ଲୁଟେରାମାନେ ଇନ୍ଦିରା କଲୋନୀସ୍ଥିତ ଏସ୍‌ବିଆଇ ଏଟିଏମ୍‌କୁ ତାଡ଼ି ଏକ ଚୋରା ପିକ୍‌ଅପ୍ ଭ୍ୟାନରେ ଧଉଳି ନିକଟ ଦୟାନଦୀ କୂଳକୁ ନେଇଥିଲେ। ସେଠାରେ ଏଟିଏମ୍‌କୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ସେଥିରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ପ୍ରଥମେ ଆନ୍ଧ୍ରପ୍ରଦେଶ ଓ ପରେ ବେଙ୍ଗାଲୁରୁ ଚାଲିଯାଇଥିଲେ। ଏପରି ଲୁଟ୍ ଘଟଣା ଓଡ଼ିଶାରେ ନୂଆ ଥିଲା। ତେଣୁ 'ଅପରେଶନ ଇମ୍‌ପସିବଲ' ଆରମ୍ଭ କରାଯାଇ ଡିସିପି ଉମାଶଙ୍କର ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ସିସିଟିଭି ଫୁଟେଜକୁ ଯାଞ୍ଚ କରି ଲୁଟେରାଙ୍କ ହୁଲିଆ ଓ ପିନ୍ଧି ଥିବା ପ୍ୟାଣ୍ଟ-ଶାର୍ଟକୁ ଅନୁଧ୍ୟାନ ପରେ ସେମାନେ ଅଣଓଡ଼ିଆ ବୋଲି ଜଣାପଡିଥିଲା। ସମାନ ଅପରାଧ କରି ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇ ଗୋଆ ଜେଲରେ ଥିବା କେତେଜଣ ଅପରାଧୀ ଓ ସହଯୋଗୀଙ୍କ ତଥ୍ୟ ସଂଗ୍ରହ କଲାପରେ ସେମାନେ ବାଂଲାଦେଶୀ ଗ୍ୟାଙ୍ଗର ହୋଇଥିବା ସନ୍ଦେହ କରାଯାଇଥିଲା। ସେମାନଙ୍କ ଉପରେ ସ୍ୱତନ୍ତ୍ର ଟିମ୍ ନଜର ରଖିଥିଲା। ବେଙ୍ଗାଲୁରୁର ବୁମ୍ ସେଣ୍ଡ୍ରା ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଏଟିଏମ୍ ଲୁଟ୍ ପାଇଁ ଯୋଜନା କରୁଥିଲେ। ଭୁବନେଶ୍ୱରର ସ୍ୱତନ୍ତ୍ର ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ଏଥିରେ ୫ଜଣ ଖସି ପଳାଇଥିବାବେଳେ ୨ଜଣ ଧରାପଡ଼ିଥିଲେ।



ଦୟାନଦୀ କୂଳରେ ଅଭିଯୁକ୍ତଙ୍କ କ୍ରାଇମ୍ ସିନ୍ ରିକ୍ରିଏଟ କରାଯାଉଛି।

## ମଦ୍ୟପ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**୧୩୮ ଡିଏଲ୍ ସ୍ଥଗିତ, ୨୧୬ ଡ୍ରାଇଭର ଗିରଫ**

ଭୁବନେଶ୍ୱର,୧୭।୪(ବ୍ୟୁରୋ)

କୋଭିଡ୍ କଟକଣା ହଟିବା ପରେ ମଦ୍ୟପାନ କରି ଡ୍ରାଇଭିଂ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ରାଜ୍ୟସ୍ତରୀୟ ମିଳିତ ଡ୍ରାଇଭ୍‌ରେ ଶନିବାର ରାତିରେ ପ୍ରାୟ ୨୬୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କ ବ୍ରେଥ୍ ଆନାଲାଇଜର କରାଯାଇଥିଲା। ଏଥିରୁ ଲଙ୍ଗ୍ ଡ୍ରାଇଭିଂ କରୁଥିବା ସମୁଦାୟ ୨୫୧ ଡ୍ରାଇଭର ମଦ୍ୟପାନ କରି ଗାଡି ଚଳାଉଥିବା ଚିହ୍ନଟ ହୋଇଥିଲେ। ସଡକ ସୁରକ୍ଷା ଉପରେ ସୁପ୍ରିମକୋର୍ଟ କମିଟିର ନିର୍ଦ୍ଦେଶନାମା ଅନୁଯାୟୀ ମୋଟ୍ ୧୩୮ ଡ୍ରାଇଭିଂ ଲାଇସେନ୍ସକୁ ସ୍ଥଗିତ ରଖାଯାଇଛି। ୨୩୨ଟି ଗାଡ଼ିକୁ ଅଟକ ରଖାଯାଇଛି। କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୨୧୬ ମଦ୍ୟପ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଏବେ ନିୟମିତ ବ୍ୟବଧାନରେ ଏଭଳି ଡ୍ରାଇଭ କରିବାକୁ କାର୍ଯ୍ୟନିର୍ବାହୀ ସ୍କ୍ୱାଡ୍‌ଙ୍କୁ କୁହାଯାଇଛି। ମୋଟର ଯାନ ଅଧିନିୟମ ୧୯୮୮ର ସେପ୍ଟେମ୍ବର ୨୦୧୯ ସଂଶୋଧନ ଅନୁସାରେ, ମଦ୍ୟପାନ କରି ଡ୍ରାଇଭିଂ ମାମଲାରେ ପ୍ରଥମଥର ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଏହାର ଦୁଇ ବର୍ଷ ମଧ୍ୟରେ ପୁଣି ଧରାପଡିଲେ ୨ବର୍ଷ ପର୍ଯ୍ୟନ୍ତ ଜେଲ ଓ ୧୫ହଜାର ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି।

## ଜିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆର ଓଡ଼ିଶା ଆଞ୍ଚଳିକ କେନ୍ଦ୍ର ଉଦ୍‌ଘାଟିତ



ଅତିଥିମାନେ ସୋସାଇଟିର ଅଷ୍ଟମ ସ୍ୱତନ୍ତ୍ର ପ୍ରକାଶନ 'ଓଡ଼ିଶାର ଜଳସମ୍ପଦ: ସ୍ଥିତି, ସମସ୍ୟା ଏବଂ ରଣନୀତି'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ବେଙ୍ଗାଲୁରୁସ୍ଥିତ ସୋସାଇଟି ପକ୍ଷରୁ ଜିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆର ଆଞ୍ଚଳିକ କେନ୍ଦ୍ର ଓଡ଼ିଶାରେ ସ୍ଥାପନ କରାଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବ ରବିବାର ଇଡ୍‌କଲ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଯୋଗଦେଇଥିଲେ। ଅନୁଷ୍ଠାନର ଏହି ପ୍ରୟାସ ପାଇଁ ସଚିବ ପ୍ରଶଂସା କରିବା ସହ ଏହି ଆଞ୍ଚଳିକ କେନ୍ଦ୍ରର ନୂତନ ସଦସ୍ୟମାନଙ୍କୁ ଓଡ଼ିଶାର ସ୍ୱାର୍ଥ ପାଇଁ ବ୍ରତୀ ହେବାକୁ ଉତ୍ସାହିତ କରିଥିଲେ। ସେ ଡ. ଶୁଭ୍ରଜ୍ୟୋତି ଦାସ ଏବଂ ଡ. ଇ.କେ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ସୋସାଇଟିର ଅଷ୍ଟମ ସ୍ୱତନ୍ତ୍ର ପ୍ରକାଶନ ସଂଖ୍ୟା 'ଓଡ଼ିଶାର ଜଳସମ୍ପଦ: ସ୍ଥିତି, ସମସ୍ୟା ଏବଂ ରଣନୀତି' ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫିମିର ଅଧ୍ୟକ୍ଷ ଆର୍.ଏଲ୍. ମହାନ୍ତି ଏବଂ ନିର୍ଦ୍ଦେଶକ (ଭୂବିଜ୍ଞାନ) ମନୋରଞ୍ଜନ ମହାପାତ୍ର ଏହି ନୂତନ କେନ୍ଦ୍ରର ପ୍ରୟାସକୁ ପ୍ରଶଂସା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍ୱନାମଧନ୍ୟ ପ୍ରଫେସର କେ.ଭି. ସୁଜାରାଓ ଓ ଶ୍ରୀ ଏନ୍. ରାଜେନ୍ଦ୍ରନ୍ ବେଙ୍ଗାଲୁରୁ ମୁଖ୍ୟାଳୟରୁ ଯୋଗଦେଇ ସଦସ୍ୟଙ୍କ ଦାୟିତ୍ୱ ଏବଂ ଭୂମିକା ଉପରେ ଆଲୋକପାତ କରିଥିଲେ। ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣର ଅବସରପ୍ରାପ୍ତ ଉପମହାନିର୍ଦ୍ଦେଶକ ଜାଦବାନନ୍ଦ ଦାସ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଓଏମ୍‌ଇସିଏଲ୍ ନିର୍ଦ୍ଦେଶକ ତଥା ଆଞ୍ଚଳିକ କେନ୍ଦ୍ରର ଉପ ସଭାପତି ଶୈଳେନ୍ଦ୍ର କୁମାର ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୪ ଦିନିଆ ରିମାଣ୍ଡରେ ନକଲି ଡାକ୍ତରଙ୍କ ଦ୍ୱିତୀୟ ସ୍ତ୍ରୀ

**କାର୍ ଜବତ କଲା ମହିଳା ଥାନା ପୋଲିସ**

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ଗିରଫ ହୋଇ ଜେଲ ଯାଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱିତୀୟ ସ୍ତ୍ରୀ ତଥା ଅସଲି ଡାକ୍ତର କମଳା ସ୍ୱାଇଁଙ୍କୁ ରବିବାରଠାରୁ ମହିଳା ଥାନା ପୋଲିସ ୪ ଦିନିଆ ରିମାଣ୍ଡରେ ଆଣିଛି। କମଳାଙ୍କୁ ପୋଲିସ ବିଭିନ୍ନ ଦିଗକୁ ନେଇ ମାରାଥନ୍ ଜେରା ଆରମ୍ଭ କରିଥିବାବେଳେ ତାଙ୍କର ଏକ କାର୍‌କୁ ମଧ୍ୟ ଜବତ କରାଯାଇଛି। ରମେଶଙ୍କୁ ଠକେଇରେ ସହଯୋଗ କରୁଥିଲେ କମଳା। ଏଥିସହ ରମେଶ ଗିରଫ ହେବା ପରେ ତାଙ୍କୁ ଜାମିନ ପାଇଁ ସେ ଅର୍ଥ ପ୍ରଦାନ, ଓକିଲ ଦେବାଠାରୁ ଆରମ୍ଭ କରି ସମସ୍ତ ସହଯୋଗ କରୁଥିଲେ। ତେଣୁ ଏ ସଂକ୍ରାନ୍ତରେ କମଳାଙ୍କଠାରୁ ଅଧିକ ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି। ରମେଶ ନିଜକୁ ଡାକ୍ତର ତଥା କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ଡେପୁଟି ଡାଇରେକ୍ଟର ବୋଲି ପରିଚୟ ଦେଇ ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପରବର୍ତ୍ତୀ ସମୟରେ ସମ୍ପତ୍ତି ଲୁଟୁଥିଲେ। ଏଥିସହ ଚାକିରି ଓ ମେଡିକାଲ ନାମଲେଖାଇ ଦେବାକୁ କହି ଠକେଇ କରିଥିଲେ। ୨୦୦୨ରେ ସେ କମଳାଙ୍କୁ ବିବାହ କରିଥିଲେ। ବିବାହ ପରେ କମଳା ସ୍ୱାମୀ ରମେଶଙ୍କୁ ବିବାହ, ପ୍ରତାରଣା, ସମ୍ପତ୍ତି ଲୁଟ୍ ଓ ଠକେଇରେ ସହଯୋଗ କରିଥିଲେ। ଏପରିକି ସ୍ୱାମୀ ରମେଶଙ୍କ ବାହାଘରରେ କମଳା ବିଭିନ୍ନ ପରିଚୟ ଦେଇ ବରଯାତ୍ରୀରେ ଯାଉଥିଲେ। ରମେଶ ଗିରଫ ହେବା ପରେ କମଳାଙ୍କ ସମ୍ପର୍କରେ ପୋଲିସ ଜାଣିବାକୁ ପାଇଥିଲା। କମଳା ଆହ୍ଲାବାଦରେ ଚାକିରୀ କରିଥିବା ରମେଶ କହିବା ପରେ ପୋଲିସ ତାଙ୍କୁ ଧରିବାକୁ ଉଦ୍ୟମ କରିଥିଲା। ହେଲେ ଏହାପରେ ସେ ଫେରାର ହୋଇଯାଇଥିଲେ। ଏପ୍ରିଲ ୫ରେ ଝାଡ଼ଖଣ୍ଡରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ତେବେ ରମେଶଙ୍କୁ ୩ଦିନ ଓ କମଳାଙ୍କୁ ୭ ଦିନିଆ ରିମାଣ୍ଡ ପାଇଁ ପୋଲିସ ଆବେଦନ କରିଥିଲା। ଏପ୍ରିଲ୍ ୭ରେ କୋର୍ଟ ରମେଶଙ୍କ ରିମାଣ୍ଡ ଆବେଦନକୁ ଖାରଜ କରିଦେଇଥିବାବେଳେ କମଳାଙ୍କୁ ୪ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଥିଲେ।

### ରସିକିଆ ଠକ ରମେଶଙ୍କ ଉପରେ ବହି ଲେଖିବେ ୪ ଲେଖିକା

ରସିକିଆ ନକଲି ଡାକ୍ତର ରମେଶ ସ୍ୱାଇଁଙ୍କ ଠକେଇ ଘଟଣା ରାଜ୍ୟରେ ଏକ ଚର୍ଚ୍ଚିତ ଖବର ପାଲଟିଛି। ଏପରି କି କିଛି ଜାତୀୟ ଗଣମାଧମରେ ମଧ ତାଙ୍କୁ ନେଇ ଖବର ପ୍ରସାରଣ ହେଉଛି। ରମେଶଙ୍କ କାହାଣୀ ଅନେକ ଲେଖକ, ଲେଖିକାଙ୍କୁ ବି ଆକୃଷ୍ଟ କରିଛି। ତେଣୁ ଓଡିଶାର ୪ଜଣ ଲେଖିକା ଏହି ରସିକିଆ ନକଲି ଡାକ୍ତରଙ୍କ କରିତ୍‌କର୍ମା କାହାଣୀକୁ ନେଇ ବହି ଲେଖିବା ପାଇଁ ଇଚ୍ଛା କରିଛନ୍ତି। ରବିବାର ଲେଖିକା ସୁଜାତା ନନ୍ଦ, ଗୀତାଞ୍ଜଳି ପଣ୍ଡା, ରେଣୁକା ମିଶ୍ର ଓ ସୁଷମା ଲେଙ୍କା ଝାରପଡା ଜେଲରେ ପହଞ୍ଚି ରମେଶଙ୍କ ବିଷୟରେ ଅଧିକ ତଥ୍ୟ ଯୋଗାଡ କରିଛନ୍ତି। ପ୍ରେମ ଜାଲରେ ଫସାଇ ସମ୍ପତ୍ତି ଲୁଟ୍ ଉଦ୍ଦେଶ୍ୟରେ ଓଡ଼ିଶା ତଥା ଅନ୍ୟ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରିଥିବା ରମେଶ ଏକ ବିରଳ ଠକ ବୋଲି ସେମାନେ ବିବେଚନା କରୁଛନ୍ତି। ଅତିଶ୍ରୀଘ୍ର ସେମାନେ ରମେଶଙ୍କ ଉପରେ ଏକ ବହି ଲେଖି ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ଦେବେ ବୋଲି ସୂଚନା ମିଳିଛି।

## ଶାଳୀଘରୁ ଚୋରି ସୁନା ବନ୍ଧା ପକାଇ ଆଇପିଏଲ୍ ବେଟିଂରେ ଲଗାଇଥିଲେ ଟଙ୍କା

**ଭିଣୋଇ ଗିରଫ**

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ଶାଳୀଘରକୁ ଯାଇ ସୁନା ଗହଣା ଚୋରି କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଅଭିଯୁକ୍ତ ଭିଣୋଇଙ୍କୁ ଗିରଫ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱରର ଅଭିଶେଖ ମହାପାତ୍ର (୩୨)। ତାଙ୍କଠାରୁ ଗୋଟେ ସୁନା ହାର, ଗୋଟେ ମୁଦି ଓ ଗୋଟେ ବ୍ରେସ୍‌ଲେଟ ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି, ଅଭିଯୁକ୍ତ ଅଭିଶେଖ ଚୋରି କରିଥିବା ସୁନାଗୁଡ଼ିକୁ ମନାପୁରମ ଆସେଟ ଫାଇନାନ୍ସରେ ବନ୍ଧା ପକାଇ ୧ ଲକ୍ଷ ୬୮ ହଜାର ଟଙ୍କା ଆଣି ଆଇପିଏଲ୍‌ରେ ବେଟିଂରେ ଲଗାଇଥିଲେ। ଏନେଇ ପୋଲିସ ୧୧୦/୨୨ରେ ମାମଲା ରୁଜୁ କରି ରବିବାର କୋର୍ଟ ଚାଲାଣ କରିଛି। ଏଥିସହ ଅଭିଯୁକ୍ତ ଜଣଙ୍କ ମନାପୁରମ ଆସେଟ ଫାଇନାନ୍ସ ଲିର ଶାଖା ପ୍ରବନ୍ଧକଙ୍କଠାରେ ବନ୍ଧକ ରଖିଥିବା ସୁନାକୁ ଜବତ କରି ଅଭିଯୋଗକାରୀଙ୍କ ଜିମା ଦେଇଛନ୍ତି। ସୂଚନାନୁଯାୟୀ, ଅଭିଯୁକ୍ତ ଅଭିଶେଖ ଅଭିଯୋଗକାରୀ ବଟକିଶୋର ପରିଡ଼ାଙ୍କ ସମ୍ପର୍କୀୟ ଭାଇ। ଏପ୍ରିଲ ୮ରେ ଅଭିଯୁକ୍ତ ତାଙ୍କର ୨ ଭଉଣୀଙ୍କ ସହିତ ବଟକିଶୋରଙ୍କ ଘରକୁ ବୁଲିବାକୁ ଯାଇଥିଲେ। ବଟକିଶୋରଙ୍କ ସ୍ତ୍ରୀ ଘରେ ଥିବା ସମୟରେ ଅଭିଶେଖ ତାଙ୍କର ୪୦ ଗ୍ରାମର ସୁନା ଚେନ, ୧୦ ଗ୍ରାମର ମୁଦି ଓ ୧୮ ଗ୍ରାମର ବ୍ରେସ୍‌ଲେଟ ଚୋରି କରି ନେଇଯାଇଥିଲେ। ଘରେ ସୁନା ନ ଥିବା ଜାଣିପାରି ଅଭିଯୋଗକାରୀଙ୍କ ସ୍ତ୍ରୀ ଅଭିଶେଖଙ୍କୁ ପଚାରିଥିଲେ। ହେଲେ ଅଭିଶେଖ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ବଟକିଶୋର ମଞ୍ଚେଶ୍ୱର ଥାନାରେ ଏପ୍ରିଲ ୧୩ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି।

## ସ୍କାଏଲାଇଟ ଭାଙ୍ଗି ଥାନାରୁ ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୭।୪(ବ୍ୟୁରୋ)

ଜଣେ ଅଭିଯୁକ୍ତ ଶୌଚ ହେବାକୁ ଯାଇ ଘରର ସ୍କାଏଲାଇଟ୍ ଭାଙ୍ଗି ଥାନା ପରିସରରୁ ଖସି ପଳାଇବାରେ ସଫଳ ହୋଇଥିଲେ। ଗୋଟିଏ ଦିନ ପରେ ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ କାବୁ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ସୁନ୍ଦରପଦା ଭୋଇ ସାହିର ଧୋଳ ଓରଫ ବିକୁ ଭୋଇ। ଏନେଇ ପୋଲିସ ୮୯/୨୨ରେ ମାମଲା ରୁଜୁ କରି ରବିବାର କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ଅଭିଯୁକ୍ତ ଧୋଳକୁ ଏକ ଚୋରି ମାମଲାରେ ଏୟାରଫିଲ୍ଡ ଥାନା ପୋଲିସ ଗତ ୧୪ରେ ଗିରଫ କରିଥିଲା। ସେ ଶୌଚାଳୟ ଯିବା ବାହାନାରେ ଗତ ୧୫ରେ ଶୌଚାଳୟ ଘରର ସ୍କାଏଲାଇଟ ଭାଙ୍ଗି ଥାନାରୁ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# କୋଣାଦିତ୍ୟର ଉପାସନା ଖିଆଲି ପରମ୍ପରା ନୁହେଁ

ଡ. ସୁରେନ୍ଦ୍ର କୁମାର ମିଶ୍ର

- ପରମ୍ପରାର ବିକାଶ ପାଇଁ ସଂକଳ୍ପ ନେଇଥିଲେ ଲାଙ୍ଗୁଲା ନରସିଂହଦେବ
- ଗଡ଼ର ମହାସାମନ୍ତମାନେ ଥିଲେ ଆମ ଜାତିର ବିଶ୍ୱାସ ପୁରୁଷ




ପୂର୍ବ ଆଲେଖ୍ୟରୁ ଆମେ ଜାଣିଲେ କୋଣାର୍କକୁ ୨୪ଥର ପଥର ଆସିଥିଲା। ସମସ୍ତ ପଥର ଓଡ଼ିଶାର ପାହାଡ଼/ପର୍ବତରୁ ଆସିଥିଲା। ସେଥିପାଇଁ ସେଗୁଡ଼ିକର ଅବସ୍ଥିତି ଆମେ ଆଲୋଚନା କରିଥିଲୁ। ପଥର ବାଛିବାଠାରୁ ପଥର ଆଣି କୋଣାର୍କରେ ପହଞ୍ଚାଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଓଡ଼ିଶାର ଅଭିଜ୍ଞ ଶିଳ୍ପୀ କରିଥିଲେ। ସେମାନଙ୍କୁ ସହଯୋଗ କରିଥିବା ରାଜା /ମହାରାଜା/ଗଡ଼ନାୟକ/ଖଣ୍ଡପାଳ/ଦଳବେହେରା/ଗଡ଼ ସାମନ୍ତମାନଙ୍କ ଅବଦାନ ମଧ୍ୟ ପ୍ରସଙ୍ଗକ୍ରମେ ଉପସ୍ଥାପନ କରାଯାଇଥିଲା। ଉଲ୍ଲେଖ କରିବାର ଆଭିମୁଖ୍ୟ ଆମର ସ୍ପଷ୍ଟ। ଯେଉଁମାନେ ଶ୍ରୀପଦ୍ମକେଶର ମନ୍ଦିର ଏବଂ କୋଣାର୍କ ଉପରେ ବଡ଼ ବଡ଼ ଗ୍ରନ୍ଥ/ପୁସ୍ତକ ଲେଖି ପ୍ରମାଣିତ କରିବାକୁ ଚାହିଁଥିଲେ ଓଡ଼ିଆମାନେ ଏହି ମନ୍ଦିର ନିର୍ମାଣ କରିନାହାନ୍ତି। ସେମାନଙ୍କ ବର୍ଣ୍ଣନା ଓ ମତକୁ ନିରାଧାର କରିବା। ଏକ ଭୁଲ୍ ଐତିହ୍ୟ ଆମ ଉପରେ ଲଦି ଦିଆଯାଇଥିଲା।

ପଦ୍ମତୋଳାଗଣ୍ଡରେ ପଥର ପହଞ୍ଚିବା ପରେ ତା'ର ହିସାବ ଓ ରକ୍ଷଣାବେକ୍ଷଣ କଥା ଆମେ ଆଲୋଚନା କରିଥିଲେ। ନିର୍ମାଣ କେମିତି ଆଗେଇଲା, କେଉଁମାନେ ଘରଦ୍ୱାର ପିଲାସଂସାରକୁ ଛାଡ଼ି ମାସ ମାସ ଧରି କୋଣାର୍କରେ ଅବସ୍ଥାନ କରି ଜାତିର ଗୌରବକୁ ପ୍ରତିଷ୍ଠା କରିଦେଇଗଲେ ତାଙ୍କ ବିଷୟରେ ଜାଣିବା ଓ ଅନ୍ୟକୁ ଜଣେଇବା।

ଅନେକ ପୁସ୍ତକରେ ଲେଖିବାକୁ ଲେଖକମାନେ ଭୁଲିଲେ ନାହିଁ ଯେ ତୀର୍ଥରେ ସ୍ନାନ କରି ଶ୍ରୀମହାଭାସ୍କରଙ୍କୁ ଦର୍ଶନ କରିବାର ଏକ ଖିଆଲି ପରମ୍ପରାକୁ ନେଇ ଏତେ ଧନ ଦରବ ଖର୍ଚ୍ଚ କରିବା କ'ଣ ଆବଶ୍ୟକ ଥିଲା। ସେମାନେ ବୁଝିନାହାନ୍ତି ସନତନୀୟ ସ୍ନାନ ପରମ୍ପରାର ରହସ୍ୟ। ଆମେ ଜାଣେ ଆମ ପରମ୍ପରାରେ ସ୍ନାନ ସାତ ପ୍ରକାର।

୧- ମନ୍ତ୍ର ସ୍ନାନ, ୨-ପାର୍ଥିବ ସ୍ନାନ (ମାଟି ଚୂର୍ଣ୍ଣ ବୋଳିହୋଇ ସ୍ନାନ କରିବା), ୩- ଆଗ୍ନେୟ ସ୍ନାନ (ପାଉଁଶ/ଭସ୍ମ ବୋଳି ହୋଇ ଏବଂ ସୂର୍ଯ୍ୟକିରଣରେ ସ୍ନାନ କରିବା)।

୪- ବାୟବ୍ୟ ସ୍ନାନ: ଗୋରୁ ଗଲାବେଳେ ତାଙ୍କ ଖୁରା ବାଜି ଯେଉଁ ଧୂଳି ବା ରଜ ସୃଷ୍ଟି ହୁଏ ତାହା ଖୋଲା ଦେହକୁ ପବନ ସହ ବାଜିଲେ ବୟବ୍ୟ ସ୍ନାନ ହୁଏ।

୫- ଦିବ୍ୟ ସ୍ନାନ: ଖରା ପଡ଼ିଥିବ/ବର୍ଷା ବି ଝିପି ଝିପି ହେଉଥିବ, ଠିକ୍ ସେଇ ସମୟରେ ତୀର୍ଥରେ ଯେଉଁ ସ୍ନାନ କରାଯାଏ।

୬- ବାରୁଣି ସ୍ନାନ: ମହୋଦଧି, ପବିତ୍ର ନଦୀ ଏବଂ ପାହାଡ଼ରୁ ଝରିଆସି ତୀର୍ଥ ସଂଲଗ୍ନ ହୋଇଥିବା ଝରଣାରେ ତିଥି, ବାର ଓ ନକ୍ଷତ୍ର ଅନୁଯାୟୀ ଯେଉଁ ସ୍ନାନ କରାଯାଏ।

୭- ମାନସିକ ସ୍ନାନ: ମନରେ ଶ୍ରୀବିଷ୍ଣୁଙ୍କୁ ଧ୍ୟାନ କରି ସନ୍ନ୍ୟାସୀମାନେ ସ୍ଥାନ-କାଳ-ପାତ୍ର ଅନୁଯାୟୀ ଯେଉଁ ସ୍ନାନ କରନ୍ତି।

କୋଣାଦିତ୍ୟରେ ମହୋଦଧି ସଂଲଗ୍ନ ପବିତ୍ର ଚନ୍ଦ୍ରଭାଗା ନଦୀରେ ବାରୁଣି ସ୍ନାନ ପ୍ରଚଳିତ। ପବିତ୍ର ନଦୀର ତାହା ସଙ୍ଗମ ସ୍ଥଳ ଥିଲା। ପାରଲୌକିକ ବିଶ୍ୱାସ କେବଳ ନୁହେଁ, ଇହଲୋକର ବିଜ୍ଞାନ ବାର୍ତ୍ତା ଏଥିରେ ଅଛି। ବିଶ୍ୱାସ ଓ ଆସ୍ଥାର କଥା। ସେଇ ଗଣବିଶ୍ୱାସକୁ ସମ୍ମାନ ଦେଇଆସିଥିଲେ ମହାରାଜାମାନେ। ସେ ବିଶ୍ୱାସ ଶାମ୍ବଙ୍କର ମଧ୍ୟ ଥିଲା। ନଇଲେ ବ୍ୟାଧିମୁକ୍ତ ହେବା ସହିତ ସିଦ୍ଧି ପାଇଲେ କେମିତି!! ସେବେଠୁ ଓଡ଼ିଶା ମୂଳକରେ କୋଣାଦିତ୍ୟ ଥିଲା ପବିତ୍ର ଭୂମି।

ସେଇ ପବିତ୍ର ପରମ୍ପରାର ବିକାଶ କରିବାକୁ ସଂକଳ୍ପ ନେଇଥିଲେ ଲାଙ୍ଗୁଳା ନରସିଂଦେବ। ତୀର୍ଥ ଥିଲା, ସୂର୍ଯ୍ୟଦେବତା ବି ପୂଜା ପାଉଥିଲେ, ଦେବତାଙ୍କ ସମେତ ମଣିଷମାନଙ୍କ ସ୍ନାନ ବିଧି ଥିଲା, ଆଉ ଟିକେ ବିକାଶ କରାଇବାକୁ ଅଣ୍ଟା ଭିଡ଼ିଥିଲେ ଗଜପତି। ଗଜପତିଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଓଡ଼ିଶାର 'ମହାସାମନ୍ତ'ମାନେ। ଆମେ ଜାଣେ କେତୋଟି ଗ୍ରାମକୁ ନେଇ ପ୍ରଶାସନିକ ସୁବିଧା ଦୃଷ୍ଟିରୁ 'ବିଷୟ' ଗଠିତ ହୋଇଥିଲା। ପାଞ୍ଚୋଟି ବିଷୟକୁ ନେଇ ଗଠିତ ଅଞ୍ଚଳର ମୁଖିଆ ଥିଲେ-ବିଷୟାଧିପତି। ଗଜପତି ଯାଙ୍କୁ ନିଯୁକ୍ତି ଦେଉଥିଲେ। ଭିନ୍ନ ଭିନ୍ନ କାଳରେ ବିଷୟାଧିପତି ଚିହ୍ନିତ ହୋଇଛନ୍ତି 'ରାଣକ', ସାମନ୍ତ ଓ ମହାସାମନ୍ତ ଅଧିପତି ଭାବରେ। ଅନେକ ଐତିହ୍ୟରୁ ଜଣାଯାଏ ଗଜପତିଙ୍କର ମହାସାମନ୍ତ ଥିଲେ ବିଶ୍ୱାସପୁରୁଷ। ସେଥିପାଇଁ କେତେକ ଉଚ୍ଚକ୍ଷମତା ତାଙ୍କୁ ଦିଆଯାଇଥିଲା। ଗଜପତିଙ୍କ ପରିବାରର ଦୂରସମ୍ପର୍କୀୟ ବା ପରିବାରଭୁକ୍ତ ଥିଲେ ମହାସାମନ୍ତମାନେ। କୋଣାର୍କ ଅଞ୍ଚଳରେ ଯେଉଁ ଗଙ୍ଗବଂଶୀ ୧୬ ଗଡ଼ ଥିଲା, ସେଇ ଗଡ଼ର ମହାସାମନ୍ତମାନଙ୍କର ଉପାଧି ଥିଲା- ବୀରବର ମର୍ଦ୍ଦରାଜ ସାମନ୍ତ (ଗୋଲରାଗଡ଼), ସାମନ୍ତସିଂହାର (ଗଡ଼ଚାନ୍ଦପୁର), ରାୟ ସାମନ୍ତ (ଗଡ଼ବାଙ୍ଗର), ସାମନ୍ତରାୟ (ପଦନପୁର ଗଡ଼), ସାମନ୍ତ ଶ୍ରୀଚନ୍ଦନ (ଗଡ଼ମୃଗଶିରା) ପ୍ରଭୃତି।

ଏମାନଙ୍କୁ ଆଜି ଆମେ ସ୍ମରଣ କରୁଛେ- ଏଇମାନେ କୋଣାର୍କକୁ ପଥର ଆଣିବାର ବ୍ୟବସ୍ଥାରେ ମୁଖ୍ୟପୁରୋଧା ଥିଲେ। ପଥର ଆସିବା ପରେ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇଥିଲେ। ଗଜପତି ସିନା ଅର୍ଥବଳ ଯୋଗେଇଦେବେ! ଲୋକବଳ...!! ଚାପ ସଜାଡ଼ିବାଠୁ ଚାପଦଳେଇ, ଦଳବେହେରା, ମହ୍ଲାର, ଘାଟ ଦଳେଇଙ୍କୁ ସଜାଗ କରାଇ କର୍ମଚଞ୍ଚଳ କରାଇବା, ଚାପରୁ ପଥର ବୋହି ପଥୁରିଆଙ୍କୁ ଯୋଗାଇଦେବା ସହଜ କାମ ନୁହେଁ। ଦିନରାତି ଜଣାପଡ଼ି ନ ଥିବ ଏମାନଙ୍କୁ। ଏମାନଙ୍କ ତ୍ୟାଗ, ନିଷ୍ଠା ଓ ସହଯୋଗ ସବିଶେଷ ଆଲୋଚନା ସ୍ତରକୁ ଆଣିବା। ନଇଲେ ବାହାରିଆ ଲେଖକଙ୍କ ପାଟି ଚୁପ୍ ହେବନି।



ଗୋଲରାଗଡ଼ ସଂଲଗ୍ନ ଚିତ୍ରୋତ୍ପଳା ନଦୀ କୂଳରେ ଅନୁସନ୍ଧାନ କାଳରେ ସୁରେନ୍ଦ୍ର କୁମାର ମିଶ୍ର ଓ ଗଡ଼ରୁପାସର ମହାସାମନ୍ତଙ୍କ ଭାଇ ଅଜୟ ପାତ୍ର (ବାମ)। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)



## ଚକୁଳେଶ୍ୱର ଜଙ୍ଗଲରେ ଅଗ୍ନିକାଣ୍ଡ

ବାଙ୍କୀ,(ସ୍ୱ.ପ୍ର): ଡମପଡା ବ୍ଲକ ଅନ୍ତର୍ଗତ ବାଙ୍କୀ- କଟକ ରାସ୍ତାର ଚକୁଳେଶ୍ୱର ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାର କାରଣ ଜଣାପଡିନାହିଁ। ନିଆଁ ଦେଖି ବାଙ୍କୀ- କଟକ ରାସ୍ତାରେ ଯାଉଥିବା ଲୋକେ ଭୟଭୀତ ହୋଇପଡିଥିଲେ। ଖବରପାଇ ଡମପଡ଼ା ଦମକଳ ବାହିନୀ ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲା।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶତାବ୍ଦୀର କଳାକାର ୪୭ତମ ପ୍ରତିଷ୍ଠା ଦିବସରେ 'ଜାତୀୟସ୍ତରରେ ଓଡିଆ ନାଟକର ସ୍ଥିତି', ବିଜୁ ନାଟ୍ୟ କେନ୍ଦ୍ର, ଭିଆଇପି ରୋଡ, ନୟାପଲ୍ଲୀ, ପୂର୍ବାହ୍ଣ ୧୧ଟା।
- ଅନୁବାଦ ସାହତ୍ୟ ପରିଷଦ ଟ୍ରଷ୍ଟ ପକ୍ଷରୁ ପୁସ୍ତକ ଉନ୍ମୋଚନ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ଯୁଗଶ୍ରୀ ଯୁଗନାରୀର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ-୨୦୨୨, ଗୀତଗୋବିନ୍ଦ ଭବନ, ସନ୍ଧ୍ୟା ୬ଟା।

ବାଲିଅନ୍ତା

- ଦୟାଣ ଚୋର ମେଳନ, ଭିଙ୍ଗଅଗାରପୁର, ଶ୍ରୀବକ୍ରେଶ୍ୱର ମନ୍ଦିର ନିକଟ ପଡିଆ, ପୂର୍ବାହ୍ଣ ୯ଟା।
- ବାଦୀପାଲା, ସୁନ୍ଦରାପଟଣା, ରୁଦ୍ରପୁର, ମା' ଗେହ୍ଲାଦେବୀଙ୍କ ବିଜେସ୍ଥଳୀ, ରାତି ୭ଟା।
- ବାଦୀପାଲା, ଜଗନ୍ନାଥପୁରର ମହାନ୍ତିପାଟଣା, ମା' ବନଦୁର୍ଗା ପୀଠସ୍ଥଳୀ, ରାତି ୭ଟା।
- ରାମଲୀଳାର ନାଟକ 'ସୀତାଚୋରି', ବେଣ୍ଣୁପୁର ରାମଲୀଳା ପଡିଆ, ରାତି ୧୧ଟା।
- ରାମଲୀଳାର ନାଟକ 'କୁମ୍ଭ ଓ ନିକୁମ୍ଭ ବଦ୍ଧ ଓ ତରଣସେନ ବଦ୍ଧ, କାକରୁଦ୍ରପୁର, ପତିତପାବନ ଦେବଙ୍କ ମନ୍ଦିର ନିକଟ ପଡିଆ, ରାତି ୧୧ଟା।

# ଭୁଶୁଡ଼ିଗଲାଣି ଶ୍ରୀକ୍ଷେତ୍ର ଐତିହ୍ୟ

**ଆଜି ବିଶ୍ୱ ଐତିହ୍ୟ ଦିବସ**

- ଭଗ୍ନାବସ୍ଥାରେ ୧୦୯ ମଠ
- ତୀର୍ଥ ପୁଷ୍କରିଣୀ ଅବହେଳିତ

**ପୁରୀ ଅଫିସ,୧୭।୪**

ଶ୍ରୀକ୍ଷେତ୍ର ଐତିହ୍ୟ ବିଶ୍ୱ ବିଦିତ। ଭାରତର ଅନ୍ୟତମ ପ୍ରାଚୀନ ଐତିହ୍ୟ ପୀଠ ହେଉଛି ପୁରୀ। ତେବେ କାଳକ୍ରମେ ଶ୍ରୀକ୍ଷେତ୍ରର ଐତିହ୍ୟ ଭୁଶୁଡ଼ିଗଲାଣି। ରକ୍ଷଣାବେକ୍ଷଣ ଅଭାବ ଓ ପ୍ରଶାସନର ଅବହେଳା ଯୋଗୁ ମଠ, ଆଶ୍ରମ ପରମ୍ପରା ଲୋପ ପାଇବାକୁ ବସିଛି। ଐତିହ୍ୟ କରିଡର ଯୋଜନାରେ ବିକାଶ ପାଇଁ ମଧ୍ୟ କେତେକ ପ୍ରାଚୀନ ମଠ ଏବଂ ଐତିହ୍ୟ କୀର୍ତ୍ତିରାଜିକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ସମୟକ୍ରମେ ବୈଦିକ କାଳର ଆଶ୍ରମ ଲୋପ ପାଇଯାଇଥିଲେ ମଧ୍ୟ ୪ଟି ଆଶ୍ରମ ଏବେ ବି ମହାପ୍ରଭୁଙ୍କ ଉପାସନା ସହିତ ଜଡ଼ିତ। ପ୍ରାଚୀନ କାଳରୁ ଗଢ଼ି ଉଠିଥିବା ମଠ ମଧ୍ୟରୁ ୩୭୪ଟି ମଠ ରହିଛି। ଏଥିମଧ୍ୟରୁ ୧୦୯ଟି ମଠ ଭଗ୍ନ ଓ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ସବୁଠାରୁ ପ୍ରାଚୀନ ମଠ ଶିବତୀର୍ଥ ଓ ଶଙ୍କରାନନ୍ଦ ମଠ ଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଛି। ସେହିପରି ଶ୍ରୀଜଗନ୍ନାଥ ପରମ୍ପରା ସହ ଓତପ୍ରୋତ ଭାବେ ଜଡ଼ିତ ମହୀପ୍ରକାଶ ମଠ ଓ ରାଘବଦାସ ମଠ ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। ଶିବ ଉପାସକ, ବିଷ୍ଣୁ ଉପାସକ, ଶ୍ରୀରାମ ଉପାସକ, ଶ୍ରୀକୃଷ୍ଣ ଉପାସକ, ଗଣେଶ ଉପାସକ, ଶ୍ରୀହନୁମାନ ଉପାସକ ଭାରତରେ ନିଜ ନିଜର ଉପାସ୍ୟଙ୍କ କ୍ଷେତ୍ରରେ ଆସ୍ଥାନ କରିଥିଲେ ମଧ୍ୟ ସମସ୍ତେ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କ ପାଖରେ ମୁଣ୍ଡ ନୁଆଁଇ ପୁରୀରେ ଆସ୍ଥାନ କରିଥିଲେ। ମଠ ଓ ଆଶ୍ରମରେ ଏହି ଉପାସକମାନେ ନିଜ ନିଜ ଅସ୍ତିତ୍ୱ ରଖି ମହାପ୍ରଭୁଙ୍କ ସେବାରେ ସମର୍ପିତ ଥିଲେ। ସାଂସ୍କୃତିକ ସଂହତିର ଏହା ଏକ ବିରଳ ଉଦାହରଣ ଥିଲା ବୋଲି ଐତିହ୍ୟ ବିଶାରଦ ଡ. ମିଶ୍ର ପ୍ରକାଶ କରିଛନ୍ତି। ତେବେ ପୁରୀ ଜିଲା ପ୍ରଶାସନର ଅବହେଳା ଯୋଗୁ ଶ୍ରୀକ୍ଷେତ୍ର ପରମ୍ପରାର ମଠ ଆଶ୍ରମ ସଂସ୍କୃତି ଲୋପ ପାଇବାକୁ ବସିଲାଣି। ପୁରୀର ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀମାନେ ଅନେକ ଥର ଶିବତୀର୍ଥ ମଠ ଓ ଶଙ୍କରାନନ୍ଦ ମଠ ଭଳି ପୁରାତନ ମଠର ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ନିକଟରେ ଦାବି ଜଣାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ସେହିଭଳି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ଶ୍ରୀମନ୍ଦିର ଚାରିପାଖରେ ଥିବା ମଠଗୁଡ଼ିକର ପୁନରୁଦ୍ଧାର ଓ ନବୀକରଣ ଉପରେ ସରକାର ଜୋର ଦେଉଥିଲେ ମଧ୍ୟ ସିଂହଭାଗ ମଠ ଏବେ ବି ପ୍ରଶାସନ ଆଢୁଆଳରେ ରହିଛି। ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ଉପରେ ଧ୍ୟାନ ଦିଆ ନ ଗଲେ ଦିନେ ଏହା ସମ୍ପୂର୍ଣ୍ଣ ରୂପେ ଲୋପ ପାଇଯିବ। ରାଜ୍ୟ ସରକାର ପୁରୀର ମୂଳତତ୍ତ୍ୱକୁ ସୁରକ୍ଷିତ ରଖିବା ସହ ଏହାର ବ୍ୟାପକ ପ୍ରଚାର ପ୍ରସାର ଲାଗି ଧ୍ୟାନ ଦେବା ଦରକାର। ଏହାର ଐତିହ୍ୟକୁ ଚଳଚଞ୍ଚଳ କରାଯିବା ଦରକାର ବୋଲି ସଂସ୍କୃତିପ୍ରେମୀ ହରିହର ମିଶ୍ର ମତ ଦେଇଛନ୍ତି। ସେହିଭଳି ପୁରୀରେ ଥିବା ତୀର୍ଥ ପୁଷ୍କରିଣୀର ବିକାଶ ଦିଗରେ ପ୍ରଶାସନିକ ଉଦାସୀନତା ସଂସ୍କୃତିପ୍ରେମୀଙ୍କୁ ମର୍ମାହତ କରୁଛି। ପୁଷ୍କରିଣୀର ବିକାଶ ପାଇଁ ପ୍ରତିବର୍ଷ ଜିଲା ପ୍ରଶାସନ ଯୋଜନା ହାତକୁ ନେଉଥିଲେ ମଧ୍ୟ ଏହାକୁ ବାସ୍ତବ ରୂପ ଦେବାରେ ସମସ୍ୟା ରହୁଛି। ପୁଷ୍କରିଣୀଗୁଡ଼ିକୁ ତୀର୍ଥ କରିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଆସୁଛନ୍ତି। ମାତ୍ର ଅବ୍ୟବସ୍ଥିତ ପୁଷ୍କରିଣୀକୁ ଦେଖି ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। କେବଳ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ହେଉଥିବା ନରେନ୍ଦ୍ର ପୁଷ୍କରିଣୀରେ ଭକ୍ତଙ୍କ ପାଇଁ ମୌଳିକ ବ୍ୟବସ୍ଥା ଥିବା ବେଳେ ପରିବେଶ ସଫାସୁତରା ଓ ପର୍ଯ୍ୟଟକଙ୍କ ଆଗମନ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଅଛି। ଅନ୍ୟ କୌଣସି ପୁଷ୍କରିଣୀରେ ଆବଶ୍ୟକ ଆଲୋକ ବ୍ୟବସ୍ଥା, ପାର୍କିଂସ୍ଥଳୀ ଓ ପରିଚ୍ଛନ୍ନତା ନାହିଁ। ଫଳରେ ଏହି ତୀର୍ଥ ପୁଷ୍କରିଣୀର ପ୍ରଚାର ପ୍ରସାର ହୋଇପାରୁନାହିଁ। ସେହିଭଳି ଶ୍ରୀକ୍ଷେତ୍ର ଐତିହ୍ୟ କହିଲେ କେବଳ ଶ୍ରୀମନ୍ଦିର ଚାରିପାଖର ଉନ୍ନତୀକରଣ ନୁହେଁ। ଶ୍ରୀମନ୍ଦିର ପରମ୍ପରା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ମଠ, ମନ୍ଦିର, ଆଶ୍ରମ ଏବଂ ତୀର୍ଥକ୍ଷେତ୍ରର ବିକାଶ ଦିଗରେ ମଧ୍ୟ ଧ୍ୟାନ ଦିଆଯିବା ଦରକାର। ଏଥିପ୍ରତି ରାଜ୍ୟ ସରକାର ଯଥେଷ୍ଟ ଧ୍ୟାନ ଦେଉନାହାନ୍ତି। ରାଜ୍ୟ ସରକାର ଗୋଟିଏ ପଟେ ପୁରୀକୁ ଐତିହ୍ୟ ସହର କରୁଥିବା କହି ବାହାବା ନେଉଥିବାବେଳେ ବାସ୍ତବିକ ଐତିହ୍ୟ ପ୍ରତି ଅବହେଳା କରୁଛନ୍ତି ବୋଲି ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି। ଅନ୍ୟପକ୍ଷରେ ପୁରୀର ଐତିହ୍ୟ ପ୍ରତି ଗୁରୁତ୍ୱ ଦିଆଯାଉଛି। ପରିକ୍ରମା ପ୍ରକଳ୍ପ ଅଧୀନରେ ଉତ୍ତରପାର୍ଶ୍ୱ, ଦକ୍ଷିଣପାର୍ଶ୍ୱ, ଛାଉଣି, ମଙ୍ଗୁ, ବଡ଼ଆଖଡ଼ା, ରାଧାବଲ୍ଲଭ ଓ ଲଙ୍ଗୁଳି ମଠର ବିକାଶ ରାଜ୍ୟ ସରକାରଙ୍କ ଯୋଜନା ଅନ୍ତର୍ଗତ। ଏସବୁ ମଠର ବିକାଶ କରାଯାଇ ଏକ ପୂର୍ଣ୍ଣ କଳେବରକୁ ଅଣାଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।



## ଦ୍ୱିତୀୟ ରୟାଲଷ୍ଟାଗ ଓଡ଼ିଶା ମ୍ୟୁଜିକ୍ ଆୱାର୍ଡସ-୨୦୨୨

# ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'

**ଭୁବନେଶ୍ୱର,୧୭।୪(ବ୍ୟୁରୋ):** ତୁହାକୁତୁହା ନୂଆପୁରୁଣା ସଙ୍ଗୀତ ସହିତ ଓଡ଼ିଆ ସିନେ ଜଗତର ଆଗଧାଡ଼ିର କଳାକାରଙ୍କ ନୃତ୍ୟ ଓ ସଙ୍ଗୀତରେ କମ୍ପି ଉଠିଥିଲା ଉତ୍କଳମଣ୍ଡପର ମୁକ୍ତାକାଶ ରଙ୍ଗମଞ୍ଚ। ପରଦାରେ ଦେଖୁଥିବା କଳାକାରଙ୍କୁ ପାଖରେ ପାଇ ମତୁଆଲା ହୋଇ ପଡିଥିଲେ ଦର୍ଶକ। ଅବସର ଥିଲା ରବିବାର ସନ୍ଧ୍ୟାରେ ବ୍ରାଇଟ୍ ଓଡ଼ିଶା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଦ୍ୱିତୀୟ 'ରୟାଲ୍ ଷ୍ଟାଗ୍ ଓଡିଶା ମ୍ୟୁଜିକ୍ ଆୱାର୍ଡ' ଉତ୍ସବ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ କର୍ପୋରେଶନର ଚେୟାରମ୍ୟାନ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଏମ୍‌ପି ଅନୁଭବ ମହାନ୍ତି, ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତ କ୍ଷେତ୍ରରେ ନିଜର ଉତ୍ସର୍ଗୀକୃତ ଅବଦାନ ବର୍ଷିୟାନ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନ ପକ୍ଷରୁ ଗଠିତ ଜୁରୀ କମିଟିଙ୍କ ଅନୁମୋଦନରେ ବେଷ୍ଟ ମ୍ୟୁଜିକ୍ ଡାଇରେକ୍ଟର ଭାବେ ଅଭିଜିତ ମଜୁମଦାରଙ୍କୁ ସମ୍ମାନିତ କରାଯାଇଥିବାବେଳେ ବେଷ୍ଟ ଲିରିସିଷ୍ଟ କ୍ୟାଟେଗୋରି ପାଇଁ ବସନ୍ତ ରାଜ ସାମଲ, ବେଷ୍ଟ ପ୍ଲେ ବ୍ୟାକ୍ ସୀଙ୍ଗର (ପୁରୁଷ) ସ୍ୱୟମ ପ୍ରକାଶ ପାଢ଼ୀ, ବେଷ୍ଟ ପ୍ଲେବ୍ୟାକ୍ ସିଙ୍ଗର (ମହିଳା) ଅନ୍ତରା ଚକ୍ରବର୍ତ୍ତୀ, ବେଷ୍ଟ ୟଙ୍ଗ୍ ଏଣ୍ଟରପ୍ରେନିଓର କୁଲଦୀପ ପଟ୍ଟନାୟକ, ବେଷ୍ଟ କମେଡିୟାନ୍ ପ୍ରଜ୍ଞା ଖଟୁଆ, ବେଷ୍ଟ ଆଙ୍କର ପ୍ରେରଣା ପ୍ରତୀକ୍ଷା ପ୍ରମୁଖ ସମ୍ମାନିତ ହୋଇଥିଲେ। ଫାଉଣ୍ଡେଶନର ଅଧକ୍ଷ ତଥା ସିନେ ପ୍ରଯୋଜକ ସଞ୍ଜୟ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଓଡ଼ିଶା ସିନେ ଜଗତର ବହୁ ମହାନୁଭବ କଳାକାର ଓ ଅତିଥି ଉପସ୍ଥିତ ଥିଲେ।



ପୁରୀଠାରେ ଅନୁଷ୍ଠିତ ଶ୍ରୀମନ୍ଦିର ପାରିମ୍ପରିକ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# 'ଉଚ୍ଚ କର ଆଗ ନିଜ ମାତୃଭାଷା' ଉନ୍ମୋଚିତ

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ରଙ୍କ 'ଉଚ୍ଚ କର ଆଗ ନିଜ ମାତୃଭାଷା' ପୁସ୍ତକ ରବିବାର ଲୋହିଆ ଏକାଡେମୀଠାରେ ଉନ୍ମୋଚିତ ହୋଇଯାଇଛି। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ପୌରୁଷର ସମ୍ପାଦକ ଅସୀତ ମହାନ୍ତି, ସମ୍ମାନିତ ବକ୍ତା ଗାନ୍ଧୀବାଦୀ ଲେଖକ ପ୍ରହ୍ଲାଦ ସିଂ ଯୋଗଦେଇଥିଲେ। ଭାଷାବିତ୍ ଦେବାଶିଷ ମହାପାତ୍ର ସଂଯୋଜନା, ଅନନ୍ତ ପ୍ରସାଦ ଜେନା ସ୍ୱାଗତ ଭାଷଣ ଓ ଭରତ ଦାସ ଧନ୍ୟବାଦ ଦେଇଥିଲେ।

# ପୁରୀ ବେଳାଭୂମିରେ 'ବିଚ୍ କନେକ୍ଟ'

- ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ, ସମର କଳା
- ବେଳାଭୂମି ସଫେଇ ସହ ହେଲା ବିଭିନ୍ନ ପ୍ରତିଯୋଗିତା

**ପୁରୀ ଅଫିସ,୧୭।୪**

ପୁରୀ ଜିଲା ପ୍ରଶାସନ ପକ୍ଷରୁ ବେଳାଭୂମିରେ ରବିବାର ବିଚ୍ କନେକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ସମର୍ଥ ବର୍ମା, ପୌରସଂସ୍ଥା ଅଧିକାରୀ ସରୋଜ କୁମାର ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁ ଏବଂ ତହସିଲଦାର ରବୀନ୍ଦ୍ର ପ୍ରଧାନ ପ୍ରମୁଖ ବେଲୁନ୍ ଉଡ଼ାଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ସକାଳ ୬ଟାରେ ପ୍ରଥମେ ବେଳାଭୂମି ସଫେଇ କରାଯାଇଥିଲା। ଏହାପରେ ଯୋଗ, ଉଭୟ ପୁରୁଷ ଓ ମହିଳା ବିଭାଗରେ ବିଚ୍ ଭଲିବଲ୍ ମ୍ୟାଚ, ସ୍ୱାସ୍ଥ୍ୟ ପରୀକ୍ଷା, କୁଇଜ ପ୍ରତିଯୋଗିତା, ୱାଟର ସ୍ପୋର୍ଟ୍ସ, ପିଲାଙ୍କ ପାଇଁ ବାସ୍କେଟ୍ ବଲ୍, ତୀରଚାଳନା, ଟଗ୍ ଅଫ୍ ୱାର୍ ଏବଂ ଅନ୍ୟାନ୍ୟ ଫନ୍ ଗେମ୍ ଅନୁଷ୍ଠିତ ହୋଇଥିଲା। ପୁରୀର ଫେଟ୍ ଫାଇଟର୍ସ ପକ୍ଷରୁ ଚିତ୍ତାକର୍ଷକ ମାଲଖମ୍ବ ପ୍ରଦର୍ଶନୀ ହୋଇଥିଲା। ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ଅନୁଷ୍ଠାନ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ଦର୍ଶକ ମନଭରି ଉପଭୋଗ କରିଥିଲେ। ସେହିଭଳି ସମୁଦ୍ରରେ ଭାସିଯାଉଥିବା ବ୍ୟକ୍ତିଙ୍କୁ କିଭଳି ଉଦ୍ଧାର କରାଯାଇପାରିବ ସେନେଇ ଲାଇଫଗାର୍ଡମାନେ କଳା କୌଶଳ ପ୍ରଦର୍ଶନ କରିଥିଲେ। ମତାମତ ଅଭିଯାନରେ ପ୍ରାୟ ଅଧିକାଂଶ ଲୋକ ସାମିଲ ହୋଇଥିଲେ। ସେଲ୍‌ଫି ପଏଣ୍ଟଗୁଡ଼ିକରେ ଯୁବଗୋଷ୍ଠୀଙ୍କ ଭିଡ଼ ଜମିଥିଲା। ସମୁଦ୍ରକୂଳ ନିକଟବର୍ତ୍ତୀ ଅଞ୍ଚଳ ଓ ବେଳାଭୂମି କିଭଳି ସ୍ୱଚ୍ଛ ରହିବ ଓ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ବେଳାଭୂମିର ମଜା ଉଠାଇପାରିବେ ସେନେଇ ପୌରପାଳିକା କର୍ମଚାରୀ ଏବଂ ଲାଇଫଗାର୍ଡମାନେ ସଭିଙ୍କୁ ସଚେତନ କରାଇଥିଲେ। ସେହିଭଳି ସମୁଦ୍ରକୂଳିଆ ଦୋକାନୀମାନଙ୍କୁ ସଚେତନ କରାଯାଇଛି। ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ବେଳାଭୂମି ସ୍ୱଚ୍ଛତା ଓ ସୁରକ୍ଷା ପାଇଁ ପୁରୀବାସୀଙ୍କ ସହଯୋଗ ଲୋଡ଼ିଥିଲେ। ଏହି ଅବସରରେ ଆହ୍ୱାନ କରାଯାଇଥିବା ଫଟୋ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ହାସଲ କରିଥିବା ସନ୍ତୋଷ କୁମାର ସ୍ୱାଇଁଙ୍କୁ ୫ ହଜାର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶାଶ୍ୱତ ରଞ୍ଜନ ସାହୁଙ୍କୁ ୩ହଜାର ଓ ତୃତୀୟ ହୋଇଥିବା ସୋମନାଥ ବାରିକଙ୍କୁ ୨ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ପରାମର୍ଶଦାତା ଜ୍ୟୋତିପ୍ରକାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରକାରୀ ଅଧିକାରୀ, କର୍ମଚାରୀ, ପର୍ଯ୍ୟଟକ, ହୋଟେଲ ବ୍ୟବସାୟୀ, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀଙ୍କ ସମେତ ବର୍ଗର ବ୍ୟକ୍ତି ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଦା



@ ଶୁଭ୍ରଜିତ



@ ସୁଦୀପ୍ତ



@ କିଶୋର



@ ରମ୍ୟାରଞ୍ଜନ



@ ଚିତ୍ରା



ବ୍ରାଇଟ୍ ଓଡ଼ିଶା ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ରବିବାର ଆୟୋଜିତ ଦ୍ୱିତୀୟ 'ରୟାଲ୍ ଷ୍ଟାଗ୍ ଓଡିଶା ମ୍ୟୁଜିକ୍ ଆୱାର୍ଡ' ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।






ପୁରୀ ଜିଲା ପ୍ରଶାସନ ପକ୍ଷରୁ ବେଳାଭୂମିରେ ରବିବାର ଅନୁଷ୍ଠିତ ବିଚ୍ କନେକ୍ଟ କାର୍ଯ୍ୟକ୍ରମରେ ମାଲଖମ୍ବ ପ୍ରଦର୍ଶନ ଏବଂ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଉଛି।

## ଆଜିଠୁ ବଦଳିବ ଟ୍ରେଡିଂ ସମୟ

ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)ର ରେଗୁଲେଟେଡ୍ ମାର୍କେଟ୍ ଅର୍ଥାତ୍ ନିୟାମକ ଶେୟାର ବଜାର ଟ୍ରେଡିଂ ସମୟରେ ପରିବର୍ତ୍ତନ ଆଣିଛନ୍ତି। ଆର୍‌ବିଆଇର ସୂଚନା ଅନୁସାରେ, ଶେୟାର ବଜାରର ନୂଆ ଟାଇମ୍‌ଟେବୁଲ୍ ଆଜିଠାରୁ (ସୋମବାର) ଲାଗୁ ହେବ। ଆଗରୁ ଏହା ୧୦ଟାରୁ ଖୋଲୁଥିବା ବେଳେ ଏହି ନିୟମ ଲାଗୁ ହେବା ପରେ ୯ଟାରୁ ବଜାର କାରବାର ଆରମ୍ଭ ହୋଇ ୩ଟା ୩୦ ପର୍ଯ୍ୟନ୍ତ ଚାଲିବ। ଫଳରେ ଆର୍‌ବିଆଇ ବଜାର ସମୟରେ ୩୦ ମିନିଟ୍ ବୃଦ୍ଧି କରିଛି। କୋଭିଡ୍ ପ୍ରତିବନ୍ଧକ ଶେଷ ହୋଇଯାଇଥିବା ପରେ ମହାମାରୀ ପୂର୍ବ ଟ୍ରେଡିଂ ସମୟକୁ ପୁଣିଥରେ ଲାଗୁ କରାଯାଇଛି।

**ସଂକ୍ଷେପରେ**

**ସକ୍ଷମ-୨୦୨୦**

### ତୈଳ ଏବଂ ଗ୍ୟାସ୍ ସଂରକ୍ଷଣ ପାଇଁ ସଚେତନତା ଡ୍ରାଇଭ୍

**ଭୁବନେଶ୍ୱର,୧୭।୪:** ପେଟ୍ରୋଲିୟମ୍ ସଂରକ୍ଷଣ ଅନୁସନ୍ଧାନ ସଂଘ (ପିସିଆର୍‌ଏ) ଓ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ନାଚୁରାଲ୍ ଗ୍ୟାସ୍‌ର ମିଳିତ ସହଯୋଗରେ ଏପ୍ରିଲ୍ ୧୧ରୁ ୩୦ ପର୍ଯ୍ୟନ୍ତ 'ସକ୍ଷମ-୨୦୨୦' ଅନୁଷ୍ଠିତ ହେବ। ପିସିଆର୍‌ଏ ଗାଇଡ୍‌ଲାଇନ୍ ଦ୍ୱାରା ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମ ମାଧମରେ ତୈଳ ଏବଂ ଗ୍ୟାସ୍ ସଂରକ୍ଷଣର ଆବଶ୍ୟକତା ଉପରେ ଲୋକଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ଅବଧି ମଧ୍ୟରେ ପରିବହନ, ଔଦ୍ୟୋଗିକ, କୃଷି, ଘରୋଇ ଭଳି ବିଭିନ୍ନ କ୍ଷେତ୍ରର କାର୍ଯ୍ୟକ୍ରମରେ ତୈଳ ଏବଂ ଗ୍ୟାସ୍ ସଂରକ୍ଷଣ ସଚେତନତା ପ୍ରଦାନ କରାଯିବ। ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ୍ ଏବଂ ଗେଲ୍ ଭଳି ବିଭିନ୍ନ ତୈଳ ଇଣ୍ଡଷ୍ଟ୍ରିଗୁଡ଼ିକର ମିଳିତ ସହଯୋଗରେ 'ସକ୍ଷମ-୨୦୨୦' ରାଜ୍ୟର ୧୩ଟି ଜିଲାରେ ଆୟୋଜିତ ହେବ।

### ନାଚୁରାଲ୍ ଗ୍ୟାସ୍ ଆବଣ୍ଟନ ବନ୍ଦ କଲେ ସରକାର

**ନୂଆଦିଲ୍ଲୀ,୧୭।୪:** ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ ଘରୋଇ କ୍ଷେତ୍ରରୁ ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଟର (ସିଜିଡି) କ୍ଷେତ୍ର ପାଇଁ ପ୍ରାକୃତିକ ଗ୍ୟାସ୍‌ର ନୂତନ ଆବଣ୍ଟନ ବନ୍ଦ କରି ଦିଆଯାଇଛି। ଫଳରେ ଏହି କ୍ଷେତ୍ରରେ ୨ଲକ୍ଷ କୋଟି ଟଙ୍କାର ନିୟୋଜିତ ନିବେଶର ବ୍ୟବହାରକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସିଏନ୍‌ଜି ଓ ପାଇପ୍‌ଡ ନ୍ୟାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ଦର ରେକର୍ଡ ସ୍ତରରେ ପହଞ୍ଚିଛି। ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ (ସିଜିଡି)ର 'ନୋ କଟ୍' ପ୍ରାଥମିକତାକୁ ଆଧାର କରି କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ଶତପ୍ରତିଶତ ଗ୍ୟାସ୍ ସପ୍ଲାଇ ନିଷ୍ପତ୍ତି ସତ୍ତ୍ୱେ ୨୦୨୧ ମାର୍ଚ୍ଚର ଚାହିଦା ସ୍ତର ଆଧାରରେ ସପ୍ଲାଇ ଜାରି ରହିଛି। ଏହାଛଡ଼ା ଛଅମାସିଆ ବିତରଣ ଆଧାରରେ ଗ୍ୟାସ୍ ଆବଣ୍ଟନ କରିବା ଆବଣ୍ଟନରେ ଅଭାବ ପରିଲକ୍ଷିତ ହେଉଥିବା ସହିତ ସିଏନ୍‌ଜି ଏବଂ ପିଏନ୍‌ଜି ପାଇଁ ଏପିଏମ୍ ଗ୍ୟାସ୍ ଦରରେ ୨.୯୦ ଡଲାର ପ୍ରତି ମିଲିୟନ୍ ବ୍ରିଟିଶ ଥର୍ମାଲ୍ ୟୁନିଟ୍‌ରୁ ବୃଦ୍ଧି ପାଇ ୬.୧୦ ଡଲାରରେ ପହଞ୍ଚିଛି।

# ଇଭିରେ ପ୍ରବେଶ କରିବ ମାରୁତି ସୁଜୁକି

ନୂଆଦିଲ୍ଲୀ,୧୭।୪

ଭାରତରେ ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି)ର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଦେଶର ସର୍ବବୃହତ କାର୍ ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ (ଏମ୍‌ଏସ୍‌ଆଇ) ବର୍ତ୍ତମାନ ଇଭି ସେଗ୍‌ମେଣ୍ଟରେ କମ୍ପାନୀକୁ ଯୋଡ଼ିବା ପାଇଁ ଯୋଜନା ଆରମ୍ଭ କରିଛି। ଏ ସମ୍ପର୍କରେ କମ୍ପାନୀର ନୂଆ ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ ହିସାଶୀ ତାକେୟୁଚୀ କହିଛନ୍ତି, ୨୦୨୫ ସୁଦ୍ଧା କମ୍ପାନୀ ପକ୍ଷରୁ ଇଭି ଯାନର ବଜାର ପ୍ରବେଶ ପାଇଁ ଯୋଜନା ରହିଥିବା ତାକେୟୁଚୀ ମତବ୍ୟକ୍ତ କରିଛନ୍ତି। କମ୍ପାନୀର ପ୍ରଥମ ଇଭି ମଡେଲ୍ ପାଇଁ ଗୁଜରାଟରେ ପ୍ଲାଣ୍ଟ ସ୍ଥାପନ କରାଯିବ। ଏ ସମ୍ପର୍କରେ ତାକେୟୁଚୀ କହିଛନ୍ତି ଯେ, ଭାରତୀୟ ବଜାରରେ ଇଭିର ବିକ୍ରି ସୀମିତ



ହିସାଶୀ ତାକେୟୁଚୀ

ରହିଛି। ତେବେ ଆମ କମ୍ପାନୀ ଇଭି ନିର୍ମାଣ ଦିଗରେ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀଗୁଡ଼ିକଠାରୁ ପଛରେ ରହିଯାଇଛି। ତେଣୁ ଆମେ ଇଭି ଦିଗରେ ଭାରତର ଚାହିଦାକୁ ନଜରରେ ରଖି ଇଭି ନିର୍ମାଣ ପାଇଁ ମନସ୍ଥ କରିଛୁ ବୋଲି ତାକେୟୁଚୀ କହିଛନ୍ତି।

**୨୦୨୫ ସୁଦ୍ଧା ଆସିବାର ଯୋଜନା ରହିଛି**

ଏମ୍‌ଏସ୍‌ଆଇ ନୂଆ ଏମ୍‌ଡିଙ୍କ ସୂଚନା ଅନୁସାରେ କମ୍ପାନୀର ଇଭି ସେଗ୍‌ମେଣ୍ଟ ଉପରେ ଗତ ଏକବର୍ଷ ହେଲା ଟେଷ୍ଟିଂ ଚାଲୁ ରହିଛି। ଏଥିରେ କମ୍ପାନୀର ବର୍ତ୍ତମାନ ରହିଥିବା ମଡେଲ୍‌ଗୁଡ଼ିକର ବ୍ୟବହାର କରାଯାଉଛି। ଏହି ଟେଷ୍ଟିଂ ପ୍ରକ୍ରିୟା ଦେଶର ପରିବେଶକୁ ଧ୍ୟାନରେ ରଖି ପରିବେଶ ଅନୁକୂଳ ଇଭି ଟେକ୍ନୋଲୋଜି ଦିଗରେ କାର୍ଯ୍ୟ କରୁଛି। କମ୍ପାନୀ ପ୍ରଥମେ ୨୦୨୫ରେ ଇଭିର ପ୍ରଥମ ମଡେଲ୍ ଲଞ୍ଚ କରିସାରିବା ପରେ ୨ୟ ମଡେଲ୍ ପ୍ରସ୍ତୁତି ଦିଗରେ କାର୍ଯ୍ୟ କରିବ ବୋଲି ତାକେୟୁଚୀ କହିଛନ୍ତି। ଏହାଛଡ଼ା ଇଲେକ୍ଟ୍ରିକ୍ ଯାନ ବହୁତ ମହଙ୍ଗା ହୋଇଥିବା ବେଳେ ବର୍ତ୍ତମାନର ଟେକ୍ନୋଲୋଜି ସହିତ ଇକୋନୋମିକାଲ୍ ଇଭି ନିର୍ମାଣ କରିବା କଠିନ ବ୍ୟାପାର। ଇଭିରେ ଲାଗିଥିବା ବ୍ୟାଟେରିର ଦାମ୍ ଇଭିର ଦାମ୍ ବୃଦ୍ଧି କରୁଛି। ତେବେ କମ୍ପାନୀ ପକ୍ଷରୁ ୧୦ଲକ୍ଷରୁ କମ୍ ଦାମ୍‌ର ଇଭି ଲଞ୍ଚ କରିବା ସମ୍ଭବ ହୋଇନପାରେ ବୋଲି ତାକେୟୁଚୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ହୁଣ୍ଡାଇ, ମହିନ୍ଦ୍ରା ଏବଂ ଟାଟା ଭଳି ଦେଶର ଅନ୍ୟାନ୍ୟ ଅଗ୍ରଣୀ କାର୍ ନିର୍ମାତା କମ୍ପାନୀଗୁଡ଼ିକ ଇଲେକ୍ଟ୍ରିକ୍ କାର୍ ଲଞ୍ଚ କରି ସାରିଛନ୍ତି। ଟାଟା କମ୍ପାନୀର ଇଭି ମଡେଲ୍ ଦାମ୍ ୧୧.୯୯ଲକ୍ଷଠାରୁ ଆରମ୍ଭ ହୋଇ ୧୭.୧୫ଲକ୍ଷ ପର୍ଯ୍ୟନ୍ତ ଥିବାବେଳେ ହୁଣ୍ଡାଇ ଇଲେକ୍ଟ୍ରିକ୍ କାର ଦର ୨୩.୭୯ ଲକ୍ଷରୁ ୨୭.୯୭ଲକ୍ଷ ରହିଛି। ସେହିପରି ମହିନ୍ଦ୍ରା କମ୍ପାନୀର ଇଲେକ୍ଟ୍ରିକ୍ କାର ପ୍ରାଇସ୍ ରେଞ୍ଜ୍ ୧୦.୫୩ଲକ୍ଷରୁ ୧୪.୯୮ଲକ୍ଷ ରହିଛି।

# ଜନ୍ ଡିୟରର ନୂତନ ଆଉଟ୍‌ଲେଟ



କଟକ, ୧୭।୪

ଦେଶର ଅଗ୍ରଣୀ ଟ୍ରାକ୍ଟର ନିର୍ମାତା 'ଜନ୍ ଡିୟର' ଓଡ଼ିଶାର କୃଷି ଓ କୃଷକଙ୍କ ନିକଟତର ହେବା ସହ ପ୍ରତି ଜିଲାରେ ନିଜର ଉପସ୍ଥିତ ଜାହିର କରିଆସିଛି। କମ୍ପାନୀର ସର୍ଭେ ଓ ଚାଷୀଙ୍କ ଚାହିଦାକୁ ନଜରରେ ରଖି ନିକଟରେ ସ୍ଥାନୀୟ ଶିଳ୍ପାଞ୍ଚଳର ଅଗ୍ରଣୀ ସଂସ୍ଥା ପ୍ରଗତି ଟ୍ରେଡର୍ସ (ଜନ୍‌ଡିୟର ଡିଲରଶିପ) ଜରିଆରେ 'ଜନ୍ ଡିୟର 'ର ଏକ ନୂତନ ଆଉଟଲେଟର ଶୁଭାରମ୍ଭ କରାଯାଇଛି। ଏହି ଆଉଟଲେଟ ବିଶେଷକରି କଟକ ଏବଂ ଜଗତସିଂହପୁର ଜିଲାର କୃଷକମାନଙ୍କ ଚାହିଦା ପୂରଣ ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ କମ୍ପାନୀର ଓଡିଶା ଜନ୍ ଡିୟର ଫାଇନାନ୍ସ ଅଧିକାରୀ ଅଭିଜିତ ସରକାର, କମ୍ପାନୀର ଏରିଆ ମ୍ୟାନେଜର ସକିଲ ଖାନ୍ ଏବଂ ଫାଇନାନ୍ସ ଏରିଆ ମ୍ୟାନେଜର ସତ୍ୟ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଗତି ଟ୍ରେଡର୍ସର ମାଲିକ ତପନ କୁମାର ଦାସ ଏବଂ ପ୍ରଣୟ କୁମାର ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କମ୍ପାନୀର ନୂତନ ଫାଇନାନ୍ସ ସ୍କିମ ସହ ଜନ୍ ଡିୟର ଟ୍ରାକ୍ଟରର ବୈଶିଷ୍ଟ୍ୟ ଉପରେ ମଧ୍ୟ କମ୍ପାନୀର ବିଶେଷଜ୍ଞ ଦଳ ବିସ୍ତୃତ ସୂଚନା ଦେଇଥିଲେ। ପରିଶେଷରେ ପ୍ରଗତି ଟ୍ରେଡର୍ସ ପକ୍ଷରୁ ନିମନ୍ତ୍ରିତ କୃଷକ ବନ୍ଧୁମାନଙ୍କୁ ସମ୍ମାନିତ କରାଯାଇଥିଲା।

# ନୂଆ ରୂପରେ ଜୀ ସାର୍ଥକର 'ଦାଦାଗିରି'

ଭୁବନେଶ୍ୱର,୧୭।୪

ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ଦାଦାଗିରି' ଓଡ଼ିଆ ନବ ବର୍ଷର ପ୍ରଥମ ସପ୍ତାହରୁ ନୂଆ ଚମକ ଓ ନୂଆ ଚେହେରା ସହ ଦର୍ଶକଙ୍କ ନିକଟକୁ ଆସିଯାଇଛି। ଏହି ରିୟଲିଟି ଶୋ'ରେ ପୁଣି ଥରେ ହେବ ପ୍ରତିଭାର ବିଜୟ, ଆଉ ଏହି କାର୍ଯ୍ୟକ୍ରମର ଟାଇଟଲ ରହିଛି 'ପ୍ରତିଭାର ଦାଦାଗିରି'। ତେବେ ଏହି ଶୋ'ରେ ଏବେ ନଜର ଆସିବେ ଓଲିଉଡ ମେଗାଷ୍ଟାର ସିଦ୍ଧାନ୍ତ ମହାପାତ୍ର। ଓଡ଼ିଆ ଟେଲିଭିଜନରେ ପ୍ରଥମ ଥର ପାଇଁ ସିଦ୍ଧାନ୍ତ ମହାପାତ୍ର ଏକ ରିୟଲିଟି ଶୋ'କୁ ପରିଚାଳନା (ହୋଷ୍ଟ) କରିବେ। ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ରହିଛି ଅନେକ ଉତ୍ସାହ, ବିଶେଷ କରି ଦର୍ଶକଙ୍କ ମନୋରଞ୍ଜନ ସାଙ୍ଗକୁ ସୂଚନାଧର୍ମୀ ହେବ 'ପ୍ରତିଭାର ଦାଦାଗିରି'।

ଏହି ରିୟଲିଟି ଶୋ' ଜରିଆରେ ଓଡିଶାର କୋଣ ଅନୁକୋଣରୁ ସିଦ୍ଧାନ୍ତ ପ୍ରତିଭା ଚୟନ କରିବେ। ନିଜ ଅନ୍ଦାଜରେ



ସେ ପ୍ରତିଯୋଗୀମାନଙ୍କ ସହ ମଜାମସ୍ତି ସହ ଶୋ'ର ପରିଚାଳନା କରିବେ। ଏହି ମେଗା ରିୟଲିଟି ଶୋ 'ଦାଦାଗିରି' ଘରେ ଘରେ ଏପରିକି ସବୁବର୍ଗର ଲୋକଙ୍କୁ ମନୋରଞ୍ଜନ କରିଆସିଛି। ଏହି ରିୟଲିଟି ଶୋ' ସିଦ୍ଧାନ୍ତଙ୍କ ଚମକରେ ଆହୁରି ଅଧିକ ଚମକିବ ବୋଲି ଜୀ ସାର୍ଥକର ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ୍ ମତବ୍ୟକ୍ତ କରିଛନ୍ତି।

ଓଲିଉଡ ମେଗାଷ୍ଟାର ସିଦ୍ଧାନ୍ତ ଅଭିନୟ, କ୍ରୀଡା, ରାଜନୀତି ସବୁଥିରେ ନିଜର ସ୍ୱତନ୍ତ୍ର ଛାପ ଛାଡିଛନ୍ତି। ତେଣୁ 'ପ୍ରତିଭାର ଦାଦାଗିରି'ରେ ସିଦ୍ଧାନ୍ତଙ୍କ ହୋଷ୍ଟ ହିଁ ଉକ୍ତ କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ଏହି ଶୋ ଜୀ ସାର୍ଥକରେ ପ୍ରତ୍ୟେକ ଶନିବାର ଓ ରବିବାର ରାତି ୯ଟା ୩୦ରେ ପ୍ରସାରିତ ହେବ।

# ଫେମା ନିୟମରେ ପରିବର୍ତ୍ତନ

ନୂଆଦିଲ୍ଲୀ,୧୭।୪

ଦେଶର ସର୍ବବୃହତ ବୀମା କମ୍ପାନୀ ଜୀବନ ବୀମା ନିଗମ (ଏଲ୍‌ଆଇସି)ରେ ୨୦% ଫରେନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ (ଏଫ୍‌ଡିଆଇ) ହୋଇପାରିବ। ଭାରତ ସରକାରଙ୍କ ପକ୍ଷରୁ ଏନେଇ ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ (ଫେମା)ର ନିୟମରେ ପରିବର୍ତ୍ତନ ଅଣାଯାଇଛି। ଏହି ପରିବର୍ତ୍ତନ ଦ୍ୱାରା ଏଲ୍‌ଆଇସିର ୨୦% ପର୍ଯ୍ୟନ୍ତ ଅଂଶଧନ ବିଦେଶୀ ନିବେଶକଙ୍କୁ ବିକ୍ରି କରାଯାଇହେବ। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଗେଜେଟ୍ ନୋଟିଫିକେଶନ ମଧ୍ୟ ଜାରି କରାଯାଇଛି। ଏହାକୁ ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ସଂଶୋଧନ ନିୟମ ୨୦୨୨ ବୋଲି କୁହାଯାଉଛି। ଏହି ଅଧିସୂଚନା ଜରିଆରେ ବର୍ତ୍ତମାନ ଥିବା ପଲିସିରେ ଏକ ନୂଆ ପାରାଗ୍ରାଫ୍ ଯୋଡ଼ାଯାଇଛି। ଏଥିରେ ଏଲ୍‌ଆଇସି ଏଫ୍‌ଡିଆଇର ସର୍ବାଧିକ ୨୦% ରଖାଯାଇଛି।

# ଆର୍‌ପି ଟେକ୍‌ର ପିସିପି କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୪

ଆରପି ଟେକ୍ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରଠାରେ ଏହାର ସମ୍ମାନଜନକ ଅଂଶୀଦାର ପ୍ରମାଣନ କାର୍ଯ୍ୟକ୍ରମ ବା ପାର୍ଟନର ସାର୍ଟିଫିକେଶନ ପ୍ରୋଗ୍ରାମ୍ (ପିସିପି) ର ଶୁଭାରମ୍ଭ କରାଯାଇଛି। କମ୍ପାନୀ ଏହାର ସହଯୋଗୀ ଅଂଶୀଦାରମାନଙ୍କୁ କମ୍ପାନୀ ସହିତ ସେମାନଙ୍କର ଦୀର୍ଘମିଆଦୀ ସହବନ୍ଧନ ପାଇଁ ପ୍ଲାଟିନମ୍ ମାନ୍ୟତା ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଭୁବନେଶ୍ୱର ଶାଖା ମୁଖ୍ୟ ଅମିତ ସରାଫ ଅଂଶୀଦାରମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ସେହିଭଳି ଅଂଶୀଦାର ପ୍ରମାଣନ କାର୍ଯ୍ୟକ୍ରମ (ପିସିପି) ହେଉଛି ଆରପି ଟେକ୍ ଇଣ୍ଡିଆର ସବୁଠାରୁ ଉତ୍ସାହପୂର୍ଣ୍ଣ ଏବଂ ଉଚ୍ଚାକାଂକ୍ଷୀ ପ୍ରଣାଳୀ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଆରପି ଟେକ୍ ଇଣ୍ଡିଆର ବିକ୍ରୟ ଏବଂ ବିପଣନ ନିର୍ଦ୍ଦେଶକ ରାଜେଶ ଗୋଏଙ୍କା କହିଛନ୍ତି, ଆମେ ସବୁବେଳେ ଅଂଶୀଦାରମାନଙ୍କ ସହ ଦୀର୍ଘମିଆଦୀ ସମ୍ପର୍କକୁ ସମ୍ମାନ ଦେଇଥାଉ। ଏପରିକି ପିସିପି ହେଉଛି ଆମ ଉପରେ ସେମାନଙ୍କ ଭରସାକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିବା। ବିଶେଷ କରି ସେମାନଙ୍କୁ କମ୍ପାନୀର ଏଲାଇଟ୍ ପ୍ଲାଟିନମ୍ ପାର୍ଟନର କ୍ଲବକୁ ସ୍ୱାଗତ କରିବା ପାଇଁ ଏକ ସୁଯୋଗ। ସେହପରି ଭୁବନେଶ୍ୱରର ଶାଖା ମୁଖ୍ୟ ଅମିତ ସରାଫ କହିଥିଲେ ଯେ, ଏହି ଚମତ୍କାର ପଦକ୍ଷେପ ପାଇଁ ମୁଁ ଆରପି ଟେକର ପ୍ରବନ୍ଧନ ନିକଟରେ କୃତଜ୍ଞ।

**ଫୁରସତ୍**

# ଐତିହ୍ୟ କୁହେ ସଭ୍ୟତା କାହାଣୀ

**ମା**ନବ ସଭ୍ୟତାର କ୍ରମବିକାଶ କାହାଣୀ ବର୍ଣ୍ଣନା କରିବା କ୍ଷେତ୍ରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଐତିହ୍ୟର ଗୁରୁତ୍ୱ ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଏପ୍ରିଲ ୧୮କୁ ବିଶ୍ୱଐତିହ୍ୟ ଦିବସ ଭାବେ ପାଳନ କରାଯାଇଥାଏ। ଅନ୍ତର୍ଜାତୀୟ ପରିଷଦ ସ୍ମାରକୀ ଏବଂ ସାଇଟ (ଆଇକମୋସ) ପକ୍ଷରୁ ବିଶ୍ୱର ସାଂସ୍କୃତିକ ଐତିହ୍ୟ ଏବଂ ବିଶ୍ୱର ସ୍ମାରକୀ ସ୍ଥଳର ବିକାଶକୁ ପ୍ରୋତ୍ସାହିତ କରିଥାଏ। ଏହି ଦିବସ ପାଳନ ଅବସରରେ ବିଶ୍ୱ ଐତିହ୍ୟ ସ୍ଥଳଗୁଡ଼ିକର ବିବିଧତା ଏବଂ ସେଗୁଡ଼ିକର ସୁରକ୍ଷା ତଥା ସଂରକ୍ଷଣ ପାଇଁ ଅତ୍ୟାବଶ୍ୟକ ପ୍ରୟାସ ବିଷୟରେ ସଚେତନତା ସୃଷ୍ଟି କରାଯାଥାଏ। ୧୯୮୨ରେ ଆଇକମୋସ ପରାମର୍ଶ ଦେଇଥିଲା ଯେ, ଏପ୍ରିଲ ୧୮କୁ ଐତିହ୍ୟ ଦିବସ ଭାବେ ପାଳନ କରାଯିବ।



୧୯୮୩ରେ ୟୁନେସ୍କୋ ଏହାର ୨୨ତମ ସାଧାରଣ ସମ୍ମିଳନୀରେ ଏହି ଦିବସ ପାଳନକୁ ଅନୁମୋଦନ କରିଥିଲା। ସେବେଠାରୁ ପ୍ରତିବର୍ଷ ଏହା ପାଳିତ ହୋଇ ଆସୁଛି। ୟୁନେସ୍କୋ ସହଭାଗିତାରେ ଆଇକମୋସ୍ ଦ୍ୱାରା ମାନବ ସଭ୍ୟତାର ଯାତ୍ରା ଏବଂ ଇତିହାସ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଭାରତରେ ପ୍ରାୟ ୩୬୯୧ ସଂରକ୍ଷିତ ଐତିହ୍ୟ ସ୍ମାରକୀ ରହିଛି। ସେଥିମଧ୍ୟରୁ ପ୍ରାୟ ୫୦ଟି ଐତିହ୍ୟସ୍ଥଳୀ ୟୁନେସ୍କୋ ଅଧୀନରେ ବିଶ୍ୱ

**ବିଶ୍ୱ ଐତିହ୍ୟ ଦିବସ**

ଐତିହ୍ୟ ତାଲିକାଭୁକ୍ତ। ସେସବୁ ଐତିହ୍ୟ ସ୍ଥଳ ମଧ୍ୟରେ ତାଜମହଲ, ହାମ୍ପି, ଅଜନ୍ତା ଏବଂ ଏଲୋରା ଗୁମ୍ଫା, ସୂର୍ଯ୍ୟ ମନ୍ଦିର, ସାଞ୍ଚିସ୍ତୁପ, ରାଣ କି ଭାଭ, ରାଜସ୍ଥାନର ହିଲ ଫୋର୍ଟସ ଆଦି ଅନ୍ତର୍ଭୁକ୍ତ। ପ୍ରାକୃତିକ ଐତିହ୍ୟ ସ୍ଥଳଗୁଡ଼ିକରେ ପଶ୍ଚିମ ଘାଟ, ଗ୍ରେଟ ହିମାଳୟ ଜାତୀୟ ଉଦ୍ୟାନ, କାଜିରଙ୍ଗା ୱାଇଲ୍ଡ ଲାଇଫ ଅଭୟାରଣ୍ୟ, ସୁନ୍ଦରବନ ଜାତୀୟ ଉଦ୍ୟାନ, ନନ୍ଦା ଦେବୀ ଏବଂ ଭ୍ୟାଲି ଫୁଲ ଜାତୀୟ ଉଦ୍ୟାନ ଅନ୍ତର୍ଭୁକ୍ତ। ସର୍ବାଧିକ ସଂଖ୍ୟକ ଐତିହ୍ୟ ସଂରକ୍ଷିତ ସ୍ଥାନ ଉତ୍ତରପ୍ରଦେଶରେ ରହିଛି। ଏହାର ସଂଖ୍ୟା ୭୪୫। ସେହିପରି କର୍ନାଟକରେ ୫୦୬ଟି ସଂରକ୍ଷିତ ଐତିହ୍ୟ ରହିଛି।

# କଙ୍ଗନାଙ୍କ ବଡ଼ ସମର୍ଥକ ତୁଷାର



କଙ୍ଗନା ରଣାୱତ୍

**ମୁମ୍ବାଇ:** ଅଭିନେତା ତୁଷାର କପୁର ବଲିଉଡ୍ କୁଇନ୍ କଙ୍ଗନା ରାଣାୱାତଙ୍କ ପ୍ରଶଂସକ ସହ ବଡ଼ ସମର୍ଥକ। ଏ କଥା ତୁଷାର କଙ୍ଗନାଙ୍କ ଶୋ' ଲକ୍‌ଅପରେ କହିଛନ୍ତି। ଏପରିକି କଣ୍ଟ୍ରୋଭର୍ସି କୁଇନ କଙ୍ଗନା କୌଣସି ବିବାଦକୁ ଆସିଲେ ମଧ୍ୟ ସେ ସବୁବେଳେ ତାଙ୍କୁ ସମର୍ଥନ ଦେଇଥାନ୍ତି ବୋଲି ତୁଷାର କହିଛନ୍ତି। ଓଟିଟିରେ ପ୍ରସାରିତ ଶୋ' ଲକଅପ୍‌କୁ ନେଇ କଙ୍ଗନା ବେଶ୍ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ଡିଜିଟାଲ ପ୍ଲାଟଫର୍ମ ଅଲ୍ଟ ବାଲାଜୀକୁ ୫ ବର୍ଷ ପୂରିଥିବାରୁ ଏବଂ କଙ୍ଗନାଙ୍କ ଏହି ଶୋ'ରେ ୟୁଜର୍ସଙ୍କ ସଂଖ୍ୟା ୩୦୦ ମିଲିୟନ୍‌ରେ ପହଞ୍ଚିଛି। ଶୋ'ରେ କଙ୍ଗନା ଏହି ଖୁସି ମନାଉଥିବାବେଳେ ଏଥିରେ ସାମିଲ ହୋଇଛନ୍ତି ଟେଲିଭିଜନ ପ୍ରଯୋଜିକା ଏକତା କପୁର ଏବଂ ତାଙ୍କ ଭାଇ ତୁଷାର କପୁର। ସେଠାରେ ତୁଷାର 'ଲକ୍‌ଅପ୍'ରେ ଥିବା ସମସ୍ତ ସଦସ୍ୟଙ୍କୁ ଭେଟିଥିଲେ। କଙ୍ଗନା କହିଛନ୍ତି କି, ଇଣ୍ଡଷ୍ଟ୍ରିରେ ଯେତେ ଲୋକେଙ୍କ ସହ ଲଢେଇ ହେଲେ ମଧ୍ୟ ତୁଷାର ତାଙ୍କୁ ସବୁବେଳେ ସପୋର୍ଟ କରିଛନ୍ତି। ଲକଅପ୍‌ରେ ଥିବା ଲୋକଙ୍କ ସହିତ ତୁଷାର ଖେଳିବା ସହିତ ନିଜ ପୁସ୍ତକ 'ବ୍ୟାଚ୍‌ଲର୍ ଡାଡ' ବିଷୟରେ ମଧ୍ୟ ଜଣାଇଥିଲେ।

# ମାରାତ୍ମକ ରୋଗର ଦ୍ୱୀପ

**ତାସ୍‌କେଣ୍ଟ:** ଦୁନିଆରେ ଏପରି ଅନେକ ସ୍ଥାନ ଅଛି, ଯାହାକି ଅତ୍ୟନ୍ତ ଭୟଙ୍କର ଏବଂ ମାରାତ୍ମକ। ଲୋକେ ସେପରି ସ୍ଥାନକୁ ଯିବା ପାଇଁ ଭୟ କରିଥାନ୍ତି। ଏପରି ଏକ ସ୍ଥାନ ଉଜବେକିସ୍ତାନରେ ଅଛି। ଏହି ସ୍ଥାନଟି ଜୈବିକ ଅସ୍ତ୍ରଶସ୍ତ୍ରର ପରୀକ୍ଷଣ କେନ୍ଦ୍ର ଥିଲା, କିନ୍ତୁ ବର୍ତ୍ତମାନ ଏଠାରେ ତାହାର ଚିହ୍ନ-ବର୍ଣ୍ଣ ହିଁ ନାହିଁ। ଏହି ସ୍ଥାନ ଯେତିକି ଆଶ୍ଚର୍ଯ୍ୟଜନକ ତାହାର ଇତିହାସ ମଧ୍ୟ ସେତିକି ରୋଚକ। ୧୯୨୦ ମସିହାରେ, ସୋଭିଏଟ ୟୁନିୟନ ଘାତକ ଅସ୍ତ୍ରଶସ୍ତ୍ର ପରୀକ୍ଷା ନିମନ୍ତେ ସେଠାରେ ଏକ ସ୍ଥାନ ଚିହ୍ନଟ କରିଥିଲା। ଏହି ଅସ୍ତ୍ରଗୁଡ଼ିକ ମୁଖ୍ୟତଃ ଜୈବିକ ଥିଲା। ସେଥିପାଇଁ ଲୋକମାନଙ୍କଠାରୁ ଦୂରରେ ଏକ ନିଛାଟିଆ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଏହି ସ୍ଥାନଟି ଆଜିର ଉଜବେକିସ୍ତାନ ନିକଟ ଆରାଲ ସାଗର ପାଖରେ ଅବସ୍ଥିତ। ଦୁନିଆରେ ଏହା ଭୋଜ୍ରୋଜଡେନିଆ ଦ୍ୱୀପ ନାମରେ ଜଣା। ଏହି ସ୍ଥାନ ବିଶ୍ୱର ସର୍ବବୃହତ ଜୈବିକ ଅସ୍ତ୍ର କେନ୍ଦ୍ର ଭାବରେ ପ୍ରସିଦ୍ଧ ହୋଇଥିଲା। ୧୯୪୮ରେ ସୋଭିଏଟ୍ ସଂଘ ଜୈବିକ ଅସ୍ତ୍ର ତିଆରି ଏବଂ ପରୀକ୍ଷଣ ପାଇଁ ଆରାଲସ୍କ -୭ ନାମକ ଏକ ଗୁପ୍ତଚର ଲ୍ୟାବ ପ୍ରତିଷ୍ଠା କରିଥିଲା। ୧୯୯୦ରେ ଏହା ବନ୍ଦ ହେବା ପୂର୍ବରୁ ଏହାକୁ ବିଭିନ୍ନ ରୋଗ ଏବଂ ଜୈବିକ ଅସ୍ତ୍ରଶସ୍ତ୍ର ପାଇଁ ତାଲିମ ଦିଆଯାଇଥିଲା। ଏଥିମଧ୍ୟରୁ ଅନେକେ ମଣିଷ ପାଇଁ ଘାତକ ଥିଲା। ମହାମାରୀ, ଆନ୍ଥ୍ରାକ୍ସ, ସ୍ମଲପକ୍ସ, ବ୍ରୁସେଲୋସିସ, ଟୁଲେରେମିଆ, ବଟୁଲିନମ, ଏନ୍‌ସେଫିଲାଇଟିସ ଇତ୍ୟାଦି ରୋଗର ପରୀକ୍ଷା ଏଠାରେ କରାଯାଇଥିଲା। ଏକ ରିପୋର୍ଟ ଅନୁଯାୟୀ, ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ, ଏବେ ମଧ୍ୟ ଏଠାରେ ଆନ୍ଥ୍ରାକ୍ସ ରୋଗର ଜୀବାଣୁ ବ୍ୟାପକ ଭାବେ ରହିଛନ୍ତି। ତେଣୁ ସେଠାକୁ କୌଣସି ବ୍ୟକ୍ତି ଗଲେ ତାଙ୍କର ମୃତ୍ୟୁ ପ୍ରାୟ ନିଶ୍ଚିତ। ବର୍ତ୍ତମାନ ଆରାଲ ସାଗର ସମ୍ପୂର୍ଣ୍ଣ ଶୁଖି ଯାଇଛି। ଫଳରେ ଏହି ସ୍ଥାନଟି ଏକ ମରୁଭୂମିରେ ପରିଣତ ହୋଇଛି। ଏଠାରେ ତାପମାତ୍ରା ୬୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ରହିଥାଏ। ତେଣୁ ଏତେ ତାପମାତ୍ରାରେ ସେଠାରେ କେହି ତିଷ୍ଠିବା ମଧ୍ୟ ଅସମ୍ଭବ।



# ସର୍ଜରି ପାଇଁ ୧୦ ଲକ୍ଷ ଋଣ

**ଲଣ୍ଡନ:** ମୋଟାପଣ କମାଇବା ପାଇଁ ସର୍ଜରୀ କରିବା ନିମନ୍ତେ ବ୍ରିଟେନ୍‌ର ସରେରେ ରହୁଥିବା ଜଣେ ଯୁବତୀ ଋଣ କରିଥିଲେ। ଦି ସନ୍‌ର ରିପୋର୍ଟ ମୁତାବକ, ୨୮ ବର୍ଷୀୟା ସିନା ମିଚେଲି କ୍ରିମେଣ୍ଟସ ବ୍ରିଟେନର ହେଲ୍‌ଥ ସର୍ଭିସ୍‌ର କଣ୍ଟାକ୍ଟ ମ୍ୟାନେଜର। ମୋଟାପଣ କାରଣରୁ ତାଙ୍କ ଓଜନ ୧୧୦ କିଲୋ ହୋଇଯାଇଥିଲା। ଏଥିପାଇଁ ସେ ଚାପଗ୍ରସ୍ତ ରହୁଥିଲେ। ଓଜନ କମ୍ କରିବା ପାଇଁ ସେ ଡାଏଟ୍ କଣ୍ଟ୍ରୋଲ ଆରମ୍ଭ କରିଥିଲେ ମଧ୍ୟ ଖାଦ୍ୟର ଲାଳସା ଯୋଗୁ ଲାଭ ପାଇ ପାରି ନ ଥିଲେ। ଓଜନ କମାଇବା ପାଇଁ ୨୦୨୧ରେ ସେ ସର୍ଜରି କରାଇବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ୧୦ ଲକ୍ଷ ଟଙ୍କା ଋଣ ମଧ୍ୟ ନେଲେ। ତେବେ ସର୍ଜରିରେ ତାଙ୍କର ୧୯ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ଏବେ ତାଙ୍କ ଓଜନ ୬୬ କିଲୋ ହୋଇଯାଇଛି। ଏନେଇ ମିସେଲ କୁହନ୍ତି, ସର୍ଜରି ପାଇଁ ଖର୍ଚ୍ଚ କରିଥିବା ଅର୍ଥ ଅଧିକ ଥିଲା। ହେଲେ ନିଜ ପାଇଁ ଅର୍ଥ ଖର୍ଚ୍ଚ କରିବା ଭଲ।

# କିଲି ପଲ୍‌ଙ୍କ ମୁଣ୍ଡରେ 'କେଜିଏଫ୍-୨' ଭୂତ

**ମୁମ୍ବାଇ:** ସୋସିଆଲ ମିଡିଆରେ ତାଞ୍ଜାନିଆର ଇଣ୍ଟରନେଟ ସେନସେଶନ କିଲି ପଲ୍ ବଲିଉଡ ଫିଲ୍ମ ସହ ସାଉଥ ଇଣ୍ଡିଆନ ଫିଲ୍ମ ଗୀତର ଡାଏଲଗରେ ଲିପ୍ ସିଙ୍କ୍ ଭିଡିଓ କରୁଥିବା ଦେଖାଯାଇଛି। ଏହା ତାଙ୍କୁ ଭାରତରେ ବେଶ୍ ଚର୍ଚ୍ଚିତ କରିଥିବାବେଳେ ଏବେ ପାରମ୍ପରିକ ମଶାଇ ଡ୍ରେସରେ ତାଙ୍କୁ ଦେଖିବାକୁ ମିଳିଛି। ଏଥିରେ ସେ ସଦ୍ୟ ମୁକ୍ତିଲାଭ କରିଥିବା ସୁପରଷ୍ଟାର ଯଶ୍‌ଙ୍କ ଫିଲ୍ମ 'କେଜିଏଫ୍-ଚାପ୍ଟର ୨'ର ଡାଇଲଗ୍ କହୁଛନ୍ତି। ଏଥିରେ କିଲି ପଲ ନିଜର ଭିନ୍ନ ଅନ୍ଦାଜରେ ସମସ୍ତଙ୍କୁ ଚମକାଇ



ଦେଇଛନ୍ତି। 'କେଜିଏଫ ଚାପ୍ଟର ୨'ର ଏକ ଡାଏଲଗ୍ ଉପରେ ଲିପ ସିଙ୍କ୍ କରିବା ସହ ଜବରଦସ୍ତ ଆକ୍ସନ ମଧ୍ୟ ଦେଖାଇଛନ୍ତି। ଏହାର ଭିଡିଓ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ସୂଚନାଯୋଗ୍ୟ, ନିକଟରେ ସୁପରଷ୍ଟାର ଯଶଙ୍କ ଫିଲ୍ମ 'କେଜିଏଫ ଚାପ୍ଟର ୨' ରିଲିଜ ହୋଇଛି। ଏହାର ହିନ୍ଦୀ ଭର୍ସନ ରିଲିଜ ହେବାର ମାତ୍ର ୨ ଦିନରେ ଶହେ କୋଟି ଟଙ୍କା ଆୟ କରି ରେକର୍ଡ କରିଛି। ୩ ଦିନରେ ତାହା ୧୪୩ କୋଟିରେ ପହଞ୍ଚିଛି। ସେହିପରି ବିଶ୍ୱସ୍ତରରେ କେଜିଏଫ୍ ଚାପ୍ଟର-୨ର ଆୟ ମାତ୍ର ତିନି ଦିନରେ ୪ ଶହ କୋଟି ଟପିଛି।

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ସମୂହ ଦୀପଦାନ

**ଭୁବନେଶ୍ୱର,(ବ୍ୟୁରୋ):** ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବ ରବିବାର ୧୭ନମ୍ବର ୱାର୍ଡରେ ପାଳିତ ହୋଇଯାଇଛି। ପୋଷ୍ଟାଲ କଲୋନୀ ଛକସ୍ଥିତ ତାରିଣୀ ମନ୍ଦିର ପରିସରରେ ସମୂହ ଦୀପଦାନ ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିସହ ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ କରାଯାଇଥିଲା। କର୍ପୋରେଟର ପୂଜା ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ସଂଗଠନ ପକ୍ଷରୁ ଦ୍ରୌପଦୀ ଦାସ, ଯୁବ ସମାଜସେବୀ ଭୋଲାନାଥ ମହାରଣା, ରଞ୍ଜିତା ଦାସ, ସୁନାମଣି ଦାସ, ମମତା ଦଲେଇ, ମାମୀ ବିଶାଳ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଜେଲରୁ ବିଚାରାଧୀନ କଏଦୀ ଫେରାର

**ଜଗତ୍‌ସିଂହପୁର ଅଫିସ,୧୭।୪:** ଜଗତ୍‌ସିଂହପୁର ଆଲିପିଙ୍ଗଳସ୍ଥିତ ଉପକାରାଗାରରୁ ଜଣେ ବିଚାରାଧୀନ କଏଦୀ ରବିବାର ମଧ୍ୟାହ୍ନରେ ଫେରାର ହୋଇଯାଇଛନ୍ତି। ଫେରାର କଏଦୀ ହେଲେ ବାଲିକୁଦା ଥାନା ଗଡ଼େଇଗିରି ଗ୍ରାମର ଜୀବନଜ୍ୟୋତି ସାହୁ (୨୪)। ୨୦୨୦ରେ ଅଭିଯୁକ୍ତ ସାହୁ ଜଣେ ୧୬ ବର୍ଷିୟା ଦଳିତ ନାବାଳିକାଙ୍କୁ ବଳାତ୍କାର କରିଥିବା ବାଲିକୁଦା ଥାନାରେ ଅଭିଯୋଗ ହୋଇଥିଲା। ଥାନାରେ ମାମଲା (ନଂ. ୩୩୫/୨୦) ରୁଜୁ ହୋଇଥିଲା। ୨୦୨୦ ଡିସେମ୍ବର ୨୮ରେ ତାଙ୍କୁ ଗିରଫ କରାଯାଇଥିଲା। ୩୦ ଡିସେମ୍ବରରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆଲିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଥିଲା। ସେବେଠାରୁ ଅଭିଯୁକ୍ତ ସାହୁ ଉପକାରାଗାରରେ ଥିଲେ। ରବିବାର କୌଶଳକ୍ରମେ ପାଚେରି ଡେଇଁ ଖସି ଯାଇଥିବା ଶୁଣାଯାଉଛି। ପୋଲିସର ସୁରକ୍ଷା ବଳୟ ଭାଙ୍ଗି କିପରି ସେ ଚମ୍ପଟ ମାରିଲେ ତାହା ତଦନ୍ତ ସାପେକ୍ଷ। ଉପ କାରାଗାର ଜେଲ୍‌ର ରତିକାନ୍ତ ଶୁକ୍ଲାଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ନଦୀରେ ବୁଡ଼ି ଭଉଣୀଭାଇ ମୃତ

**ଫୁଲବାଣୀ ଅଫିସ,୧୭।୪:** କନ୍ଧମାଳ ଜିଲା ଟିକାବାଲି ବ୍ଲକ ଛତିଝର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ବଡ଼ ମା'ଙ୍କ ପଛରେ ଗୋଡ଼ାଇ ସାଲୁଙ୍କି ନଦୀକୁ ଗାଧୋଇ ଯାଇଥିବା ଗୋଟିଏ ପରିବାରର ଦୁଇ କୋମଳମତି ଭଉଣୀଭାଇଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେମାନେ ହେଲେ ଯୁଧିଷ୍ଠିର ଦେହୁରୀଙ୍କ ପୁଅ ସତ୍ୟଜିତ (୪) ଓ ପ୍ରଶାନ୍ତ ଦେହୁରୀଙ୍କ ଝିଅ ଜ୍ୟୋତିଷ (୫)। ପୋଲିସ ମୃତଦେହ ଜବତ କରି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଟିକାବାଲିର ବିପଦର ବନ୍ଧୁ ଟିମ୍ ଦୁଇ ମୃତଦେହକୁ ଫୁଲବାଣୀ ମେଡିକାଲରେ ପହଞ୍ଚାଇବା ପରେ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ନଂ.୪ ଓ ୫/୨୨ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିଜୁବାବୁଙ୍କୁ ଭାରତ ରତ୍ନ ଦାବି

**ବାରଙ୍ଗ/ବାଲିଅନ୍ତା,୧୭।୪(ଡି.ଏନ୍.ଏ.):** ଭୁବନେଶର ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ରବିବାର ପାଳିତ ହୋଇଯାଇଛି। ପାଞ୍ଚ ପଞ୍ଚାୟତର ମରିଚିଆ ଗ୍ରାମ ନିକଟ ପ୍ରାଚୀଧାରରେ ବହୁ ବିଜୁପ୍ରେମୀ ଏକତ୍ରିତ ହୋଇ ବିଜୁ ବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ତିଳତର୍ପଣ କରିଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ୩୦ନଂ. ଜୋନ ଜିଲାପରିଷଦ ସଭ୍ୟ ବବିତା ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବାଲିଅନ୍ତା ବ୍ଲକ ଅଧୀନ ଖମଙ୍ଗ ଛକ ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୁ ବାବୁଙ୍କୁ ଜଣେ ବିଶ୍ୱସ୍ତରୀୟ ନେତା ବୋଲି କହିଥିଲେ। ଏଥିସହ ତାଙ୍କୁ ଭାରତ ରତ୍ନ ଉପାଧି ପ୍ରଦାନ ପାଇଁ ଦାବି କରିଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ଚୌଧୁରୀ ଦ୍ୱାରିକା ନାଥ ଦାସ, ଅମରେନ୍ଦୁ ପଟ୍ଟନାୟକ, ଅନୁପମା ମାର୍ଥା, ଶଶୀଭୂଷଣ ପାତର, ସରପଞ୍ଚ ସସ୍ମିତା ମଲିକ, ସମିତିସଭ୍ୟା ମିଲିଲତା ବେହେରା, ମମତା ମାହାରୀ, ହୃଷିକେଶ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଚ୍ୟୁତାନନ୍ଦ ପାତ୍ର ସଭା ପରିଚାଳନା କରିଥିଲେ।

# ଅଚଳାବସ୍ଥାରେ ଇ-ଟଏଲେଟ୍

**ଭୁବନେଶ୍ୱର, ୧୭।୪ (ବ୍ୟୁରୋ)**



### ସ୍ୱଚ୍ଛ, ସୁନ୍ଦର ସ୍ମାର୍ଟସିଟି ପ୍ରହସନ

- ବାହାରୁନି ପାଣି, ସୁଇଚ୍ ମାରିଲେ ଖୋଲୁନି ଡୋର୍
- ୪ବର୍ଷ ପରେ ବି ୮ ସ୍ଥାନରେ ନିର୍ମାଣ ସରିଲା ନାହିଁ

ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର କରି ଗଢିତୋଳିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସ୍ମାର୍ଟ ସିଟିକୁ ଯେପରି ବାହ୍ୟ ମଳମୁକ୍ତ ଅଞ୍ଚଳ କରାଯାଇ ପାରିବ ସେଥିପାଇଁ ଇ-ଟଏଲେଟ୍‌ର ବ୍ୟବସ୍ଥା ରହିଛି। ଏଥିସହ ବାହାରେ ମଳତ୍ୟାଗ କଲେ ଜରିମାନା ଦଣ୍ଡ ରହିଛି। ମାତ୍ର ସଚେତନତା ଅଭାବ ଓ ପରିଚାଳନାଗତ ତ୍ରୁଟି କାରଣରୁ ଏହା ଲୋକଙ୍କ ବ୍ୟବହାରରେ ଲାଗୁନାହିଁ। ଫଳରେ ଅଧିକାଂଶ ଇ-ଟଏଲେଟ୍ ଅଚଳାବସ୍ଥାରେ ପଡ଼ି ରହିଛି। ଇ-ଟଏଲେଟ ଭଳି ସହରରେ ଗୋଷ୍ଠୀ ଶୌଚାଳୟ, ହାଇବ୍ରିଡ୍ ଟଏଲେଟ୍, ପବ୍ଲିକ୍ ଟଏଲେଟ୍ ଏବଂ ବାୟୋ ଟଏଲେଟ୍ ଆଦି ୨ଶହରୁ ଊର୍ଦ୍ଧ୍ୱ ଟଏଲେଟ୍ ନିର୍ମାଣ କରାଯାଇଥିଲେ ବି ଲୋକମାନେ ବାହାରେ ମଳତ୍ୟାଗ ଓ ପରିସ୍ରା କରୁଛନ୍ତି। ଏହାଦ୍ୱାରା ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି।

୨୦୧୮ରେ ସ୍ମାର୍ଟସିଟି ମିଶନରେ ଇ-ଟଏଲେଟ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା। ୫କୋଟି ୭୬ଲକ୍ଷ ଟଙ୍କା ବ୍ୟୟରେ ସହରର ୩୦ ସ୍ଥାନରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ୬୦ ଟଏଲେଟ୍ ୟୁନିଟ୍ ନିର୍ମାଣ କରାଯିବାକୁ ସ୍ଥିର ହୋଇଥିଲା। ବିଏମ୍‌ସି ଓ ବିଏସ୍‌ସିଏଲ୍ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଥିଲା। ମାତ୍ର ୪ବର୍ଷ ପରେ ବି ସମସ୍ତ ଇ-ଟଏଲେଟ୍ ନିର୍ମାଣ ହୋଇପାରିନାହିଁ। ସହରର ୨୨ଟି ସ୍ଥାନରେ ଇ-ଟଏଲେଟ୍ ନିର୍ମାଣ ସରିଥିବାବେଳେ ଆହୁରି ୮ଟି ସ୍ଥାନରେ ବାକି ରହିଛି। ବର୍ତ୍ତମାନ ବାପୁଜୀ ନଗର, ରବୀନ୍ଦ୍ର ମଣ୍ଡପ ନିକଟ, କଳିଙ୍ଗ ଷ୍ଟାଡିୟମ ଗେଟ୍-୮, ଖଣ୍ଡଗିରି, ଶିରିପୁର ଛକ, ୟୁନିଟ୍-୯, ଜୟଦେବ ବିହାର, ଅଶୋକ ନଗର, ସିଟି ମହିଳା ମହାବିଦ୍ୟାଳୟ ସମେତ ଫରେଷ୍ଟ ପାର୍କ, ଆଇଜି ପାର୍କ, ମଧୁସୂଦନ ପାର୍କ ଆଦି ବିଭିନ୍ନ ସ୍ଥାନରେ ଏହା ନିର୍ମାଣ କରାଯାଇଛି। ହେଲେ ଏଥିମଧ୍ୟରୁ ଅଧିକାଂଶ କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ଆଉ କିଛି ସ୍ଥାନରେ ବିଭିନ୍ନ ସମସ୍ୟା ଯୋଗୁ ତାହା ବ୍ୟବହାରଯୋଗ୍ୟ ହୋଇପାରୁନାହିଁ। କେଉଁ ଇ-ଟଏଲେଟ୍‌ର ଡୋର୍ ଖୋଲୁ ନାହିଁ ତ ପୁଣି ଆଉ କେଉଁଠି ପାଣି ରହୁନି କି ନିୟମିତ ସଫା କରାଯାଉ ନ ଥିବା ଅଭିଯୋଗ ହେଉଛି।

ଭୁବନେଶ୍ୱରରେ ଷ୍ଟିଲରେ ନିର୍ମିତ ମଡ୍ୟୁଲାର ଇ-ଟଏଲେଟ ସ୍ଥାପନ କରାଯାଉଛି। ଏଥିମଧ୍ୟରୁ କେତେକ ସମ୍ପୂର୍ଣ୍ଣ ଅଟୋମେଟିକ୍ ଥିବାବେଳେ ଆଉ କେତେକ ସେମି ଅଟୋମେଟିକ ରହିଛି। ଏଥିରେ ସେନ୍‌ସର ଲାଗିଛି, ଫଳରେ ଟଏଲେଟ୍ ସମୟରେ ଆପେ ପାଣି ଆସିବ ଓ ଆପେ ବନ୍ଦ ହୋଇଯିବ। ସେହିପରି ବ୍ୟବହାର ପୂର୍ବରୁ ଫ୍ଲୋର୍ ଅଟୋମେଟିକ୍ ଭାବେ ସଫା ହୋଇଯିବ। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ଟଏଲେଟରେ ସେନ୍‌ସର କାମ କରୁନି। ସେହିପରି ଟଏଲେଟ ବ୍ୟବହାର ସମୟରେ ନାଲି ଲାଇଟ୍ ଜଳିବା କଥା, କିନ୍ତୁ ଅନେକ ସମୟରେ କେହି ନ ଥାଇ ବି ନାଲି ଲାଇଟ୍ ଜଳିରହୁଛି ଏବଂ ଡୋର୍ ଖୋଲୁନି। ଲୋକେ ବହୁ ସମୟ ଧରି ଅପେକ୍ଷା କରି ଫେରୁଥିବା ଦେଖିବାକୁ ମିଳୁଛି। ଆଉ ଅନେକ ସମୟରେ ସୁଇଚ୍ ମାରି ବହୁ ସମୟ ଅପେକ୍ଷା କରିବା ସତ୍ତ୍ୱେ ବି ଡୋର ଖୋଲୁନି। ଏହାଦ୍ୱାରା ଲୋକଙ୍କ ଜରୁରୀ ସମୟରେ ଏହା କାମରେ ଆସୁନି।

ଏ ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ କହିଛନ୍ତି, ଅଧିକାଂଶ ଟଏଲେଟ୍ କାମ କରୁଛି। ନିର୍ମାଣକାରୀ ସଂସ୍ଥାକୁ ଆନୁଆଲ ମେଣ୍ଟେନାନ୍ସ କଣ୍ଟ୍ରାକ୍ଟ (ଏଏମ୍‌ସି) ଦେଇଦେଲେ ସେମାନେ ଅଚଳ ଥିବା ଟଏଲେଟ୍‌ଗୁଡିକୁ ସଜାଡିବେ। ୨୦୧୯ରେ ଘରୋଇ ସଂସ୍ଥା ସହିତ ଚୁକ୍ତି ଶେଷ ହେବାପରେ ଆଉ ନବୀକରଣ ହୋଇନାହିଁ। ତେଣୁ କିଛିଟା ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଖୁବ୍‌ଶୀଘ୍ର ଏଏମ୍‌ସି ଦିଆଯିବ। ତେବେ ବିଏମ୍‌ସି ପକ୍ଷରୁ କିଛି ସ୍ଥାନରେ ଏହି ଶୌଚାଳୟ ୟୁନିଟ୍ ଚଳାଇବା ପାଇଁ ବ୍ୟକ୍ତିମାନଙ୍କୁ ନିୟୋଜିତ କରାଯାଇଥିବା ସେ କହିଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ ପରେ ଆଖି ବୁଜିଲେ ଛତିଶଗଡ଼ ଭକ୍ତ

**ପୁରୀ ଅଫିସ, ୧୭।୪**

ମଣିଷର ଶେଷ ସମୟ ଆସିଲେ ତାକୁ ନେବା ପାଇଁ ମନ୍ଦିର ହେଉ ଅବା ଘର କେଉଁଠି ବି ମୃତ୍ୟୁ ବାଟ ଜଗିଥାଏ। ଅନେକ ସମୟରେ ଏମିତି ବି ମରଣ ଆସେ, ଯାହା ସହଜେ ବିଶ୍ୱାସଯୋଗ୍ୟ ହୋଇପାରେନାହିଁ। ଏପରି ଏକ ଘଟଣା ରବିବାର ଶ୍ରୀମନ୍ଦିର ପରିସରରେ ଘଟିଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ମା' ବିମଳାଙ୍କ ଦର୍ଶନ କରିବା ସମୟରେ ଜଣେ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଛି। ମହାପ୍ରଭୁଙ୍କ ଦର୍ଶନ ତାଙ୍କ ପାଇଁ ଶେଷଦର୍ଶନ ହୋଇଛି। ମୃତ୍ୟୁବରଣ କରିଥିବା ଭକ୍ତ ଜଣକ ହେଉଛନ୍ତି ଛତିଶଗଡ଼ର ୭୨ବର୍ଷୀୟ ୱାଇ. ଜି. ମୂର୍ତ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ ମୂର୍ତ୍ତି ନିଜ ପରିବାର ସହ ଶ୍ରୀମନ୍ଦିରକୁ ଯାଇଥିଲେ। ସେ ଓ ତାଙ୍କ ପରିବାରବର୍ଗ ରତ୍ନସିଂହାସନ ଉପରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିଥିଲେ। ଏହାପରେ ସେମାନେ ଅନ୍ୟ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ ସାରି ମା' ବିମଳାଙ୍କୁ ଦର୍ଶନ କରିବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ମୂର୍ତ୍ତି ଅଚେତ୍ ହୋଇ ତଳେ ପଡ଼ିଯାଇଥିଲେ। ସଙ୍ଗେସଙ୍ଗେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରିବାର ଲୋକଙ୍କ କହିବା ଅନୁଯାୟୀ, ମୂର୍ତ୍ତିଙ୍କୁ ପୁରୀ ଆସିବାକୁ ସେମାନେ ବାରଣ କରିଥିଲେ। ମାତ୍ର ମହାପ୍ରଭୁଙ୍କ ଦର୍ଶନ ହିଁ ତାଙ୍କର ସବୁଠୁ ବଡ଼ ଇଚ୍ଛା ବୋଲି କହି ସେ କାହା କଥା ନ ଶୁଣି ପୁରୀ ଆସିବାକୁ ଜିଦ୍ ଧରିଥିଲେ। ଫଳରେ ପରିବାର ଲୋକଙ୍କ ସହିତ ସେ ପୁରୀ ଆସିଥିଲେ। ରବିବାର ପୂର୍ବାହ୍ନରେ ସେ ପରିବାର ସହିତ ଶ୍ରୀମନ୍ଦିରକୁ ଯାଇଥିଲେ। ମା' ବିମଳାଙ୍କୁ ଦର୍ଶନ କରିବା ବେଳେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ହୃଦ୍‌ଘାତଜନିତ କାରଣରୁ ସମ୍ପୃକ୍ତ ଭକ୍ତଙ୍କର ମୃତ୍ୟୁ ଘଟିଥିବାରୁ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କୁମ୍ଭାରପଡ଼ା ଥାନା ପୋଲିସ କହିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ମୂର୍ତ୍ତିଙ୍କ ମୃତ୍ୟୁ ଘଟି ନ ଥିବାରୁ ଦାରୁଦିଅଁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବାଧା ସୃଷ୍ଟି ହୋଇନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



## ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବରେ ବିନ୍ଦୁସାଗରରେ ତିଳତର୍ପଣ

**ପୁରୁଣା ଭୁବନେଶ୍ୱର,୧୭।୪(ଡି.ଏନ୍.ଏ.)**

ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ରବିବାର ବିନ୍ଦୁସାଗର ଉତ୍ତରେଶ୍ୱର ଘାଟରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ସଭାପତିତ୍ୱରେ ମେୟର ସୁଲୋଚନା ଦାସ, ବିଜେଡି ରାଜ୍ୟ ସମ୍ପାଦକ ରଣଜିତ୍ ମହାପାତ୍ର, ଡେପୁଟି ମେୟର ମଞ୍ଜୁଲତା କଅଁର, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଶିବନାରାୟଣ ରାୟ, ବିରଞ୍ଚି ନାରାୟଣ ମହାସୁପକାର, ହୃଦୟ ବଲ୍ଲଭ ସାମନ୍ତରାୟ, ପୁଷ୍ପା ଦାଶ, ଦାଶରଥି ଗରାବଡୁ, ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ଲୋକସେବା ଭବନ ଯାଇପାରିବେ ସାଧାରଣ ଜନତା, ଖବରଦାତା

**ଭୁବନେଶ୍ୱର,୧୭।୪(ବ୍ୟୁରୋ)**

ସାଧାରଣ ଲୋକମାନେ ସୋମବାର ଠାରୁ ଲୋକସେବା ଭବନ, ରାଜୀବ ଭବନ ଏବଂ ଖାରବେଳ ଭବନରେ ନିଜର ଅଭିଯୋଗ ରଖିପାରିବେ। କରୋନା ଲାଗି ଦୀର୍ଘ ୨ ବର୍ଷ ଧରି ରହିଥିବା କଟକଣାକୁ ରାଜ୍ୟ ସରକାର ମଙ୍ଗଳବାର ଉଠାଇ ଦେଇଛନ୍ତି। ବର୍ତ୍ତମାନ ସଂକ୍ରମଣ କମିଯାଇଥିବାରୁ ଏବଂ ଏଥିଲାଗି ରହିଥିବା କଟକଣା ଉଠାଇଦେବାରୁ ରାଜ୍ୟ ସରକାର ଲୋକସେବା ଭବନ, ରାଜୀବ ଭବନ ଏବଂ ଖାରବେଳ ଭବନର ରିସେପଶନ୍ କାଉଣ୍ଟର ଖୋଲା ରଖିବେ। ଏପରିକି ଖବରଦାତାମାନେ ମଧ୍ୟ ଏଣିକି ଲୋକସେବା ଭବନ ଭିତରକୁ ପ୍ରବେଶ କରିପାରିବେ। ଗତ ୧୨ ତାରିଖରେ ଲୋକସେବା ଭବନ, ଖାରବେଳେ ଭବନ ଏବଂ ରାଜୀବ ଭବନ ଯାଇପାରିବେ ବୋଲି ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ଚିଠିରେ ଦର୍ଶାଯାଇଛି। କେବଳ ସ୍ୱୀକୃତିପ୍ରାପ୍ତ ଖବରଦାତାମାନଙ୍କୁ ହିଁ ଲୋକସେବା ଭବନ ଭିତରକୁ ଯିବା ଲାଗି ଅନୁମତି ମିଳିବ। ସେହିପରି ସାଧାରଣ ଲୋକମାନେ ମଧ୍ୟ ଅନ୍‌ଲାଇନରେ ପାସ୍ କରି ଲୋକସେବା ଭବନ, ରାଜୀବ ଭବନ ଓ ଖାରବେଳ ଭବନ ଯାଇପାରିବେ। ଏଥିପାଇଁ ପ୍ରଥମେ ଇ-ପ୍ରବେଶ ମୋବାଇଲ ଆପ୍ ଜରିଆରେ ପାସ୍ ପାଇଁ ସାଧାରଣ ଲୋକମାନେ ଆବେଦନ କରିପାରିବେ। ମହାମାରୀ କରୋନା ଯୋଗୁ ୨ ବର୍ଷ ହେବ ଖବରଦାତା ଏବଂ ସାଧାରଣ ଲୋକମାନଙ୍କ ପାଇଁ ଲୋକସେବା ଭବନ ବନ୍ଦ ରହିଥିଲା। ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିଲା।

# ଇଓଡବ୍ଲ୍ୟୁକୁ ଆରୁହା କଳାପଥର ଲୁଟ୍ ତଦନ୍ତ ଭାର

**ଯାଜପୁର ଅଫିସ,୧୭।୪**



- ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ
- ଅର୍ଥନୈତିକ ଅପରାଧ ଶାଖାକୁ ତଦନ୍ତ ଭାର
- ବିଶ୍ୱାସରେ ଦସ୍ତଖତ କରିଥିଲେ ଆରଆଇ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ପାହାଡ଼ରୁ କଳାପଥର ଲୁଟ୍ ଓ ଜାଲିଆତି ମାମଲାର ତଦନ୍ତ ଭାର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)କୁ ଦିଆଯାଇଛି। ବରିଷ୍ଠ ଓ ଅଭିଜ୍ଞ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରିବାକୁ ଲୋକାୟୁକ୍ତ ଅଧ୍ୟକ୍ଷ ଅଜିତ୍ ସିଂ ୮।୪।୨୦୨୨ ଶୁଣାଣିରେ ଇଓଡବ୍ଲ୍ୟୁ ଡିଆଇଜି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଶୁଣାଣି ତାରିଖ ଠାରୁ ୬ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏହିମର୍ମରେ ଅଭିଯୋଗକାରୀଙ୍କ ପତ୍ର ସହ ପ୍ରାଥମିକ ତଦନ୍ତ ରିପୋର୍ଟ ଏବଂ ଅନ୍ୟାନ୍ୟ କାଗଜପତ୍ର ଇଓଡବ୍ଲ୍ୟୁ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବାକୁ ଲୋକାୟୁକ୍ତ ତାଙ୍କ ଶୁଣାଣିରେ ଦର୍ଶାଇଛନ୍ତି। ପରବର୍ତ୍ତୀ ଶୁଣାଣି ୨୨।୭।୨୦୨୨କୁ ନିର୍ଦ୍ଧାରଣ ହୋଇଛି।

ଅଭିଯୋଗ ଅନୁସାରେ ଲିଜଧାରୀ ତ୍ରିନାଥ ଜେନା ଆରୁହା ପାହାଡରୁ ନିର୍ଦ୍ଧାରିତ ଲିଜ୍ ଏରିଆଠାରୁ ବହୁ ଗୁଣ ଅଧିକ ମୂଲ୍ୟବାନ କଳାପଥର ବେଆଇନ ଭାବେ ଉତ୍ତୋଳନ କରିଥିଲେ। ଏଥିପାଇଁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇଛନ୍ତି। ଏଥିରେ ସ୍ଥାନୀୟ ପୋଲିସ ଓ ଧର୍ମଶାଳା ତହସିଲଦାର ସହଯୋଗୀ ହୋଇଛନ୍ତି। ଏହିମର୍ମରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଓଡ଼ିଶା ଲୋକାୟୁକ୍ତରେ ୧୩୫୫/୨୦୨୦ରେ ଏକ ମାମଲା ରୁଜୁ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ତଦନ୍ତ ହେବା ପରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶକ ମଧ୍ୟ ତାଙ୍କ ରିପୋର୍ଟ ଦାଖଲ କରିଥିଲେ। ତେବେ ଏହି ମାମଲାରେ ପକ୍ଷଭୁକ୍ତ ହୋଇଥିବା ୧୦ ଜଣ ଅଧିକାରୀ ମଧ୍ୟ ତାଙ୍କ ଉତ୍ତର ଦାଖଲ କରି ସାରିଛନ୍ତି। ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ଢେଙ୍କାନାଳ ଜୋନାଲ ଅଫିସ୍‌ର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଅନୁପ କୁମାର ରାଉତ ୩୧।୩।୨୦୨ ରେ ତାଙ୍କ ଉତ୍ତର ଦାଖଲ କରିଥିଲେ। ଯାଜପୁର ଜିଲାପାଳ ୧୨।୧।୨୦୨୨ରେ ଉତ୍ତର ଦାଖଲ କରିଥିଲେ। ଡେଭଲପମେଣ୍ଟ ପ୍ଲାନ ଓ ଏନଭାଇରନମେଣ୍ଟାଲ ମ୍ୟାନେଜମେଣ୍ଟ ପ୍ଲାନ ଅନୁଯାୟୀ ଲିଜ୍ ଅଞ୍ଚଳ ୩ ଏକର ରହିଛି। ପ୍ଲାନରେ ଦର୍ଶାଯାଇଥିବା ଅତିରିକ୍ତ ଅଞ୍ଚଳ ଡମ୍ପିଂ, ଷ୍ଟୋରେଜ ଏବଂ ଗାଡି ଚଳାଚଳ ପାଇଁ ଉଦ୍ଦିଷ୍ଟ ଥିବା ଜିଲାପାଳ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତହସିଲଦାର ୧୧।୧।୨୦୨୨ରେ ଅତିରିକ୍ତ ଜିଲାପାଳଙ୍କୁ ଦେଇଥିବା ରିପୋର୍ଟରେ ଆରୁହା ପାହାଡର ସ୍କେଚମ୍ୟାପ ଭୁଲବଶତଃ ତିଆରି ହୋଇଛି ବୋଲି ମାନିଛନ୍ତି। ଏହାବାଦ ୨ ନମ୍ବର ଖାଦାନରେ ୩୧,୫୪୮ ଘନମିଟର କଳାପଥର ବିନା ଅନୁମତିରେ ଉତ୍ତୋଳନ ହୋଇଥିବା ତହସିଲଦାର ରିପୋର୍ଟରେ ସ୍ୱୀକାର କରିଥିବା ଜିଲାପାଳ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ଆରୁହାର ପୂର୍ବତନ ରାଜସ୍ୱ ନିରୀକ୍ଷକ(ଆରଆଇ) ବସୁଦେବ ସାହୁ କୌଣସି ସ୍କେଚ ମ୍ୟାପ୍ ସେ ପ୍ରସ୍ତୁତ କରି ନ ଥିବା ଦର୍ଶାଇଛନ୍ତି। ପୂର୍ବରୁ ପ୍ରସ୍ତୁତ ହୋଇଥିବା ଏକ ସ୍କେଚମ୍ୟାପ୍‌ରେ ବିଶ୍ୱାସରେ ଏବଂ ତହସିଲଦାରଙ୍କ ନିର୍ଦ୍ଦେଶରେ ସେ ଦସ୍ତଖତ କରିଥିବା ସେ ଉତ୍ତର ଦେଇଛନ୍ତି। ପୂର୍ବତନ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ପ୍ରଭାସ କୁମାର ବେହୁରା ଓ ଶୀତଳ ଅଗ୍ରୱାଲଙ୍କ ସମେତ ମନୋଜ କୁମାର ମହାପାତ୍ର, କ୍ଷୀରାବ୍ଧି ତନୟା ପଣ୍ଡା, ଲିଜଧାରୀ ତ୍ରିନାଥ ଜେନା ପ୍ରମୁଖ ବେଆଇନ ଆରୁହା କଳାପଥର ଉତ୍ତୋଳନରେ ସେମାନଙ୍କ ସମ୍ପୃକ୍ତି ନ ଥିବା ଉତ୍ତର ଦେଇଛନ୍ତି। ଏହିକ୍ରମରେ ପ୍ରାଥମିକ ତଦନ୍ତ ରିପୋର୍ଟ ଏବଂ ପକ୍ଷଭୁକ୍ତଙ୍କ ଉତ୍ତରକୁ ଆଧାର କରି ଲୋକାୟୁକ୍ତ ଇଓଡବ୍ଲ୍ୟୁକୁ ତଦନ୍ତ ଭାର ଦେଇଛନ୍ତି।

## ଭିଏସ୍‌ଏସ୍‌ନଗରରେ ବିଶ୍ୱଶାନ୍ତି ମହାଯଜ୍ଞ

**ଭୁବନେଶ୍ୱର, ୧୭।୪(ବ୍ୟୁରୋ)**

ଭିଏସ୍‌ଏସ୍ ନଗରସ୍ଥିତ ୨ୟ ପୋଷ୍ଟାଲ କଲୋନୀ ନିକଟ ମା' ତାରିଣୀ ମନ୍ଦିରରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୪ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟା ୭ଟାରେ ଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ପୂଜକ ସୁବାସ ପଣ୍ଡା, ମୁଖ୍ୟ ପୁରୋଧା ମନୋଜ କୁମାର ପତି ଓ ଅନ୍ୟମାନଙ୍କ ସହଯୋଗରେ ଯଜ୍ଞ ଓ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଯଜ୍ଞରେ କର୍ତ୍ତା ଭାବେ ମନୋଜ କୁମାର ମହାପାତ୍ର ଓ ତାଙ୍କ ସ୍ତ୍ରୀ ସୁନୀତା ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ୧୧ ନଂ. ୱାର୍ଡର କର୍ପୋରେଟର ପୂଜା ମହାରଣାଙ୍କ ପକ୍ଷରୁ ମା'ଙ୍କ ନିକଟରେ ଜଗତର ମଙ୍ଗଳ କାମନା କରାଯାଇ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଯଜ୍ଞ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ସମାଗମ ହୋଇଥିଲା। ରାତିରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।



ଭିଏସ୍‌ଏସ୍ ନଗର ତାରିଣୀ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଉଛି।



କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ୟୁଥ୍ ଫର୍ ନେଶନର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଉଛି। ନିମନ୍ତ୍ରିତ ଅତିଥି ଓ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିଛନ୍ତି।

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ପାଇଁ ଇଣ୍ଟରନେଟ୍ ଜରୁରୀ

**ଭୁବନେଶ୍ୱର,୧୭।୪**

### ନିସ୍‌ରେ ଜାତୀୟସ୍ତରୀୟ କର୍ମଶାଳା




ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନ ପରିସରରେ 'ଇଣ୍ଟରନେଟ ଅଫ୍ ଥିଙ୍ଗ୍' ଉପରେ ଏକ ଜାତୀୟ ଆଲୋଚନାଚକ୍ର ରବିବାର ଆୟୋଜିତ ହୋଇଯାଇଛି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଚିତ୍ତରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ. ସୁରଜ ଶର୍ମା ମୁଖ୍ୟ ବକ୍ତା ଏବଂ ନାକ୍ ବେଙ୍ଗାଲୁରୁର ପରାମର୍ଶଦାତା ପ୍ରଫେସର୍ ଡ. ଅମୀୟ କୁମାର ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଇଣ୍ଟରନେଟର ବ୍ୟବହାର ଓ ଭାବନା ସହ ଏହାର ଉପଯୋଗିତା ଏବଂ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ପାଇଁ ଇଣ୍ଟରନେଟର ଆବଶ୍ୟକତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। 'ନିସ୍'ର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇ ଜୀବନ ସହ କିପରି ଇଣ୍ଟରନେଟ ଯୋଡ଼ି ହୋଇରହିଛି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଡିନ୍ ପ୍ରଫେସର ବିଷ୍ଣୁ ପାଲ୍, ଉପନିର୍ଦ୍ଦେଶକ ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀଙ୍କ ସମେତ ଏମ୍‌ସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିଙ୍କୁ ଅନୁଷ୍ଠାନର ସହ ପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କମ୍ପ୍ୟୁଟର ସାଇନ୍‌ସ ଓ ଆଇଟି ବିଭାଗର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।




କଳିଙ୍ଗ ଷ୍ଟାଡିୟମ ସୁଇମିଂ ପୁଲ୍‌ରେ ରବିବାର ଅନୁଷ୍ଠିତ ଅଲ୍ ଓଡ଼ିଶା ଆନ୍ତଃକ୍ଲବ ସନ୍ତରଣ ପ୍ରତିଯୋଗିତା ଅବସରରେ ୨ ପ୍ରତିଯୋଗୀ।

# ଜୁନେଦ୍, ରମଣଦୀପଙ୍କ ଜାତୀୟ ରେକର୍ଡ

**ରାଞ୍ଚି, ୧୭।୪ (ପି.ଟି.):** ଏଠାରେ ରବିବାର ଅନୁଷ୍ଠିତ ୯ମ ଇଣ୍ଡିଆନ ଓପନ୍ ରେସ୍ ୱାକିଂ ପ୍ରତିଯୋଗିତାରେ ଜୁନେଦ ଖାଁ ଓ ରମଣଦୀପ କୌର ଯଥାକ୍ରମେ ୩୫ କିମି ପୁରୁଷ ଓ ମହିଳା ରେସ୍ ୱାକ୍‌ରେ ନୂଆ ଜାତୀୟ ରେକର୍ଡ କରିଛନ୍ତି। ୨୩ ବର୍ଷୀୟା ରମଣଦୀପ ୩:୦୦.୦୪ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ପୂର୍ବରୁ ପ୍ରିୟଙ୍କା ଗୋସ୍ୱାମୀଙ୍କ ନାମରେ ରହିଥିବା ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ପ୍ରିୟଙ୍କା ଗତମାସରେ ମସ୍କଟ୍‌ଠାରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ ରେସ୍ ୱାକିଂରେ ୩:୧୩.୧୯ସେକେଣ୍ଡ ଟାଇମିଂରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଗୋସ୍ୱାମୀ ରବିବାର ୩୫ କିମି ଇଭେଣ୍ଟରେ ଭାଗ ନେଇ ନ ଥିଲେ। ଶନିବାର ସେ ୨୦କିମି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେ ରେସ୍ ଶେଷ କରିପାରି ନ ଥିଲେ। ରମଣଦୀପଙ୍କ ପଞ୍ଜାବ ଟିମ୍‌ମେଟ୍ ମଞ୍ଜୁ ୩:୦୭.୪୯ ସେକେଣ୍ଡ ଟାଇମିଂରେ ରୌପ୍ୟ ଜିତିଥିଲେ। ଅନ୍ୟପକ୍ଷରେ ପୁରୁଷ ୩୫ କିମି ଇଭେଣ୍ଟରେ ୨:୪୦.୧୬ ସେକେଣ୍ଡ ଟାଇମିଂରେ ଜୁନେଦ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡର ଅଧିକାରୀ ଥିଲେ ସନ୍ଦୀପ କୁମାର (୨:୪୫.୧୭ ସେକେଣ୍ଡ)।

# ଶୀର୍ଷରେ କଳିଙ୍ଗ ଆକ୍ୱାଟିକ୍ କ୍ଲବ

**ଅଲ୍ ଓଡ଼ିଶା ଆନ୍ତଃ କ୍ଲବ ସନ୍ତରଣ**

**ଭୁବନେଶ୍ୱର, ୧୭।୪ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୩ୟ ଅଲ୍ ଓଡ଼ିଶା ଆନ୍ତଃ କ୍ଲବ ସନ୍ତରଣ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ଏହି ପ୍ରତିଯୋଗିତାର ମୁଖ୍ୟ ଲକ୍ଷ୍ୟ। ଗୋଟିଏ ଦିନରେ ବିଭିନ୍ନ ବର୍ଗରେ ମୋଟ୍ ୭୪(୩୭ ବାଳିକା ଓ ୩୭ ବାଳକ)ଟି ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହା ମଧ୍ୟରେ ୨୦୦ ମିଟର ମିଡ୍‌ଲେ, ୧୦୦ ମିଟର ଫ୍ରିଷ୍ଟାଇଲ, ୫୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୧୦୦ ମିଟର ବଟରଫ୍ଲାଏ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୫୦ ମିଟର ବଟରଫ୍ଲାଏ, ୧୦୦ ମିଟର ଫ୍ରିଷ୍ଟାଇଲ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ, ୨୦୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍, ଆଦି ଇଭେଣ୍ଟ ଅନ୍ତର୍ଭୁକ୍ତ। ଉଭୟ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ଏହି ପ୍ରତିଯୋଗିତା ହୋଇଥିଲା। ଶେଷରେ କଳିଙ୍ଗ ଆକ୍ୱାଟିକ୍ କ୍ଲବ ୫୪୬ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛି। କିଟ୍ ଓ କିସ୍ ୨୨୨ ପଏଣ୍ଟ ସହ ଦ୍ୱିତୀୟ ଓ ହିରାକୁଦ ଆକ୍ୱାଟିକ୍ କ୍ଲବ ୧୬୦ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛି। ସେହିପରି ସମ୍ବଲପୁର(୧୪୮), ବୌଦ୍ଧ (୯୩), ଓଡ଼ିଶା ମାଷ୍ଟର୍ସ ସୁଇମିଂ କ୍ଲବ (୭୪), ପୁରୀ (୫୭), ବରଗଡ଼ (୪୦) ଓ ଓସିଏ କ୍ଲବ (୨୭) ଟପ୍-୧୦ରେ ରହିଛି। ପ୍ରତିଯୋଗିତାରେ ମୋଟ ୨୪ଟି କ୍ଲବ ଏବଂ ଜିଲାରୁ ୧୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ସିତ୍‌ସିପାସ୍ ଚାମ୍ପିୟନ

**ମୋନାକୋ, ୧୭।୪ (ଏପି):** ଗତଥରର ଚାମ୍ପିୟନ ଷ୍ଟିଫାନ୍ସ ସିତ୍‌ସିପାସ୍ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ୍ ପ୍ରତିଯୋଗିତାରେ ତାଙ୍କ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ରବିବାର ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ସ୍ପେନ୍‌ର ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନାଙ୍କୁ ୬-୩, ୭-୬ (୭/୩) ସେଟ୍‌ରେ ହରାଇ ଦେଇଛନ୍ତି। ଗ୍ରୀସ୍‌ର ଏହି ୨୩ ବର୍ଷୀୟ ଖେଳାଳିଙ୍କର ଏହା ହେଉଛି ୮ମ ଏଟିପି ଟାଇଟଲ।

# ଭାରତୀୟ ଦଳରେ ଓଡ଼ିଶାର ସୋହିନୀ

**ଆଇଟିଏଫ୍ ୱାର୍ଲ୍ଡ ଜୁନିୟର ଟେନିସ୍**

**ଭୁବନେଶ୍ୱର, ୧୭।୪ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀସ୍ଥିତ ଆର୍.କେ. ଖାନ୍ନା ଟେନିସ୍ ଷ୍ଟାଡିୟମର ଡିଏଲ୍‌ଟିଏ କମ୍ପ୍ଲେକ୍ସରେ ଆଇଟିଏଫ୍ ୱାର୍ଲ୍ଡ ଜୁନିୟର ଟେନିସ୍ ପ୍ରତିଯୋଗିତାର ବାଳିକା ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇ ଇଭେଣ୍ଟ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଖେଳିବା ପାଇଁ ଭାରତୀୟ ଦଳରେ ଓଡ଼ିଶାର ସୋହିନୀ ସଞ୍ଜୟ ମହାନ୍ତି ସ୍ଥାନ ପାଇଛନ୍ତି। ଚଳିତବର୍ଷ ଜାନୁୟାରୀରେ ସର୍ବଭାରତୀୟ ଟେନିସ ର୍‍ୟାଙ୍କିଂର ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ନମ୍ବର ୱାନ୍ ସ୍ଥାନ ହାସଲ କରିଥିବା ସୋହିନୀ ପଟିଆସ୍ଥିତ ଫର୍‌ହାନ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଜୁନିୟର ବାଳକ ଡେଭିସ୍ କପ୍ ଟେନିସ୍‌ରେ ଭାରତକୁ ଚାମ୍ପିୟନ କରାଇଥିବା ଓଡ଼ିଶାର ଦେବାଶିଷ ସାହୁ ହେଉଛନ୍ତି ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଅଲ୍ଲୀଙ୍କ ଅନ୍ୟତମ ଶିଷ୍ୟ। ଦେବାଶିଷଙ୍କ ପ୍ରଦର୍ଶନରେ ସ୍ୱାଭାବିକ ଭାବେ ଗର୍ବିତ ହୋଇଥିବା ଫରହାନ ଆଗାମୀ ଟୁର୍ଣ୍ଣାମେଣ୍ଟରେ ସୋହିନୀଙ୍କ ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। ସୋହିନୀ ସମ୍ପ୍ରତି କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନରତା।




ଭାରତୀୟ ଦଳର ସଦସ୍ୟାଙ୍କ ସହ ଓଡ଼ିଶାର ସୋହିନୀ ସଞ୍ଜୟ ମହାନ୍ତି (ବାମରୁ ତୃତୀୟ)।

# କର୍ଣ୍ଣାଟକ ସହ ମ୍ୟାଚ୍ ଡ୍ର ରଖିଲା ଓଡ଼ିଶା

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

**ଭୁବନେଶ୍ୱର, ୧୭।୪(କ୍ରୀଡ଼ା ପ୍ରତିନିଧି)**

ସନ୍ତୋଷ ଟ୍ରଫିର ଏକ ଘରୋଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛି। କେରଳର କୋଟ୍ଟପଡି ଫୁଟ୍‌ବଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଏକଦା ୧-୩ ଗୋଲରେ ପଛୁଆ ରହିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌କୁ ୩-୩ ଗୋଲରେ ଡ୍ର ରଖିବାରେ ସକ୍ଷମ ହୋଇଛି। ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏ ପାଇଛନ୍ତି।

ଗ୍ରୁପ୍ 'ବି'ର ଏହି ମ୍ୟାଚ୍‌ରେ ଓଡ଼ିଶାର ଜମିର ଓରାମ ୧୫ତମ ମିନିଟ୍‌ରେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର କର୍ଣ୍ଣାଟକର ସୁଧୀର କୋଟିକେଲା ଗୋଲ୍‌ଟି ପରିଶୋଧ କରିଦେଇଥିଲେ। ୩୩ତମ ମିନିଟରେ ବଷ୍ଟୁ ନିସାଦ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷବେଳକୁ କର୍ଣ୍ଣାଟକକୁ ୨-୧ରେ ଅଗ୍ରଣୀ କରାଇଥିଲେ। ୬୧ତମ ମିନିଟରେ ସୁଧୀର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବାରୁ କର୍ଣ୍ଣାଟକ ପ୍ରତିପକ୍ଷ ଓଡ଼ିଶା ବିପକ୍ଷରେ ଆଧିପତ୍ୟ ବିସ୍ତାର କରିଥିଲା। ଚାପ କ୍ରମଶଃ ବୃଦ୍ଧି ପାଇଥିଲେ ହେଁ ଓଡ଼ିଶା ଖେଳାଳିମାନେ ଧୈର୍ଯ୍ୟ ହରାଇ ନ ଥିଲେ। ୬୪ତମ ମିନିଟରେ ଓଡ଼ିଶାର ବିକାଶ କୁମାର ସାହୁ ଏକ ଗୋଲ ପରିଶୋଧ କରିବାରୁ ମ୍ୟାଚ୍‌ରେ ଉଷ୍ମତା ଆସିଯାଇଥିଲା। କର୍ଣ୍ଣାଟକ ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ପକ୍ଷରୁ ଚନ୍ଦ୍ର ମୁଦୁଲି ୭୫ତମ ମିନିଟରେ ଆଉ ଏକ ଗୋଲ ପରିଶୋଧ କରିବାରୁ ମ୍ୟାଚ୍ ୩-୩ ସ୍ଥିତିକୁ ଚାଲିଆସିଥିଲା। ଏହାପରେ ଆଉ ଗୋଲ ନ ହେବାରୁ କର୍ଣ୍ଣାଟକର ବିଜୟ ଆଶା ବ୍ୟର୍ଥ ହୋଇଥିଲା। ଓଡ଼ିଶା ୧୯ ତାରିଖରେ ଏହାର ପରବର୍ତ୍ତୀ ମ୍ୟାଚ୍ ମଣିପୁର ବିପକ୍ଷରେ ଖେଳିବ। ଏହାପରେ ୨୩ରେ ଗୁଜରାଟ ଓ ୨୫ରେ ସର୍ଭିସେସ୍‌କୁ ଭେଟିବ। ନିୟମାନୁସାରେ ଏହି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଗ୍ରୁପ୍ 'ଏ'ରେ କେରଳ, ପଶ୍ଚିମବଙ୍ଗ, ମେଘାଳୟ, ପଞ୍ଜାବ ଓ ରାଜସ୍ଥାନ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରୁ ମଧ୍ୟ ୨ଟି ଦଳ ସେମିଫାଇନାଲକୁ ଆସିବେ।



କେରଳର କୋଟ୍ଟପଡି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଓଡ଼ିଶା-କର୍ଣ୍ଣାଟକ ସନ୍ତୋଷ ଟ୍ରଫି ଫୁଟବଲ ମ୍ୟାଚ।

# ହାଇଦ୍ରାବାଦର ଚତୁର୍ଥ ବିଜୟ

**ନବି ମୁମ୍ବାଇ, ୧୭।୪ (ପି.ଟି.):** ଫାଇନାଲ ଓଭରରେ ୟଙ୍ଗ ପେସ୍ ସେନ୍‌ସେଶନ ଉମରାନ ମଲିକ(୪/୨୮)ଙ୍କ ଚମତ୍କାର ବୋଲିଂ ଯୋଗୁ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଏକ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ୭ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଦଳର ଏହା ହେଉଛି କ୍ରମାଗତ ଚତୁର୍ଥ ବିଜୟ। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ ରନ୍ କରିଥିଲା। ଦଳର ଟପ୍ ସ୍କୋରର ଲିଆମ ଲିଭିଂଷ୍ଟୋନ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ୩୦ ବଲ୍(୫ ଚୌକା, ୪ଛକା)ରେ ୬୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାହାରୁଖ ଖାଁ ୨୬ ରନ କରିଥିଲେ। ପଞ୍ଜାବ ମାତ୍ର ୭ଟି ବଲ୍‌ରେ ଏହାର ୫ ଉଇକେଟ ହରାଇଥିଲା। କେବଳ ଅନ୍ତିମ ଓଭରରେ ୪ ଉଇକେଟର ପତନ ଘଟିଥିଲା। ତନ୍ମଧ୍ୟରୁ ହାଇଦ୍ରାବାଦର ୨୨ ବର୍ଷୀୟ ମଲିକ ୩ଟି ଉଇକେଟ ନେଇଥିଲେ। ଜବାବରେ ସନ୍‌ରାଇଜର୍ସ ହାଇଦ୍ରାବାଦର ଆରମ୍ଭ ଉତ୍ସାହଜନକ ନ ଥିଲା। ଦଳ ଚତୁର୍ଥ ଓଭରରେ ଏହାର ଅଧିନାୟକ କେନ୍ ୱିଲିୟମ୍‌ସନ(୩)ଙ୍କୁ ହରାଇଥିଲା। କାଗିସୋ ରାବାଡା ଏହି ବ୍ରେକ୍ ଥ୍ରୁ ଆଣିଦେଇଥିଲେ। ଓପ୍‌ନର ଅଭିଷେକ ଶର୍ମା (୨୫ ବଲ୍‌ରୁ ୩୧, ୩ ଚୌକା ଓ ୧ ଛକା) ଏବଂ ଫର୍ମରେ ଥିବା ରାହୁଲ ତ୍ରିପାଠୀ (୨୨ ବଲ୍‌ରୁ ୩୪, ୪ ଚୌକା, ୧ ଛକା) ଦଳର ବ୍ୟାଟିଂ ସ୍ଥିତିକୁ ସୁଦୃଢ଼ କରିପାରି ନ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ନିକୋଲାସ ପୁରନ (୩୦ ବଲ୍‌ରୁ ଅପରାଜିତ ୩୫ରନ୍; ୧ଚୌକା, ୧ଛକା) ଓ ଏଡେନ୍ ମାରକ୍ରାମ (୨୭ ବଲ୍‌ରୁ ୪୧ ନଟ୍ ଆଉଟ୍; ୪ ଚୌକା ଓ ୧ ଛକା)ଙ୍କ ମଧ୍ୟରେ ୫୦ ବଲ୍‌ରେ ଅପରାଜିତ ୭୫ ରନ୍‌ର ପାର୍ଟନରଶିପ୍ ଯୋଗୁ ସନରାଇଜର୍ସ ୩ ଉଇକେଟ ବିନିମୟରେ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ରାଜସ୍ଥାନ ରୟାଲ୍ସ ବନାମ କୋଲ୍‌କାତା ନାଇଟ ରାଇଡର୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୧୫୧/ଅଲ୍‌ଆଉଟ (ଲିଭିଂଷ୍ଟୋନ୍-୬୦, ଶାହାରୁଖ ଖାଁ-୨୬; ଉମ୍‌ରାନ ମଲିକ-୪/୨୮, ଭୁବନେଶ୍ୱର କୁମାର-୩/୨୨)। ସନରାଇଜର୍ସ ହାଇଦ୍ରାବାଦ: ୧୮.୫ ଓଭରରେ ୧୫୨/୩ (ଏଡେନ୍ ମାରକ୍ରାମ-୪୧*, ନିକୋଲାସ ପୁରନ-୩୫*, ରାହୁଲ ତ୍ରିପାଠୀ-୩୪, ଅଭିଷେକ ଶର୍ମା-୩୧, ରାହୁଲ ଚହର-୨/୨୮, କାଗିସୋ ରାବାଡା-୧/୨୯।

## କାଶିକା ପ୍ରଧାନ ୬ଷ୍ଠ

**ନୂଆଦିଲ୍ଲୀ, ୧୭।୪ (ପି.ଟି.):** ସ୍ଥାନୀୟ ଡକ୍ଟର କାର୍ଣ୍ଣି ସିଂ ଶୁଟିଂ ରେଞ୍ଜ୍‌ରେ ଚାଲିଥିବା ନ୍ୟାଶନାଲ ସିଲେକ୍ସନ ଟ୍ରାଏଲ୍‌ରେ ମହିଳା ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତା(୪ର୍ଥ ଟ୍ରାଏଲ୍)ରେ ଓଡ଼ିଶାର କାଶିକା ପ୍ରଧାନ ୨୦୭.୨ ସ୍କୋର ସହ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଇଭେଣ୍ଟର ଶ୍ରେଷ୍ଠ ୮ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ପଶ୍ଚିମବଙ୍ଗ ଶୁଟର ମେହୁଲି ଘୋଷ (୨୬୨.୮) ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

CLASSIFIED DISPLAY
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରାଜ୍ୟ ୧୦ ବର୍ଷରୁ କମ୍ ଚେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୭।୪(କ୍ରୀଡ଼ା ପ୍ରତିନିଧି)**

କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସରରେ ରବିବାର ଉର୍ମିଳା ସ୍ମାରକୀ ରାଜ୍ୟ ୧୦ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ତଥା ବରିଷ୍ଠ ଅଧିକାରୀ ପ୍ରବୋଧ କୁମାର ରାଉତ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅଲ୍ ଓଡ଼ିଶା ଚେସ୍ ସ୍ୱୀକୃତିପ୍ରାପ୍ତ ମନୋନୟନ ପ୍ରତିଯୋଗିତା ରାଜ୍ୟର ଅଗ୍ରଣୀ ଚେସ୍ ଅନୁଷ୍ଠାନ ଟ୍ରିପଲ 'ସି' ଚେସ୍ କ୍ଲବ ଓ ମାଷ୍ଟର ଚେସ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜନ ହେଉଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଓପନ୍ ବିଭାଗରେ ୩ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳିଙ୍କ ସହ ୮୦ ଜଣ ଓ ବାଳିକା ବିଭାଗରେ ୩୭(ଜଣେ ରେଟେଡ୍) ଏହିପରି ରେକର୍ଡ ୧୧୭ ଜଣ ପ୍ରତିଯୋଗୀ ଭାଗନେଇଛନ୍ତି। ୬ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତା ୨ ଦିନ ଧରି ଚାଲିବ। ପ୍ରଥମ ଦିନ ଚତୁର୍ଥ ରାଉଣ୍ଡ ଖେଳ ସୁଦ୍ଧା ଓପନ୍ ବିଭାଗରେ ସ୍ୱସ୍ତିକ ଶୁଭମ ପଟ୍ଟନାୟକ, ଶ୍ରୀୟମ ସତ୍ୟମ, ଅଂଶଲ ଏ. ଥୋମାସ, ଦେବୀପ୍ରିୟ ବିଶ୍ୱାଳ ଓ ଜେ. ଭିଆନ ରେଡ୍ଡୀ ମିଳିତ ଭାବେ ଅଗ୍ରଣୀ ରହିଛନ୍ତି। ସେହିପରି ବାଳିକା ବିଭାଗରେ ଟପ୍‌ସିଡ୍ ଈଶାନୀ ଦାସ ଓ ଜ୍ୟୋତିକା ସାହୁ ମିଳିତ ଭାବେ ପୂର୍ଣ୍ଣ ୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଟ୍ରିପଲ ସି' ଚେସ୍ କ୍ଲବ ସଭାପତି କମଳାକାନ୍ତ ବିଶୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସାଙ୍ଗଠନିକ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଚେସ୍ କୋଚ୍ ବିଶ୍ୱଜିତ୍ ରାୟ, ସହ ସମ୍ପାଦକ ତଥା କୋଚ୍ ଅର୍ଘ୍ୟ ଅର୍ପଣ ପରିଡା, ମାଷ୍ଟର ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟର ଦକ୍ଷ ଚେସ୍ କୋଚ୍ ପ୍ରଶାନ୍ତ ଜେନା, ସତ୍ୟଜିତ୍ ପଟ୍ଟନାୟକ, ଆଦିତ୍ୟ ପଟ୍ଟନାୟକ ଓ ସମୀର ରଞ୍ଜନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା।



ରାଜ୍ୟ ୧୦ ବର୍ଷରୁ କମ୍ ଚେସ୍‌ରେ ଭାଗ ନେଇଥିବା ଖେଳାଳି।

## ପୁଣି ଡବଲ୍ସ କୋଚ୍ ହୋଇପାରନ୍ତି ମାଥିଆସ୍

**ନୂଆଦିଲ୍ଲୀ, ୧୭।୪ (ପି.ଟି.):** ଡେନ୍‌ମାର୍କ କିମ୍ବଦନ୍ତୀ ମାଥିଆସ୍ ବୋଏ ଦ୍ୱିତୀୟ ଥର ପାଇଁ ଭାରତୀୟ ବ୍ୟାଡ୍‌ମିଣ୍ଟନ ଟିମ୍‌ର ଡବଲ୍ସ କୋଚ୍ ହୋଇପାରନ୍ତି। ପୂର୍ବରୁ ମାଲେସିଆର ଟାନ୍ କିମ୍ ହର୍‌ଙ୍କୁ ଅଫର ଦିଆଯାଇଥିଲା। କ୍ରୀଡ଼ା ମନ୍ତ୍ରଣାଳୟ ତାଙ୍କ ନିଯୁକ୍ତିକୁ ମଧ୍ୟ ଅନୁମୋଦନ କରିଥିଲା। କିନ୍ତୁ ସେ ବ୍ୟକ୍ତିଗତ କାରଣରୁ ରାଜି ହୋଇ ନ ଥିଲେ। ମାଥିଆସ୍ ହେଉଛନ୍ତି ବିଶ୍ୱର ପୂର୍ବତନ ନମ୍ବର ୱାନ୍ ଖେଳାଳି। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ସେ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କୁ ଟ୍ରେନିଂ ଦେଇଥିଲେ। ଗତବର୍ଷ ନଭେମ୍ବରରେ ଇଣ୍ଡୋନେସିଆର ଆଗସ୍ ଦ୍ୱିୱି ସାଣ୍ଟୋସୋ ଆକସ୍ମିକ ପଦ ତ୍ୟାଗକରି ଚାଲିଯିବାରୁ ଭାରତୀୟ ପୁରୁଷ ସିଙ୍ଗଲ୍ସ କୋଚ୍ ପଦ ଖାଲିପଡ଼ିଛି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

୰ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୦୭୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

୰ପ୍ରଫୁଲ୍ଲ ଦେଇ
ସ୍ୱାମୀ: ୰ଅର୍ଜୁନ ଛୁଆଳସିଂହ
ଗୌତମ ନଗର, ଭୁବନେଶ୍ୱର
Ph.- 9861012136, 7978079320
ଆବିର୍ଭାବ: ୦୧।୦୪।୧୯୪୪
ତିରୋଧାନ: ୨୮।୦୪।୨୦୨୧
ଆମ୍ଭର ସ୍ନେହମୟୀ, ଦୟାଳୁ ତଥା ପରୋପକାରୀ 'ମା' ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କରିଅଛନ୍ତି। ତାଙ୍କର ମୃତ୍ୟୁରେ ଆମ୍ଭର ସମସ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନ ଅତ୍ୟନ୍ତ ମର୍ମାହତ। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ଛୁଆଳସିଂହ, ହରିଚନ୍ଦନ ଓ ସାମନ୍ତରାୟ ପରିବାରବର୍ଗ, ବଡ଼ପୋଖରିଆ, ଖୋର୍ଦ୍ଧା।
ଧ-୧୬୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

୰ଇଂ ଲଲାଟେନ୍ଦୁ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୦୭୯

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୮ ଏପ୍ରିଲ, ୨୦୨୨



# ପୃଥିବୀର ସୁରକ୍ଷା


ନିକୁଞ୍ଜ ବିହାରୀ ସାହୁ

''ଘୋର ପରିତାପର ବିଷୟ ଯେ, ଆମ ପୃଥିବୀର ପୂର୍ବର ସେ ମାଧୁର୍ଯ୍ୟ ଓ ମାଦକତା ଏବେ ଆଉ ନାହିଁ। ପ୍ରକୃତି ସହିତ ମନୁଷ୍ୟର ହସ୍ତକ୍ଷେପ କାରଣରୁ ବିଶ୍ୱତାପନ ପ୍ରକ୍ରିୟା ଫଳରେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘଟୁଛି। ବିଶେଷକରି କୋଇଲା, ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନ ଦହନରୁ ଉତ୍ପନ୍ନ କିଛି ସବୁଜଘର ବାଷ୍ପ ସୂର୍ଯ୍ୟର ବିକିରିତ ତାପରଶ୍ମିକୁ ଅତ୍ୟଧିକ ଶୋଷଣ ଦ୍ୱାରା ପୃଥିବୀର ତାପମାତ୍ରା କ୍ରମେ ବଢ଼ିବାରେ ଲାଗିଛି। ଏହା କୌଣସି ଅଞ୍ଚଳର ଏକ ସ୍ଥାନୀୟ ସମସ୍ୟା ନୁହେଁ, ବରଂ ଏକ ବିଶ୍ୱ ସମସ୍ୟା।''



ଅନନ୍ତ ଅନ୍ତରୀକ୍ଷରେ ଆମର ପୃଥିବୀ ଏକମାତ୍ର ଗ୍ରହ ଯେଉଁଠି ଜୀବନ ସମ୍ଭବ ହୋଇଛି। ପୃଥିବୀରେ ଜୀବନ ବଞ୍ଚିବା ପାଇଁ କିଛି ଅନୁକୂଳ ପରିବେଶ ରହିଛି ଯାହା ଅନ୍ୟ କୌଣସି ଗ୍ରହରେ ନାହିଁ। ପ୍ରଥମତଃ ପୃଥିବୀର ତାପମାତ୍ରା ପରିସରରେ ଜୀବନ ନିମନ୍ତେ ମୁଖ୍ୟ ଆବଶ୍ୟକତା ଜଳ ନିଜର ସମସ୍ତ ତିନୋଟି ରୂପ ଯଥା କଠିନ, ତରଳ ଓ ଗ୍ୟାସୀୟ ଅବସ୍ଥାରେ ରହିପାରେ। ଦ୍ୱିତୀୟତଃ ପୃଥିବୀର ଏକ ବାୟୁମଣ୍ଡଳ ଅଛି ଯେଉଁଥିରେ ବିଭିନ୍ନ ଜୀବନ ରକ୍ଷାକାରୀ ଗ୍ୟାସ ଉପଯୁକ୍ତ ଅନୁପାତରେ ଉପଲବ୍ଧ ଅଛନ୍ତି। ଆମ ବାୟୁମଣ୍ଡଳରେ ଥିବା ବିଭିନ୍ନ ସବୁଜଘର ବାଷ୍ପ ସୂର୍ଯ୍ୟର ତାପରଶ୍ମିକୁ ଶୋଷଣ କରିବା ଦ୍ୱାରା ପୃଥିବୀରେ ଜୀବନରକ୍ଷା ପାଇଁ ଆବଶ୍ୟକ ତାପମାତ୍ରା ସୃଷ୍ଟି ହୋଇଥାଏ। ଆମ ବାୟୁମଣ୍ଡଳର ଏହି ସବୁଜଘର ବାଷ୍ପଙ୍କ ବିନା ପୃଥିବୀର ହାରାହାରି ତାପମାତ୍ରା ଏବେକାର ୧୪ଡିଗ୍ରୀ ପରିବର୍ତ୍ତେ –୧୮ ଡିଗ୍ରୀ ମୂଲ୍ୟରେ ପହଞ୍ଚିଥାନ୍ତା, ଯେଉଁଥିରେ ଜୀବନ ବଞ୍ଚିବା ସମ୍ଭବପର ନୁହେଁ। ତୃତୀୟତଃ ଆମ ପୃଥିବୀର ଉର୍ଦ୍ଧ୍ୱ ବାୟୁମଣ୍ଡଳରେ ଏକ ଓଜୋନ ସ୍ତର ରହିଛି, ଯାହା ଏକ କବଚ ଭଳି ସୂର୍ଯ୍ୟରୁ ଆସୁଥିବା ମାରାତ୍ମକ ଅତିବାଇଗଣୀ ରଶ୍ମିକୁ ଶୋଷିନେଇ ପୃଥିବୀ ପୃଷ୍ଠରେ ଜୀବଜଗତକୁ ରକ୍ଷା କରେ। ପ୍ରକୃତିରେ ଉପଲବ୍ଧ ଏହିସବୁ କାରଣରୁ ପୃଥିବୀର ଜଳ, ସ୍ଥଳ ଓ ବାୟୁରେ ଏକ ବିଶାଳ ବିବିଧତା ବିଶିଷ୍ଟ ଜୀବଜଗତର ଅଭ୍ୟୁଦୟ ଘଟିଛି।

ମାତ୍ର ଘୋର ପରିତାପର ବିଷୟ ଯେ, ଆମ ପୃଥିବୀର ପୂର୍ବର ସେ ମାଧୁର୍ଯ୍ୟ ଓ ମାଦକତା ଏବେ ଆଉ ନାହିଁ। ପ୍ରକୃତି ସହିତ ମନୁଷ୍ୟର ହସ୍ତକ୍ଷେପ କାରଣରୁ ବିଶ୍ୱତାପନ ପ୍ରକ୍ରିୟା ଫଳରେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘଟୁଛି। ବିଶେଷକରି କୋଇଲା, ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନ ଦହନରୁ ଉତ୍ପନ୍ନ



କିଛି ସବୁଜଘର ବାଷ୍ପ ସୂର୍ଯ୍ୟର ବିକିରିତ ତାପରଶ୍ମିକୁ ଅତ୍ୟଧିକ ଶୋଷଣ ଦ୍ୱାରା ପୃଥିବୀର ତାପମାତ୍ରା କ୍ରମେ ବଢ଼ିବାରେ ଲାଗିଛି। ଏହା କୌଣସି ଅଞ୍ଚଳର ଏକ ସ୍ଥାନୀୟ ସମସ୍ୟା ନୁହେଁ, ବରଂ ଏକ ବିଶ୍ୱ ସମସ୍ୟା। ଏହା ସାରା ବିଶ୍ୱର ବୃଷ୍ଟିପାତ, କୃଷି ଉତ୍ପାଦନ, କ୍ରାନ୍ତିମଣ୍ଡଳୀୟ ଝଡ଼ ତଥା ବନ୍ୟା ମରୁଡ଼ି ଭଳି ଚରମ ପାଣିପାଗ ଜନିତ ପରିଣାମର ସଂଖ୍ୟା ବୃଦ୍ଧି ଏବଂ ସାରା ବିଶ୍ୱର ପାଣିପାଗ ଜଳବାୟୁକୁ ପ୍ରଭାବିତ କରୁଥିବା ଏଲ–ନିନୋ ଶୃଙ୍ଖଳାକୁ ବିଶେଷ ପ୍ରଭାବିତ କରିଛି। ଆହୁରି ମଧ୍ୟ ସମୁଦ୍ରର ଜଳରାଶି ଅତ୍ୟଧିକ ଅଙ୍ଗାରକାମ୍ଳ ଗ୍ୟାସ ଶୋଷଣ କରିବା ହେତୁ ଅମ୍ଳୀୟ ପାଲଟି ଯାଉଛି। ଏହାଦ୍ୱାରା ମାଛମାନଙ୍କ ଜନ୍ମସ୍ଥଳୀ ସମୁଦ୍ରର ପ୍ରବାଳ ପ୍ରାଚୀର ବିଶେଷ କ୍ଷତିଗ୍ରସ୍ତ ହେବାଦ୍ୱାରା ବିଶ୍ୱସାରା ମତ୍ସ୍ୟ ଉତ୍ପାଦନ ଘୋର ବାଧାପ୍ରାପ୍ତ ହୋଇଛି।

ଖରାଦିନର ତାପମାତ୍ରା ଏବେ ୫୦ଠC ସୀମା ଛୁଇଁବାକୁ ବସିଲାଣି। ମୌସୁମୀ ଆଜି ଅନିୟମିତ ଓ ଛନ୍ଦହରା। ବିଶ୍ୱତାପନର ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତେବେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ବିଶ୍ୱର ତାପମାତ୍ରା ପ୍ରାକ୍–ଶିଳ୍ପ ବିପ୍ଳବ ସ୍ଥିତି ତୁଳନାରେ ୨.୭ ଡିଗ୍ରୀ ଅଙ୍କ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଏ, ଯାହା ନିରାପଦ ମୂଲ୍ୟଠାରୁ ଯଥେଷ୍ଟ ଅଧିକ। ଏହା ପ୍ରକୃତିର ମନୁଷ୍ୟର ମନମୁଖି କାର୍ଯ୍ୟକଳାପ ବିରୋଧରେ କ୍ରୁର ପ୍ରତିକ୍ରିୟା ନୁହେଁ ତ ଆଉ କ'ଣ!

ଜଳବାୟୁ ପରିବର୍ତ୍ତନ ବିଶ୍ୱସାରା ଲୋକମାନଙ୍କର ଜୀବନ ଜୀବିକାକୁ ବହୁଳ ଭାବେ ପ୍ରଭାବିତ କରିଛି। ଏହାଦ୍ୱାରା ବିଶ୍ୱର ବିକାଶଶୀଳ ଓ ଦ୍ୱୀପ ଦେଶ ସବୁରେ ବାସ କରୁଥିବା ମୂଳ ଅଧିବାସୀ ଓ ସମୁଦାୟମାନେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହେବେ ବୋଲି ଆଶଙ୍କା ପ୍ରକାଶ କରାଯାଏ। ଯେହେତୁ ସେମାନେ ଏକ ଚିରାଚରିତ ଜୀବନଶୈଳୀ ସହିତ କେଉଁ ଆବହମାନ କାଳରୁ ଅଭ୍ୟସ୍ତ ଏବଂ ପ୍ରକୃତିର ଏହି ଆହ୍ୱାନର ମୁକାବିଲା କରିବା ନିମନ୍ତେ ସେମାନଙ୍କ ନିକଟରେ ଯଥେଷ୍ଟ ସମ୍ବଳ କିମ୍ବା ପ୍ରଯୁକ୍ତିଗତ ଜ୍ଞାନକୌଶଳ ଉପଲବ୍ଧ ନାହିଁ।

ଗତ ୨୦୨୧ ମସିହାରେ ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ହୋଇଥିବା COP–୨୬ ଜଳବାୟୁ ସମ୍ମିଳନୀରେ ଏଥିନେଇ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। ସଂଶ୍ଲିଷ୍ଟ ପକ୍ଷମାନେ ଦରିଦ୍ର ଅନଗ୍ରସର ଦେଶମାନଙ୍କୁ ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ସଙ୍ଗେ ମୁକାବିଲା କରିବା ତଥା ଏକ ଜୀବାଶ୍ମ ଇନ୍ଧନ ଭିତ୍ତିକ ଅର୍ଥନୀତିରୁ ସବୁଜ ଇନ୍ଧନଭିତ୍ତିକ ଅର୍ଥନୀତିକୁ ସୁଗମ ଉତ୍ତରଣ ପାଇଁ ଅତିରିକ୍ତ ଅର୍ଥ ସଂଗ୍ରହ ନିମନ୍ତେ ଚୁକ୍ତିବଦ୍ଧ ହୋଇଛନ୍ତି। ଏଥିନିମନ୍ତେ ସେମାନେ ନିଜର ରାଷ୍ଟ୍ରୀୟ ସ୍ଥିରୀକୃତ ଅଂଶଦାନ (National Determined Contribution– NDC) ରାଶିକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେମାନେ ମଧ୍ୟ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଶୂନ୍ୟ କାର୍ବନ ଉତ୍ସର୍ଜନର ଲକ୍ଷ୍ୟଧାର୍ଯ୍ୟ ହାସଲ ପାଇଁ ଅଙ୍ଗୀକାରବଦ୍ଧ ହୋଇଛନ୍ତି।

ଆମକୁ ମନେରଖିବାକୁ ହେବ ଯେ, ପୃଥିବୀର ସୁରକ୍ଷା ନିମନ୍ତେ ପଦକ୍ଷେପ ନେବାକୁ ହେଲେ ଆମକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ଏଥିପାଇଁ କୌଣସି ରାଜନୈତିକ କିମ୍ବା ଭୌଗୋଳିକ ସୀମାବଦ୍ଧ ଭିତ୍ତିରେ କାର୍ଯ୍ୟ କଲେ ଚଳିବନି (ଯେହେତୁ ଆମ ପୃଥିବୀ ମଣିଷର ବାସସ୍ଥଳୀ ସମେତ ଏକ ଅବିଭକ୍ତ ଜୀବମଣ୍ଡଳ), ବରଂ ସାମଗ୍ରିକ ଭାବେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ। ବିଶ୍ୱ ପାଇଁ ଚିନ୍ତନ, ସ୍ଥାନୀୟ ଭାବେ ଉଦ୍ୟମ – ଏହା ଆମର ମନ୍ତ୍ର ହେବା ଉଚିତ। ସୁତରାଂ ଆମେ ଆମ ପୃଥିବୀର ସୁରକ୍ଷା ପାଇଁ ଏବେ ଯାହା କାର୍ଯ୍ୟ କରିବା, ତାହା ଆଗାମୀ ପିଢ଼ି ପାଇଁ ଆମ ଗ୍ରହରେ ଜୀବନର ମୂଳଦୁଆକୁ ଯେ ସୁଦୃଢ଼ କରିବାରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ।

–ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ସକାରାତ୍ମକ ମାନସିକତା ପାଇଁ..



ଆମର ମାନସିକତା ସକାରାତ୍ମକ ରହିଲେ ଆମେ ନିଜ କାମକୁ ବେଶ୍ ସୁଚାରୁ ଭାବରେ ତୁଲାଇପାରୁ। କିନ୍ତୁ ଚିନ୍ତାଗ୍ରସ୍ତ ହେଲେ ତାହାର ପ୍ରଭାବ ମାନସିକତା ଉପରେ ପଡ଼ିଥାଏ। ମାନସିକତାକୁ ସକାରାତ୍ମକ ରଖିବା ପାଇଁ ତଟକା ଫଳମୂଳର ଭୂମିକା ରହିଛି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। 'ତଟକା ଫଳମୂଳ ଓ ସକାରାତ୍ମକ ମାନସିକତା' ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରିଥିଲେ ସେମାନଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହୁଥିବାର ଜଣାପଡ଼ିଥିଲା। ବିଶେଷଭାବରେ ଏପରି ଫଳମୂଳକୁ ବ୍ରେକଫାଷ୍ଟରେ ସାମିଲ କଲେ ତାହାର ଅଧିକ ସୁଫଳ ମିଳିଥାଏ। ତା'ସହ ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ପିଇପାରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଯୋଗ କରୁଥିଲେ...

ଶରୀରକୁ ସୁସ୍ଥ ରଖିବା ପଛରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜିକାଲି ଅନେକେ ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିବାକୁ ପଛାଉ ନାହାନ୍ତି। ହେଲେ ଯୋଗ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ପ୍ରଥମେ ଏ ନେଇ ନିଜେ ଶାରୀରିକ ଫିଟ୍ ଅଛନ୍ତି କି ନାହିଁ ଦେଖି ନିଅନ୍ତୁ। କେଉଁ ଯୋଗ ଆପଣଙ୍କ ପାଇଁ ଉପକାରୀ ସେ ବିଷୟରେ ଯୋଗ ବିଶେଷଜ୍ଞଙ୍କ ସହ ବିଷଦ ଆଲୋଚନା କରନ୍ତୁ। ସୂର୍ଯ୍ୟୋଦୟର ଅଧ ଘଣ୍ଟାଏ ପୂର୍ବରୁ କିମ୍ବା ଘଣ୍ଟାଏ ପରେ ଯୋଗ କଲେ ତାହାର ଭଲ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଯୋଗ କରିବା ସମୟରେ ଆଦୌ ତରବର ହୁଅନ୍ତୁ ନାହିଁ। ଶାନ୍ତ ମନରେ ଯୋଗ କରନ୍ତୁ। ଏହି ସମୟରେ କାହା ସହ କଥାବାର୍ତ୍ତା ହୁଅନ୍ତୁ ନାହିଁ। ଯୋଗ କରୁଥିବା ସମୟରେ ପାଟିବାଟେ ଶ୍ୱାସକ୍ରିୟା କରନ୍ତୁ ନାହିଁ। ସବୁବେଳେ ଏକ ପ୍ରଦୂଷଣମୁକ୍ତ ପରିବେଶରେ ହିଁ ଯୋଗ କରନ୍ତୁ।



## ଆଣ୍ଠୁଗଣ୍ଠି ଦରଜ ଓ ଅଦା ରସ



ଅଦା ରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହି ରସ ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ୧୦–୨୦ ମିଲି ଅଦା ରସରେ ଅଳ୍ପ ଗୁଡ଼ ମିଶାଇ ପିଅନ୍ତି ତେବେ ତାହା ଏପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। କେବଳ ସେତିକି ନୁହେଁ, ଅଦା ରସରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ୍ ଏବଂ ମିନେରାଲ ଭରି ରହିଛି। ଥଣ୍ଡାଜନିତ ସମସ୍ୟା ପାଇଁ ଅଦା ରସ ବରଦାନ ସଦୃଶ କାମ କରିଥାଏ। ଏଥିରୁ ଉପଶମ ପାଇବା ପାଇଁ ଅଦା ରସ, ମହୁ, ତୁଳସୀ ପତ୍ର ମିଶ୍ରିତ ଚା' ପିଇପାରନ୍ତି। ନାକରୁ ପାଣି ଗଡ଼ିବା, ମୁଣ୍ଡ ବିନ୍ଧିବା ପରି ସମସ୍ୟାରୁ ଏହି ରସ ଉପଶମ ଦେଇଥାଏ।

## କିଡ୍‌ନୀ ସମସ୍ୟାର ଲକ୍ଷଣ



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ତାହାର କେତେକ ଲକ୍ଷଣ ପ୍ରକାଶ ପାଇଥାଏ। ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଲାଗେ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ୍ୟ ଉପୁଜେ। ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଇବା ଆବଶ୍ୟକ। କିଡ୍‌ନୀଜନିତ ରୋଗର ଲକ୍ଷଣ ସମ୍ପର୍କରେ ଜାଣିପାରିଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରିବା ଦରକାର। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ଖାଦ୍ୟ ତାଲିକାରେ ସାମିଲ୍ କରନ୍ତୁ। ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଯଦି ଧୂମପାନ କରୁଛନ୍ତି, ତେବେ ଏପରି ଅଭ୍ୟାସକୁ ତୁରନ୍ତ ବର୍ଜନ କରନ୍ତୁ।

## ଯନ୍ତ୍ରଣାରୁ ଉପଶମ ଦେବ ଡିଭାଇସ୍

ବର୍ତ୍ତମାନ ଇଲେକଟ୍ରୋନିକ୍ ଯୁଗ। ଅତ୍ୟାଧୁନିକ ଯନ୍ତ୍ରପାତି ସହାୟତାରେ ଚିକିତ୍ସା କରାଯାଉଛି। ଦିନକୁଦିନ ନୂତନ ଚିକିତ୍ସା ପ୍ରଣାଳୀ ମଧ୍ୟ ଉଦ୍ଭାବିତ ହେଉଛି। ନିକଟରେ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଅଭିନବ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ଏହାକୁ ବ୍ୟବହାର କରି ଜଣେ ବ୍ୟକ୍ତି ଯନ୍ତ୍ରଣାରୁ ଉପଶମ ଲାଭ କରିପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାକୁ ଯନ୍ତ୍ରଣା ସ୍ଥାନରେ (ଶରୀରର ବାହ୍ୟ ଭାଗରେ) ବାନ୍ଧିଦେଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଯନ୍ତ୍ରଣା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏପରି ଡିଭାଇସ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବ୍ୟକ୍ତି ଯନ୍ତ୍ରଣାରୁ କେତେକାଂଶରେ ଉପଶମ ପାଉଥିବାର ଲକ୍ଷ୍ୟ କରାଯାଇଥିଲା।

## ସ୍ୱାସ୍ଥ୍ୟ ସୂଚନା

➡ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ନିହାତି ଦରକାର। ତେଣୁ କୌଣସି ରୋଗର ଲକ୍ଷଣ ବିଷୟରେ ଅବଗତ ହେବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



➡ବୟସ ବଢ଼ିଲେ କେତେକ ରୋଗର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ କଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।

➡ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଇଲେ ଭଲ। ଏପରି ଖାଦ୍ୟ ଖାଆନ୍ତୁ ଯେପରି ସେଗୁଡ଼ିକ ସହଜରେ ହଜମ ହୋଇପାରୁଥିବ।

➡ଯଦି ଆପଣଙ୍କୁ ଅସୁସ୍ଥ ଲାଗୁଛି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ। କାରଣ ଏହି ଅବସ୍ଥାରେ ବ୍ୟାୟାମ କଲେ ତାହାର ପ୍ରତିକୂଳ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ।

➡ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ଅଛି ଏବଂ ଚଷମା ବ୍ୟବହାର କରୁଛନ୍ତି, ତେବେ ଅତିକମ୍‌ରେ ବର୍ଷକୁ ଥରେ ଆଖି ପରୀକ୍ଷା କରାଇ ନିଅନ୍ତୁ।

➡ପ୍ରତିଦିନ ସକାଳେ ଏବଂ ରାତିରେ ଦୁଇ ଥର ଦାନ୍ତ ଘଷନ୍ତୁ। ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷିଲେ ଭଲ।

# ଅଳ୍ପ ବୟସରେ ହୃଦ୍‌ରୋଗ


ଡା. ନିତ୍ୟାନନ୍ଦ ସ୍ୱାଇଁ

''ଅଳ୍ପ ବୟସ୍କ ପୁରୁଷ ଓ ମହିଳାମାନେ ହୃଦ୍‌ରୋଗରେ ଅଧିକରୁ ଅଧିକ ଆକ୍ରାନ୍ତ ହୋଇ ପଡୁଥିବାର କାରଣ କ'ଣ? ବିଶେଷଜ୍ଞମାନେ କହୁଛନ୍ତି ଯେ ଅଳ୍ପ ବୟସର ଲୋକେ ଏବେ ପାରମ୍ପରିକ ଖାଦ୍ୟ ଖାଇବା ଛାଡ଼ି ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍, ରଙ୍ଗ ପଡ଼ିଥିବା ଓ ମହକ ଦେଉଥିବା ଖାଦ୍ୟ ପାଲରେ ପଡ଼ିଛନ୍ତି। କାମଧନ୍ଦା ଓ ଖେଳାଖେଳି ହେଲାଣି ସ୍ୱପ୍ନ। ବସି ବସି ଟିଭି ଦେଖିବା ଓ ସ୍କୁଟର୍, କାର୍ ଚଢ଼ି ଯିବା ଆସିବା କରିବା ଫଳରେ ପେଶୀଗୁଡ଼ିକ ଉପଭୋଗ କରିଚାଲିଛନ୍ତି ବିଶ୍ରାମ।''



ସୈନ୍ୟ ବିଭାଗରେ ଭର୍ତ୍ତି ହୋଇଥିବା ଜଣେ ୧୭ ବର୍ଷର କିଶୋରଠାରେ ବାଇପାସ୍ ସର୍ଜରି ହୋଇସାରିଲାଣି। ତା'ର ରକ୍ତ–କୋଲେଷ୍ଟରଲ୍‌ର ମାତ୍ରା ଅନୁମୋଦିତ ସ୍ତରରେ ରହିଥିଲା, ତଥାପି ତା'ର ଧମନୀରେ ପ୍ରକାଶ ପାଇସାରିଥିଲା ଆଥେରୋସ୍କେରୋସିସ୍।

ବୟସ ମାତ୍ର ୨୨ ବର୍ଷ। ତା'ଠାରେ ହଠାତ୍ ଆରମ୍ଭ ହେଲା ଛାତି ଯନ୍ତ୍ରଣା। ପରୀକ୍ଷାରୁ ଜଣାପଡ଼ିଲା ଯେ ସେ ହୃଦ୍‌ରୋଗରେ ଆକ୍ରାନ୍ତ। ସେଥିପାଇଁ ତା'ର ବାଇପାସ୍ ସର୍ଜରି କରାଯାଇଛି। ସେ ଜଣେ ଦାନ୍ତ ଡାକ୍ତର। ବୟସ ୩୮ ବର୍ଷ। ତାଙ୍କଠାରେ ଦୁଇଥର ବାଇପାସ୍ ସର୍ଜରି କରାଯାଇସାରିଲାଣି।

ଉପରେ ଯେଉଁ ଦୃଷ୍ଟାନ୍ତ ଦିଆଗଲା, ଆପଣ କ'ଣ ଭାବୁଛନ୍ତି ଯେ ଏଗୁଡ଼ିକ ବିରଳ ଘଟଣା? ଆପଣ ପୁରୁଣାକାଳିଆ ଧାରଣାକୁ ଫିଙ୍ଗି ଦିଅନ୍ତୁ। ଆଖି ଖୋଲି ବାସ୍ତବତାକୁ ଦେଖନ୍ତୁ ଓ ଗ୍ରହଣ କରିନିଅନ୍ତୁ। ସହରାଞ୍ଚଳର ଡାକ୍ତରଖାନାଗୁଡ଼ିକରେ କିଶୋରଗୋଷ୍ଠୀ ତଥା ଯୁବଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇଥିବା ଅଳ୍ପବୟସ୍କ ବ୍ୟକ୍ତିମାନେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଭର୍ତ୍ତି ହେବାରେ ଲାଗିଛନ୍ତି। ଏହା କାଁ ଭାଁ ଘଟୁନାହିଁ। ବରଂ ଦିନକୁଦିନ ସେମାନଙ୍କର ସଂଖ୍ୟା ବୃଦ୍ଧି ପାଇଚାଲିଛି।

ଗତ ଅଳ୍ପ କେଇ ଦଶନ୍ଧି ଭିତରେ ଅଳ୍ପ ବୟସ୍କ ହୃଦ୍‌ରୋଗୀମାନଙ୍କର ସଂଖ୍ୟା ତିନି ଚାରି ଗୁଣ ବଢ଼ିଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଯୁବ ଆଇଏଏସ୍ ଓ ଆଇପିଏସ୍ ଅଫିସର, ବ୍ୟବସାୟିକ ସଂସ୍ଥାରେ ନିଯୁକ୍ତ କାର୍ଯ୍ୟନିର୍ବାହୀ, ବ୍ୟବସାୟୀ, ଅଫିସ କର୍ମଚାରୀ, ଶିକ୍ଷକ ଏବଂ ଛାତ୍ରମାନେ। ଜଣେ ହୃଦ୍‌ରୋଗ ବିଶେଷଜ୍ଞ ନିଜ ଅନୁଭୂତିରୁ କହନ୍ତି, ''ଆଗେ ପୋଲିସ ବିଭାଗର ଆଇ.ଜି. ଓ ଡି.ଜି. ପାହ୍ୟାର ଅଫିସର ହୃଦ୍‌ରୋଗାକ୍ରାନ୍ତ ହୋଇ ଆମ ପାଖକୁ ଆସୁଥିଲେ। ଏବେ ଏସ୍.ପି. ଓ ଡି.ଏସ୍.ପି. ପାହ୍ୟାର ପୋଲିସ ଅଫିସର ମଧ୍ୟ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଖାନାକୁ ଧାଇଁଲେଣି।''

ଅନ୍ୟ ଜଣେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ମତରେ ୨୦ ଓ ୩୦ ବର୍ଷ ବୟସରେ ପହଞ୍ଚିଥିବା ଯୁବକମାନେ ହୃଦ୍‌ରୋଗ ଯୋଗୁ ବାଇପାସ୍ ସର୍ଜରି କରାଉଥିବାର ଦୃଷ୍ଟାନ୍ତ ସାଧାରଣ ହେଲାଣି। ଆମ ଦେଶର ନ୍ୟାଶନାଲ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ଅନୁଧ୍ୟାନ ଅନୁଯାୟୀ ବାଇପାସ୍ ସର୍ଜରି କରାଯାଇଥିବା ରୋଗୀମାନଙ୍କ ମଧ୍ୟରୁ ୧୦.୪ ପ୍ରତିଶତ ରୋଗୀଙ୍କର ବୟସ ଥିଲା ୪୦ରୁ ୫୦ ବର୍ଷ ଭିତରେ; ଅର୍ଥାତ୍ ପ୍ରତି ହଜାର ରୋଗୀଙ୍କ ଭିତରୁ ୧୦୪ ଜଣ। ଏହି ସଂଖ୍ୟାକୁ ଆଦୌ ହେୟ ବିଚାରି ହେବ ନାହିଁ। ତେବେ ଅଳ୍ପ ବୟସ୍କ ପୁରୁଷ ଓ ମହିଳାମାନେ ହୃଦ୍‌ରୋଗରେ ଅଧିକରୁ ଅଧିକ ଆକ୍ରାନ୍ତ ହୋଇ ପଡୁଥିବାର କାରଣ କ'ଣ? ବିଶେଷଜ୍ଞମାନେ କହୁଛନ୍ତି ଯେ ଅଳ୍ପ ବୟସର ଲୋକେ ଏବେ ପାରମ୍ପରିକ ଖାଦ୍ୟ ଖାଇବା ଛାଡ଼ି ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍, ରଙ୍ଗ ପଡ଼ିଥିବା ଓ ମହକ ଦେଉଥିବା ଖାଦ୍ୟ ପାଲରେ ପଡ଼ିଛନ୍ତି। କାମଧନ୍ଦା ଓ ଖେଳାଖେଳି ହେଲାଣି ସ୍ୱପ୍ନ। ବସି ବସି ଟିଭି ଦେଖିବା ଓ ସ୍କୁଟର୍, କାର୍ ଚଢ଼ି ଯିବା ଆସିବା କରିବା ଫଳରେ ପେଶୀଗୁଡ଼ିକ ଉପଭୋଗ କରିଚାଲିଛନ୍ତି ବିଶ୍ରାମ।

ଏହା ସାଙ୍ଗକୁ ଅନ୍ୟ ସମସ୍ୟାର ମଧ୍ୟ ଅବଦାନ ରହିଛି। ଦକ୍ଷିଣ ଏସିଆର ଦେଶଗୁଡ଼ିକରେ ଅଧିବାସୀମାନେ ଜିନ୍‌ଗତ କାରଣରୁ ହୃଦ୍‌ରୋଗ ପ୍ରତି ଅଧିକ ସମ୍ବେଦନଶୀଳ, ପୁଣି ଅଳ୍ପ ବୟସରୁ ମଧ୍ୟ। ତେବେ କ'ଣ ଏହାର ସମାଧାନ? ସମାଧାନ ବେଶ୍ ଜଟିଳ। ସେ ଯାହାହେଉ, ପିଲାବେଳୁ କମ୍ ପରିମାଣର ତେଲ ଘିଅ ଖାଇଲେ ଯଥେଷ୍ଟ ଉପକାର ମିଳିପାରିବ। କାରଣ ଶିଶୁମାନଙ୍କ ଧମନୀରେ ବି



କୋଲେଷ୍ଟରଲ୍ ଜମିଥିବାର ପ୍ରମାଣ ମିଳିଲାଣି।

**ସାରକଥା**

►୨୦ରୁ ୩୫ ବର୍ଷ ବୟସ୍କ ବ୍ୟକ୍ତିମାନେ ଅଧିକ ସଂଖ୍ୟାରେ ହୃଦ୍‌ରୋଗାକ୍ରାନ୍ତ ହୋଇପଡ଼ିଲେଣି।

►ଅଳ୍ପ କେଇ ଦଶନ୍ଧି ତଳେ ଏପରି ଅଳ୍ପବୟସ୍କ ରୋଗୀମାନଙ୍କର ସଂଖ୍ୟା ଯାହା ଥିଲା, ତାହା ତିନି ଚାରିଗୁଣ ବଢ଼ିଯାଇଛି।

►ବାଇପାସ୍ ସର୍ଜରି କରାଯାଉଥିବା ରୋଗୀମାନଙ୍କ ମଧ୍ୟରୁ ୧୦ ପ୍ରତିଶତ ହୃଦ୍‌ରୋଗୀଙ୍କର ବୟସ ୪୦ରୁ ୫୦ ବର୍ଷ ମଧ୍ୟରେ।

►ନାରୀମାନେ ମଧ୍ୟ ବେଶ୍ ଅଳ୍ପ ବୟସରେ ହାର୍ଟ ଆଟାକ୍‌ର ଶିକାର ହୋଇପଡୁଛନ୍ତି।

►ମାନସିକ ଚାପ, ଫାଷ୍ଟ ଫୁଡ୍, ଆଳସ୍ୟ ଜୀବନଯାପନ ହାର୍ଟ ଆଟାକ୍‌କୁ ପ୍ରୋତ୍ସାହନ ଦେଉଛି।

►ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ବାସିନ୍ଦାମାନେ ହୃଦ୍‌ରୋଗ ପ୍ରତି ଅଧିକ ସମ୍ବେଦନଶୀଳ।

►ଭାରତର ସହରାଞ୍ଚଳରେ ବସବାସ କରୁଥିବା ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ୧୦ ଜଣରୁ ବେଶୀ ହୃଦ୍–ଧମନୀ ରୋଗରେ ଆକ୍ରାନ୍ତ।

**ନିବାରଣ :** ନିୟମିତ ବ୍ୟାୟାମ, ତନ୍ତୁଜାତୀୟ ଖାଦ୍ୟ ସେବନ, ରକ୍ତରେ କୋଲେଷ୍ଟରଲ୍ ମାତ୍ରା ହ୍ରାସ, ରକ୍ତଚାପ ନିୟନ୍ତ୍ରଣ ଓ ମାନସିକ ଚାପ ହ୍ରାସ ଭଳି ପଦକ୍ଷେପମାନ ଗ୍ରହଣ କଲେ ହୃଦ୍‌ରୋଗକୁ ବହୁଳାଂଶରେ ନିବାରଣ କରାଯାଇପାରିବ।

–'ଅଭୀପ୍ସା', ସେକ୍ଟର–୬ ପ୍ଲଟ ନଂ–୧୧୩୧, ଅଭିନବ ବିଡ଼ାନାସୀ, କଟକ୧୪
ମୋ: ୯୪୩୭୭୬୬୧୧୭

ଧରିତ୍ରୀ
DHARITRI


# ଗୁଜରାଟକୁ ଜିତାଇଲେ ମିଲର

**ପୁଣେ, ୧୭।୪**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ଡବଲ ହେଡର ଦ୍ୱିତୀୟ ମ୍ୟାଚରେ ଡେଭିଡ ମିଲର ବିସ୍ଫୋରକ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସକୁ ବିଜୟୀ କରାଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଚମତ୍କାର ବୋଲିଂ କରି ଚେନ୍ନାଇ ସୁପରକିଙ୍ଗ୍ସ ଏକଦା ଉନ୍ନତ ସ୍ଥିତିରେ ଥିଲେ ହେଁ ମିଲରଙ୍କ ସାହସିକ ଇନିଂସ ଯୋଗୁ ବିଜୟ ମୁକୁଟ ପିନ୍ଧିଥିଲା ଗୁଜରାଟ। ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୬୯ ରନ କରିଥିଲା। ଜବାବରେ ଗୁଜରାଟ ୧୯.୫ ଓଭରରେ ୭ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରି ନେଇଥିଲା। ୬ ମ୍ୟାଚରୁ ୫ମ ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲରେ ନିଜର ଶୀର୍ଷସ୍ଥାନକୁ ମଜଭୁତ କରିଛି। ଅନ୍ୟପକ୍ଷରେ ୬ ମ୍ୟାଚରୁ ୫ମ ପରାଜୟ ବରଣ କରିଛି।

ହାର୍ଦ୍ଦିକ ପାଣ୍ଡ୍ୟା ଆହତ ଥିବାରୁ ଏହି ମ୍ୟାଚରେ ଗୁଜରାଟ ଦଳର ନେତୃତ୍ୱ ନେଇଥିବା ରଶିଦ ଖାଁ ଟସ୍‌ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଚେନ୍ନାଇ ୭ ରନରେ ରବିନ ଉଥପ୍ପା ଓ ୩୨ ରନରେ ମୋଇନ ଅଲୀଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଋତୁରାଜ ଗାଏକ୍ୱାଡ ଓ ଅମ୍ବାତି ରାୟୁଡୁ ୫୬ ବଲ୍‌ରୁ ୯୨ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ରାୟୁଡୁ ୩୧ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୬ ରନକରି ଆଲଜାରି ଜୋସେଫଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଋତୁରାଜ କିନ୍ତୁ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୮ ବଲ୍‌ରୁ ୫ଟି ଲେଖାଏ ଚୌକା ଓ ଛକା ସହ ୭୩ ରନକରି ୟାଶ ଦୟାଲଙ୍କ ବଲ୍‌ରେ ଅଭିନବ ମନୋହରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ଶିବମ୍ ଦୁବେ ୧୯ ରନକରି ରନ୍‌ଆଉଟ ହୋଇଥିବାବେଳେ ଅଧିନାୟକ ରବୀନ୍ଦ୍ର ଜାଡେଜା ୧୨ ବଲ୍‌ରୁ ୨ ଛକା ସହାୟତାରେ ୨୨ ରନକରି ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ଆଲଜାରି ଜୋସେଫ ୨ଟି ଏବଂ ମହମ୍ମଦ ଶାମି ଓ ୟାଶ୍ ଦୟାଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଗୁଜରାଟ ମାତ୍ର ୮୭ ରନ ମଧ୍ୟରେ ୫ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଶୁବମନ ଗିଲ୍ ଓ ବିଜୟ ଶଙ୍କର ଖାତା ଖୋଲିପାରି ନ ଥିବାବେଳେ ରିଦ୍ଧିମାନ ଶାହା ୧୧, ଅଭିନବ ମନୋହର ୧୨ ଓ ରାହୁଲ ଟେୱାଟିଆ ୬ ରନକରି ଆଉଟ ହୋଇଥିଲେ। ତେବେ ଡେଭିଡ ମିଲର ଓ ରଶିଦ ଖାଁ ୬ଷ୍ଠ ଉଇକେଟରେ ୩୭ ବଲ୍‌ରୁ ୭୦ ରନର ଭାଗୀଦାରି ଗଢ଼ି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ରଶିଦ ଖାଁ ୨୧ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ୪୦ ରନ କରି ଡ୍ୱେନ ବ୍ରାଭୋଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଶେଷ ଓଭରରୁ ବିଜୟ ପାଇଁ ୧୩ ରନ ଆବଶ୍ୟକ ହେଉଥିଲା। ପ୍ରଥମ ୨ଟି ବଲ୍ ଡଟ୍ ହୋଇଥିଲେ କ୍ରିସ୍ ଜୋର୍ଡାନଙ୍କ ଏହି ଓଭରରୁ ମିଲର ଗୋଟିଏ ଲେଖାଏ ଛକା ଓ ଚୌକା ମାରିବା ସହ ଆବଶ୍ୟକ ରନ ସଂଗ୍ରହ କରି ମ୍ୟାଚର ହିରୋ ସାଜିଥିଲେ। ସେ ୫୧ ବଲ୍‌ରୁ ୮ ଚୌକା ଓ ୬ ଛକା ସହାୟତାରେ ୯୪ ରନକରି ଅପରାଜିତ ରହିଥିଲେ।



ଡେଭିଡ ମିଲର

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୬୯/୫ (ଋତୁରାଜ ଗାଏକ୍ୱାଡ଼-୭୩, ଅମ୍ବାତି ରାୟୁଡୁ-୪୬, ରବୀନ୍ଦ୍ର ଜାଡେଜା-୨୨*, ଆଲଜାରି ଜୋସେଫ-୨/୩୪, ମହମ୍ମଦ ଶାମି-୧/୨୦, ୟାଶ୍ ଦୟାଲ-୧/୪୦)। ଗୁଜରାଟ ଟାଇଟାନ୍ସ ୧୯.୫ ଓଭରରେ ୧୭୦/୬ (ଡେଭିଡ ମିଲର-୯୪*, ରଶିଦ ଖାଁ-୪୦, ଡ୍ୱେନ ବ୍ରାଭୋ-୩/୨୩, ମହେଶ ଥିକସାନା-୨/୨୪, ମୁକେଶ ଚୌଧାରୀ-୧/୧୮, ରବୀନ୍ଦ୍ର ଜାଡେଜା-୧/୨୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୬ | ୫ | ୧ | ୧୦ | +୦.୩୯୫ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୬ | ୪ | ୨ | ୮ | +୦.୨୯୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୬ | ୪ | ୨ | ୮ | +୦.୧୪୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | -୦.୦୭୭ |
| ରାଜସ୍ଥାନ ରୟାଲ୍ସ | ୫ | ୩ | ୨ | ୬ | +୦.୩୮୯ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୨୨୩ |
| ପଞ୍ଜାବ କିଙ୍ଗ୍ସ | ୬ | ୩ | ୩ | ୬ | +୦.୧୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୩ | ୨ | ୪ | +୦.୨୧୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୬ | ୧ | ୫ | ୨ | -୦.୬୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୦ | ୬ | ୦ | -୧.୦୪୮ |










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଆହତ ଗାଡ଼ ଭାଲୁର ମୃତ୍ୟୁ



**ନିରାକାରପୁର,୧୭।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ସିକୋ ପଞ୍ଚାୟତ ଅଞ୍ଚଳରୁ ଏକ ମାଈ ଗାଡ଼ ଭାଲୁକୁ ଟାଙ୍ଗୀ ବନ ବିଭାଗ ଆହତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ନେଉଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ନିକଟସ୍ଥ ଜଙ୍ଗଲରେ ପୋତି ଦିଆଯାଇଛି। ମୃତ ଗାଡ଼ ଭାଲୁର ବୟସ ଆନୁମାନିକ ୩ବର୍ଷ ହେବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି।

### ଅଗ୍ନିକାଣ୍ଡ: ୨ ଗାଈ ଜୀବନ୍ତ ଦଗ୍ଧ

**କୃଷ୍ଣପ୍ରସାଦ,୧୭।୪(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ଜିତେନ୍ଦ୍ର ଦଳବେହେରାଙ୍କ ଗୁହାଳ ଘର ଜଳିଯାଇଛି। ଏଥିସହ ୨ଟି ଗାଈ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୨୦ଟି ଗାଈ କେଉଁଆଡେ ପଳାଇଛନ୍ତି। ମାଲୁଦ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ରେଭିନ୍ୟୁ ଇନିସ୍ପେକ୍ଟର ପହଞ୍ଚି ଏକ ପାଲ ଦେବା ସହ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ଗୁହାଳ ଘରେ ୨୭ଟି ଗାଈ ରହିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ନିରାକାରପୁର,୧୭।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେସନ ବଜାର ସ୍ଥିତ ତାରିଣୀ ମନ୍ଦିରରେ ଚାରି ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା କରାଯାଇ ଘଟ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟହ ସୂର୍ଯ୍ୟ ପୂଜା, ହୋମ ଯଜ୍ଞ, ନାମ ସଂକୀର୍ତ୍ତନ, ମା'ଙ୍କର ପୂଜାର୍ଚ୍ଚନା ରିତୀନୀତିରେ ପାଳନ କାରାଯାଇଥିଲା। ରବିବାର ପୂର୍ଣ୍ଣାହୁତି ଅବସରରେ ବହୁ ଭକ୍ତ ଯୋଗଦେଇଥିଲେ। ତାରିଣୀ ଯଜ୍ଞ କମିଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଣିକ ସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ବୋଲଗଡ଼,୧୭।୪(ଡି.ଏନ୍.ଏ.):** ବୋଲଗଡ ବ୍ଲକ ଅନ୍ତର୍ଗତ କଳାଙ୍ଗ ଗ୍ରାମର ମା'ମହିଷାମର୍ଦ୍ଦିନୀ ବଣିକ ସଂଘ ପକ୍ଷରୁ ବିଭିନ୍ନ ସ୍ଥାନ ସଫେଇ କରାଯିବା ସହ ପରିଚ୍ଛନ୍ନତା ପାଇଁ ଗ୍ରମବାସୀଙ୍କୁ ସଚେତନ କରାଯାଇଛି। କାଳୀକା ମନ୍ଦିର ପରିସର, ଗାଁ ମୁଣ୍ଡ, ପୋଖରୀ ହୁଡ଼ା ଓ ବଜାରର ଚତୁଃପାର୍ଶ୍ୱ ସଫେଇ କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମ ଅବସରରେ ଅଳିଆ ଆବର୍ଜନା ଏଣେତେଣେ ନ ପକାଇବା, ଜମି ରହିଥିବା ପାଣିକୁ ସଫା କରିବା, ବାହାରେ ମଳତ୍ୟାଗ ନ କରିବା , ନଳକୂପ ଚତୁଃପାର୍ଶ୍ୱ ପରିଷ୍କାର ରଖିବା ପାଇଁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସଭାପତି ସଂଗ୍ରାମ କେଶରୀ ସାହୁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ସୋମନାଥ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଗଳ୍ପ ସଂକଳନ 'ଅକୁହା କଥା'ର ପାଠକାର୍ପଣ

**ଭୁବନେଶ୍ୱର,୧୭।୪(ବ୍ୟୁରୋ):** ଅବସରପ୍ରାପ୍ତ ପ୍ରାଧାପିକା ଡ. ଇନ୍ଦିରା ଦତ୍ତଙ୍କ ପ୍ରଥମ ଗଳ୍ପ ସଂକଳନ 'ଅକୁହା କଥା'ର ପାଠକାର୍ପଣ ଓ ସମ୍ବର୍ଦ୍ଧନା ସମାରୋହ ରବିବାର ଉତ୍କଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକା ଡ. ସଂଘମିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଓ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରି କହିଛନ୍ତି, ଗାଳ୍ପିକାଙ୍କ ପ୍ରତ୍ୟେକଟି ଗଳ୍ପ ସେଇ ପ୍ରାକ ସ୍ୱାଧୀନତାକାଳର ମାନବିକ ମୂଲ୍ୟବୋଧ ଆଧାରିତ ହୋଇ ଆଜିର ଅମାନବୀୟ ସାହିତ୍ୟ ଚେତନା ପ୍ରତି ଏକ ଆହ୍ୱାନ ରୂପେ ଆତ୍ମ ପ୍ରକାଶ କରିଛି। ମୁଖ୍ୟବକ୍ତା ସ୍ତମ୍ଭକାର ତଥା ସାହିତ୍ୟିକ ଅଧାପକ ବିଶ୍ୱରଞ୍ଜନ ଗଳ୍ପଗୁଡ଼ିକରେ ଭାବ ଓ ଭାଷା ବିନ୍ୟାସ ଅତି ସରଳ ଓ ସାବଲୀଳ ବୋଲି ମତଦେଇ ଅଧିକରୁ ଅଧିକ ଗଳ୍ପ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର 'ଅକୁହା କଥା'ର ସମୀକ୍ଷା କରିଥିଲେ। ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ପ୍ରଫୁଲ୍ଲ ବଦନ ଦତ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପ୍ରକାଶିକା ତଥା ତୀରତରଙ୍ଗ ସମ୍ପାଦିକା ବନ୍ଦନା ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। 'ଅକୁହା କଥା' ଗଳ୍ପ ସଂକଳନକୁ ପାଠକାର୍ପଣ କରିବା ଅବସରରେ ଲେଖିକା ନିରୁପମା ଆଚାର୍ଯ୍ୟ ଓ ଜଗନ୍ନାଥ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ତଦନ୍ତ ଶିଥିଳ, ଜମାକାରୀ ଚିନ୍ତାରେ

**ଖୋର୍ଦ୍ଧା ଅଫିସ,୧୭।୪**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବିରୋଧରେ ଅର୍ଥ ଆତ୍ମସାତ୍ ସମେତ ଦୁଇଟି ସାଂଘାତିକ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତଦନ୍ତରେ ଶିଥିଳତା ଯୋଗୁ ପ୍ରଶାସନର କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଟଙ୍କା ଫେରି ପାଇବା ନେଇ ଜମାକାରୀ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ଜମାକାରୀଙ୍କ ଟଙ୍କାକୁ ଆତ୍ମସାତ କରି କେତେଜଣ କର୍ମଚାରୀ ମଉଜ ମଜଲିସ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ଜମାକାରୀଙ୍କ ସ୍ଥାୟୀ ଓ ସଞ୍ଚୟ ବାବଦକୁ ପ୍ରାୟ ୧କୋଟି ୫୦ଲକ୍ଷ ଟଙ୍କା ଆତ୍ମସାତ ନେଇ ଅଭିଯୋଗ ହୋଇଛି। ଜଣେ ଅବସରପ୍ରାପ୍ତ କର୍ମଚାରୀ ଉକ୍ତ ବ୍ୟାଙ୍କରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଆର୍ଥିକ କାରବାର କରୁଥିଲେ। ସେ ଏହି ଅର୍ଥ ଆତ୍ମସାତ କରିଥିବା କୁହାଯାଉଛି। ତେବେ କିପରି ଶାଖା କର୍ମଚାରୀ ଏ ବିଷୟରେ ଜାଣିପାରିଲେ ନାହିଁ ତାହା ପ୍ରଶ୍ନ ହୋଇଛି। କରୋନା ମହାମାରୀ ସମୟରେ କଷ୍ଟ ଉପାର୍ଜିତ ଟଙ୍କାକୁ ବ୍ୟାଙ୍କରେ ଜମାଦେଇ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିଥିବା ଜମାକାରୀ ଏବେ ଚିନ୍ତାରେ। ଟଙ୍କା ଆତ୍ମସାତ ପଛରେ କେଉଁମାନଙ୍କ ସଂପୃକ୍ତି ରହିଛି ସେନେଇ ଖୋଳତାଡ଼ କରାଯିବାକୁ ଜମାକାରୀ ଦାବି କରିଛନ୍ତି। ସେହିପରି ବ୍ୟାଙ୍କ କର୍ମଚାରୀଙ୍କୁ ଗୋଟିଏ ଜାଗାରୁ ଚାହୁଁଥିବା ସ୍ଥାନକୁ ବଦଳି ଲାଗି ଲାଞ୍ଚ କାରବାର ହେଉଥିବା ଚର୍ଚ୍ଚା ଚାଲିଛି। ଏନେଇ ଗ୍ରାମବାସୀ ତଥା ଜମାକାରୀ ଲିଖିତ ଅଭିଯୋଗ କରିବା ପରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ତଦନ୍ତ ଲାଗି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖାକୁ ନୋଟିସେ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ତଦନ୍ତର ଅଗ୍ରଗତି ଓ ଜମାକାରୀ ଟଙ୍କା ଫେରିପାଇବା ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ।

### ବିଧାୟକଙ୍କ ଅଭିଯୋଗ ସତ୍ତ୍ୱେ ତଦନ୍ତ ନାହିଁ

ଅନ୍ୟ ଏକ ବଡ଼ ଦୁର୍ନୀତି ସମ୍ପର୍କରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଅଭିଯୋଗ ଆଣିଛନ୍ତି। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଗତବର୍ଷ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ପଦବୀରେ ୨୬ଜଣଙ୍କୁ ଦିଆଯାଇଥିବା ନିଯୁକ୍ତିରେ ବ୍ୟାପକ ଅର୍ଥ ହେରଫେର କରାଯାଇଥିବା ନେଇ ସେ ଗତ ମାର୍ଚ୍ଚ ୨୭ରେ ସମବାୟ ଶାସନ ସଚିବ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ଜିଲାପାଳ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ପ୍ରଶାସକ। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ବ୍ୟାଙ୍କ ସିଇଓ ଅନନ୍ତ ସାମଲ କହିଛନ୍ତି। ପରୀକ୍ଷା ଓ ଇଣ୍ଟରଭ୍ୟୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ତଥା ଓଏସ୍‌ଇବି ଗାଇଡଲାଇନ ଅନୁସାରେ କରାଯାଇଥିଲା ବୋଲି ସାମଲ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଦୁଇ ସପ୍ତାହ ବିତିଲାଣି, ଅଥଚ ସମବାୟ ଶାସନ ସଚିବ କିମ୍ବା ବିଭାଗୀୟ ମନ୍ତ୍ରୀଙ୍କ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇନାହିଁ। ଏହି ଦୁର୍ନୀତିରେ ବହୁ ଅସାଧୁ କର୍ମଚାରୀ ସମ୍ପୃକ୍ତ ଥିବା ଚର୍ଚ୍ଚା ଚାଲିଛି। ତେଣୁ ତଦନ୍ତକୁ ସମସ୍ତଙ୍କ ଅପେକ୍ଷା ରହିଛି।

### ବ୍ୟାଙ୍କ, ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ରବିବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପକ୍ଷରୁ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ରାଜ୍ୟ ସଭା ସଦସ୍ୟ ମୁନା ଖାଁଙ୍କ ସମେତ ଅନ୍ୟମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରୁଛନ୍ତି।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ୩୫ ୟୁନିଟ ରକ୍ତ ସଂଗ୍ରହ

**ବେଗୁନିଆ,୧୭।୪(ଡି.ଏନ୍.ଏ.)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧୋତ୍ସବ ରବିବାର ବେଗୁନିଆ ମିନି ଷ୍ଟାଡିୟମ ପରିସରରେ ପାଳିତ ହୋଇଯାଇଛି। ବେଗୁନିଆ ପଞ୍ଚାୟତର ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲା ବିଜୁ ଯୁବ-ଛାତ୍ର ଜନତା ଦଳର ମିଳିତ ସହଯୋଗରେ ପାଳନ କରାଯାଇଥିଲା। ସ୍ଥାନୀୟ ପୋଷ୍ଟ ଅଫିସ ଛକରେ ଶତାଧିକ ଦଳୀୟ କର୍ମୀ ଏକତ୍ର ହୋଇ ଶୋଭାଯାତ୍ରାରେ ବିଜୁ ପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ୍ ୩୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆଇନଜୀବୀ ସୁଶାନ୍ତ କୁମାର ରାୟଙ୍କ ସଂଯୋଜନାରେ ଯୁବ ବିଜେଡି ଜିଲା ସଭାପତି ରାଜେଶ ପରିଡ଼ା, ଛାତ୍ର ବିଜେଡି ଜିଲା ସଭାପତି ବିଶ୍ୱଦୀପ ପ୍ରଧାନ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅମିତ ମହାରଣା, ବାଣୀ କଲ୍ୟାଣ, ଲିପୁନା ଭଞ୍ଜ, ନରେନ୍ଦ୍ର ଦାସ, ନରେଶ ଦାସ, ବସନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଜୟାନନ୍ଦ ମହାପାତ୍ର, ଦେବୀ ପ୍ରସାଦ ଦାସ, ସୁନୀଲ ବଳିୟାରସିଂହ, ଗୌତମ ସ୍ୱାଇଁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଶ୍ରୀଧର ମହାନ୍ତି, ସୁଶାନ୍ତ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜୁବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ



ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ବିଜେଡି ନେତା ଓ କର୍ମୀମାନେ।

**ବାଲୁଗାଁ, ୧୭।୪(ଡି.ଏନ୍.ଏ.)**

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ରବିବାର ବାଲୁଗାଁସ୍ଥିତ ଚିଲିକା ନିର୍ବାଚନମଣ୍ଡଳୀ ବିଜେଡି କାର୍ଯ୍ୟାଳୟ ପରିସରରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ସହଧର୍ମିଣୀ ସ୍ୱାଗତିକା ଜଗଦ୍ଦେବଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ସଭାପତିତ୍ୱ କରିଥିବା ବେଳେ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ସାମାଜିକକର୍ମୀ ଶଙ୍କର ପାଇକରାୟଙ୍କ ସମେତ ସମସ୍ତ ଜିଲାପରିଷଦ ସଭ୍ୟ, ସମିତି ସଭ୍ୟ, ସରପଞ୍ଚ, କାଉନସିଲର ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ବିଜୁ ବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ ବୋଲି ମତପ୍ରକାଶ ପାଇଥିଲା। ବାଣପୁରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏନ୍‌ଏସି ନଗରପାଳଙ୍କ ଦ୍ୱାରା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ବୋଲଗଡ଼,(ଡି.ଏନ୍.ଏ.):** ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧ ଉତ୍ସବ ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତର କଲ୍ୟାଣୀ ମଣ୍ଡପ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବେଗୁନିଆ ଓ ବୋଲଗଡ଼ ବ୍ଲକ ଅଞ୍ଚଳର ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ବିଧାୟକ ସାହୁ, ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହ୍ଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ସାହୁ, ଜିଲାପରିଷଦ ସଭ୍ୟ ସୁବାସ ରାୟଗୁରୁ, ସୁନନ୍ଦିତା ସାହୁ, ପ୍ରଦୀପ୍ତ କିଶୋର ଛୋଟରାୟ, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଜିଲାପରିଷଦ ସଭ୍ୟ ତନୁଜା ପାଟଶାଣୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ।

**ନିରାକାରପୁର,(ଡି.ଏନ୍.ଏ.):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ନିରାକାରପୁରସ୍ଥିତ ଇସ୍ୱାର୍ଡ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ୍ ପ୍ରଫୁଲ୍ଲ ଜେନା ମୁଖ୍ୟ ଅତିଥି, ଲେଣ୍ଡୋ ସମିତିସଭ୍ୟ ବିକାଶ ନାୟକ, ପାର୍ଥସାରଥି ଛୋଟରାୟ, ସୂର୍ଯ୍ୟକାନ୍ତ ନାୟକ, ଶରତ ସାଥୁଆ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କମଳଲୋଚନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜିଠୁ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

**ଖୋର୍ଦ୍ଧା ଅଫିସ,୧୭।୪**

ଦୁଇବର୍ଷ ପରେ ଖୋଲିବ ଅଭିଯୋଗ ପ୍ରକୋଷ୍ଠ। ସୋମବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟରେ ପ୍ରତ୍ୟକ୍ଷ ଅଭିଯୋଗ ଶୁଣାଣି ହେବ। ଏଣିକି ପ୍ରତି ସୋମବାର ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବେ ସରକାରୀ ଅଧିକାରୀ। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସମସ୍ତ ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରିଛନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ୨୦୨୦ ମାର୍ଚ୍ଚ ୧୩ରୁ ପ୍ରତ୍ୟକ୍ଷ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ଏହି ସମୟରେ ଅନ୍‌ଲାଇନ ପୋର୍ଟାଲରେ ଅଭିଯୋଗ ଶୁଣାଣି ହେଉଥିଲା। ଜିଲା ପ୍ରଶାସନ ପକ୍ଷରୁ ହ୍ୱାଟ୍‌ସଆପ୍, ଇମେଲରେ ଅଭିଯୋଗ ଶୁଣାଣି ହେଉଥିଲା। ଗୃହ ବିଭାଗର ଚିଠି ପରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଜନଶୁଣାଣି ଲାଗି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ଲୋକଙ୍କ ଅଭିଯୋଗ ଶୁଣାଣି ସହ ଦ୍ରୁତ ସମାଧାନ ଲାଗି ଜିଲାପାଳ ତାଗିଦ୍ କରିଛନ୍ତି। ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା କରିବାକୁ କୁହାଯାଇଛି। ୧୮ ତାରିଖ ସକାଳ ୮ଟାରୁ ଖୋର୍ଦ୍ଧା ବ୍ଲକରେ ଅଭିଯୋଗ ଶୁଣାଣି କରାଯିବ। ୨୫ ତାରିଖ ସକାଳ ୯ଟାରୁ ବାଲିପାଟଣା ବ୍ଲକ, ମେ ୨ତାରିଖ ସକାଳ ୯ଟାରୁ ବୋଲଗଡ଼ ବ୍ଲକ, ୯ତାରିଖ ସକାଳ ୯ଟାରୁ ବାଲିଅନ୍ତା ବ୍ଲକ, ୧୬ ତାରିଖ ସକାଳ ୯ଟାରୁ ଟାଙ୍ଗୀ ବ୍ଲକ, ୨୩ତାରିଖ ସକାଳ ୯ଟାରୁ ଜଟଣୀ ବ୍ଲକ, ୩୧ ତାରିଖ ସକାଳ ୯ଟାରୁ ବାଣପୁର ବ୍ଲକ, ଜୁନ ୬ତାରିଖ ସକାଳ ୮ଟାରୁ ଖୋର୍ଦ୍ଧା ବ୍ଲକ, ୧୩ ତାରିଖ ସକାଳ ୯ଟାରୁ ଚିଲିକା ବ୍ଲକ, ୨୦ତାରିଖ ୧୦ଟା ୩୦ରୁ ଭୁବନେଶ୍ୱର ବ୍ଲକ ଏବଂ ୨୭ତାରିଖ ୧୦ଟା ୩୦ରୁ ବାଲିପାଟଣା ବ୍ଲକରେ ଅଭିଯୋଗ ଶୁଣାଣି କରାଯିବ। ଉପରୋକ୍ତ ତାରିଖ ଓ ସମୟରେ ଅଭିଯୋଗକାରୀମାନେ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ ଦାଖଲ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ନିସ୍‌ରେ ଜାତୀୟସ୍ତରୀୟ କର୍ମଶାଳା



**ଭୁବନେଶ୍ୱର,୧୭।୪**

ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ନିସ୍' ଭୁବନେଶ୍ୱର ପକ୍ଷରୁ ଏକ ଦିନିକିଆ ଜାତୀୟସ୍ତରୀୟ କର୍ମଶାଳା ସ୍ଥାନୀୟ ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନ ପରିସରରେ ଆୟୋଜିତ ହୋଇଯାଇଛି। ଉକ୍ତ କର୍ମଶାଳାରେ 'ଇଣ୍ଟରନେଟ ଅନ୍ ଥିଙ୍ଗ୍' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଚିତ୍ତରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ. ସୁରଜ ଶର୍ମା ମୁଖ୍ୟ ବକ୍ତା ଏବଂ ନାକ୍ ବେଙ୍ଗାଲୁରୁର ପରାମର୍ଶଦାତା ପ୍ରଫେସର୍ ଡ. ଅମୀୟ କୁମାର ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଇଣ୍ଟରନେଟର ବ୍ୟବହାର ଓ ଭାବନା ସହ ଏହାର ଉପଯୋଗିତା ଏବଂ ଛାତ୍ରୀଛାତ୍ରମାନଙ୍କର ଭବିଷ୍ୟତ ଗଠନ ପାଇଁ ଇଣ୍ଟରନେଟର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି 'ନିସ୍'ର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ସହ ପ୍ରତିଟି ମୁହୂର୍ତ୍ତରେ ଇଣ୍ଟରନେଟର ଆବଶ୍ୟକତା ସମ୍ପର୍କରେ ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଡିନ୍ ପ୍ରଫେସର ବିଷ୍ଣୁ ପାଲ୍, ଉପନିର୍ଦ୍ଦେଶକ ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀଙ୍କ ସମେତ ଏମ୍‌ସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ନିମନ୍ତ୍ରିତ ଅତିଥିମାନଙ୍କୁ ଅନୁଷ୍ଠାନର ସହ ପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ,ଅଧ୍ୟାପିକା, କମ୍ପ୍ୟୁଟର ସାଇନ୍‌ସ ଓ ଆଇଟି ବିଭାଗର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ବିଭିନ୍ନ ସମସ୍ୟା, ଦାବି ନେଇ ଆଲୋଚନା

**ଖୋର୍ଦ୍ଧା ଅଫିସ,୧୭।୪**

ଖୋର୍ଦ୍ଧା ଜିଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଅଗାଧୁ ସେଠୀ ସଭାପତିତ୍ୱ କରିଥିଲେ। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରଙ୍କ ଶିକ୍ଷକିମାରଣ ନୀତିକୁ ତୀବ୍ର ସମାଲୋଚନା କରାଯାଇଥିଲା। ଦୀର୍ଘ ୬ବର୍ଷ ଧରି ଶିକ୍ଷକ ନିଯୁକ୍ତି ହେଉନାହିଁ। ଅନେକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲିପଡ଼ିଥିବାରୁ ପିଲାଙ୍କ ପାଠପଢା ବ୍ୟାହତ ହେଉଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ପାଉଛି। ଶିକ୍ଷକଙ୍କ ସମସ୍ୟାର ସମାଧାନ ପ୍ରତି ଅଧିକାରୀମାନେ ଗୁରୁତ୍ୱ ଦେଉନାହାନ୍ତି ବୋଲି ବୈଠକରେ ଅଭିଯୋଗ ହୋଇଛି। ପୁରୁଣା ପେନସନ ଲାଗୁ, ୧୦ ବର୍ଷ ପୂରଣ ହୋଇଥିବା ଶିକ୍ଷକଙ୍କୁ ଏମ୍‌ଏଏସ୍‌ପି ସୁବିଧା, ମାସର ପ୍ରଥମ ଦିନରେ ଦରମା ପ୍ରଦାନ ଲାଗି ଦାବି କରାଯାଇଛି। ଶିକ୍ଷକମାନଙ୍କ ଜିଆଇସି ପାସ୍‌ବୁକ ଦିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ପଡ଼ିଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଗ୍ରୀଷ୍ମଛୁଟିରେ ବ୍ରିଜ କୋର୍ସ ପାଇଁ ନିର୍ଦ୍ଧାରିତ ସମୟର ପରିବର୍ତ୍ତନ ଲାଗି ଦାବି କରାଯାଇଛି। ଏଥିସହିତ ସଂଘର ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ସପ୍ତାହକ ମଧ୍ୟରେ ସମସ୍ତ ବ୍ଲକ ଓ ଜିଲା କାର୍ଯ୍ୟକାରିଣୀ ଗଠନ କରାଯିବାକୁ ସ୍ଥିର ହୋଇଛି। ଏହି ବୈଠକରେ ରାଜ୍ୟ ସଂଘ ସମ୍ପାଦକ ବିଭୁପ୍ରସାଦ ସାହୁ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ଉପଦେଷ୍ଟା ପ୍ରସନ କୁମାର ଜେନା୍ ଏବଂ ସୁଶାନ୍ତ ମଲିକଙ୍କ ସମେତ ୧୦ଟି ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜିଲା ପ୍ରାଥମିକ ଶିକ୍ଷକ ସଂଘ ବୈଠକ

# ପଞ୍ଜିକାକୁ ନେଇ ବିବାଦ

**ପୁରୀ ଅଫିସ, ୧୭।୪**

ଚଳିତ ବର୍ଷ ପୁଣିଥରେ ପଞ୍ଜିକାକୁ ନେଇ ବିବାଦ ଦେଖିବାକୁ ମିଳିଛି। ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ସ୍ୱୀକୃତ ପଞ୍ଜିକା ବିଶ୍ୱସନୀୟ ନୁହେଁ ବୋଲି କେତେଜଣ ପଞ୍ଜିକା ସମୀକ୍ଷକ ରବିବାର ସ୍ଥାନୀୟ ଚନ୍ଦ୍ରଶେଖର ପାଠାଗାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର, ଜ୍ୟୋତିର୍ବିତ ଦେବୀ ପ୍ରସାଦ ମିଶ୍ର ଏବଂ ଆଇନଜୀବୀ ଶିବ ପ୍ରସାଦ ମିଶ୍ର କହିଛନ୍ତି, ରାଜ୍ୟର ଆଞ୍ଚଳିକ ପର୍ବାଦି ସହ ଜନ୍ମଜାତକ ପ୍ରସ୍ତୁତି, ମୃତେ ପୁଷ୍କର ଦୋଷ, ଶ୍ରାଦ୍ଧ ଦିବସ ନିରୂପଣ, ଯୋଗିନୀ ସ୍ଥିତି, ବିବାହ ଓ ବ୍ରତ ଦିନ ନିରୁପଣ, ଲଗ୍ନ ଏବଂ ଶୁଦ୍ଧ ଶୁଭ ବେଳା ଆଦି ଅନେକ ଶୁଭାଶୁଭ କାର୍ଯ୍ୟ ପାଇଁ ପଞ୍ଜିକା ଅନୁସରଣ କରାଯାଏ। ପଣା ବା ମେଷ ସଂକ୍ରାନ୍ତିଠାରୁ ପ୍ରଚଳିତ ହେଉଥିବା ପଞ୍ଜିକା ଜ୍ୟୋତିଷ ଓ ଧର୍ମଶାସ୍ତ୍ରୀୟ ସିଦ୍ଧାନ୍ତ ଉପରେ ଆଧାରିତ। ଗଣନା ଠିକ୍ ରହିଲେ ପ୍ରତ୍ୟେକ ନିର୍ଣ୍ଣୟ ନିର୍ଭୁଲ ହୋଇଥାଏ। ରାଜ୍ୟରେ ପ୍ରକାଶିତ ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, ଅସଲି ଖଡ଼ିରତ୍ନ ପଞ୍ଜିକା, ପରମେଶ୍ୱରୀ ପଞ୍ଜିକା ଓ ଶାରଳା ପଞ୍ଜିକାରେ ପଞ୍ଚାଙ୍ଗ ଗଣନା ସମାନ ରହିଥିବା ବେଳେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ରାଧାରମଣ ପ୍ରେସ୍ ପଞ୍ଜିକାରେ ଏହା ବର୍ଷ ମଧ୍ୟରେ ୧୭ ଦିନ ସମାନ ରହିଛି। ବର୍ଷାରମ୍ଭ ଦିନ ତିଥିରେ ୨୪ ମିନିଟ୍ ଓ ବର୍ଷସାରା ୨ ମିନିଟରୁ ୪୦ ମିନିଟ (୧୮-୧୦-୨୦୨୨), ୪୩ ମିନିଟ (୨୬-୧୦-୨୦୨୨) ରାଶି ବ୍ୟାପ୍ତିରେ ୪୦ ମିନିଟ୍‌ରୁ ୧ ଘଣ୍ଟା ୨୦ ମିନିଟ, ନକ୍ଷତ୍ରରୁ ବ୍ୟାପ୍ତି ୫୫ ମିନିଟରୁ ୧ଘ. ୩୫ ମି. ଓ ତଦନୁଯାୟୀ ଯୋଗ କରଣ ବ୍ୟାପ୍ତିରେ ତଫାତ ରହିଛି। ସେହି ପଞ୍ଜିକା ପ୍ରଦତ୍ତ ସୂର୍ଯ୍ୟୋଦୟ ସହ ପଳପ୍ରଭା ମିଶାଇଲେ ସୂର୍ଯ୍ୟାସ୍ତ ସମୟ ଭୁଲ ରହୁଛି। ତେଣୁ ଏହି ପଞ୍ଜିକା ଅନୁସରଣ କଲେ ଜନ୍ମ ଜାତକ, ପୁଷ୍କର ଦୋଷ, ଶ୍ରାଦ୍ଧ ଦିବସ ଓ ଲଗ୍ନ ଭୁଲ୍ ହେବାର ସମ୍ଭାବନା ରହିଛି।

# ରେଲୱେ ଓଭରବ୍ରିଜ ରାସ୍ତା ନିମ୍ନମାନର

**ବୋଲଗଡ଼,୧୭।୪(ଡି.ଏନ୍.ଏ.)**

ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି



କେନ୍ଦ୍ର ସରକାର ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ କାର୍ଯ୍ୟାଦେଶ ପାଇଥିବା ଠିକାସଂସ୍ଥାମାନେ ନିମ୍ନମାନର କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାନପଦର ଗ୍ରାମ ଦେଇ ଯାଇଥିବା ରେଳପଥ ଉପରେ ହୋଇଥିବା ଓଭରବ୍ରିଜ ରାସ୍ତା ନିମ୍ନମାନର ଯୋଗୁ ମରଣଯନ୍ତା ପାଲଟିଛି, ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ରାସ୍ତା ମରାମତି ପାଇଁ ଦାବି ହେଉଛି।

ପ୍ରକାଶ ଯେ, ପ୍ରାୟ ୨ବର୍ଷ ପୂର୍ବେ ଏହି ରେଲୱେ ଓଭରବ୍ରିଜ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏହାକୁ ଦେଢ ବର୍ଷ ହେବ ଜନସାଧାରଣଙ୍କ ବ୍ୟବହାର ପାଇଁ ଅନୁମତି ମିଳିଥିଲା। ଉକ୍ତ ସମୟରେ ରାସ୍ତାର ଉଭୟ ପାର୍ଶ୍ୱ ଦବି ଯାଇଥିବା ନେଇ ଗ୍ରାମବାସୀଙ୍କ ବିରୋଧ ପରେ ନିର୍ମାଣକାରୀ ସଂସ୍ଥା ଏହା ଉପରେ ମେଣ୍ଟାଲ ଓ ବଜୁରି ପକାଇ ସମତୁଲ କରିଥିଲା। ପୁନର୍ବାର ଏବେ ଏହି ରାସ୍ତା ଦବିଯିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଚିପସ ଓ ବଜୁରି ଗୁଣ୍ଡ ପକାଯାଇ ରାସ୍ତା ସମତୁଲ କରାଯାଇଛି। ଏହା ରାସ୍ତାରେ ନ ମିଶି ଇତସ୍ତତଃ ହୋଇ ପଡିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ରାସ୍ତା ବୋଲଗଡ଼ ବ୍ଲକ ଅଞ୍ଚଳର ପିଚୁକୁଳି, ସାନପଦର ଓ ଗୋପାଳପୁର ପଞ୍ଚାୟତ ପାଇଁ ବହୁ ଗୁରୁତ୍ୱ ବହନ କରୁଥିବା ବେଳେ ଚିକିତ୍ସାକେନ୍ଦ୍ର, ମହାବିଦ୍ୟାଳୟକୁ ଏହି ରାସ୍ତା ଦେଇ ଯାଇଥାନ୍ତି। ଏ ସମ୍ପର୍କରେ ଠିକାଦାର ସଂସ୍ଥା ପ୍ରକଳ୍ପ ପରିଚାଳକ ଓ ଇଷ୍ଟକୋଷ୍ଟ ରେଲୱେର ସାଧାରଣ ନିର୍ମାଣ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପଟେ ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ସାନପଦର ସରପଞ୍ଚ ବୈକୁଣ୍ଠ ନାଥ ସ୍ୱାଇଁ ଦାବି କରିଛନ୍ତି।

**ସମୁଦ୍ରରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା**

ପୁରୀ ଅଫିସ: ପୁରୀ ସମୁଦ୍ରରେ ଗାଧୋଉଥିବାବେଳେ ସମୁଦ୍ରରେ ବୁଡ଼ି ନିଖୋଜ ଥିବା ବ୍ୟକ୍ତିଙ୍କ ମୃତଦେହ ରବିବାର ରାତିରେ ଉଦ୍ଧାର କରାଯାଇଛି। ବେଲେଶ୍ୱର ମନ୍ଦିର ନିକଟ ବେଳାଭୂମି ନିକଟରୁ ତାଙ୍କ ମୃତଦେହ ମିଳିଛି। ମୃତକ ହେଲେ ବାଲେଶ୍ୱର ଜିଲା ସଚିନା ଅଞ୍ଚଳର ବଂଶୀଧର ବେହେରା। ସେ ପରିବାର ସହ ଶନିବାର ପୁରୀ ଆସି ୧ନମ୍ବର ସେକ୍ଟର ଅଞ୍ଚଳର ଚୈତନ୍ୟ ଛକ ନିକଟ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ଷ୍ଟଣ୍ଟ ଦେଖିବାକୁ ଯାଇ ବୁଡ଼ିଯାଇଥିଲେ। ବାଲିରେ ତାଙ୍କ ଛାତି ମାଡ଼ ହୋଇଥିଲା।





୧୭।୪।୨୦୨୨

| | |
|---|---|
| | ୬,୦୮,୦୬୨ ଟଙ୍କା |
| ସୁନା | ୫.୩୮୦ ଗ୍ରାମ |
| ରୁପା | ୩୦.୮୦୦ ଗ୍ରାମ |

# ଘରେ ପଶି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

- ରକ୍ତାକ୍ତ ଅବସ୍ଥାରେ ଘୋଷାରି ହୋଇ ରାସ୍ତାକୁ ଆସିଲେ
- ତଦନ୍ତ ଆରମ୍ଭ, ଦୁର୍ବୃତ୍ତଙ୍କୁ ଖୋଜୁଛି ପୋଲିସ

**ପୁରୀ ଅଫିସ,୧୭।୪:**

କିଛି ଦିନର ବ୍ୟବଧାନ ପରେ ଶ୍ରୀକ୍ଷେତ୍ରରେ ପୁଣି ରକ୍ତ ଛିଟା ପଡ଼ିଛି। ରବିବାର ଭୋର ସମୟରେ ପୁରୀ ଦଇତାପଡ଼ା ସାହିର ଜଣେ ଯୁବକ ଟିକନ ଶତପଥୀ(୪୬)ଙ୍କ ଘରେ ପଶି କେତେଜଣ ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଟିକନ ଘରେ ଏକାକୀ ରହୁଥିଲେ। ଆକ୍ରମଣ ପରେ ଟିକନ ଘୋଷାରି ହୋଇ ରୁଡ଼ାପଡ଼ି ରାସ୍ତା ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ସ୍ଥାନୀୟ ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବା ପରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଟିକନଙ୍କ ପଡ଼ୋଶୀ ଘର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଦୁର୍ବୃତ୍ତଙ୍କୁ ଖୋଜୁଛି। ଟିକନଙ୍କ ଶରୀରର ଅନେକ କ୍ଷତ ହୋଇଥିବା ବେଳେ ମୁଣ୍ଡ, ବାମ ଗୋଡ଼ ଓ ବାମ ହାତରେ ଗଭୀର ଆଘାତ ଲାଗିଛି। କୌଣସି ଧାରୁଆ ଅସ୍ତ୍ର ସହାୟତାରେ ତାଙ୍କୁ ଆକ୍ରମଣ କରାଯାଇଥିବା ପୋଲିସ ଅନୁମାନ କରୁଛି।

ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଟିକନ ଜଣେ ନିଶା ବେପାରୀ। ତାଙ୍କ ଘରକୁ ଅନେକ ନିଶାସେବନକାରୀ ଆସିଥାନ୍ତି। ନିଶା ବେପାରକୁ କେନ୍ଦ୍ର କରି ତାଙ୍କ ଉପରେ ଆକ୍ରମଣ ହୋଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ଟିକନଙ୍କ ପରିବାର ଲୋକେ ଦିଲ୍ଲୀରେ ରହୁଛନ୍ତି। ତାଙ୍କର ମା' ଓ ଦୁଇ ଭଉଣୀ ଥିବାବେଳେ କେହି ତାଙ୍କ ପାଖରେ ରହୁନାହାନ୍ତି। ସେ ଏକାକୀ ଏଠାରେ ରୁହନ୍ତି। ପୋଲିସ ଟିକନଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ଏତଲା ଦେଇଥିବା ବେଳେ ଏକାଧିକ ଦୁର୍ବୃତ୍ତ ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଅନୁମାନ କରୁଛି। ସେହିଭଳି ଚିକିତ୍ସା ପରେ ଟିକନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି।



ସତ୍ୟବାଦୀସ୍ଥିତ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାର ଅଷ୍ଟମ ବାର୍ଷିକ ଗୁରୁକୁଳ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଏବଂ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

## ଗୁରୁକୁଳ ଉତ୍ସବ ଉଦ୍‌ଯାପିତ

**ସାକ୍ଷୀଗୋପାଳ,୧୭।୪(ଡି.ଏନ୍.ଏ.):**

ସତ୍ୟବାଦୀରେ ଗ୍ରାମୀଣ ପରିବେଶରେ ରାମହରି ଦାସ ଓଡ଼ିଶୀ ଗୁରୁକୁଳ ମୁକ୍ତାକାଶ ରଙ୍ଗମଞ୍ଚରେ ଦୁଇଦିନିଆ ଅଷ୍ଟମ ବାର୍ଷିକ ଗୁରୁକୁଳ ଉତ୍ସବ-୨୦୨୧ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଗୁରୁ ପ୍ରମୋଦ କୁମାର ସାହୁ ଓ ସାଥୀଙ୍କ ଦ୍ୱାରା ବୃନ୍ଦ ତବଲା ବାଦନ ଉଚ୍ଚକୋଟୀର ଥିଲା। ଏକକ ଓଡ଼ିଶୀ ନୃତ୍ୟରେ ବିଦୁଷୀ ସଙ୍ଗୀତା ଦାସ ପରିବେଷଣ କରିଥିଲେ। ଶେଷରେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁଥିଲା। ମତ୍ୟୁଞ୍ଜୟ ରଥ ଉତ୍ସବ ପରିଚାଳନା କରିଥିବା ବେଳେ ଗୁରୁ ରାମହରି ଦାସ ଓ ଗୁରୁ ଧନେଶ୍ୱର ସାଇଁ ଧନ୍ୟବାଦ ଦେଇଥିଲେ।

## ପଞ୍ଜିକାକୁ ନେଇ ବିବାଦ

-ଗଣନାକୁ ନେଇ ପ୍ରଶ୍ନ ଉଠାଇଲେ ସମୀକ୍ଷକ
-ମୁକ୍ତିମଣ୍ଡପ ପଣ୍ଡିତ ସଭା ନିର୍ଭୁଲ ପଞ୍ଜିକା ପ୍ରକାଶ କରୁ

**ପୁରୀ ଅଫିସ, ୧୭।୪:**

ଚଳିତ ବର୍ଷ ପୁଣିଥରେ ପଞ୍ଜିକାକୁ ନେଇ ବିବାଦ ଦେଖିବାକୁ ମିଳିଛି। ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ସ୍ୱୀକୃତ ପଞ୍ଜିକା ବିଶ୍ୱସନୀୟ ନୁହେଁ ବୋଲି କେତେଜଣ ପଞ୍ଜିକା ସମୀକ୍ଷକ ରବିବାର ସ୍ଥାନୀୟ ଚନ୍ଦ୍ରଶେଖର ପାଠାଗାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର, ଜ୍ୟୋତିର୍ବିତ ଦେବୀ ପ୍ରସାଦ ମିଶ୍ର ଏବଂ ଆଇନଜୀବୀ ଶିବ ପ୍ରସାଦ ମିଶ୍ର କହିଛନ୍ତି, ରାଜ୍ୟର ଆଞ୍ଚଳିକ ପର୍ବାଦି ସହ ଜନ୍ମଜାତକ ପ୍ରସ୍ତୁତି, ମୃତେ ପୁଷ୍କର ଦୋଷ, ଶ୍ରାଦ୍ଧ ଦିବସ ନିରୂପଣ, ଯୋଗିନୀ ସ୍ଥିତି, ବିବାହ ଓ ବ୍ରତ ଦିନ ନିରୂପଣ, ଲଗ୍ନ ଏବଂ ଶୁଦ୍ଧ ଶୁଭ ବେଳା ଆଦି ଅନେକ ଶୁଭାଶୁଭ କାର୍ଯ୍ୟ ପାଇଁ ପଞ୍ଜିକା ଅନୁସରଣ କରାଯାଏ। ପଣା ବା ମେଷ ସଂକ୍ରାନ୍ତିଠାରୁ ପ୍ରଚଳିତ ହେଉଥିବା ପଞ୍ଜିକା ଜ୍ୟୋତିଷ ଓ ଧର୍ମଶାସ୍ତ୍ରୀୟ ସିଦ୍ଧାନ୍ତ ଉପରେ ଆଧାରିତ। ଗଣନା ଠିକ୍ ରହିଲେ ପ୍ରତ୍ୟେକ ନିର୍ଣ୍ଣୟ ନିର୍ଭୁଲ ହୋଇଥାଏ। ରାଜ୍ୟରେ ପ୍ରକାଶିତ ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, ଅସଲି ଖଡ଼ିରତ୍ନ ପଞ୍ଜିକା, ପରମେଶ୍ୱରୀ ପଞ୍ଜିକା ଓ ଶାରଳା ପଞ୍ଜିକାରେ ପଞ୍ଚାଙ୍ଗ ଗଣନା ସମାନ ରହିଥିବା ବେଳେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ରାଧାରମଣ ପ୍ରେସ୍ ପଞ୍ଜିକାରେ ଏହା ବର୍ଷ ମଧ୍ୟରେ ୧୭ ଦିନ ସମାନ ରହିଛି। ବର୍ଷାରମ୍ଭ ଦିନ ତିଥିରେ ୨୪ ମିନିଟ୍ ଓ ବର୍ଷସାରା ୨ ମିନିଟରୁ ୪୦ ମିନିଟ (୧୮-୧୦-୨୦୨୨), ୪୩ ମିନିଟ (୨୬-୧୦-୨୦୨୨) ରାଶି ବ୍ୟାପ୍ତିରେ ୪୦ ମିନିଟ୍‌ରୁ ୧ ଘଣ୍ଟା ୨୦ ମିନିଟ, ନକ୍ଷତ୍ରରୁ ବ୍ୟାପ୍ତି ୫୫ ମିନିଟରୁ ୧ଘ. ୩୫ ମି. ଓ ତଦନୁଯାୟୀ ଯୋଗ କରଣ ବ୍ୟାପ୍ତିରେ ତଫାତ ରହିଛି। ସେହି ପଞ୍ଜିକା ପ୍ରଦତ୍ତ ସୂର୍ଯ୍ୟୋଦୟ ସହ ପଳପ୍ରଭା ମିଶାଇଲେ ସୂର୍ଯ୍ୟାସ୍ତ ସମୟ ଭୁଲ ରହୁଛି। ତେଣୁ ଏହି ପଞ୍ଜିକା ଅନୁସରଣ କଲେ ଜନ୍ମ ଜାତକ, ପୁଷ୍କର ଦୋଷ, ଶ୍ରାଦ୍ଧ ଦିବସ ଓ ଲଗ୍ନ ଭୁଲ୍ ହେବାର ସମ୍ଭାବନା ରହିଛି। ସେହିପରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଣ୍ଡିତ ସଭାରେ ଦକ୍ଷ ଗଣକ ଓ ଧର୍ମଶାସ୍ତ୍ରଜ୍ଞ ନାହାନ୍ତି। ଏନେଇ ପାଞ୍ଜି ସମୀକ୍ଷକ ଓ ଗଣକମାନଙ୍କ ପକ୍ଷରୁ ବାରମ୍ବାର ମୁକ୍ତିମଣ୍ଡପ ପଣ୍ଡିତ ସଭା, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ,ଗଜପତି ମହାରାଜା ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ନିର୍ଭୁଲ ପାଞ୍ଜି ପ୍ରକାଶ ହେଉ ନାହିଁ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଅଧୀନ ବିଭିନ୍ନ ବ୍ରାହ୍ମଣ ଶାସନରେ ଥିବା ବିଜ୍ଞ ଗଣକ, ପାଞ୍ଜିକାର ଓ ଧର୍ମଶାସ୍ତ୍ରଜ୍ଞଙ୍କୁ ନେଇ ମୁକ୍ତିମଣ୍ଡପ ପଣ୍ଡିତ ସଭା ନିଜସ୍ୱ ପଞ୍ଜିକା ପ୍ରଚଳନ କରିବାକୁ ଦାବି କରାଯାଇଛି।

## ସଂକ୍ଷେପରେ

### ଆଜି କଣାସରେ ସ୍ୱାସ୍ଥ୍ୟମେଳା

କଣାସ, ୧୭।୪(ସ୍ୱ.ପ୍ର): କଣାସ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ସୋମବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ। ସକାଳ ୮ଟାରୁ ଅପରାହ୍ନ ୧ଟା ମଧ୍ୟରେ ରୋଗୀଙ୍କ ସ୍ୱାସ୍ଥ୍ୟ ଆଇଡି (ଯାହାଙ୍କ ଆଧାରରେ ମୋବାଇଲ ଲିଙ୍କ୍ ଥିବ) ପ୍ରସ୍ତୁତି ପରେ ଟେଲି ମେଡିସିନ୍ ପରାମର୍ଶ, ଯୋଗ ଓ ଧାନ, ଫିଜିଓଥେରାପି, ଆୟୁଷ ଚିକିତ୍ସା, ଅଣସଂକ୍ରମଣ ଚିକିତ୍ସା (ମଧୁମେହ, ଉଚ୍ଚରକ୍ତଚାପ, ମୁଖ, ସ୍ତନକର୍କଟ) କରାଯିବ। ସେହିପରି ଭେଷଜ, ଚର୍ମ, ଯକ୍ଷ୍ମା ଓ ଛାତି ରୋଗ, ସ୍ତ୍ରୀ ଓ ପ୍ରସୂତି, ଶିଶୁରୋଗ, ଦନ୍ତରୋଗ, କର୍ଣ୍ଣ, ନାସା, ଗଳା, ଚକ୍ଷୁ ରୋଗ ବିଶେଷଜ୍ଞ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିବେ। ଫାଇଲେରିଆ, ମ୍ୟାଲେରିଆ, କୁଷ୍ଠ ରୋଗର ଚିକିତ୍ସା କରାଯିବ। ଏଥିସହ ମାଗଣା ପରାମର୍ଶ ସହ ଔଷଧ ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବେହେରା କହିଛନ୍ତି।

### ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

ନିମାପଡ଼ା/ବ୍ରହ୍ମଗିରି/ପିପିଲି/ ଡେଲାଙ୍ଗ, ୧୭।୪ (ଡି.ଏନ୍.ଏ.): ବିଜୁ ଜନତା ଦଳ ନିମାପଡ଼ା ବ୍ଲକ ଓ ନଗର କମିଟି ପକ୍ଷରୁ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ବିଜେଡି କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଅତିଥିଭାବେ ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ବ୍ଲକ ସଭାପତି ଅଶୋକ ସାହୁ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କାଉନସିଲର ରାଜକିଶୋର ସାହୁ, ଧନୁର୍ଦ୍ଧର ଦାଶ, ଅରୁଣ ଦାଶଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଜୁ ବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶତାଧିକ ଦଳୀୟ କର୍ମୀ ସଙ୍କଳ୍ପନାମା ପଠନ କରି ଶପଥ ନେଇଥିଲେ। ବ୍ରହ୍ମଗିରି ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ବ୍ରହ୍ମଗିରି ବସଷ୍ଟାଣ୍ଡ ନିକଟରେ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଉଦ୍‌ଘାଟନ କରିଥିଲେ। ପରେ ଅତିଥି ଭାବେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଭଗବାନ ନାୟକ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ପିପିଲିରେ ମଧ୍ୟ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ବିଜେଡିର ନିର୍ବାଚିତ ପ୍ରତିନିଧି ବରିଷ୍ଠ ଏବଂ ସକ୍ରିୟ କର୍ମୀମାନେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କରିଥିଲେ। ପିପିଲିସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ବିଜୁବାବୁଙ୍କ ମୂର୍ତ୍ତିରେ ଅଧ୍ୟକ୍ଷମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବିଜୁବାବୁ ଥିଲେ ଓଡ଼ିଆ ଜାତିର ଗୌରବ, ଭାରତ ବର୍ଷର ବିବେକ, ବିଚାର, ଆତ୍ମବିଶ୍ୱାସ ଓ ସାହସିକତାର ମୂର୍ତ୍ତିମନ୍ତର ପ୍ରତୀକ। ଓଡ଼ିଶା ମାଟିର ବୀର ବିଜୁବାବୁ ସାରା ବିଶ୍ୱରେ ଅନନ୍ୟ କୀର୍ତ୍ତି ପ୍ରତିଷ୍ଠା କରିଯାଇଛନ୍ତି ବୋଲି ଆଲୋଚନା କରାଯାଇଥିଲା। ବିଜେଡିର ସମସ୍ତ ବରିଷ୍ଠ ଓ ସକ୍ରିୟ କର୍ମୀ ଶପଥ ପାଠ କରିଥିଲେ। ଡେଲାଙ୍ଗ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଡେଲାଙ୍ଗ ହାଟ ବଜାରଠାରେ ବିଜୁ ବାବୁଙ୍କ ପତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଡାକ୍ତର ଜାଗୃତି ମହାରଥି, ଜିଲାପରିଷଦ ସଭ୍ୟ ପ୍ରଜ୍ଞା ଛୋଟରାୟ, ପ୍ରସନ୍ନ ସାହୁ, ଦିପ୍ତିଶ୍ରୀ ରାଉତରାୟ,ବିଜେଡି ବ୍ଲକ ସଭାପତି ବୌରାଗୀ ଜେନା, ସମିତି ସଭ୍ୟ ଅଜୟ ରାଉତରାୟ, ନରେନ୍ଦ୍ର ପରିଡ଼ା, ଲୋକନାଥ ବେହେରା, ନବଘନ ପ୍ରଧାନ, ବିପିନି ବିହାରୀ ନରେନ୍ଦ୍ର, ବସନ୍ତ ବେହେରା, ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ ସହ ରୋଗୀଙ୍କୁ ଫଳ ବଣ୍ଟାଯାଇଥିଲା।

## ଶ୍ରୀକ୍ଷେତ୍ରରେ ସକ୍ଷମ ସାଇକ୍ଲୋଥନ

**ପୁରୀ ଅଫିସ, ୧୭।୪:**

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଫ୍ଲାଗ୍‌ଶିପ୍ ଅଧୀନରେ ଥିବା ତୈଳ ଶିଳ୍ପ ଦ୍ୱାରା ରବିବାର ଓଡ଼ିଶାର ୧୩ଟି ଜିଲାରେ ସକ୍ଷମ ସାଇକ୍ଲୋଥନ-୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରୀରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତୈଳ ଏବଂ ଗ୍ୟାସ୍ ସଂରକ୍ଷଣର ଆବଶ୍ୟକତା ଉପରେ ଜନସଚେତନତା ସୃଷ୍ଟି ପାଇଁ ସକ୍ଷମ ସାଇକ୍ଲୋଥନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ତୈଳ କମ୍ପାନୀ ଆଇଓସିଏଲ, ବିପିସିଏଲ୍, ଏଚ୍‌ପିସିଏଲ୍ ଏବଂ ଗେଲ୍ ପକ୍ଷରୁ ମିଳିତ ଭାବେ ସକ୍ଷମ ସାଇକ୍ଲୋଥନ ଆୟୋଜିତ ହୋଇଥିଲା। ପେଟ୍ରୋଲିୟମ ସଂରକ୍ଷଣ ଅନୁସନ୍ଧାନ ସଂଘ (ପିସିଆରଏ) ଏବଂ ତୈଳ ଶିଳ୍ପ ମିଳିତ ଭାବେ ଗତ ୧୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି। ସମଗ୍ର ଭାରତରେ ରବିବାର ଗୋଟିଏ ଦିନରେ ୩୦୦ଟି ସ୍ଥାନରେ ସକ୍ଷମ ସାଇକୋଥନ୍ ୨୦୨୨ର ଆୟୋଜନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ସକ୍ଷମ ସାଇକ୍ଲୋଥନକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

## ସମାନ୍ତରାଳ ଭାବେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

**ପୁରୀ ଅଫିସ, ୧୭।୪:**

ପୁରୀ ସହରରେ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧ ଦିବସ ସମାନ୍ତରାଳ ଭାବେ ଦୁଇ ଗୋଷ୍ଠୀ ପକ୍ଷରୁ ପାଳନ କରାଯାଇଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ସମୂହ ଦୀପଦାନ କରାଯାଇଥିଲା। ପରେ ମେଡିକାଲ ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉଦ୍‌ଘାଟନ କରିଥିଲେ। ଜିଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ଜିଲା ବିଜେଡି ସାଧାରଣ ସମ୍ପାଦକ କିଶୋର ଛୋଟରାୟ, ସମ୍ପାଦକ ଧରଣୀଧର ସାହୁ, ଜିଲା କ୍ରୀଡ଼ା ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ପୂର୍ବତନ ନଗରପାଳ ଗୌରହରୀ ପ୍ରଧାନ, ବିଜୟ ମିଶ୍ର, ବାଳିଗୁଆଳି ସମିତି ସଭ୍ୟା ମାମିନା ସାହୁ, ସମଙ୍ଗରା ସମିତିସଭ୍ୟା ଗୀତାଞ୍ଜଳି ବେହେରା, ଗଙ୍ଗାନାରାୟଣପୁର ସମିତି ସଭ୍ୟ ବ୍ରଜବନ୍ଧୁ ନାୟକ, ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ପୂର୍ଣଚନ୍ଦ୍ର ପଟ୍ଟନାୟକ,ବିଶ୍ୱକେତନ ଦାସ, ପ୍ରଭାତ ପୃଷ୍ଟି, ରୋଜାଲିନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୦୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ଜିଲା ବିଜେଡି ପକ୍ଷରୁ ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଦୀପଦାନ, ମାଲ୍ୟାର୍ପଣ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଜେଡି ନେତା ଓ କର୍ମୀମାନେ ଯୋଗଦେଇଥିଲେ।



ପୁରୀ ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର ।

## ସାହିଯାତରେ ସେତୁବନ୍ଧ ନୀତି

**ପୁରୀ ଅଫସ, ୧୭।୪:**

ବାଲିସାହି ଆଖଡ଼ା ପକ୍ଷରୁ ରବିବାର ସାହିଯାତରେ ସେତୁବନ୍ଧ ନୀତି ସମ୍ପନ୍ନ ହୋଇଛି। ରବିବାର ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜକୁ ବିଜେ କରାଯାଇଥିଲା। ବାଲିସାହି ଆଖଡ଼ା ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ବାଲି ସାହି ଆଖଡ଼ାରୁ ଜଣେ ବ୍ୟକ୍ତି ରାବଣ ଭୂମିକାରେ ନୀତି ସମ୍ପାଦନ କରିଥିଲେ। ନୀତି ସମ୍ପନ୍ନ ଓ ଶୀତଳ ଭୋଗ ମଣୋହି ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ବିଜେଡି ପକ୍ଷରୁ ଜଳଛତ୍ର

**ଗୋପ,୧୭।୪(ଡି.ଏନ୍.ଏ.):**

ଗୋପ ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଇଟିଭୁଆଁ ପଞ୍ଚାୟତରେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ ଓ ସରପଞ୍ଚ ରୂପଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଜଳଛତ୍ର କେନ୍ଦ୍ର କରାଯାଇଥିଲା। ସରପଞ୍ଚ ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହେବା ସହ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ବାବୁଲି ସାହୁ, ବନ୍ୟା ପ୍ରଧାନଙ୍କ ସହିତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ

**ଅସ୍ତରଙ୍ଗ,୧୭।୪(ଡି.ଏନ୍.ଏ.):**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ରବିବାର ଏକ ଶ୍ରଦ୍ଧାଞ୍ଜଳି ସଭା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ଅସ୍ତରଙ୍ଗସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ବହୁ ବରିଷ୍ଠ ନେତା ଯୋଗଦେଇ ବିଜୁ ବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ବାହାର ସଫେଇ ସହ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାନନ ସ୍ୱାଇଁ, ରତୁ ରାଜା ରାଉତ, ପୁରନ୍ଦର ମହାନ୍ତି, ପ୍ରଫୁଲ୍ଲ ସ୍ୱାଇଁ, ଭୋଳନାଥ ବେହେରା, ପ୍ରଦେଶ ବରାଳ, ଭୀମସେନ ଜେନା, ସରସ୍ୱତୀ ସ୍ୱାଇଁ, ବନିତା ବେହେରା, ମିନତୀ ବସ୍ତିଆ, କେଦାର ନାଥ ବିଶାଳ, କୁଞ୍ଜ ବିହାରୀ ପ୍ରଧାନ, ପ୍ରଶାନ୍ତ ନାୟକ, ଜୟନ୍ତ ତ୍ରିପାଠୀ, କ୍ଷୀରୋଦ କାଣ୍ଡି, ଯଶୋବନ୍ତ ନାୟକ, ଶ୍ରୀୟା ବରାଳ, ମଧୁସ୍ମିତା କାଣ୍ଡି, ଜ୍ୟୋସ୍ନାରାଣୀ ପରିଡ଼ା, ଦୀପକ ପରିଡ଼ା, କମଳା ରାଉତ, ମନ୍ଦାକିନୀ ଛାଟୋଇ, ଆରତୀ କାଣ୍ଡି, ଟିଙ୍କିନା ଜେନା ପ୍ରମୁଖ ଯୋଗଦେଇଥିଲେ।

## 'ଛାତ୍ର ଜୀବନରୁ ନିଷ୍ଠାର ସହ ପରିଶ୍ରମ କର'





ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ନିମାପଡ଼ା,୧୭।୪(ଡି.ଏନ୍.ଏ.):**

ଛାତ୍ର ଜୀବନ ଏକ ସଂଘର୍ଷପୂର୍ଣ୍ଣ ଜୀବନ। ସମାଜରେ ଭଲ ମଣିଷ ହେବା ପାଇଁ ଛାତ୍ର ଜୀବନରୁ ନିଷ୍ଠାର ସହ କାର୍ଯ୍ୟ ଓ ପରିଶ୍ରମ କରିବା ଆବଶ୍ୟକ। ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମ ବିଶ୍ୱାସ ହିଁ ସର୍ବଦା ଆଗକୁ ନେଇଥାଏ ବୋଲି ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଶନିବାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସମାରୋହରେ ଅତିଥିଭାବେ ମନ୍ତ୍ରୀ ଦାଶ ଯୋଗଦେଇ ଏହା କହିଛନ୍ତି। ସେହିପରି ଏହି ଉତ୍ସବରେ ଏମ୍‌ପି ଡ.ରାଜଶ୍ରୀ ମଲ୍ଲିକ ଯୋଗଦେଇ କହିଛନ୍ତି, ଆଧ୍ୟାତ୍ମିକ ଶିକ୍ଷା, ନୈତିକତା ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଆଗକୁ ନେବାରେ ଓ ଉତ୍ତମ ଚରିତ୍ର ଗଠନରେ ସହାୟକ ହୋଇଥାଏ। ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗତ୍ ପ୍ରସାଦ ସାବୁତ୍, ପ୍ରଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ସାବୁତ, ଅଧ୍ୟାପକ ସୁବ୍ରତମ ମହାନ୍ତି, ଅଧ୍ୟାପିକା ପିଷ୍ଟିତା ରାଜଗୁରୁ ପ୍ରମୁଖ ଯୋଗଦେଇ କଲେଜର ବିକାଶ ଓ ଉତ୍ତୋରତର କାମନା କରିଥିଲେ। ଅଧ୍ୟକ୍ଷ ରମାକାନ୍ତ ଦାଶ ଉତ୍ସବରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟରେ ୩୪ଟି ଅଧ୍ୟାପକ ପଦବୀ ଖାଲିପଡ଼ିଥିବା ନେଇ ଅଧ୍ୟକ୍ଷ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରୀ ଅନୁଷ୍କା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଆସ୍ଥା ମିଶ୍ର, ରାକେଶ ସ୍ୱାଇଁ, ଅଭିଜିତ୍ ବାରିକ, ରାଜୀବ ସାହୁଙ୍କ ସମେତ ବହୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଜମୁଛି ଦୟଣା ଚୋରି ମେଳଣ

**ଡେଲାଙ୍ଗ,୧୭।୪(ଡି.ଏନ୍.ଏ.):**

ଡେଲାଙ୍ଗ ବ୍ଲକର ପ୍ରସିଦ୍ଧ ଦୟଣା ଚୋରି ମେଳଣର ଜମାଣ ଉତ୍ସବ ଗତ ୧୫ ତାରିଖ ରାତିରେ ଅନୁଷ୍ଠିତ ହୋଇଯାଇଛି। ଘଣ୍ଟ, ଶଙ୍ଖ, ମୃଦଙ୍ଗ, ଘୋଡାନାଚ, ନାଗା, କୁଞ୍ଜ ଆଦିରେ ଘୋରଡିଆ ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା। ସାରରିଆ ଗ୍ରାମର ଆରାଧ୍ୟ ରାଧାକାନ୍ତ ଦେବ ଓ ଘନିପୁର ଗ୍ରାମର ଆରାଧ୍ୟ ରାଧାମୋହନ ଦେବ ସୁସଜ୍ଜିତ ବିମାନରେ ବିରାଜମାନ କରିଥିଲେ। ଠାକୁରଙ୍କ ନୀତିକାନ୍ତି ପାଇଁ ପୁରୀର ଶ୍ରୀଜଗନ୍ନାଥ ବଲ୍ଲଭ ମଠରୁ ଆସିଥିବା ଦୟଣା ଗୁଚ୍ଛ ଠାକୁରଙ୍କ ନିକଟରେ ପହଞ୍ଚିବା ପରେ ଦାୟାନଦୀ କୂଳରେ ଅବସ୍ଥିତ ମେଳଣ ପଡିଆକୁ ଯାତ୍ରାରମ୍ଭ କରିଥିଲେ। ଏହା ପରେ ଠାକୁରଙ୍କ ନୀତିକାନ୍ତି ଅନୁସାରେ ଦୟଣା ଚୋରି ପର୍ବ ହୋଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡେଲାଙ୍ଗ ତହସିଲଦାର ନିବେଦିତା ପରିଡ଼ା, ଥାନାଧିକାରୀ ଅନିଲ କୁମାର ମହାନ୍ତି ୩ ପ୍ଲାଟୁନ ଫୋର୍ସ ସହିତ ମେଳଣ ପଡିଆରେ ଉପସ୍ଥିତ ଥିଲେ। ମେଳଣର ଦ୍ୱିତୀୟ ଦୀବସରେ ବିଧାୟକ ରୁଦ୍ରପ୍ରତାପ ମହାରଥି, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବସା ନିଶଙ୍କ, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଆମ୍ବା ଅଧ୍ୟକ୍ଷ ସୁଧାକର ମାର୍ଥା, ଶାନ୍ତି କମିଟି ସମ୍ପାଦକ ରମେଶ ପାଟଶାଣୀ ପ୍ରମୁଖ ମେଳଣପଡିଆରେ ଲୋକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସେହିପରି ତୃତୀୟ ଦିବସ ତଥା ରବିବାର ସନ୍ଧ୍ୟାରେ ମେକ୍ ଇନ ଇଣ୍ଡିଆ ଆଣ୍ଡ ମିଡିଆ ପରିବାର ଓ ସ୍ୱାଧୀନ ସେବା ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କମିଟି ଆବାହକ ଶଶିଶେଖର ରାୟଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗଦେଇ ସାମାଜ ପ୍ରତି କବି ଓ କବୟତ୍ରୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ରାଉତରାୟ, ବ୍ୟବସାୟ କମିଟି ଅଧ୍ୟକ୍ଷ ପ୍ରହ୍ଲାଦ ବଳିୟାରସିଂହ, ଜଗନ୍ନାଥ ସଂସ୍କୃତି ଗବେଷକ ଶରତ ଚନ୍ଦ୍ର ରାଉତ, ଖବରଦାତା ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ତ୍ରିପାଠୀ ଜଗନ୍ନାଥ ସଂସ୍କୃତି ସହିତ ଏହି ଦୟଣା ଚୋରି ମେଳଣର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡିଶାର ବିଭିନ୍ନ ଜିଲାରୁ ଯୋଗଦେଇଥିବା ଶତାଧିକ କବି ଓ କବୟତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ସମସ୍ତ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ଆସର ପାଇଁ ବହୁ ଜନସମାଗମ ହୋଇଥିଲା।



ମେଳଣରେ ଠାକୁରଙ୍କ ଶୋଭାଯାତ୍ରା ।

## କ୍ରିକେଟ୍: ଅଭିମାନପୁର ଚାମ୍ପିୟନ

ଡିଗିରିଆ,(ଡି.ଏନ୍.ଏ.): ଡିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତ ଅନ୍ତର୍ଗତ ବନମାଳୀପୁର ଖେଳପଡ଼ିଆରେ ଚାଲିଥିବା ମା' ମଙ୍ଗଳା କ୍ରିକେଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ବିଦ୍ୟାନଗରୀ କ୍ରିକେଟ୍ କ୍ଲବ (ନୂଆପାଟଣା)କୁ ହରାଇ ଅଭିମାନପୁର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଅଭିମାନପୁର ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ୍ ହରାଇ ୧୦୨ ରନ ସଂଗ୍ରହ କରିଥିଲା। ଜବାବରେ ବିଦ୍ୟାନଗରୀ କ୍ଲବ ୧୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୬୧ ରନ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥିଭାବେ ଡିଗିରିଆ ବିଜୁ ଛାତ୍ର ଜନତା ସଭାପତି ହିମାଂଶୁ ଶେଖର ସ୍ୱାଇଁ ଯୋଗଦେଇଥିଲେ। ଏଥିରେ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ବଡ଼ଭାଇଙ୍କୁ ଆକ୍ରମଣ, ସାନଭାଇ ଗିରଫ

କଟକ ଅଫିସ, ୧୭।୪: ବଡଭାଇଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ଅଭିଯୁକ୍ତ ସାନଭାଇଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର ହାତୀଖାନା ଗ୍ରାମର ବିଶ୍ୱନାଥ ସାହୁ(୪୬)। ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ କଟୁରି ଜବତ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ଭାସ୍କର ସାହୁଙ୍କ ଦୁଇ ପୁଅ ବାସୁଦେବ ସାହୁ ଓ ବିଶ୍ୱନାଥ ସାହୁଙ୍କ ମଧ୍ୟରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିଭିନ୍ନ ସମୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଗତ ମାର୍ଚ୍ଚ ୧୯ ତାରିଖ ସକାଳେ ଦୁଇ ଭାଇଙ୍କ ମଧ୍ୟରେ ଏହାକୁ ନେଇ ଯୁକ୍ତିତର୍କ ଲାଗିଥିଲା। ସେହିଦିନ ସନ୍ଧ୍ୟାରେ ବାସୁଦେବ ତାଙ୍କ ପାନ ଦୋକାନରେ ବସିଥିବାବେଳେ ବିଶ୍ୱନାଥ ପହଞ୍ଚି ଗାଳିଗୁଲଜ କରିବା ସହ କଟୁରିରେ ଆକ୍ରମଣ କରିଥିଲା। ଏଥିରେ ବାସୁଦେବଙ୍କ ବାମପଟ ମୁଣ୍ଡ ଓ କାନରୁ ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ବାସୁଦେବଙ୍କ ପୁଅ ପହଞ୍ଚି ଯିବାରୁ ବିଶ୍ୱନାଥ ପଳାଇ ଯାଇଥିଲେ। ଏ ନେଇ ବାସୁଦେବଙ୍କ ସ୍ତ୍ରୀ ଶାନ୍ତିଲତା ପାଗା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୬/୨୨) ରୁଜୁ କରିଥିଲା।

### ମନ୍ଦିର ସଫେଇ କାର୍ଯ୍ୟକ୍ରମ

କଟକ ଅଫିସ,୧୭।୪: ଐତିହ୍ୟ ଦିବସ ଉପଲକ୍ଷେ ମାହାଙ୍ଗା ଥାନା ଅଧୀନ ଶୁକ୍ଳେଶ୍ୱର ଗ୍ରାମରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ମାଣିକେଶ୍ୱର ମନ୍ଦିରକୁ ସିଲ୍‌ଭର ସିଟି କଟକ ପବ୍ଲିକ ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶନିବାର ସଫେଇ କରାଯାଇଛି। ଐତିହାସିକ ଦୃଷ୍ଟିକୋଣରୁ ଏହି ମନ୍ଦିରର ଇତିହାସ ରହିଛି। ଏହି ମନ୍ଦିର ରାଜ୍ୟ ପତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଥିଲେ ମଧ ଏହାର ସୁରକ୍ଷା ଓ ସଂରକ୍ଷଣ ଠିକ୍ ଭାବେ କରାଯାଇପାରିନାହିଁ। ତେଣୁ ଟ୍ରଷ୍ଟ ପକ୍ଷରୁ ଏହି ମନ୍ଦିର ଓ ଏହାର ଚତୁଃପାର୍ଶ୍ୱରେ ଥିବା ଆଉ ୪ଟି ଭଗ୍ନ ଶିବମନ୍ଦିର ସଫା କରାଯାଇଥିଲା।

### ଥିଙ୍କର୍ସ କ୍ଲବ ପକ୍ଷରୁ ଆଲୋଚନାଚକ୍ର

କଟକ ଅଫିସ, ୧୭।୪: ଥିଙ୍କର୍ସ କ୍ଲବ ପକ୍ଷରୁ ଅନ୍‌ଲାଇନ୍ ମାଧମରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତା ଭାବେ ଗବେଷକ ପ୍ରହଲାଦ ସିଂହ କହିଥିଲେ, ସହର ବଦଳରେ ଗାଁର ବିକାଶ କରାଯିବା ଉଚିତ୍ ହେବ। କ୍ଲବ ସଭାପତି ବରଦା ଦାସ ଏଥିରେ ସଭାପତିତ୍ୱ କରି କହିଥିଲେ, ଗାନ୍ଧୀଙ୍କ ପରିକଳ୍ପନାକୁ ସାକାର ରୂପ ଦେବା ଆମ ସମସ୍ତଙ୍କର ମୁଖ୍ୟ କର୍ତ୍ତବ୍ୟ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟ ନାରାୟଣ ମିଶ୍ର ଯୋଗଦେଇଥିଲେ। ବିଭୁଦତ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ କସ୍ତୁରୀ ଦାସ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଦାମୋଦର ଲେଙ୍କା ସ୍ମୃତି ସମାରୋହ

ବାଙ୍କୀ,୧୭।୪(ସ୍ୱ.ପ୍ର.)ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶୁପଙ୍ଗି ଗ୍ରାମରେ ଶ୍ରୀ ଶ୍ରୀ ରଘୁନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ପରିବେଷଣ କରାଯାଉଛି। ଏହି ଅବସରରେ ନାଟ୍ୟ ସଂସଦର ପୂର୍ବତନ ସଭାପତି ଦାମୋଦର ଲେଙ୍କାଙ୍କ ଉପଲକ୍ଷେ ସ୍ମୃତି ସମାରୋହ'ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବରିଷ୍ଠ କଳାକାର ରବୀନ୍ଦ୍ର ସାମଲ, କୈଳାସ ଚନ୍ଦ୍ର ସ୍ୱାଇଁ, ମେଧାବୀ ଛାତ୍ର ରଘୁନାଥ ନାୟକ , କବି ମୁରଲୀଧର ବେଉରାଙ୍କୁ 'ଦାମୋଦର ଲେଙ୍କା ସ୍ମୃତି' ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଗୌରାଙ୍ଗ ସ୍ୱାଇଁ, କିଶୋର ଅମୃତ ସୁବୁଦ୍ଧି ରାୟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୁଳମଣୀ ନାୟକ, ଗୋବର୍ଦ୍ଧନ ବେଉରା, ରମେଶ ଚନ୍ଦ୍ର ନାୟକ, ସୁଧାକର ବେଉରାଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ।

# ଅଚଳାବସ୍ଥାରେ ଇ-ଟଏଲେଟ୍

**ସ୍ୱଚ୍ଛ, ସୁନ୍ଦର ସ୍ମାର୍ଟସିଟି ପ୍ରହସନ**

- ବାହାରୁନି ପାଣି, ସୁଇଚ୍ ମାରିଲେ ଖୋଲୁନି ଡୋର୍
- ୪ବର୍ଷ ପରେ ବି ୮ ସ୍ଥାନରେ ନିର୍ମାଣ ସରିଲା ନାହିଁ

ଭୁବନେଶ୍ୱର, ୧୭।୪ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର କରି ଗଢିତୋଳିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସ୍ମାର୍ଟ ସିଟିକୁ ଯେପରି ବାହ୍ୟ ମଳମୁକ୍ତ ଅଞ୍ଚଳ କରାଯାଇ ପାରିବ ସେଥିପାଇଁ ଇ-ଟଏଲେଟ୍‌ର ବ୍ୟବସ୍ଥା ରହିଛି। ଏଥିସହ ବାହାରେ ମଳତ୍ୟାଗ କଲେ ଜରିମାନା ଦଣ୍ଡ ରହିଛି। ମାତ୍ର ସଚେତନତା ଅଭାବ ଓ ପରିଚାଳନାଗତ ତ୍ରୁଟି କାରଣରୁ ଏହା ଲୋକଙ୍କ ବ୍ୟବହାରରେ ଲାଗୁନାହିଁ। ଫଳରେ ଅଧିକାଂଶ ଇ-ଟଏଲେଟ୍ ଅଚଳାବସ୍ଥାରେ ପଡ଼ି ରହିଛି। ଇ-ଟଏଲେଟ ଭଳି ସହରରେ ଗୋଷ୍ଠୀ ଶୌଚାଳୟ, ହାଇବ୍ରିଡ୍ ଟଏଲେଟ୍, ପବ୍ଲିକ୍ ଟଏଲେଟ୍ ଏବଂ ବାୟୋ ଟଏଲେଟ୍ ଆଦି ୨ଶହରୁ ଉର୍ଦ୍ଧ୍ୱ ଟଏଲେଟ୍ ନିର୍ମାଣ କରାଯାଇଥିଲେ ବି ଲୋକମାନେ ବାହାରେ ମଳତ୍ୟାଗ ଓ ପରିସ୍ରା କରୁଛନ୍ତି। ଏହାଦ୍ୱାରା ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି।

୨୦୧୮ରେ ସ୍ମାର୍ଟସିଟି ମିଶନରେ ଇ-ଟଏଲେଟ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା। ୫କୋଟି ୭୬ଲକ୍ଷ ଟଙ୍କା ବ୍ୟୟରେ ସହରର ୩୦ ସ୍ଥାନରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ୬୦ ଟଏଲେଟ୍ ୟୁନିଟ୍ ନିର୍ମାଣ କରାଯିବାକୁ ସ୍ଥିର ହୋଇଥିଲା। ବିଏମ୍‌ସି ଓ ବିଏସ୍‌ସିଏଲ୍ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଥିଲା। ମାତ୍ର ୪ବର୍ଷ ପରେ ବି ସମସ୍ତ ଇ-ଟଏଲେଟ୍ ନିର୍ମାଣ ହୋଇପାରିନାହିଁ। ସହରର ୨୨ଟି ସ୍ଥାନରେ ଇ-ଟଏଲେଟ୍ ନିର୍ମାଣ ସରିଥିବାବେଳେ ଆହୁରି ୮ଟି ସ୍ଥାନରେ ବାକି ରହିଛି। ବର୍ତ୍ତମାନ ବାପୁଜୀ ନଗର, ରବୀନ୍ଦ୍ର ମଣ୍ଡପ ନିକଟ, କଳିଙ୍ଗ ଷ୍ଟାଡିୟମ ଗେଟ୍-୮, ଖଣ୍ଡଗିରି, ଶିରିପୁର ଛକ, ୟୁନିଟ୍-୯, ଜୟଦେବ ବିହାର, ଅଶୋକ ନଗର, ସିଟି ମହିଳା ମହାବିଦ୍ୟାଳୟ ସମେତ ଫରେଷ୍ଟ ପାର୍କ, ଆଇଜି ପାର୍କ, ମଧୁସୂଦନ ପାର୍କ ଆଦି ବିଭିନ୍ନ ସ୍ଥାନରେ ଏହା ନିର୍ମାଣ କରାଯାଇଛି। ହେଲେ ଏଥିମଧ୍ୟରୁ ଅଧିକାଂଶ କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ଆଉ କିଛି ସ୍ଥାନରେ ବିଭିନ୍ନ ସମସ୍ୟା ଯୋଗୁ ତାହା ବ୍ୟବହାରଯୋଗ୍ୟ ହୋଇପାରୁନାହିଁ। କେଉଁ ଇ-ଟଏଲେଟ୍‌ର ଡୋର୍ ଖୋଲୁ ନାହିଁ ତ ପୁଣି ଆଉ କେଉଁଠି ପାଣି ରହୁନି କି ନିୟମିତ ସଫା କରାଯାଉ ନ ଥିବା ଅଭିଯୋଗ ହେଉଛି।

ଭୁବନେଶ୍ୱରରେ ଷ୍ଟିଲରେ ନିର୍ମିତ ମଡ୍ୟୁଲାର ଇ-ଟଏଲେଟ ସ୍ଥାପନ କରାଯାଉଛି। ଏଥିମଧ୍ୟରୁ କେତେକ ସମ୍ପୂର୍ଣ୍ଣ ଅଟୋମେଟିକ୍ ଥିବାବେଳେ ଆଉ କେତେକ ସେମି ଅଟୋମେଟିକ ରହିଛି। ଏଥିରେ ସେନ୍‌ସର ଲାଗିଛି, ଫଳରେ ଟଏଲେଟ୍ ସମୟରେ ଆପେ ପାଣି ଆସିବ ଓ ଆପେ ବନ୍ଦ ହୋଇଯିବ। ସେହିପରି ବ୍ୟବହାର ପୂର୍ବରୁ ଫ୍ଲୋର୍ ଅଟୋମେଟିକ୍ ଭାବେ ସଫା ହୋଇଯିବ। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ଟଏଲେଟରେ ସେନ୍‌ସର କାମ କରୁନି। ସେହିପରି ଟଏଲେଟ ବ୍ୟବହାର ସମୟରେ ନାଲି ଲାଇଟ୍ ଜଳିବା କଥା, କିନ୍ତୁ ଅନେକ ସମୟରେ କେହି ନ ଥାଇ ବି ନାଲି ଲାଇଟ୍ ଜଳିରହୁଛି ଏବଂ ଡୋର୍ ଖୋଲୁନି। ଲୋକେ ବହୁ ସମୟ ଧରି ଅପେକ୍ଷା କରି ଫେରୁଥିବା ଦେଖିବାକୁ ମିଳୁଛି। ଆଉ ଅନେକ ସମୟରେ ସୁଇଚ୍ ମାରି ବହୁ ସମୟ ଅପେକ୍ଷା କରିବା ସତ୍ତ୍ୱେ ବି ଡୋର ଖୋଲୁନି। ଏହାଦ୍ୱାରା ଲୋକଙ୍କ ଜରୁରୀ ସମୟରେ ଏହା କାମରେ ଆସୁନି।

ଏ ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ କହିଛନ୍ତି, ଅଧିକାଂଶ ଟଏଲେଟ୍ କାମ କରୁଛି। ନିର୍ମାଣକାରୀ ସଂସ୍ଥାକୁ ଆନୁଆଲ ମେଣ୍ଟେନାନ୍ସ କଣ୍ଟ୍ରାକ୍ଟ (ଏଏମ୍‌ସି) ଦେଇଦେଲେ ସେମାନେ ଅଚଳ ଥିବା ଟଏଲେଟ୍‌ଗୁଡିକୁ ସଜାଡିବେ। ୨୦୧୯ରେ ଘରୋଇ ସଂସ୍ଥା ସହିତ ଚୁକ୍ତି ଶେଷ ହେବାପରେ ଆଉ ନବୀକରଣ ହୋଇନାହିଁ। ତେଣୁ କିଛିଟା ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଖୁବ୍‌ଶୀଘ୍ର ଏଏମ୍‌ସି ଦିଆଯିବ। ତେବେ ବିଏମ୍‌ସି ପକ୍ଷରୁ କିଛି ସ୍ଥାନରେ ଏହି ଶୌଚାଳୟ ୟୁନିଟ୍ ଚଳାଇବା ପାଇଁ ବ୍ୟକ୍ତିମାନଙ୍କୁ ନିୟୋଜିତ କରାଯାଇଥିବା ସେ କହିଛନ୍ତି।



ତୈଳ ଓ ରନ୍ଧନ ଗ୍ୟାସ୍ ସଂରକ୍ଷଣ ସଚେତନତା ନେଇ ପେଟ୍ରୋଲିୟମ କଞ୍ଜରଭେଶନ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ରବିବାର କଟକ ମହାନଦୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରୁ ବାହାରିଥିବା ସାଇକ୍ଲୋଥନ।

## ଅଖିଳ ଭାରତବର୍ଷୀୟ ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ

କଟକ ଅଫିସ,୧୭।୪

ଅଖିଳ ଭାରତବର୍ଷୀୟ ଯାଦବ ମହାସଭାର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ କଟକ ଜିଲା ୪୨ ମୌଜାସ୍ଥିତ ଯଶୋଦା ଗାର୍ଡେନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସଂରକ୍ଷକ ତଥା ବିଧାୟକ ଭାସନ ଭାଇ ଅହିର ଏହାକୁ ଉଦ୍‌ଘାଟନ କରିଥିଲେ। ମହାସଭାର ରାଷ୍ଟ୍ରୀୟ ସଭାପତି ତଥା ପୂର୍ବତନ ଏମ୍‌ପି ଉଦୟ ପ୍ରତାପ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉତ୍କଳ ଯାଦବ ମହାସଭା ପକ୍ଷରୁ ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ଜଣେ ଉପଯୁକ୍ତ ପ୍ରାର୍ଥୀଙ୍କୁ ରାଜ୍ୟସଭାରେ ସ୍ଥାନ ଦେବା ପାଇଁ ଦାବି କରାଯାଇଛି। ଭାରତୀୟ ସେନାରେ ଅହିର ରେଜିମେଣ୍ଟକୁ ସ୍ଥାନ ଦେବା ପାଇଁ ଆଲୋଚନା ହୋଇଥିଲା।

୨୦୨୪ ମସିହାରେ ସଙ୍ଗଠନର ଶତବାର୍ଷିକ ଉତ୍ସବ ପାଳନ ହେବ। ଭାରତର ଏକ ସର୍ବପୁରାତନ ଅଣ ରାଜନୈତିକ ସାମାଜିକ ସଙ୍ଗଠନ ଭାବେ ନିଜର ପରିଚୟକୁ ବଜାଇ ରଖିବା ପାଇଁ କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଛି। ଏହି ବୈଠକରେ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଡ.ସପନ ଘୋଷ, ପ୍ରମୁଖ ମହାସଚିବ ପ୍ରମୋଦ ଚୌଧୁରୀ, ଉପସଭାପତି ସତ୍ୟ ପ୍ରକାଶ ସିଂ, ଏମ୍‌ପି ସୁକ୍ରାମ ସିଂ, ପୂର୍ବତନ ଏମ୍‌ପି କରନ ସିଂ, ପୂର୍ବତନ ପିସିସି ସଭାପତି ଅରୁଣ ସିଂ, ବିଧାୟକ ରାମହିତ ଯାଦବ, ଦିଲ୍ଲୀ ସରକାରଙ୍କ ଅନ୍ୟାନ୍ୟ ପଛୁଆବର୍ଗ ଆୟୋଗର ଅଧକ୍ଷ ଜଗଦୀଶ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଯୁବ ସଭାପତି ଇଂ. ପ୍ରଦୀପ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଉତ୍କଳ ଯାଦବ ମହାସଭା ସଭାପତି ଆଶୀର୍ବାଦ ବେହେରାଙ୍କ ନେତୃତ୍ୱରେ ମୁଖ୍ୟ ଉପଦେଷ୍ଟା ଧର୍ମାନନ୍ଦ ବେହେରା, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, ମହାସଚିବ ସମ୍ମୋଦର ନିହାଲ, ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ମିତ୍ରଭାନୁ ମହାକୃତ, କୀର୍ତ୍ତନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାମଳନା କରିଥିଲେ।

## ମରାମତି ହେଲା କଳିଙ୍ଗଛକ ରାସ୍ତା

ଚୌଦ୍ୱାର,୧୭।୪(ଡି.ଏନ୍.ଏ.)

ଚୌଦ୍ୱାର-ଚାରବାଟିଆ ରାସ୍ତାର କଳିଙ୍ଗ ଛକଠାରେ ଶୋଚନୀୟ ହୋଇଥିବା ରାସ୍ତାରେ ରବିବାର ମାଟି ପକାଯାଇ ସାମୟିକ ଭାବେ ଯାତାୟତ ଉପଯୋଗୀ କରାଯାଇଛି। ଏଥିସହ ପାଣି ନିଷ୍କାସନକୁ ବନ୍ଦ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୫୫ ନମ୍ବର ଜାତୀୟ ରାଜପଥର କଳିଙ୍ଗ ଛକଠାରୁ ବାହାରିଥିବା ଏହି ରାସ୍ତାର ସଂଯୋଗସ୍ଥଳରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲା। ଏଥିରେ ପାଣି ଜମିବା ଫଳରେ ପୋଖରୀର ଭ୍ରମ ସୃଷ୍ଟି ହେଉଥିଲା। ଏହି ଖାଲରେ ଅଧିକାଂଶ ସମୟ ପଡି ପଥଚାରୀମାନେ ଆହତ ହେଉଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ।



ରାସ୍ତା ମରାମତି କରାଯାଉଛି।

ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ ଓ ୧୭ ନମ୍ବର ୱାର୍ଡ଼ କାଉନସିଲର ଆଶୁତୋଷ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ରାସ୍ତାରେ ମାଟି ପକାଇ ମରାମତି କରାଯାଇଥିଲା। ଫଳରେ ଏହା ସାମୟିକ ଭାବେ ଯାତାୟତ ଉପଯୋଗୀ ହୋଇଛି। ହେଲେ ପ୍ରଶାସନ ପକ୍ଷରୁ ତୁରନ୍ତ ଏହାର ସ୍ଥାୟୀ ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ସମାଜ କଲ୍ୟାଣ ପ୍ରତି ମନୁଷ୍ୟ ଧାନ ଦିଅନ୍ତୁ'

କଟକ ଅଫିସ, ୧୭।୪

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ବିକ୍ରମ ଦାସଙ୍କ ଜନ୍ମଶତବାର୍ଷିକୀ ସମାରୋହ ଓ ସ୍ମାରକୀ ବକ୍ତୃତା ପ୍ରଦାନ ଉତ୍ସବ ରବିବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜ୍ଞାନପୀଠ ବିଜେତା ବିଶିଷ୍ଟ ଲେଖକ ଦାମୋଦର ମାଉଜୋ ଯୋଗଦେଇ କହିଥିଲେ, ମଣିଷ ସୁଖ ସ୍ୱାଚ୍ଛନ୍ଦ୍ୟ ପଛରେ ନ ଗୋଡାଇ ସମାଜ କଲ୍ୟାଣ ନିମନ୍ତେ ଧାନ ଦିଅନ୍ତୁ। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ଲୋକସେବକ ମଣ୍ଡଳ ଓଡ଼ିଶା ଶାଖାର ଅଧକ୍ଷ ନିରଞ୍ଜନ ରଥ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇଥିଲେ। ବିକ୍ରମ ଦାସଙ୍କ ପୁତ୍ର ପ୍ରଫେସର ସିଦ୍ଧାର୍ଥ ଦାସ ପିତାଙ୍କ ସର୍ଜନଶୀଳ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଉପସଭାପତି ସଞ୍ଜୀତ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲାବେଳେ ଅନୁଷ୍ଠାନର କୋଷାଧକ୍ଷ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟ ସଚେତନତା ସଭା

କଟକ ଅଫିସ,୧୭।୪

ଅଭିନବ ବିଡାନାସୀ ପଥଚାରୀ ସଂଘ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଟିକାକରଣର ଆବଶ୍ୟକତା ଶୀର୍ଷକ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ରବିବାର ମର୍କତନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ୟୁନିଟି ମେଡ଼ିସିନ ବିଭାଗର ପ୍ରଫେସର ଅମିତ ପ୍ରୀତମ ସ୍ୱାଇଁ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଟିକାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, କୋଷାଧକ୍ଷ ଦୁର୍ଗା ପ୍ରସାଦ ମିଶ୍ର, ଶ୍ୟାମସୁନ୍ଦର ମହାନ୍ତି, ପ୍ରଦୀପ କୁମାର ସିହ୍ନା, ମନୋରଞ୍ଜନ ଦାସ, ଡା. ବିଷ୍ଣୁ ଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ହିମାଂଶୁବାଳା ପଟ୍ଟନାୟକ, ଶୈଳବାଳା ଦେଈ, ଅନିଲ ରାୟ, କୁଞ୍ଜବିହାରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

## 'ରାଜନୀତିରେ ପ୍ରଭାବଶାଳୀ ନେତା ଥିଲେ ବିଜୁବାବୁ'



ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀରେ କଟକ ଗଡ଼ଗଡ଼ିଆ ଘାଟ ମହାନଦୀରେ ଅନୁଷ୍ଠିତ ତିଳତର୍ପଣ।

କଟକ ଅଫିସ/କଟକ ସଦର/ଫୁଲନଖରା/ଚୌଦ୍ୱାର/ଆଠଗଡ଼/ଡିଗିରିଆ/ନିଶ୍ଚିନ୍ତକୋଇଲି/ ସାଲେପୁର/ବାଙ୍କୀ/ମାହାଙ୍ଗା, ୧୭।୪ (ଡି.ଏନ୍.ଏ./ସ୍ୱ.ପ୍ର.)

ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଥିଲେ ପ୍ରବାଦ ପୁରୁଷ ବିଜୁବାବୁ। ସେବା, ତ୍ୟାଗ, ପରୋପକାର ଓ ନିଷ୍ଠା ପରି ମହତଗୁଣକୁ ସେ ଆପଣାର କରିପାରିଥିଲେ। ତାଙ୍କ ଆଦର୍ଶ ଜୀବନୀ ଏକ ଇତିହାସ ସଦୃଶ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ କଟକ ବିଜୁ ପଟ୍ଟନାୟକ ସଂଗ୍ରହାଳୟଠାରେ ରବିବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ଚୟନୀ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ କହିଥିଲେ, ରାଜନୈତିକ, ପ୍ରଶାସନିକ ଓ ସାମାଜିକ କ୍ଷେତ୍ରରେ ବିଜୁବାବୁଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ଦିଗଦର୍ଶନ ଏକ ଆଦର୍ଶ ରୂପେ ଅନୁକରଣୀୟ। ସେହିପରି ଯୋବ୍ରା ଆନିକଟଠାରେ ମଧ ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଥିଲା। ଏଥିରେ ବହୁ ଶିକ୍ଷାବିତ୍‌ଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେହିପରି କଟକ ଦୋଳମୁଣ୍ଡାଇସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଥିଲା। ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡ଼ି ସଭାପତି ଦେବାଶିଷ ସାମନ୍ତରାୟ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ସିଏମ୍‌ସି ମେୟର ସୁବାଷ ସିଂ ଯୋଗଦେଇ କହିଥିଲେ, ବିଜୁବାବୁ ଜାତୀୟ ରାଜନୀତିରେ ପ୍ରଭାବଶାଳୀ ନେତା ଥିଲେ। ବକ୍ତାଭାବେ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଥିଲେ, ଦେଶ ପାଇଁ ବିଜୁବାବୁଙ୍କ ଅବଦାନ ଥିଲା ଅତୁଳନୀୟ। ଏହି କାର୍ଯ୍ୟକ୍ରମରେ କଟକ ନଗର ସଭାପତି ମଧୁସୂଦନ ସାହୁ, ପ୍ରଫୁଲ୍ଲ ସିଂ, ବିଶ୍ୱଜିତ୍ ମହାନ୍ତି, ଶିଶିର ପରିଜା, ମହମ୍ମଦ ସଖିଲ୍, ଜ୍ଞାନେନ୍ଦ୍ର ଗୋସ୍ୱାମୀ, ଧର୍ମେଶ ନାୟକ, ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ ଧନ୍ୟବାଦ ଦେଇଥିଲେ।

କଟକ ସଦର ବ୍ଲକ ଅନ୍ତର୍ଗତ ଅଥଙ୍ଗାଠାରେ ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଥିଲା। କଟକ ସଦର ବିଜେଡି ପକ୍ଷରୁ କାଠଯୋଡି ନଦୀରେ ତିଳତର୍ପଣ ପରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଚନ୍ଦ୍ରସାରଥି ବେହେରା, ପ୍ରମୋଦ ମହାପାତ୍ର, ପ୍ରଦୀପ୍ତ ମହାଲି, ସମର ବେହେରା, ଶରତ ରାୟ, ଅକ୍ଷୟ ପରିଡ଼ା, ସସ୍ମିତା ମହାର୍ଥା ପ୍ରଫୁଲ୍ଲ ସିଂହ ଓ ଅମ୍ବିକା ପାତ୍ର ଯୋଗ ଦେଇଥିଲେ।

କଟକ ମହାନଗର ନିଗମ (ସିଏମ୍‌ସି) ୫୯ ନଂ. ୱାର୍ଡ ଅଧୀନ ପୁରୁଣା କାଚରାମାଳ ଗ୍ରାମର ପୁରୀ ମୁଖ୍ୟ କେନାଲ ହନୁମାନ ମନ୍ଦିର ଘାଟରେ ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀରେ ତିଳତର୍ପଣ କରାଯାଇଥିଲା। ଦଳର ୱାର୍ଡ ସଭାପତି ଜ୍ଞାନରଞ୍ଜନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ଶୁଚିସ୍ମିତା ସାହୁ, ଜବୀର ସା, ପିୟୁଷ ମହାପାତ୍ର, ପ୍ରକାଶ ନାୟକ, ଶିଶିରକାନ୍ତ ନାୟକ, ରାକେଶ ପଟ୍ଟନାୟକ, ଛବି ବେହେରା, ମୁକେଶ ସ୍ୱାଇଁ, ପାଣ୍ଡବ ଜେନା, ଲକ୍ଷ୍ମୀଧର ଜେନା ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ପରେ ବମ୍ଫକୁଦ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରା ରୋପଣ କରିଥିଲେ।

ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଚୌଦ୍ୱାର ବିରୂପା ବ୍ୟାରେଜ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, କଟକ ଜିଲା ବିଜେଡି ଉପସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ଅର୍ଜ୍ଜୁନ ପଣ୍ଡା ଓ ଭରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଚୌଦ୍ୱାର ପୌରପାଳିକାର ୧୦ନଂ. ୱାର୍ଡ଼ସ୍ଥିତ ବିଜୁପାର୍କ, ୧୭ ନଂ. ୱାର୍ଡ଼ସ୍ଥିତ ଦୂରାରୋଗୀ ପଲ୍ଲୀରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକ ପାଳନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଇଏସ୍‌ଆଇ ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା ।

ଆଠଗଡ଼ ବିଜେଡି ସଭାପତି ରବୀନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଟାଙ୍ଗୀ-ଚୌଦାର ବ୍ଲକର ଶଙ୍କରପୁର ପଞ୍ଚାୟତରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୭୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଅପରାହ୍ନରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଆୟୋଜନ କରଯାଇଥିଲା। ଏହି ଅବସରରେ ସମୂହ ଦୀପଦାନ କରାଯାଇଥିଲା। ମନ୍ତ୍ରୀଙ୍କ ଉଦ୍ୟମରେ ଆଠଗଡ଼ ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରୀଙ୍କୁ ନେଇ ଶୁଦ୍ଧ ଲିଖନ, ଶ୍ରୁତି ଲିଖନ ଓ ହସ୍ତାକ୍ଷର ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୩୪,୮୭୬ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୨ କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ନଗଦ ରାଶି ପୁରସ୍କାର ଦିଆଯାଇଥିଲା।

ଡିଗିରିଆ ବ୍ଲକ ନିଜିଗଡସ୍ଥିତ ଗାନ୍ଧୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଜିତ ଧୀର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଶିକ୍ଷାବିତ୍ ଦାମୋଦର ମହାପାତ୍ର, ସମ୍ମାନିତ ଅତିଥି ଡିଗିରିଆ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୁପା ଦଳେଇ, ବ୍ଲକ ଉପାଧକ୍ଷ ମାନସ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଚିତ୍ରୋତ୍ପଳା ନଦୀରେ ତିଳତର୍ପଣ ଓ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇ ଡାକ୍ତରଖାନା ପରିସର ସଫା କରାଯାଇଥିଲା। ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସାଲେପୁର ମଧୁସ୍ମୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ଉପାଧକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ପୂର୍ବତନ ବ୍ଲକ ଉପାଧକ୍ଷ ରମେଶଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ।

ବାଙ୍କୀ ବ୍ଲକରେ କଟେରି ପଡ଼ିଆ ଓ ରାଣୀ ଶୁକଦେଇ ମହାବିଦ୍ୟାଳୟ ଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କଟେରି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଉପନଗରପାଳ ସନ୍ତୋଷ କୁମାର ରଣା ନେତୃତ୍ୱ ନେଇଥିଲେ। ଉପଖଣ୍ଡ ଚିକିତ୍ସାଳୟରେ ବିଜେଡି କର୍ମକର୍ତ୍ତାମାନେ ରୋଗୀମାନଙ୍କୁ ଫଳ ଓ ମିଠା ବଣ୍ଟନ କରିଥିଲେ। ବାଙ୍କୀ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସ୍ମୃତି ସଭାରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

ମାହାଙ୍ଗା ବ୍ଲକ କୁଆଁପାଳସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୪୦ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସୁସ୍ମିତା ଦାସ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ଏହି ଉପଲକ୍ଷେ ଗୌଡପଡା ଡାକବଙ୍ଗଳା ପରିସରରେ ଆୟୋଜିତ ଶିବିରରେ ୩୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ସାଜତ ସଭାପତି, ଉମାକାନ୍ତ ସମ୍ପାଦକ

**ଶିକ୍ଷକ ସମନ୍ୱୟ ସମିତି ଗଠିତ**

କଟକ ଅଫିସ,୧୭।୪

କଟକ ସଦର ବ୍ଲକରେ କାର୍ଯ୍ୟରତ ଶିକ୍ଷକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଶିକ୍ଷକ ସମନ୍ୱୟ ସମିତି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ବରିଷ୍ଠ ଶିକ୍ଷକ ସାଜତ ଅଲ୍ଲୀ ଖାନ୍, ସମ୍ପାଦକ ଭାବେ ଜିଲାପରିଷଦ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଉମାକାନ୍ତ ବେହେରା, ଉପ ସଭାପତି ସୁନୀଲ ସେନାପତି ଓ ସହ ସମ୍ପାଦକ ଭାବେ ଅଜୟ ବାରିକ ମନୋନିତ ହୋଇଛନ୍ତି। ସେହିପରି ସମିତିର ସଦସ୍ୟ ଭାବରେ ଏସ୍‌କେ ଅବ୍ଦୁର ବୁରହାନ, ପ୍ରଭାତ ରଞ୍ଜନ ପ୍ରାଣିଗ୍ରାହୀ, ପ୍ରଭାତ କୁମାର ଷଡଙ୍ଗୀ ପ୍ରମୁଖ ମନୋନିତ ହୋଇଛନ୍ତି। ଏହି ସମିତି ଗଠନ ପାଇଁ ବାଦାମବାଡି ନ୍ୟୁଉ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଭାତ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟରତ ଶିକ୍ଷୟତ୍ରୀଶିକ୍ଷକମାନେ ଗତ ଦୁଇ ମାସ ଧରି ବିଳମ୍ବରେ ଦରମା ପାଉଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବାସୁଦେବ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶଙ୍କର୍ଷଣ ବେହେରା, ରାଜକିଶୋର ସାହୁ, ସୟଜ କାଶିଫୁଲ ଇସଲାମ, ଶଙ୍କର ସ୍ୱାଇଁ, ଶୁକ୍ରା ସିଂ, ତୋଫାନି ବେହେରା, ଚିତ୍ରାନନ୍ଦ ଭୋଇ ପ୍ରମୁଖ ଉପସ୍ଥିତଥିଲେ।

## ସ୍ୱଚ୍ଛସାଥୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦାବି

**ହିନ୍ଦ୍ ମଜଦୁର ସଭା ବୈଠକ**

କଟକ ଅଫିସ,୧୭।୪

କଟକ ମହାନଗର ନିଗମ(ସିଏମ୍‌ସି)ରେ କାର୍ଯ୍ୟରତ ସ୍ୱଚ୍ଛସାଥୀମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବାକୁ ହିନ୍ଦ ମଜଦୁର ସଭା ପକ୍ଷରୁ ଦାବି କରାଯାଇଛି। ଏନେଇ ରବିବାର କଟକ ଅରୁଣଦୋୟ ମାର୍କେଟସ୍ଥିତ ପମ୍ପଲୋଇ ୟୁନିୟନ ରୁମ୍‌ରେ ବିଭିନ୍ନ ୱାର୍ଡର ସ୍ୱାସ୍ଥ୍ୟସାଥୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିନ୍ଦ ମଜଦୁର ସଭାର ରାଜ୍ୟ ଯୁବ ସଭାପତି ବିଜୟ ଭୂଷଣ ପତି ଅଧକ୍ଷତା କରିଥିଲେ।

ବୈଠକରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଉପସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂହ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ, ଶ୍ରମିକ ମାରଣ ନୀତି ବିରୋଧରେ ଦେଶରେ ଏକ ସଶକ୍ତ ଶ୍ରମିକ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଏଥିସହ କାର୍ଯ୍ୟରତ ସ୍ୱଚ୍ଛସାଥୀମାନଙ୍କର ମୌଳିକ ସମସ୍ୟା ସମ୍ପର୍କରେ ନବନିର୍ବାଚିତ ମେୟର ସୁବାସ ସିଂଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ରାଜ୍ୟ ସରକାରଙ୍କ ପାଖରେ ନିଜର ପକ୍ଷ ରଖିବେ ବୋଲି ପ୍ରକାଶ କରିଥିଲେ। ସମ୍ପାଦକୀୟ ମଣ୍ଡଳୀ ସଦସ୍ୟ ବିରଜା କିଙ୍କର ନାୟକ, ସଞ୍ଜିତ କୁମାର ମହାନ୍ତି, ମହିଳା ଶାଖା ନେତ୍ରୀ ସଂଯୁକ୍ତା ମାହାଲ, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଉପସଭାପତି ସାକିର ଖାଁ ଯୋଗଦେଇ ସ୍ୱଚ୍ଛସାଥୀମାନଙ୍କର ଚାକିରି ସର୍ତ୍ତାବଳୀ, ସାମାଜିକ ନିରାପତ୍ତା, ସ୍ଥିରୀକୃତ ମାସିକ ଦରମା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସ୍ୱଚ୍ଛସାଥୀ ମହାସଭାର ସାଧାରଣ ସମ୍ପାଦିକା ଅମ୍ବିକା ଭୂୟାଁ, ସାଙ୍ଗଠନିକ ସମ୍ପାଦିକା ଅନିମା ସ୍ୱାଇଁ, ଶର୍ମିଷ୍ଠା ସେଠୀ, ପ୍ରାଚୀ ମହାପାତ୍ର, ସୁମିତ୍ରା ନନ୍ଦୀ, ଧରିତ୍ରୀ ଜେନା, ଜ୍ୟୋତିପ୍ରିୟା ମିର୍ଜା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।